


ଲରେନ୍ସଙ୍କ ସହ କଥା ହେବାକୁ ଆଗ୍ରହୀ ସଲମାନଙ୍କ ପ୍ରେମିକା ସୋମି
ପୃଷ୍ଠା ୬


# ସଂଚାର
THE SANCHAR

ପ୍ରତିଷ୍ଠାତା: ଡାକ୍ତର ଦାମୋଦର ରାଉତ

Website: sanchar.live mail Id: sancharodisha@gmail.com

RNI NO :ODIODI/2001/04811 Postal Regd No : BN/249/15-17

Vol. 32 | ISSUE 205 | ଭାଗ ୩୨ | ସଂଖ୍ୟା୨୦୫ | Bhubaneswar | Saturday 19 October 2024 | Page 8 Rs. 4.00 | ଭୁବନେଶ୍ୱର | ଶନିବାର ୧୯ ଅକ୍ଟୋବର ୨୦୨୪ | ୮ ପୃଷ୍ଠା, ମୂଲ୍ୟ ୪ ଟଙ୍କା


## ଚଳିତ ବର୍ଷ ଓଡ଼ିଶାରେ ‘ଆୟୁଷ୍ମାନ ଭାରତ’



**ଭୁବନେଶ୍ୱର,୧୮।୧୦ (ସଂଚାର ବ୍ୟୁରୋ):** ଚଳିତ ଆର୍ଥିକ ବର୍ଷ ଓଡ଼ିଶାରେ ଲାଗୁ ହେବ ଆୟୁଷ୍ମାନ ଭାରତ ଯୋଜନା। ରାଜ୍ୟର ନିଜସ୍ୱ ଗୋପବନ୍ଧୁ ଜନ ଆରୋଗ୍ୟ ଯୋଜନା ଓ ଆୟୁଷ୍ମାନ ଭାରତ ଯୋଜନା ପାଇଁ ମିଳିତ ଭାବେ ଗୋଟିଏ କାର୍ଡ ଜାରି ହେବ। ଉଭୟ ଯୋଜନା ଅଧୀନରେ ରାଜ୍ୟର ସାଢ଼େ ୩ କୋଟି ଲୋକଙ୍କୁ ଏହି କାର୍ଡ ମିଳିବ। ଏହାଦ୍ୱାରା ରାଜ୍ୟବାସୀଙ୍କୁ ସାମାଜିକ ନିରାପତ୍ତା ମିଳି ପାରିବ ବୋଲି କହିଛନ୍ତି ସ୍ୱାସ୍ଥ୍ୟ ମନ୍ତ୍ରୀ ମୁକେଶ ମହାଲିଙ୍ଗ।

ସ୍ୱାସ୍ଥ୍ୟ ମନ୍ତ୍ରୀ ମୁକେଶ ମହାଲିଙ୍ଗ କହିଛନ୍ତି, ମୋହନ ମାଝୀଙ୍କ ନେତୃତ୍ୱାଧୀନ ନୂଆ ସରକାର ଆୟୁଷ୍ମାନ ଭାରତ ଯୋଜନା ଲାଗୁ ପାଇଁ ଘୋଷଣା କରିସାରିଛନ୍ତି। କେନ୍ଦ୍ରର ଆୟୁଷ୍ମାନ ଭାରତ ଯୋଜନା ଓ ରାଜ୍ୟର ନିଜସ୍ୱ ଗୋପବନ୍ଧୁ ଜନ ଆରୋଗ୍ୟ ଯୋଜନା ପାଇଁ ମିଳିତ ଭାବେ ଗୋଟିଏ କାର୍ଡ ଜାରି ହେବ। ଆୟୁଷ୍ମାନ ଭାରତ ପ୍ରଧାନମନ୍ତ୍ରୀ ଜନ ଆରୋଗ୍ୟ ଯୋଜନାରେ ୭୦ ବର୍ଷରୁ ଊର୍ଦ୍ଧ୍ୱ ବୟସ୍କଙ୍କ ସାମାଜିକ ନିରାପତ୍ତା ପାଇଁ ପ୍ରଧାନମନ୍ତ୍ରୀ ନେଇଥିବା ପଦକ୍ଷେପ ସ୍ୱାଗତଯୋଗ୍ୟ। ଆମ ରାଜ୍ୟର ୭୦ ବର୍ଷରୁ ଊର୍ଦ୍ଧ୍ୱ ବ୍ୟକ୍ତି ମଧ୍ୟ ଏହି କାର୍ଡରେ ସ୍ୱାସ୍ଥ୍ୟ ବୀମାର ସୁବିଧା ପାଇବେ ବୋଲି କହିଛନ୍ତି ମନ୍ତ୍ରୀ।

ଏଥିସହ ସେ କହିଛନ୍ତି, ଏବେ ରାସନ୍ କାର୍ଡ ଇ-କେୱାଇସି ଚାଲିଛି । ଏହା ସରିବା ପରେ ରାଜ୍ୟର କେତେ ସଂଖ୍ୟକ ୭୦ ବର୍ଷରୁ ଊର୍ଦ୍ଧ୍ୱ ବୟସ୍କ ସ୍ୱାସ୍ଥ୍ୟ ବୀମା ଯୋଜନାରେ ଉପକୃତ ହେବେ ତାହା ସ୍ପଷ୍ଟ ହେବ। ପୂର୍ବର ବିଏସ୍‌କେୱାଇ ଯୋଜନାରେ ମାତ୍ର ୯୫୭ ହସ୍ପିଟାଲରେ ସ୍ୱାସ୍ଥ୍ୟ ବୀମା ସୁବିଧା ମିଳୁଥିବା ବେଳେ ଏଣିକି ଦେଶସାରା ୨୭ ହଜାରରୁ ଅଧିକ ଅନୁବନ୍ଧିତ ହସ୍ପିଟାଲରେ ଓଡ଼ିଶାର ଲୋକେ ସ୍ୱାସ୍ଥ୍ୟ ସେବା ପାଇପାରିବେ ବୋଲି କହିଛନ୍ତି ମନ୍ତ୍ରୀ।

# ବିଜେପିକୁ ବୁଡ଼ାଇବେ କି ଲିକୁ ସାହୁ?

**ଭୁବନେଶ୍ୱର,୧୮।୧୦ (ସଂଚାର ବ୍ୟୁରୋ):** ଧର୍ମଶାଳା ବିଧାୟକ ହିମାଂଶୁ ସାହୁ ଓରଫ ଲିକୁ ସାହୁଙ୍କ ପାଇଁ ବିଜେପି ଏବେ ବଦନାମ । ଲିକୁଙ୍କ ସମର୍ଥକ ଯେଭଳି ଭାବେ ପୂର୍ବତନ ବିଧାୟକ ପ୍ରଣବ ବଳବନ୍ତ ରାୟଙ୍କୁ ଅଣ୍ଡାମାରି ଚର୍ଚ୍ଚାକୁ ଆଣିଲେ ତାହାକୁ ଅନେକ ନାପସନ୍ଦ କରୁଛନ୍ତି । କେବଳ ନାପସନ୍ଦ କରୁନାହାନ୍ତି, ବିଜେପିର ଏହି ସହଯୋଗୀ ସଦସ୍ୟଙ୍କ ଏଭଳି କାଣ୍ଡ ବିଜେପି ଚିନ୍ତାଧାରାର ପରିପନ୍ଥୀ ବୋଲି ମଧ୍ୟ ବିଜେପି ନେତାମାନେ କହୁଛନ୍ତି ।

ଗତକାଲି ଧର୍ମଶାଳାର ପୂର୍ବତନ ବିଧାୟକ ପ୍ରଣବ ବଳବନ୍ତରାୟଙ୍କ ଗାଡିକୁ ପ୍ରବଳ ଅଣ୍ଡାମାଡ ହୋଇଛି। ଲୋକେ ଗାଡିଆଗରେ ଛିଡାହୋଇ ଶହ ଶହ ଅଣ୍ଡା ମାଡ କରିଛନ୍ତି । ଜଣେ ପୂର୍ବତନ ବିଧାୟକଙ୍କୁ ଏଭଳି ଅଣ୍ଡାମାଡ ଓଡ଼ିଶା ଇତିହାସରେ ବିରଳ । କାରଣ ପୂର୍ବରୁ କଂଗ୍ରେସ ଅଣ୍ଡାମାଡ ସଂସ୍କୃତିକୁ ଆପଣେଇଥିଲା। ତେବେ କଂଗ୍ରେସିଆମାନେ କାଁ ଭାଁ କେଉଁଠାରେ ଅଣ୍ଡାମାଡ କରୁଥିବାବେଳେ ଧର୍ମଶାଳା ଭଳି ସ୍ଥିତି ଦେଖାଯାଇ ନଥିଲା । କଂଗ୍ରେସର ଅଣ୍ଡାମାଡ ସଂସ୍କୃତି ତାକୁ ବେଶ୍ କ୍ଷତି ବି ପହଞ୍ଚାଇଛି । ଯେଉଁଥିପାଇଁ ଏହି ଦଳକୁ ଓଡ଼ିଶାବାସୀ କ୍ଷମତାକୁ ଦୂରେଇ ରଖିଛନ୍ତି। ତେବେ କଂଗ୍ରେସ ବିରୋଧିଦଳରେ ଥିବାବେଳେ ଅଣ୍ଡାମାଡ ସଂସ୍କୃତିକୁ ଆପଣେଇଥିଲା ।



**ଅଣ୍ଡାମାରି ବିପଦକୁ ନିମନ୍ତ୍ରଣ**

**ଅଣ୍ଡାମାଡ଼ ସଂସ୍କୃତି ବିଜେପିର ନୁହେଁ**

ତେବେ ନିଜକୁ ସଂସ୍କୃତି ସମ୍ପନ୍ନଦଳ କହୁଥିବା ବିଜେପି ଓଡ଼ିଶାରେ କିମ୍ବା ଅନ୍ୟ କୌଣସି ରାଜ୍ୟରେ ବିରୋଧୀଙ୍କ ଉପରେ ଅଣ୍ଡାମାଡ କରିଥିବାର ନଜିର ନାହିଁ। ହେଲେ ବିଜେପିର ସହଯୋଗୀ ସଦସ୍ୟ ଲିକୁ ସାହୁଙ୍କ ସମର୍ଥକମାନେ ଯେଭଳି ଭାବେ ଅଣ୍ଡାବର୍ଷା କଲେ ତାହା ଅନେକ ବିଜେପି ନେତାଙ୍କୁ ଆଶ୍ଚର୍ଯ୍ୟ ଚକିତ କରିଛି । କାରଣ ବିଜେପି ଏଭଳି ଘଟଣାରେ ସବୁବେଳେ ଓଡ଼ିଶାରେ କଂଗ୍ରେସକୁ ସମାଲୋଚନା କରି ଆସୁଥିଲା । ଏପରିକି ୨୫ବର୍ଷ ଧରି କ୍ଷମତାରେ ରହିଥିବା ବିଜେଡି ମଧ୍ୟ କେଉଁଠାରେ ବିରୋଧିଦଳ ଉପରେ ଅଣ୍ଡାମାଡ କରିବାର ନଜିର ନାହିଁ ।

କ୍ଷମତାସୀନ ଦଳର ସହଯୋଗୀମାନେ ବିରୋଧୀଙ୍କ ଉପରେ ଅଣ୍ଡାମାଡ କରିବା ଅତ୍ୟନ୍ତ ଆଶ୍ଚର୍ଯ୍ୟଜନକ ଓ ଅପରିପକ୍ୱ ରାଜନୀତିର ପରିଚାୟକ ⮊ପୃଷ୍ଠା-୬

## ଧାନ ଟ୍ରକ୍‌ରେ ଜିପିଏସ୍



**କଟକ, ୧୮।୧୦ (ସଂଚାର ବ୍ୟୁରୋ):** ଚଳିତ ବର୍ଷ ରାଜ୍ୟରେ ୮୬ ଲକ୍ଷ ଟନ ଧାନ କିଣା ପାଇଁ ଲକ୍ଷ୍ୟ ରହିଛି। ଧାନ କିଣା ପ୍ରକ୍ରିୟାରେ ପରିବହନ ବ୍ୟବସ୍ଥାକୁ ସୁସଙ୍ଗଠିତ କରିବା ଦିଗରେ ତଥା ମଣ୍ଡିରେ ଧାନ ଲୋଡିଂଓ ମିଲରେ ଅନଲୋଡିଂରେ ହେଉଥିବା ଅହେତୁକ ବିଳମ୍ବରେ ସୁଧାର ଆଣିବାକୁ ରାଜ୍ୟ ପରିବହନ ଆୟୁକ୍ତ ବିଭିନ୍ନ ପ୍ରସ୍ତାବ ଗ୍ରହଣ କରିଛନ୍ତି।ନଭେମ୍ବର ୧୫ ସୁଦ୍ଧା ପ୍ରତି ମାଲିକ ଟ୍ରକରେ ଭେହିକଲ ଲୋକେସନଟ୍ରାକିଂ ଡିଭାଇସ ଲଗାଇବାକୁ ଆୟୁକ୍ତପରାମର୍ଶ ଦେଇଛନ୍ତି। ଧାନ କିଣା ପ୍ରକ୍ରିୟାରେ ପରିବହନ ବ୍ୟବସ୍ଥାକୁ ସୁସଙ୍ଗଠିତ କରିବା ଦିଗରେ ରାଜ୍ୟ ପରିବହନଆୟୁକ୍ତ ଅମିତାଭ ଠାକୁର ଓଡ଼ିଶାରାଜ୍ୟଖାଦ୍ୟଯୋଗାଣ ନିଗମ, ଟ୍ରକ ମାଲିକ ସଂଘ ଏବଂପରିବହନଠିକାଦାରମାନଙ୍କ ସହ କଟକସ୍ଥ କାର୍ଯ୍ୟାଳୟରେ ଆଲୋଚନା ⮊ପୃଷ୍ଠା-୬

## ସିନୱାର ମୃତ୍ୟୁକୁ ସ୍ୱୀକାର କଲା ହମାସ ପଣବନ୍ଦୀଙ୍କୁ ଛାଡ଼ିବନି

**ପାଲେଷ୍ଟିନ, ୧୮।୧୦:** ଇସ୍ରାଏଲ ଏୟାର ଷ୍ଟ୍ରାଇକରେ ୟାହ୍ୟା ସିନୱାର ନିହତ ହୋଇଥିବା ସ୍ୱୀକାର କରିଛି ହମାସ। ଗତ କାଲି ସିନୱାର ମୃତ୍ୟୁ ନେଇ ନିରବତା ଅବଲମ୍ବନ କରିଥିବା ହମାସର ଉପ ମୁଖ୍ୟ ଖଲିଲ ଅଲ ହାୟା ଗାଜାରେ ଗଣମାଧ୍ୟମରେ ପ୍ରସାରିତ ଖବରକୁ ନିଶ୍ଚିତ କରିଛନ୍ତି। ତଥାପି ଇସ୍ରାଏଲର ପଣବନ୍ଦୀମାନଙ୍କୁ ମୁକ୍ତ କରାଯିବ ନାହିଁ ବୋଲି ଖଲିଲ ଅଲ ହାୟା ଦମ୍ଭୋକ୍ତି କରିଛନ୍ତି। ଯେ ପର୍ଯ୍ୟନ୍ତ ଗାଜାରେ ଆକ୍ରମଣ ବନ୍ଦ ହୋଇନି ଓ ଇସ୍ରାଏଲ ସେନା ସଂପୂର୍ଣ୍ଣ ଭାବେ ଗାଜାରୁ ପ୍ରତ୍ୟାହୃତ ହୋଇନାହାନ୍ତି, ସେ ପର୍ଯ୍ୟନ୍ତ ପଣବନ୍ଦୀଙ୍କୁ ଖଲାସ କରାଯିବାର ପ୍ରଶ୍ନ ଉଠୁନି ବୋଲି ସେ କହିଛନ୍ତି। ଇସ୍ରାଏଲ ପ୍ରଧାନମନ୍ତ୍ରୀ ବେଞ୍ଜାମିନ ନେତନ୍ୟାହୁ ସିନୱାରଙ୍କୁ ହତ୍ୟା କରାଯାଇଥିବା ସମ୍ପର୍କରେ ⮊ପୃଷ୍ଠା-୬

# ବେଦାନ୍ତ ନିବେଶ କରିବ ଆଉ ୧ ଲକ୍ଷ କୋଟି

**ମୁମ୍ବାଇ, ୧୮ ।୧୦ (ଏଜେନ୍ସି) :** ବେଦାନ୍ତ ଗତ ଦୁଇ ଦଶନ୍ଧି ଧରି ଓଡ଼ିଶାର ଅଂଶୀଦାର ହୋଇ ୧ ଲକ୍ଷ କୋଟି ଟଙ୍କାରୁ ଅଧିକ ପୁଞ୍ଜି ନିବେଶ କରିବା ସହିତ ରାଜ୍ୟରେ ଏକ ଲକ୍ଷରୁ ଅଧିକ ନିଯୁକ୍ତି ସୃଷ୍ଟି କରିଥିବାବେଳେ ଆଉ ୧ଲକ୍ଷ କୋଟି ଟଙ୍କାର ନୂତନ ପୁଞ୍ଜି ବିନିଯୋଗ କରିବ। ବେଦାନ୍ତ ଟେଣ୍ଡର ମାଧ୍ୟମରେ ସିଜିମାଳି ଖଣି ପାଇଛି ଯେଉଁଠାରେ ବିପୁଳ ପରିମାଣର ବକ୍ସାଇଟ୍ ଗଚ୍ଛିତ ରହିଛି।

**ମୁମ୍ବାଇରେ ଶିଳ୍ପପତିଙ୍କୁ ଭେଟିଲେ ମୋହନ**

**ବେଦାନ୍ତରେ ୨ ଲକ୍ଷ ନୂଆ ନିଯୁକ୍ତି ସୁଯୋଗ**

**୨୦୩୦ ସୁଦ୍ଧା ଓଡ଼ିଶାର ଅଧା ଟ୍ରିଲିୟନ ଡଲାର ଅର୍ଥନୀତି ହେବାର ଅଭିଳାଷକୁ ଏକ ବଡ଼ ପ୍ରୋତ୍ସାହନ**

ମେକ୍ ଇନ୍ ଓଡ଼ିଶା କନ୍ କ୍ଲେଭ୍ ୨୦୨୫ ରୋଡ୍ ସୋ’ରେ ମୁଖ୍ୟମନ୍ତ୍ରୀ ଓ ତାଙ୍କ ପ୍ରତିନିଧିଦଳ ସହ ଆଲୋଚନାବେଳେ ବେଦାନ୍ତ ଲିମିଟେଡ୍ ୧ ଲକ୍ଷ କୋଟି ଟଙ୍କାର ନୂଆ ପୁଞ୍ଜିନିବେଶ ଘୋଷଣା କରିଛି। ଅକ୍ଷୟ ଶକ୍ତି ଦ୍ୱାରା ପରିଚାଳିତ ସବୁଜ ଆଲୁମିନିୟମ ଉତ୍ପାଦନ ଉପରେ ଗୁରୁତ୍ୱ ଦେଇ ବାର୍ଷିକ ୬ ନିୟୁତ ଟନ୍



ଆଲୁମିନିୟମ ରିଫାଇନାରୀ ଓ ୩ ମିଲିୟନ ଟନ୍ କ୍ଷମତା ବିଶିଷ୍ଟ ଆଲୁମିନିୟମ କାରଖାନା ପ୍ରତିଷ୍ଠା ଦିଗରେ ଏହି ପୁଞ୍ଜିନିବେଶକୁ ଆଗେଇ ନିଆଯିବ । ଅଟୋ, ଶକ୍ତି, ନିର୍ମାଣ ଏବଂ ରେଲୱେ ଭଳି ଶତାଧିକ କ୍ଷେତ୍ରରେ ବ୍ୟବହୃତ ହେଉଥିବା ଆଲୁମିନିୟମର ଅଧିକ ପ୍ରୟୋଗ ହେଉଥିବାରୁ ଏହା ଆନୁଷଙ୍ଗିକ ଶିଳ୍ପ ପାଇଁ ଏକ ବିଶାଳ ଶିଳ୍ପ କମ୍ପ୍ଲେକ୍ସ ସୃଷ୍ଟି କରିବ । ୨୦୩୦ ସୁଦ୍ଧା ଅଧା ଟ୍ରିଲିୟନ ଡଲାର ଅର୍ଥନୀତି ⮊ପୃଷ୍ଠା-୬

## ମହଙ୍ଗା ପଡ଼ିଲା ଡିଆଇଜିଙ୍କ ସହ ଗଣ୍ଡଗୋଳ: ଦୁଇ ଗିରଫ



**ଭୁବନେଶ୍ୱର,୧୮।୧୦ (ସଂଚାର ବ୍ୟୁରୋ):** ମହଙ୍ଗା ପଡିଲା ମଦ ପିଇ ରାସ୍ତା ଉପରେ ଗଣ୍ଡଗୋଳ କରିବା । ବନ୍ଧାହେଲେ ୨ କାର୍ପଟଦାର । ଗିରଫ ୨ ଅଭିଯୁକ୍ତ ହେଲେ ସୁବାସିଷ ମହାନ୍ତି ଓ ବିକାଶ ମହାନ୍ତି । ସେମାନଙ୍କ ଠାରୁ ଏକ ଗାଡି ମଧ୍ୟ ଜବତ କରାଯାଇଛି।

ଗୁରୁବାର ବିଳମ୍ବିତ ରାତିରେ କୋଷ୍ଟଗାର୍ଡ ଡିଆଇଜି ଓ ତାଙ୍କ ପତ୍ନୀଙ୍କୁ ଦୁର୍ବ୍ୟବହାର ଭଳି ଆସିଥିଲା ସଙ୍ଗୀନ ଅଭିଯୋଗ। ଏଭଳି ଘଟଣା ଘଟିଥିଲା ନୟାପଲ୍ଲୀ ଥାନା ଅନ୍ତର୍ଗତ କଳିଙ୍ଗ ଷ୍ଟାଡିୟମ ଛକ ନିକଟରେ। ଅଭିଯୋଗ ମୁତାବକ ଡିଆଇଜି ତାଙ୍କ ପତ୍ନୀଙ୍କ ସହ କାରରେ ବେହେରା ସାହି ପଟକୁ ଯାଉଥିବା ବେଳେ ଏକ ସ୍କୁଟି (ନମ୍ବର ଓଡି ୦୫ ବିଏ-୪୧୭୦) କାର ଆଗରେ ହଠାତ ଅଟକିଥିଲା। ଅତ୍ୟଧିକ ମଦ୍ୟପାନ କରିଥିବା ଦୁଇ ଯୁବକ କାରକୁ ⮊ପୃଷ୍ଠା-୬

### ଟ୍ରେଣ୍ଡିଂ ନ୍ୟୁଜ୍

- ମୃତ୍ୟୁ ପୂର୍ବରୁ ହମାସ ମୁଖ୍ୟ ୟାହ୍ୟା ସିନୱାର ଇସ୍ରାଏଲ ଡ୍ରୋନ୍‌କୁ ବାଡ଼ି ଫିଙ୍ଗୁଥିବା ଭିଡିଓ ରିଲିଜ୍ କଲା ଇସ୍ରାଏଲ ସେନା।
- ପଡ଼ୋଶୀ ଦେଶରେ ହିନ୍ଦୁମାନଙ୍କ ପ୍ରତି ଅସହିଷ୍ଣୁ ମନୋଭାବ ବୃଦ୍ଧି ପାଉଥିବା ବେଳେ ଏଥିପ୍ରତି ଆନ୍ତର୍ଜାତିକ ମାନବାଧିକାର ସଂଗଠନଗୁଡ଼ିକ ନିରବତା ଅବଲମ୍ବନ କରୁଥିବାରୁ ଉପରାଷ୍ଟ୍ରପତି ଜଗଦୀପ ଧନଖଡ଼ଙ୍କ ଉଦ୍‌ବେଗ।
- ଗୁଗଲର ଉଚ୍ଚ ଅଧିକାରୀ ସ୍ତରରେ ଅଦଳବଦଳ କଲେ ସିଇଓ ସୁନ୍ଦର ପିଚାଇ। ବରିଷ୍ଠ ଭାଇସ ପ୍ରେସିଡେଣ୍ଟ ପ୍ରଭାକର ରାଘବନଙ୍କୁ ମୁଖ୍ୟ ଟେକ୍ନୋଲଜିଷ୍ଟ କରାଗଲା।
- ଦିଲ୍ଲୀର ପୂର୍ବତନ ମନ୍ତ୍ରୀ ସତ୍ୟେନ୍ଦ୍ର ଜେନଙ୍କୁ ମନି ଲଣ୍ଡରିଂ ମାମଲାରେ ରାଉସ୍ ଆଭେନ୍ୟୁ କୋର୍ଟ ନିୟମିତ ଜାମିନ ପ୍ରଦାନ କଲେ।
- ୨୦୦ କୋଟି ଟଙ୍କାର ମନି ଲଣ୍ଡରିଂ ମାମଲାରେ ଫସିଥିବା ବଲିଉଡ ଅଭିନେତ୍ରୀ ଜ୍ୟାକଲିନ ଫର୍ଣ୍ଣାଣ୍ଡିଜ ବିଦେଶ ଯିବା ପାଇଁ କୋର୍ଟଙ୍କ ଅନୁମତି ମାଗିଲେ। ଜାନୁଆରୀ ୨୫ରେ ପଟିଆଲା ହାଉସ କୋର୍ଟରେ ଆବେଦନର ଶୁଣାଣି।
- ଝାଡ଼ଖଣ୍ଡ ବିଧାନସଭା ନିର୍ବାଚନ ପାଇଁ ବିଜେପି ଓ ମେଣ୍ଟ ଦଳ ସହିତ ଆସନ ବୁଝାମଣା ଚୂଡ଼ାନ୍ତ ହୋଇଛି। ମୋଟ ୮୧ ଆସନ ମଧ୍ୟରୁ ବିଜେପି ୬୮ରେ ଏବଂ ୧୩ଟି ଆସନ ସହଯୋଗୀ ଆଜସୁ ପାର୍ଟି, ଜେଡିୟୁ ଓ ଏଲଜେପି(ରାମ ବିଳାସ) ପ୍ରତିଦ୍ୱନ୍ଦ୍ୱିତା କରିବେ।

# ବିଜେଡିକୁ ଅସ୍ଥିର କଲେଣି ବିଜେପି, କଂଗ୍ରେସ

**ଭୁବନେଶ୍ୱର, ୧୮।୧୦ (ସଂଚାର ବ୍ୟୁରୋ):** ବିଜେଡି ଦଳର ଆଭ୍ୟନ୍ତରୀଣ କନ୍ଦଳ ଏବେ ଅନ୍ୟ ଦଳର ନେତାଙ୍କୁ ଭବିଷ୍ୟବାଣୀ କରିବାକୁ ଖୋରାକ ଯୋଗାଇଛି। ବିଜେଡିର ଆୟୁଷ କମ ଆଉ ଖୁବ କମ ଦିନରେ ଦଳ ଛିନଛତର ହୋଇଯିବ ବୋଲି ବିଜେପିର ବରିଷ୍ଠ ନେତାମାନେ ଆକଳନ କରୁଥିବା ବେଳେ କଂଗ୍ରେସ କହୁଛି ଉଭୟ ବିଜେପି ଓ ବିଜେଡି ନେତାମାନେ ତାଙ୍କ ସହ ଯୋଗାଯୋଗରେ ଅଛନ୍ତି।

ନିକଟରେ ବିଜେଡିର ଦୁଇ ସାଂସଦ ଦଳରୁ ଇସ୍ତଫା ଦେଇ ବିଜେପିରେ ଯୋଗ ଦେଇଥିବା ବେଳେ ଏବେ ଦଳର ବରିଷ୍ଠ ନେତା ଅମର ଶତପଥୀଙ୍କ ଠାରୁ ଆରମ୍ଭ କରି ଲତିକା ପ୍ରଧାନଙ୍କ ପର୍ଯ୍ୟନ୍ତ ସମସ୍ତେ ନେତୃତ୍ୱ ଓ ସହଯୋଗୀ ନେତାଙ୍କ ବିରୋଧରେ ବିଷୋଦଗାର କରୁଛନ୍ତି। ଏପରିକି ଶଙ୍ଖ ଭବନରେ ମଧ୍ୟ ଯୁବ ଓ ଛାତ୍ର ସଂଗଠନ ଦଳର କିଛି ବରିଷ୍ଠ ନେତାଙ୍କୁ ନାଲିଆଖି ଦେଖାଇଛନ୍ତି। ସେପଟେ ଅମରେଶ ଜେନା ଓ ଲିଟୁ ମହାସୁପକାର ବିବାଦ ବି ତୁଟିନି। କିଏ ବିଜେଡି ବିପର୍ଯ୍ୟୟ ପାଇଁ ପାଣ୍ଡିଆନଙ୍କୁ ଦାୟୀ କରୁଛି ତ କିଏ ଦଳର ସହଯୋଗୀ ନେତା, ବିଧାୟକ ଓ ସାଂସଦ ପ୍ରାର୍ଥୀଙ୍କୁ। ଏସବୁ ଭିତରେ ବିଜେଡିର ରାଜନୈତିକ ଭବିଷ୍ୟତକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହେବା ସ୍ୱାଭାବିକ।

ଆଉ ଏହାରି ଭିତରେ ବିଜେପିର ବରିଷ୍ଠ ନେତା ତଥା ପୂର୍ବତନ ମନ୍ତ୍ରୀ ଜୟନାରାୟଣ ମିଶ୍ର ଭବିଷ୍ୟବାଣୀ କରିଛନ୍ତି ଯେ, ବିଜେଡିର ଆୟୁଷ କମ ଏବଂ ଖୁବ କମ ଦିନରେ ଦଳ ଭାଙ୍ଗିଯିବ। ଅନେକ ବିଜେଡି ନେତା ଯୋଗାଯୋଗରେ ଅଛନ୍ତି, ସେମାନେ ଶୀଘ୍ର





- **ଜୟନାୟରଣଙ୍କ ଭବିଷ୍ୟବାଣୀ: ଆୟୁଷ କମ ଦିନ**
- **କଂଗ୍ରେସ ସହ ଯୋଗାଯୋଗରେ ଦୁଇ ଦଳର ନେତା**

ପଦ୍ମ ଶିବିରରେ ଯୋଗଦେବେ। ବିଜେଡି ପାଖରେ ଆଉ ନେତୃତ୍ୱ ନାହିଁ । ଦଳରେ ନେତାଙ୍କୁ ଚାକର ଭଳି ରଖିଥିଲେ । ନେତାମାନେ ଦରି ପକାଇଲେ, ଟେଷ୍ଟ ଗାତ ଖୋଳିଲେ, ଚେୟାର ବୋହିଲେ। ଏବେ ସେମାନେ ପ୍ରତିଶୋଧ ନେବା ମୁଡକୁ ଆସିଯାଇଛନ୍ତି। ଆଗକୁ ରାଜ୍ୟରେ କେବଳ ଦୁଇଟି ଦଳ ରହିବ ବୋଲି ଜୟନାରାୟଣ କହିଛନ୍ତି।

ନେତା ବାଛି ପାରୁନଥିବା କଂଗ୍ରେସ ବି ଏ ସୁଯୋଗକୁ ହାତଛଡା କରିବାକୁ ଚାହିଁନି। ଅନିଶ୍ଚିତତାରେ ଥିବା ରାଜ୍ୟ କଂଗ୍ରେସ ବି ଦାବି କରୁଛି ଯେ, ଉଭୟ ବିଜେଡି ଓ ବିଜେପିରେ ରହିଛି ବହୁ ଅସନ୍ତୋଷ। ତେଣୁ ଉଭୟ ଦଳର ନେତାମାନେ କଂଗ୍ରେସ ପ୍ରତି ଆଗ୍ରହ ପ୍ରକାଶ କରୁଥିବା କହିଛନ୍ତି ଦଳର ବରିଷ୍ଠ ନେତା ମହମ୍ମଦ ମୋକିମ।

ଜୟନାରାୟଣ ଓ ମୋକିମଙ୍କ ଏଭଳି ମନ୍ତବ୍ୟକୁ ⮊ପୃଷ୍ଠା-୬

**ଜଷ୍ଟିସ ସିଆର୍ ଦାସ କମିଶନଙ୍କ ତନାଘନା**

## ଖୁବ୍‌ଶୀଘ୍ର ଭରତପୁର ଥାନା ନିର୍ଯାତନା ମାମଲାର ପର୍ଦ୍ଦାଫାସ

**ଭୁବନେଶ୍ୱର, ୧୮।୧୦ (ସଂଚାର ବ୍ୟୁରୋ):** ଭରତପୁର ଥାନାରେ ନିର୍ଯାତନା ମାମଲା। ଜଷ୍ଟିସ ଚିତ୍ତରଞ୍ଜନ ଦାସ କମିଶନଙ୍କ ଆଜି ଦ୍ୱିତୀୟ ବୈଠକ ଶେଷ ହୋଇଛି । ବୈଠକରେ ତଦନ୍ତର ଅଗ୍ରଗତି ନେଇ ସମୀକ୍ଷା କରିଛନ୍ତି କମିଶନ। କମିଶନଙ୍କୁ କ୍ରାଇମବ୍ରାଞ୍ଚ ତଦନ୍ତ ସମ୍ପର୍କରେ ଅବଗତ କରାଯାଇଛି ବୋଲି ବୈଠକ ପରେ ପ୍ରତିକ୍ରିୟା ରଖିଛନ୍ତି ଏଡିଜି ବିନୟତୋଷ ମିଶ୍ର ।

ଗୁଜୁରାଟ ଗାନ୍ଧୀନଗରରେ ସମସ୍ତ ପୋଲିସ ଅଧିକାରୀଙ୍କ ଲାଏ ଡିଟେକ୍ସନ୍ ଟେଷ୍ଟ ସରିଛି । ନିଲମ୍ବିତ ଥାନା ଅଧିକାରୀ ଦୀନକୃଷ୍ଣ ମିଶ୍ରଙ୍କ ଲାଏ ଡିଟେକ୍‌ସନ୍ ଟେଷ୍ଟ ସହ ବ୍ରେନ୍ ମ୍ୟାପିଂ ଓ ନାର୍କୋ ଟେଷ୍ଟ ମଧ୍ୟ ହୋଇଛି । ଏବେ ରିପୋର୍ଟକୁ ଅପେକ୍ଷା କରାଯାଇଛି ବୋଲି କହିଛନ୍ତି କ୍ରାଇମବ୍ରାଞ୍ଚ ଏଡିଜି ବିନୟତୋଷ ମିଶ୍ର। ସେପଟେ କମିଶନଙ୍କ ସଚିବ କହିଛନ୍ତି ଯେହେତୁ କ୍ରାଇମବ୍ରାଞ୍ଚ ଗୁଜରାଟରୁ ପଲିଗ୍ରାଫ ରିପୋର୍ଟ ଆଦି ପାଇନାହିଁ ସେଥିପାଇଁ ସେମାନେ କିଛି ତଥ୍ୟ ଦେଇପାରିନାହାଁନ୍ତି। ମାଜିଷ୍ଟ୍ରେଟଙ୍କ ପାଖରେ ପୀଡିତାଙ୍କ ବୟାନ ରେକର୍ଡ ସରିଛି। କୌଣସି ଅଭିଯୁକ୍ତ ପୋଲିସ ⮊ପୃଷ୍ଠା-୬

### ୪ ପୋଲିସଙ୍କୁ ମିଳିଲାନି ଜାମିନ

ଭରତପୁର ଥାନାରେ ମେଜର ଓ ତାଙ୍କ ବାନ୍ଧବୀଙ୍କୁ ଦିଆଯାଇଥିବା ନିର୍ଯାତନା ମାମଲାରେ ନିଲମ୍ବିତ ପୁଲିସ ଏସଆଇ ବୈଶାଳିନୀ ପଣ୍ଡା, ଏଏସଆଇ ସାଗରିକା ରଥ, ସଲିଳାମୟୀ ସାହୁ, କନଷ୍ଟେବଳ ବଳରାମ ହାଁସଦାଙ୍କ ଅଡୁଆ ବଢ଼ିଛି। ଜଷ୍ଟିସ ସଙ୍ଗମ କୁମାର ସାହୁଙ୍କୁ ନେଇ ଗଠିତ ଅବକାଶକାଳୀନ ନ୍ୟାୟପୀଠରେ ଏହି ୪ ପୁଲିସ କର୍ମଚାରୀଙ୍କ ତରଫରୁ ଦାୟର ପୃଥକ ଆଗୁଆ ଜାମିନ ଆବେଦନଗୁଡ଼ିକର ଏକତ୍ର ପ୍ରାରମ୍ଭିକ ଶୁଣାଣି ହୋଇଛି। ତେବେ ଅନ୍ତରୀଣ ସୁରକ୍ଷା ପ୍ରଦାନ ପାଇଁ ହାଇକୋର୍ଟ ମନା କରିଛନ୍ତି। ମାମଲାରେ କେସ୍ ଡାଏରି ଦାଖଲ ପାଇଁ ସରକାରଙ୍କ ତରଫରୁ ସମୟ ଲୋଡ଼ା ଯାଇଛି। ଅନ୍ତରୀଣ ⮊ପୃଷ୍ଠା-୬

**ବଦଳୁନି ପୁରୁଣା ବେତନ ପଦ୍ଧତି**

# ଖୋଳ ହୋଇଯିବ ସରକାରୀ ସଂସ୍ଥା

**ଭୁବନେଶ୍ୱର,୧୮।୧୦ (ସଂଚାର ବ୍ୟୁରୋ):** ଶକ୍ତି ବିଭାଗରେ କାର୍ଯ୍ୟରତ ବାବୁ ମାନଙ୍କର ଅଧିକ ଦରମା ଆବଶ୍ୟକ ହେଲେ ସେମାନେ ଏବେ ବିଭାଗ ଅଧିନରେ ଥିବା ଓଡ଼ିଶା ପାୱାର ଜେନେରେସନ କର୍ପୋରେସନ (ଓପିଜିସି)କୁ ପଳାଉଛନ୍ତି। ସେଠାକୁ ଯିବାପରେ ଦରମା ବହୁଗୁଣିତ ହେଉଛି । ଗ୍ରିଡ୍‌କୋରେ ବାର୍ଷିକ ୨୪ଲକ୍ଷ ଟଙ୍କା ବେତନ ପାଉଥିବା ବାବୁ ଓପିଜିସିକୁ ଯିବାପରେ ତାଙ୍କର ଦରମା ୬୬ଲକ୍ଷ ଟଙ୍କାକୁ ବୃଦ୍ଧି ପାଉଛି ।

ଓପିଜିସିରେ ଏଭଳି ଦରମା ବୃଦ୍ଧିର କାରଣ ହୋଇଛି ଏଠାରେ କାର୍ଯ୍ୟକାରୀ ହୋଇଥିବା ମାର୍କେଟ ବେସ୍‌ଡ ସାଲାରୀ (ଏମବିଏସ୍) ବ୍ୟବସ୍ଥା । ବଜାର ବ୍ୟବସ୍ଥାକୁ ଚାହିଁ ଦରମା ବୃଦ୍ଧିର ବ୍ୟବସ୍ଥା ହୋଇଥିଲା ସେତେବେଳେ ଯେତେବେଳେ ଓପିଜିସିର ମାଲିକ ସାଜିଥିଲା ଆମେରିକୀୟ କମ୍ପାନୀ ଏଇଏସ୍। ଯଦିଓ ସେତେବେଳେ ଏଇଏସ୍ ହାତରେ ଓପିଜିସିର ୪୯ ପ୍ରତିଶତ ମାଲିକାନା ଥିଲା କିନ୍ତୁ ବିଦେଶୀ ବାବୁମାନେ ଅଧିକ ପାଉଣା ନେବେ ବୋଲି ଏହାକୁ ଲାଗୁ କରିଥିଲେ। ରାଜ୍ୟ ସରକାରଙ୍କର କିଛି ବାବୁ ମଧ୍ୟ ଏଥିରେ ମୋହର ମାରିଥିଲେ। ଫଳରେ ଦରମା ବହୁଗୁଣିତ ହେଲା ।



ବର୍ତ୍ତମାନ ଅବସର ପରେ ଦୁଇ ଦୁଇ ଥର କାର୍ଯ୍ୟକାଳ ବଢି ଅତିରିକ୍ତ ଭାବେ ଓପିଜିସିର ଏମ୍‌ଡି ଦାୟିତ୍ୱ ତୁଲାଉଥିବା ଅଧିକାରୀ ବର୍ଷକୁ ୭୭ଲକ୍ଷ ଟଙ୍କା ଦରମା ନେଉଥିବାବେଳେ ମାନବ ସମ୍ବଳ ନିର୍ଦ୍ଦେଶକ ପଦବୀରେ ଥିବା ପରାମର୍ଶଦାତା ବାର୍ଷିକ ୩୬ଲକ୍ଷ ଟଙ୍କା ପାଉଛନ୍ତି। ଅର୍ଥ ନିର୍ଦ୍ଦେଶକ ପଦବୀକୁ ଗ୍ରିଡ୍‌କୋରୁ ଯାଇଥିବା ବାବୁଙ୍କର ବାର୍ଷିକ ବେତନ ୬୬ଲକ୍ଷ ଟଙ୍କା । ଗ୍ରିଡ୍‌କୋରେ ସିଏ ବର୍ଷକୁ ୨୪ଲକ୍ଷ ଟଙ୍କା ପାଉଥିଲେ। ସେହିଭଳି ଅନ୍ୟ ଅଧିକାରୀମାନେ ବି ମୋଟା ବେତନ ପାଉଛନ୍ତି । ଏହାବାଦ୍ ଓପିଜିସି କର୍ମଚାରୀ ଓ ଅଧିକାରୀଙ୍କ ପାଇଁ ଭ୍ୟାରିଏବୁଲ୍ ପେ ବ୍ୟବସ୍ଥା ଲାଗୁ ହୋଇଛି । ପ୍ଲାଣ୍ଟ ଲୋଡ୍ ଫ୍ୟାକ୍ଟର (ପିଏଲଏଫ୍)ରେ ପ୍ରଦର୍ଶନ ୯୦ ପ୍ରତିଶତ କିମ୍ବା ତାହାଠାରୁ ଅଧିକ ହେଲେ ସେହି ଅନୁଯାୟୀ ବର୍ଷକୁ ଥରୁଟିଏ ମୋଟା ଅଙ୍କର ଅର୍ଥ ମିଳିଥାଏ । ଏ ବାବଦରେ ମଧ୍ୟ ବଡ ବାବୁମାନେ ଓପିଜିସି ରାଜକୋଷରୁ ବାର୍ଷିକ ୧୫/୨୦ଲକ୍ଷ ପର୍ଯ୍ୟନ୍ତ ନେଉଛନ୍ତି ।

ସବୁଠାରୁ ଆଶ୍ଚର୍ଯ୍ୟର କଥା ହେଉଛି ଯେ ଶକ୍ତି ବିଭାଗ ଅଧିନରେ ଥିବା ଓଡ଼ିଶା ଜଳ ବିଦ୍ୟୁତ୍ ନିଗମ (ଓଏଚ୍‌ପିସି) ଯିଏ କି ଓପିଜିସି ଠାରୁ ଅଧିକ ପ୍ରତିଶତ ଲାଭ କରୁଛି ସେଠାରେ କିନ୍ତୁ ଏହି ଏମବିଏସ୍ ଦରମା ବ୍ୟବସ୍ଥା ଲାଗୁ ହୋଇନାହିଁ । ସେହିଭଳି ଶକ୍ତି ବିଭାଗରେ ଥିବା ଅନ୍ୟ ଦୁଇଟି ସଂସ୍ଥା ଓପିଟିସିଏଲ୍ ଏବଂ ଗ୍ରିଡ୍‌କୋରେ ବି ଏହି ଦରମା ବୃଦ୍ଧି ବ୍ୟବସ୍ଥା ନାହିଁ । ତେଣୁ ସେହିସବୁ ସଂସ୍ଥାରେ କାର୍ଯ୍ୟରତ ଯେଉଁ ବାବୁମାନଙ୍କର ଅଧିକ ଦରମାର ଆବଶ୍ୟକ ହେଉଛି ସେମାନେ ଓପିଜିସି ମୁହାଁ ହେଉଛନ୍ତି ।

ତେବେ ବଡ କଥା ହେଉଛି ଏଇଏସ୍ ଓଡ଼ିଶା ଛାଡି ଯିବାପରେ କାହିଁକି ସରକାର ଏଭଳି ମୋଟା ଦରମା ଦେବା ବ୍ୟବସ୍ଥା ଜାରି ରଖିଛନ୍ତି ଓ କର୍ମଚାରୀମାନଙ୍କ ପ୍ରତି ପାତର ଅନ୍ତର ଚଳାଇଛନ୍ତି ତାହା ଖୋଦ୍ ଶକ୍ତି ବିଭାଗର କର୍ମଚାରୀମାନେ ବୁଝିପାରୁ ନାହାନ୍ତି । ତେଣୁ ଓପିଜିସିକୁ ଯିବାପାଇଁ ବର୍ଷ ସାରା ଧରାଧରି ଚାଲୁଛି। ଯେଉଁମାନେ ସଫଳ ହେଉଛନ୍ତି ସେମାନଙ୍କର ଲଟେରୀ ଲାଗିଗଲା ଭଳି ଅବସ୍ଥା ହେଉଥିବାବେଳେ ଅନ୍ୟମାନେ ମୁହଁମାଡି ପଡି ରହୁଛନ୍ତି । ତେବେ ଏଭଳି ମୋଟା ଅଙ୍କର ଦରମା ଓ ଅନ୍ୟାନ୍ୟ ବାବଦରେ ଟଙ୍କା ଦିଆଗଲେ ଓପିଜିସି ଖୋଳ ହୋଇଯିବ ବୋଲି କିଛି କର୍ମଚାରୀ କହୁଛନ୍ତି ।

# ଗଜଲକ୍ଷ୍ମୀ ପୂଜା ପାଇଁ ପଟ୍ଟାମୁଣ୍ଡାଇ ଉତ୍ସବମୁଖର

**ପଟ୍ଟାମୁଣ୍ଡାଇ, ୧୮।୧୦ (ସଂଚାର ବ୍ୟୁରୋ):** ଶାରଦୀୟ ଦୂର୍ଗା ପୂଜା ଉତ୍ସବ ପଟ୍ଟାମୁଣ୍ଡାଇ ଅଂଚଳର ଅନନ୍ୟ ଗଣପର୍ବ ଓ ସଂସ୍କୃତି ଓ ପରମ୍ପରାର ମୁକସାକ୍ଷୀ ହୋଇଥିଲେ ମଧ୍ୟ ବିଗତ କେତେବର୍ଷ ହେବ ମା ଧନଦାତ୍ରୀ ଗଜଲକ୍ଷ୍ମୀଙ୍କ ପୂଜା ଉତ୍ସବ ଆରମ୍ଭ ହୋଇଛି । ଏହି ପୂଜା ଆରମ୍ଭ ବେଳେ ହାତଗଣତି କେତୋଟି ମେଢ଼କୁ ନେଇ ଆରମ୍ଭ କରାଯାଇଥିଲା । ମାତ୍ର ଏବେ ଏହା ପଟ୍ଟାମୁଣ୍ଡାଇ ସହର ସମେତ ଗ୍ରାମାଞ୍ଚଳର ବିଭିନ୍ନ ଅଂଚଳରେ ଗଜଲକ୍ଷ୍ମୀ ପୂଜାର ଭିନ୍ନ ମାହୋଲ ଦେଖିବାକୁ ମିଳିଛି । ମୋଟାମୋଟି ଭାବେ ଧନଦାତ୍ରୀ ମା ଗଜଲକ୍ଷ୍ମୀଙ୍କ ଯୋଗୁଁ ସମଗ୍ର ପଟ୍ଟାମୁଣ୍ଡାଇ ଅଂଚଳ ଉତ୍ସବ ମୁଖର ହୋଇପଡିଛି । ଗଜଲକ୍ଷ୍ମୀ ପୂଜା ପାଇଁ ପ୍ରତ୍ୟେକ ଘରେ ବନ୍ଧୁବାନ୍ଧବଙ୍କ ଭିଡ଼ ଦେଖିବାକୁ ମିଳିଛି । ଭଲ ପାଗ ଥିବାରୁ ପଟ୍ଟାମୁଣ୍ଡାଇ ଅଂଚଳବାସୀ ବିପୁଳ ଆନନ୍ଦ ଉଲ୍ଲାସ ମଧ୍ୟରେ ପାରମ୍ପରିକ ରୀତିନୀତି ଅନୁଯାୟୀ ମା'ଙ୍କ ଆରାଧନାରେ ନିଜକୁ ସାମିଲ କରିଛନ୍ତି ।

ପଟ୍ଟାମୁଣ୍ଡାଇ ଥାନା ଅନ୍ତର୍ଗତ ଗୋଗୁଆ ବଜାରରେ ୪ଟି ଗଜଲକ୍ଷ୍ମୀ ମୂର୍ତ୍ତି ସ୍ଥାନ ପାଇଥିବାବେଳେ ପଟ୍ଟାମୁଣ୍ଡାଇ ପୌରାଞ୍ଚଳ ଅନ୍ତର୍ଗତ ପଟ୍ଟାମୁଣ୍ଡାଇ ବ୍ଲକ ରୋଡ଼ରେ ଗୋଟିଏ ମୂର୍ତ୍ତି ଓ ବକ୍ତାରପୁର ଠାରେ ଗୋଟିଏ ମୂର୍ତ୍ତି ସ୍ଥାନ ପାଇଛନ୍ତି । ପଟ୍ଟାମୁଣ୍ଡାଇ ବ୍ଲକ ରୋଡ଼ରେ ଖଡ଼ିଅଣ୍ଟା ସରପଞ୍ଚ ଜୀବନକୃଷ୍ଣ ରାୟ (ଶଙ୍କର ବାବା )ଙ୍କ ଉଦ୍ୟମ ଓ ସ୍ଥାନୀୟ ବ୍ୟବସାୟୀଙ୍କ ସହଯୋଗରେ ଅପୂର୍ବ ସାଜସଜ୍ଜା ସହିତ ଗଜଲକ୍ଷ୍ମୀ ପୂଜା କାର୍ଯ୍ୟକ୍ରମ ସମାରୋହରେ ଚାଲିଥିବାବେଳେ ପୌରାଞ୍ଚଳ ଅନ୍ତର୍ଗତ ବକ୍ତାରପୁର ଓ ବାଲିପଡ଼ା ଠାରେ ମଧ୍ୟ ବିଭିନ୍ନ ସାଜସଜ୍ଜା ସହିତ ପାରମ୍ପରିକ ରୀତିନୀତି ଅନୁଯାୟୀ ମା ଗଜଲକ୍ଷ୍ମୀଙ୍କ ପୂଜାର୍ଚ୍ଚନା ସମାରୋହରେ ଚାଲିଛି । ପ୍ରତ୍ୟେକ ସନ୍ଧ୍ୟାରେ ବିଭିନ୍ନ ଗଜଲକ୍ଷ୍ମୀ ମେଢ଼ ନିକଟରେ ଭଜନଜଣାଣ କାର୍ଯ୍ୟକ୍ରମ ଚାଲୁ ରହିଛି । ଭଲ ପାଗ ଯୋଗୁଁ ଶହ ଶହ ଶ୍ରଦ୍ଧାଳୁ ମା'ଙ୍କ ଦର୍ଶନ କରି ଆଶୀର୍ବାଦ ଭିକ୍ଷା କରୁଛନ୍ତି । ପଟ୍ଟାମୁଣ୍ଡାଇ ପୌରାଧକ୍ଷ ହେମନ୍ତ ସାହୁ ବିଭିନ୍ନ ମେଢ଼ ବୁଲି ମା'ଙ୍କ ଆଶୀର୍ବାଦ ଭିକ୍ଷା କରିଥିଲେ ।

ଶ୍ରୀରାମପୁର ପାଳପାଟଣା ଠାରେ ଧନଦାତ୍ରୀ ମା ଗଜଲକ୍ଷ୍ମୀଙ୍କ ପୂଜା ଉତ୍ସବ ସମାରୋହରେ ଚାଲିଛି । ଅପୂର୍ବ ସାଜସଜ୍ଜା ଓ ଆଲୋକମାଳା ପୂଜା ଉତ୍ସବର ମାହୋଲକୁ ସଂପୂର୍ଣ୍ଣ ରଙ୍ଗୀନ କରିଦେଇଛି । ଶ୍ରୀରାମପୁର ମାଟିର ପୁତ୍ର ତଥା ପଟ୍ଟାମୁଣ୍ଡାଇ ବ୍ଲକ ଅଧକ୍ଷ ପ୍ରଦ୍ୟୁମ୍ନ ସାମନ୍ତରାୟ ପଟ୍ଟାମୁଣ୍ଡାଇ ସମେତ ପାଳପାଟଣାର ଗଜଲକ୍ଷ୍ମୀ ମେଢ଼ ପରିଦର୍ଶନ କରି ମା 'ଙ୍କ ଆଶୀର୍ବାଦ ଭିକ୍ଷା କରିବା ସହିତ ଜନସାଧାରଣଙ୍କୁ ପୂଜା ଅଭିନନ୍ଦନ ଜ୍ଞାପନ କରିଛନ୍ତି । ପଟ୍ଟାମୁଣ୍ଡାଇ ସହର ଓ ଗ୍ରାମାଞ୍ଚଳରେ ମା ଧନଦାତ୍ରୀ ଗଜଲକ୍ଷ୍ମୀ ପୂଜା ଉତ୍ସବକୁ ବିପୁଳ ଆନନ୍ଦଉଲ୍ଲାସ ମଧ୍ୟରେ ଶାନ୍ତିଶୃଙ୍ଖଳାର ସହିତ ପାଳନ କରିବା ପାଇଁ ପଟ୍ଟାମୁଣ୍ଡାଇ ଏସ ଡି ପି ଓ କ୍ଷମାସାଗର ପଣ୍ଡା, ଆଦର୍ଶ ଥାନା ଆଇ ଆଇ ସି ସୁଶାନ୍ତ ସାହୁ ଓ ଗ୍ରାମାଞ୍ଚଳ ଥାନା ଆଇ ଆଇ ସି ପଦ୍ମାଳୟା ପ୍ରଧାନ ବ୍ୟାପକ ବ୍ୟବସ୍ଥା କରିଛନ୍ତି । ଶାରଦୀୟ ଦୂର୍ଗା ପୂଜା ପରେ ମା ଧନଦାତ୍ରୀ ଗଜଲକ୍ଷ୍ମୀ ପୂଜା ଯୋଗୁଁ ସମଗ୍ର ପଟ୍ଟାମୁଣ୍ଡାଇ ସହର ଓ ଗ୍ରାମାଞ୍ଚଳର ମାହୋଲ ସଂପୂର୍ଣ୍ଣ ବଦଳି ଯାଇଛି ।

### ବିଶ୍ୱର ପ୍ରଥମ ବଉଳା କୁମ୍ଭୀର ପ୍ରଜନନ କେନ୍ଦ୍ର

# ୫୦ ବର୍ଷରେ ପାଦ ଥାପିଲା ଭିତରକନିକା ଜାତୀୟ ଉଦ୍ୟାନ



**ରାଜନଗର, ୧୮।୧୦ (ସଂଚାର ବ୍ୟୁରୋ):** ପ୍ରକୃତିର ଗନ୍ତାଘର ସୌନ୍ଦର୍ଯ୍ୟର ଅନନ୍ୟ ଗୌରବ ଗାଥା ପ୍ରକୃତି ରାଣୀ ଭିତରକନିକା ଜାତୀୟଉଦ୍ୟାନ ଏବେ ୫୦ ବର୍ଷରେ ପାଦ ଥାପିଛି। ଏହି ସୁଦୀର୍ଘ କାଳଖଣ୍ଡ ଭିତରେ ଭିତରକନିକା ଜାତୀୟଉଦ୍ୟାନ ବିଭିନ୍ନ କ୍ଷେତ୍ରରେ ଅଜସ୍ର ସ୍ମୃତି ସାଉଁଟି ସାରିଛି। ଜାତୀୟ ଉଦ୍ୟାନର ଅସଂଖ୍ୟ ଘଟଣାବଳୀ ମଧ୍ୟ ଭିତରକନିକା ଛାତି ଭିତରେ ଅଲିଭା ସବୁଜ ହସ୍ତାକ୍ଷର ଲେଖା ସରିଛି।

୧୯୭୫ ମସିହା କଥା, ଆମେରିକାର ୱାସିଂସନ ଡିସି ସହରରେ ବିଶ୍ୱସ୍ତରୀୟ ବନ୍ୟପ୍ରାଣୀ କର୍ମଶାଳାରେ ଭିତରକନିକା ଜାତୀୟ ଉଦ୍ୟାନରେ ପ୍ରବାହିତ ନଦୀନାଳରେ ବସବାସ କରୁଥିବା ବଉଳା କୁମ୍ଭୀର ମାନଙ୍କ ବଂଶ ହ୍ରାସ ପାଇଁ ଉଦ୍‌ବେଗ ପ୍ରକାଶ ପାଇବା ସହିତ ଅଷ୍ଟ୍ରେଲିଆର ବିଶିଷ୍ଟ ପ୍ରାଣୀ ବୈଜ୍ଞାନିକ ଡଃ. ଏଚ.ଆର୍.ବଷ୍ଟାର୍ଡଙ୍କୁ ଦାୟିତ୍ୱ ଦିଆଗଲା। ସେ ଭିତରକନିକା ଘଞ୍ଚ ଅରଣ୍ୟରେ ପାଦ ରଖି ବିଶ୍ୱର ସର୍ବ ପ୍ରଥମ ବଉଳା କୁମ୍ଭୀରର କୃତ୍ରିମ ପ୍ରଜନନ କେନ୍ଦ୍ର ସ୍ଥାପନ କରିଥିଲେ। ସେହିବର୍ଷ ଜୁଲାଇରେ ବ୍ରାହ୍ମଣୀ, ବୈତରଣୀ ଓ ଖରସ୍ରୋତା ନଦୀର ସଂଗମ ସ୍ଥଳରେ ଥିବା ଭିତରକନିକାର କାଳିଭଞ୍ଜଡିଆ ଦ୍ୱୀପରୁ ଗୋଟିଏ କୁମ୍ଭୀର ବସାରୁ ୪୮ଟି ଅଣ୍ଡା ସଂଗ୍ରହ କରି କୃତ୍ରିମ ଉପାୟରେ ହେନ୍ତାଳ ଓ ଖରଖରି ପତ୍ର ସଂଗ୍ରହ କରି କମ୍ଭୀର ବସା ନିର୍ମାଣ କରି ସେଥିରେ ସେହି ଅଣ୍ଡା ଗୁଡ଼ିକ ରଖିଥିଲେ। ୭୦ଦିନ ପରେ ସେହି ଅଣ୍ଡା ଗୁଡ଼ିକରୁ ୨୪ଟି ଛୁଆ ଜନ୍ମ ନେଇଥିଲେ। ସେଥିମଧ୍ୟରୁ ଶଙ୍ଖ ଭଳି ଦେଖା ଯାଉଥିବା ଶାବକ କୁମ୍ଭୀର ସ୍ୱତନ୍ତ୍ର ଭାବେ ଯତ୍ନ ନେଇଥିଲେ।

ପରବର୍ତ୍ତୀ ସମୟରେ ତାର ରୂପ ଲାବଣ୍ୟକୁ ଦେଖି ତାର ନାମ ଗୋରୀ ଦିଆଯାଇଥିଲା। ସେହି ଗୋରୀ ମାଆ କୁମ୍ଭୀରଟି ଆରମ୍ଭରୁ ରହି ଆସୁଥିବା ଆବଦ୍ଧ ପୁଷ୍କରିଣୀ ମଧ୍ୟରେ ନିଃସଙ୍ଗ ଜୀବନ ବିତାଉଛି। ଏବେ ଗୋରୀ ଯୌବନର ଅପରାହ୍ନରେ ପାଦ ଦେଇଥିଲେ ବି ମାଆ ହେବାର ସୌଭାଗ୍ୟ ତା ଭାଗ୍ୟ ଆକାଶରେ ଜୁଟିନି। ଦେଶ ବିଦେଶରୁ ଆସୁଥିବା ଆଗନ୍ତୁକ ପର୍ଯ୍ୟନ୍ତ ହୁଅନ୍ତୁ ବା ପ୍ରାଣି ବୈଜ୍ଞାନିକ, ଗବେଷକ ସଭିଁଙ୍କ ଆକର୍ଷଣର କେନ୍ଦ୍ରବିନ୍ଦୁ ପାଲଟି ଆସୁଛି ନିରୀମାଖି ଗୋରୀ। ଗୋରୀକୁ ଆବିଷ୍କାର କରି ସାରା ଜଗତରେ କୁମ୍ଭୀର ମଣିଷ ଭାବେ ପରିଚିତ ଡଃ. ଏଚ୍. ଆର. ବଷ୍ଟାର୍ଡ ଏବେ ୯୦ ବର୍ଷରେ ପାଦ ଦେଇଥିବା ବେଳେ ୨୦୧୯ ମସିହାରେ ଭିତରକନିକା ଗସ୍ତରେ ଆସି ଗୋରୀ ସହିତ କୁମ୍ଭୀର ପ୍ରଜନନ କେନ୍ଦ୍ର ପରିଦର୍ଶନ କରି ଆନନ୍ଦିତ ହୋଇଥିଲେ।

## ବଉଳା କୁମ୍ଭୀର ନ ଥିଲେ ହେନ୍ତାଳ ବଣ ନ ଥାନ୍ତା

ପ୍ରକୃତିର ବରଦାନ ବଂଗୋପସାଗର ତଟବର୍ତ୍ତୀ ଏହି ଦୁର୍ବାର ସାମୁଦ୍ରିକ ପ୍ରାଚୀର ଭାବରେ ଉଭା ହୋଇଥିବା ଭିତରକନିକାର ହେନ୍ତାଳ ବଣ ୨୦ ଦଶକ ପରଠୁଁ ଉପକୂଳବର୍ତ୍ତୀ ବିଶେଷ କରି କେନ୍ଦ୍ରାପଡ଼ା ଜିଲ୍ଲାକୁ ବିଭିନ୍ନ ପ୍ରାକୃତିକ ସାମୁଦ୍ରିକ ଝଡକୁ ସାମ୍ନା କରି ମଣିଷ ମାନଙ୍କୁ ନିଶ୍ଚିତ ମୃତ୍ୟୁ ମୁଖରୁ ରକ୍ଷା କରି ଆସୁଛି। ସାମୁଦ୍ରିକ ଜୁଆରର ଲୁଣା ପାଣି ଓ ବ୍ରାହ୍ମଣୀ, ବୈତରଣୀ, ଖରସ୍ରୋତା ମିଠା ପାଣିର ସଂଯୋଗରେ ହି ବିଶ୍ୱ ବିଦିତ ଲୁଣା ଜଙ୍ଗଲ ତିଷ୍ଠରହିଛି। ଅପରପକ୍ଷେ ଏହି ନଦୀ ମାନଙ୍କରେ ବଉଳା କୁମ୍ଭୀର ମାନେ ବସ ବାସ କରୁଥିବାରୁ ସେମାନଙ୍କ ଆକ୍ରମଣ ଭୟରେ ଜଙ୍ଗଲ ଦସ୍ୟୁମାନେ ଜଙ୍ଗଲ କାଟିବାକୁ ସାହାସ କରି ପାରୁନାହାଁନ୍ତି। ଯେମିତି ମହାବଳ ବାଘ ପାଇଁ ଶିମିଳିପାଳ ସୁରକ୍ଷିତ, ବଉଳା କୁମ୍ଭୀର ପାଇଁ ଭିତରକନିକାର ହେନ୍ତାଳବଣ ସୁରକ୍ଷିତ ବୋଲି ଭାରତର ବିଶିଷ୍ଟ କୁମ୍ଭୀର ବିଶାରଦ ଡଃ. ସୁଧାକର କର କହିଛନ୍ତି।

## କୁମ୍ଭୀର-ମଣିଷ ଲଢେଇର ଶେଷ କେବେ ?

ସମୟର ବିବର୍ତ୍ତମାନରେ ଏବେ ଭିତରକନିକା ଜାତୀୟ ଉଦ୍ୟାନରେ ପ୍ରବାହିତ ନଦୀ ନାଳରେ ବଉଳା କୁମ୍ଭୀରଙ୍କ ସଂଖ୍ୟା ୧୮୧୧ ହୋଇ ସାରିଲେଣି। ସୀମିତ ଜଳରାଶିରେ ସେମାନଙ୍କ ବାସସ୍ଥାନ ସଂକୁଚିତ ହୋଇଯିବାରୁ ସେମାନେ ଅନେକ ସମୟରେ ଜାତୀୟ ଉଦ୍ୟାନକୁ ସଂଯୋଗ କରୁଥିବା ନଦୀ ମାନଙ୍କରେ ପ୍ରବେଶ କରି ନଈ କୂଳିଆ ଗାଁ ମାନଙ୍କରେ ଆତଙ୍କ ସୃଷ୍ଟି କରୁଛନ୍ତି। ଗଭୀର ପାଣି ଭିତରେ ଆତ୍ମ ଗୋପନ କରି ନଦୀ ଉପରେ ନିର୍ଭର କରି ଆସୁଥିବା ଲୋକଙ୍କୁ ଝାମ୍ପି ନେଇ ଖାଇ ଯାଉଛି। ଅନେକ ସମୟରେ କୁମ୍ଭୀର ଓ ମଣିଷ ମଧ୍ୟରେ ଲଢେଇ ଦେଖିବାକୁ ମିଳିଥାଏ। କେଉଁଠି କୁମ୍ଭୀର ମଣିଷକୁ ଝାମ୍ପି ନେଇ ଯାଉଥିବା ବେଳେ ତ କେଉଁଠି ମଣିଷ କୁମ୍ଭୀର ସହିତ ଲଢେଇ କରି ନିଜ ଜୀବନ ବଞ୍ଚାଇ ପାରିଥାଏ। ତେବେ ମଣିଷ-କୁମ୍ଭୀର ଲଢେଇର ଶେଷ ଅଙ୍କର ଶେଷ ଦୃଶ୍ୟ କେବେ ହେବ, ତାହା କିଏ କହିବ ? ଏହାକୁ ନେଇ ଜାତୀୟ ସ୍ତରରେ ବିତର୍କ ଜାରି ରହିଛି।

# ବିଭିନ୍ନ ମଣ୍ଡପରେ ଝଲସୁଛି ମା' ଗଜଲକ୍ଷ୍ମୀଙ୍କ ମେଢ଼

**କେନ୍ଦ୍ରାପଡ଼ା, ୧୮।୧୦ (ସଂଚାର ବ୍ୟୁରୋ):** ମା' ଗଜଲକ୍ଷ୍ମୀଙ୍କ ଆବାହନ ପାଇଁ ଚଳଚଞ୍ଚଳ ପୁରା କେନ୍ଦ୍ରାପଡ଼ା ସହର। ଧନଧାନ୍ୟର ଦେବୀ ମା ଗଜଲକ୍ଷ୍ମୀଙ୍କ ପୂଜାକୁ କେନ୍ଦ୍ରାପଡ଼ା ଜିଲ୍ଲାରେ ଗଣପର୍ବ ଭାବେ ପାଳନ କରାଯାଇଥାଏ। ସାତଦିନ ଧରି ଚାଲିବାକୁ ଥିବା ଏହି ଗଣପର୍ବ ଆଜି ତୃତୀୟ ଦିନରେ ପହଞ୍ଚିଛି । ମା'ଙ୍କ ମୃଣ୍ମୟୀ ମୂର୍ତ୍ତି ବିଭିନ୍ନ ସ୍ଥାନରେ ପୂଜା ପାଉଥିବା ବେଳେ ଭକ୍ତ ଦର୍ଶନ ନିମନ୍ତେ ଭିଡ଼ ଜମାଉଛନ୍ତି । କେନ୍ଦ୍ରାପଡ଼ା ସହରରେ ଚଳିତ ବର୍ଷ ସମୁଦାୟ ୬୮ଟି ମେଢ଼ ପୂଜା ପାଉଛନ୍ତି । ଗଣପର୍ବ ଗଜଲକ୍ଷ୍ମୀ ପୂଜା ପାଇଁ ସହରର ଛୋଟ ଠାରୁ ଆରମ୍ଭ କରି ବଡ଼ ପୂଜା କମିଟି ନିଜକୁ ପ୍ରସ୍ତୁତ କରି ଦେବୀଙ୍କ ମୃଣ୍ମୟୀ ମୂର୍ତ୍ତିରେ ଶେଷ ସ୍ପର୍ଶ ଦେବା ସହ ମଣ୍ଡପରେ ବିଭିନ୍ନ ରଙ୍ଗ ବେରଙ୍ଗ ଲାଇଟ୍ ଲଗାଇ ଆଲୋକିତ କରିଛନ୍ତି।



କେବଳ କେନ୍ଦ୍ରାପଡ଼ା ସହର ନୁହେଁ ସହର ଉପକଣ୍ଠ ଡେରାବିଶ୍, ପଟ୍ଟାମୁଣ୍ଡାଇ, ରାଜକନିକା, ଆଳି, ଗରଦପୁର ଆଦି ବ୍ଲକରେ ଅନ୍ୟୁନ ୧୫୦ଟି ସ୍ଥାନରେ ମା'ଲକ୍ଷ୍ମୀଙ୍କୁ ଆରାଧନା କରାଯିବା ସହ ସୁନ୍ଦର ସୁନ୍ଦର ତୋରଣ ପ୍ରସ୍ତୁତ କରାଯାଇଛି। ସହର ଉପକଣ୍ଠରେ ଥିବା ସଦଭାବନା କ୍ଲବ ଗତ ବର୍ଷ ସୁନ୍ଦର ତୋରଣ ନିର୍ମାଣ କରି ଭକ୍ତଙ୍କ ପ୍ରଶଂସା ସାଉଁଟିଥିବା ବେଳେ ଚଳିତବର୍ଷ ସୁଦୂର କଲିକତାରୁ କାରିଗର ଆଣି ତୋରଣ ନିର୍ମାଣ କରି ସମସ୍ତଙ୍କ ପାଇଁ ଆକର୍ଷିତ ପାଲଟିଛି। ଏଥିସହ ଗଜଲକ୍ଷ୍ମୀଙ୍କ ମେଳଣ ପାଇଁ ଓଡିଶା ତଥା ଓଡିଶା ବାହାରର ବ୍ରାସ(ବାଜା)ପାର୍ଟି ସେମାନଙ୍କ ଜଲୱା ଦେଖାଇବା ପାଇଁ ପ୍ରସ୍ତୁତ ହେଉଥିବା ବେଳେ ପ୍ରଶାସନ ସଜାଗ ରହି ପୂଜାକୁ ଶାନ୍ତି ଶୃଙ୍ଖଳାରେ ସମାପନ ପାଇଁ ସମସ୍ତ ପୂଜା କମିଟି ସହ ଏକ ସ୍ୱତନ୍ତ୍ର ବୈଠକ କରାଯାଇଛି। ପୂଜାରେ କିପରି ଦର୍ଶକମାନେ ଆସିକି ଦର୍ଶନ କରିବେ, ଚୋରି ଛୀନତାଇ ନହବ, ଏବଂ ଏକ ସ୍ୱଚ୍ଛ ପୂଜା ପାଳନ କରାଯିବ ସେ ନେଇ ଅନେକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତି ନିଆଯାଇଛି। ସବୁଠୁ ବଡ କଥା ହେଲା ଚଳିତ ବର୍ଷ ପୂଜା ଭସାଣି ରେ ବାଣକୁ ମନାକରାଯିବା ସହ ଡିଜେ ସାଉଣ୍ଡରେ ଯେଉଁ ଭାଇବ୍ରେଟର ଲାଗିଥାଏ, ସେସବୁକୁ ସମ୍ପୂର୍ଣ୍ଣ ଭାବେ ବନ୍ଦ କରାଯାଇଛି। ମେଳଣରେ ପୁରୁଣା ବସଷ୍ଟାଣ୍ଡରୁ ନୂଆ ବସଷ୍ଟାଣ୍ଡ ପର୍ଯ୍ୟନ୍ତ ୨୬ଟି ମେଢ଼ ଯିବାକୁ ଥିବା ବେଳେ ପୁରୁଣା ବସଷ୍ଟାଣ୍ଡରୁ କେଶପୁର ବଜାର ପର୍ଯ୍ୟନ୍ତ ୨୧ଟି ମେଢ଼ ଯିବା ପାଇଁ ପ୍ରଶାସନିକ ପ୍ରସ୍ତୁତି ରହିଥିବା ସୂଚନା ମିଳିଛି ।

### ଅଙ୍ଗନୱାଡ଼ି କର୍ମୀଙ୍କୁ ସୁପରଭାଇଜରଙ୍କ ଗାଳିଗୁଲଜ ଘଟଣା

# ୨୧ରେ ଧାରଣାରେ ବସିବେ

**ରାଜନଗର, ୧୮।୧୦ (ସଂଚାର ବ୍ୟୁରୋ):** ରାଜନଗର ବ୍ଲକ ସମନ୍ୱିତ ଶିଶୁ ବିକାଶ ଯୋଜନାରେ କାର୍ଯ୍ୟରତ ସୁପରଭାଇଜର ଅଙ୍ଗନୱାଡ଼ି କର୍ମୀଙ୍କୁ ଗାଳି ଗୁଲଜ କରିଥିବା ନେଇ ସିଡିପିଓ ଦାୟିତ୍ୱରେ ଥିବା ବିଡିଓଙ୍କ ନିକଟରେ ଅଙ୍ଗନୱାଡ଼ି କର୍ମୀମାନେ ଗତ ୪ ତାରିଖରେ ଅଭିଯୋଗ କରିଥିଲେ। ସେମାନଙ୍କ ଅଭିଯୋଗ ମୁତାବକ ୨ ତାରିଖ ଦିନ ମହାଳୟା ଛୁଟି ଥିଲା। ଇଶ୍ୱରପୁର ସେକ୍ଟରର କେତେଜଣ ଅଙ୍ଗନୱାଡ଼ି କର୍ମୀ ମୋବାଇଲରେ ପୋଷଣ ଅନ୍ କରି ନଥିଲେ। ଇଶ୍ୱରପୁର ସେକ୍ଟର ଦାୟିତ୍ୱରେ ଥିବା ସୁପରଭାଇଜର ବିଜୟାଲକ୍ଷ୍ମୀ ସ୍ୱାଇଁ ଇଶ୍ୱରପୁର ସେକ୍ଟର ହ୍ୱାଟ୍‌ସଆପ୍ ଗ୍ରୁପରେ ଧମକପୂର୍ଣ୍ଣ ଅଡିଓ ମ୍ୟାସେଜ ପଠାଇଥିଲେ। ମ୍ୟାସେଜରେ ଅଶ୍ଳୀଳ ଭାଷାରେ ଗାଳି ଗୁଲଜ ସହିତ ଚୋରଣୀ, ଗଧୁଣି ଆଦି କହିଥିବା ନେଇ ଅଭିଯୋଗ କରିଥିଲେ। ଏ ନେଇ ୧୪ ଦିନ ବିତିଯାଇଥିଲେ ମଧ୍ୟ ସମ୍ପୃକ୍ତ ସୁପରଭାଇଜରଙ୍କ ବିରୁଦ୍ଧରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାନଯିବାରୁ ଆସନ୍ତା ୨୧ ତାରିଖ ସୋମବାର ଦିନ ସିଡିପିଓଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣରେ ବସିବେ ବୋଲି ଇଶ୍ୱରପୁର ସେକ୍ଟରର ଅଙ୍ଗନୱାଡ଼ି କର୍ମୀ ମଞ୍ଜୁବାଳା ମଲିକ, ପ୍ରଭାତ ନଳିନୀ ମହାନ୍ତି, ଦୀପାଳି ମଲିକ, ପ୍ରମିଳା ରାଉଳ, ମହିମା ଦାସ, ମାଳତୀ ସୁତାର, ବେଲବତୀ ରାଉତ, କନକଲତା ଦାସ ପ୍ରମୁଖ ସିଡିପିଓ ଦାୟିତ୍ୱରେ ଥିବା ବିଡିଓଙ୍କୁ ଲିଖିତ ଭାବେ ଜଣାଇଛନ୍ତି।



# ଶ୍ରୀବଳଦେବଜୀଉ ମନ୍ଦିର ପରିଦର୍ଶନ କଲେ ଦେବୋତ୍ତର ସହକାରୀ କମିଶନର

**କେନ୍ଦ୍ରାପଡା, ୧୮।୧୦ (ସଂଚାର ବ୍ୟୁରୋ):** ତୁଳସୀ କ୍ଷେତ୍ରର ଆରାଧ୍ୟ ଦେବତା ପ୍ରଭୁ ସିଦ୍ଧ ବଳଦେବଜୀଉଙ୍କ ମନ୍ଦିର ପରିଭ୍ରମଣ କରିଛନ୍ତି ରାଜ୍ୟ ସରକାରଙ୍କ ଦେବୋତ୍ତର ବିଭାଗର କଟକ ଜୋନର ଅତିରିକ୍ତ ସହକାରୀ କମିଶନର ପ୍ରକାଶ କୁମାର କର । ଦିନିକିଆ କେନ୍ଦ୍ରାପଡା ଗସ୍ତରେ ଆସି ଆରାଧ୍ୟ ଦେବ ଶ୍ରୀ ବଳଦେବଜୀଉଙ୍କୁ ଦର୍ଶନ କରିବା ସହ ମନ୍ଦିର ପରିଦର୍ଶନ କରିଥିଲେ । ଶ୍ରୀ କର ଇଛାପୁରରେ ପହଁଚିବା ପରେ ମନ୍ଦିର କାର୍ଯ୍ୟ ନିର୍ବାହୀ ଅଧିକାରୀ ବଳଭଦ୍ର ପତ୍ରୀ ତଥା ଦେବୋତର ବିଭାଗର ଇନିସପେକ୍ଟର ଶକ୍ତି ପ୍ରସାଦ ନାୟକ ପ୍ରମୁଖ ତାଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇଥିଲେ । ପରେ ଶ୍ରୀ କର ଦିଅଁ ମାନଙ୍କୁ ଦର୍ଶନ କରି ଆଶିର୍ବାଦ ଭିକ୍ଷା କରିବା ସହ ମନ୍ଦିର ପରିସର ବୁଲି ବିଭିନ୍ନ ଉନ୍ନୟନ ମୂଳକ କାର୍ଯ୍ୟ ପର୍ଯ୍ୟବେକ୍ଷଣ କରିବା ସହ ବିଭିନ୍ନ ପରାମର୍ଶ ଦେଇଥିଲେ ।

ମନ୍ଦିର ପରିସରରେ ଥିବା ଝୁଲଣ ଘର ଓ ଅନ୍ୟାନ୍ୟ ବାରଣ୍ଡାରେ ବହୁ ସଂଖ୍ୟକ ସିନ୍ଦୁକ ରଖାଯାଇଥିବାରୁ ଅସନ୍ତୋଷ ପ୍ରକାଶ କରିବା ସହ ଏହାକୁ ତୁରନ୍ତ ବିକଳ୍ପ ବ୍ୟବସ୍ଥା କରି ଅନ୍ୟତ୍ର ସ୍ଥାନାନ୍ତର କରିବା ପାଇଁ ନିର୍ବାହୀ ଅଧିକାରୀଙ୍କୁ ପରାମର୍ଶ ଦେଇଥିଲେ । ମନ୍ଦିରର ସୌନ୍ଦର୍ଯ୍ୟ ରକ୍ଷା କରିବା, ଶ୍ରଦ୍ଧାଳୁ ଭକ୍ତ ମାନଙ୍କୁ ଦର୍ଶନରେ ସହାୟତା କରିବା ତଥା ପରିବେଶ କୁ ସ୍ୱଚ୍ଛ ଓ ପବିତ୍ର ରଖିବା ସମସ୍ତଙ୍କର ଦାୟିତ୍ୱ ବୋଲି ମତବ୍ୟକ୍ତ କରିଥିଲେ । ସୋବକ ମାନଙ୍କ ପକ୍ଷରୁ ତାଙ୍କୁ ଜୀୟୁ ମାନଙ୍କ ଅଙ୍ଗବସ୍ତ୍ର ପ୍ରଦାନ କରାଯାଇ ସମ୍ବର୍ଦ୍ଧିତ କରାଯାଇ ଥିଲା । ଏହି ପରିଦର୍ଶନ ସମୟରେ ଦେବୋତର ନିର୍ବାହୀ ଅଧିକାରୀ ବଳଭଦ୍ର ପତ୍ରୀ ସହାୟତା କରିବା ସହ ଆବଶ୍ୟକୀୟ ତଥ୍ୟ ପ୍ରଦାନ କରିଥିଲେ ।



## ପୂର୍ବତନ ସାଂସଦ ପ୍ରଭାତ ସାମନ୍ତରାୟଙ୍କ ବିୟୋଗରେ ଶୋକ

**ପଟ୍ଟାମୁଣ୍ଡାଇ,୧୮।୧୦(ସଂଚାର ବ୍ୟୁରୋ):** ବିଶିଷ୍ଟ ଶ୍ରମିକ ନେତା କେନ୍ଦ୍ରାପଡ଼ା ପୂର୍ବତନ ସାଂସଦ ପ୍ରଭାତ ସାମନ୍ତରାୟଙ୍କ ପରଲୋକରେ ପଟ୍ଟାମୁଣ୍ଡାଇ ଅଂଚଳର ବିଭିନ୍ନ ମହଲରେ ଶୋକର ଛାୟା ଖେଳିଯାଇଛି । ରାଜନଗର ବିଧାୟକ ଧ୍ରୁବ ସାହୁ, ପୂର୍ବତନ ବିଧାୟକ ଅଂଶୁମାନ ମହାନ୍ତି, ପଟ୍ଟାମୁଣ୍ଡାଇ ସଂଗ୍ରାମ ସମିତି ସଭାପତି ନୃସିଂହ ଆଚାର୍ଯ୍ୟ ପଟ୍ଟାମୁଣ୍ଡାଇ -ରାଜନଗର ବିକାଶ ପରିଷଦ ପ୍ରତିଷ୍ଠାତା ବିଜୟ କେତନ ସ୍ୱାଇଁ, ପଟ୍ଟାମୁଣ୍ଡାଇ ବ୍ଲକ ଅଧକ୍ଷ ପ୍ରଦ୍ୟୁମ୍ନ ସାମନ୍ତରାୟ, ପୌର ପରିଷଦ ଅଧକ୍ଷ ହେମନ୍ତ ସାହୁ ପ୍ରମୁଖ ଗଭୀର ଶୋକ ପ୍ରକାଶ କରି ପ୍ରଭାତଙ୍କ ବିୟୋଗ ସମଗ୍ର ଶ୍ରମିକ ସମାଜ ପାଇଁ ଏକ ଅପୂରଣୀୟ କ୍ଷତି ବୋଲି ମତପ୍ରକାଶ କରି ଶୋକ ସନ୍ତପ୍ତ ପରିବାରକୁ ସମବେଦନା ଜ୍ଞାପନ କରିଛନ୍ତି ।

# ମିଶନ ଶକ୍ତି ମହାସଂଘ କମିଟି ପୂର୍ନଗଠନ ଦାବି

**କେନ୍ଦ୍ରାପଡା, ୧୮।୧୦ (ସଂଚାର ବ୍ୟୁରୋ):** କେନ୍ଦ୍ରାପଡା ବ୍ଲକ ଅଧିନ ଗାଙ୍ଗପଡା ପଞ୍ଚାୟତରେ ଥିବା ମିଶନ ଶକ୍ତି ମହାସଂଘ ରେ ବିଭିନ୍ନ ପ୍ରକାର ଅନିୟମିତତା ହେଉଥିବା ନେଇ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିବା ସହିତ ଆଜି ଏନେଇ ଅତିରିକ୍ତ ଜିଲ୍ଲାପାଳଙ୍କ ନିକଟରେ ଅଭିଯୋଗ କରିଛନ୍ତି ଗାଙ୍ଗପଡ଼ା ମିଶନ ଶକ୍ତି ମହିଳା ମାନେ। ମହାସଂଘ କମିଟିର ପ୍ରତି ୨ ବର୍ଷରେ ଥରେ ପୁନଃଗଠନ ନିୟମ ଥିବାବେଳେ ଏମ୍‌ବିକେ ନିଜର ବ୍ୟକ୍ତିଗତ ସ୍ୱାର୍ଥପାଇଁ ଚଂଚକତା କରି କମିଟିର ପୁନଃ ଗଠନ କରୁନଥିବା ଅଭିଯୋଗ କରିଛନ୍ତି । ମହାସଂଘର ସଭାପତି ଓ ସଂପାଦକ ତଥା ବ୍ୟାଙ୍କମିତ୍ର ପ୍ରମୁଖ ଏଥିରେ ସାମିଲ ଥାଇ ସଭ୍ୟ/ସଭ୍ୟା ମାନଙ୍କୁ ଗୁରୁତ୍ୱ ଦେଇ ନିଜ ମନଇଛା କାର୍ଯ୍ୟକରି ଚାଲିଛନ୍ତି । ଏହା ସହ ସିଆରପି, ସିଏମ୍ ଦାୟିତ୍ୱରେ ଥିବା ଜୟନ୍ତୀ ଦାସଙ୍କୁ କୌଣସି କାର୍ଯ୍ୟ ନଦେଇ ନିଜେ ସମସ୍ତ କାର୍ଯ୍ୟ କରାଉଥିବା ଅଭିଯୋଗ ହୋଇଛି । ଏନେଇ ପୂର୍ବତନ ଜିଲ୍ଲା ପରିଷଦ ଉପାଧ୍ୟକ୍ଷା ମମତାରାଣୀ ଧଳଙ୍କ ନେତୃତ୍ୱରେ ମିଶନ ଶକ୍ତିର ସଦସ୍ୟା ଜୟନ୍ତୀ ଦାସ, ସାବିତ୍ରୀ ଦାସ, ଅନୁସୟା ନାୟକ, କୁନ୍ତଳା ବଳ ପ୍ରମୁଖ ସଭ୍ୟାମାନେ ଜିଲ୍ଲାପାଳଙ୍କ ନିକଟରେ ଅଭିଯୋଗ କରି ସମିତିର ପୁନଃ ଗଠନ ଦାବି କରିଛନ୍ତି ।



### ଠିକାସଂସ୍ଥାର ମନମାନୀ

# ଘରୁ ଅଳିଆ ସଂଗ୍ରହ ପରେ ପଡୁଛି ବାହାରେ

**◆ ପୌରପରିଷଦ ନିଦାବିଷ୍ଟ ସାଜିଛି ! ◆ ପରିବେଶ ଉପରେ ପଡୁଛି କୁପ୍ରଭାବ**

**ଜଗତସିଂହପୁର, ୧୮।୧୦ (ସଂଚାର ବ୍ୟୁରୋ):** ରାଜ୍ୟ ସରକାର ପୌରାଞ୍ଚଳ ଗୁଡିକୁ ସରସ ସୁନ୍ଦର କରିବାକୁ କୋଟି କୋଟି ଟଙ୍କା ଅର୍ଥ ବରାଦ କରିଛନ୍ତି। ସ୍ୱଚ୍ଛତାକୁ ଗୁରୁତ୍ୱ ଦେଇ ସହରକୁ ଅଳିଆ ମୁକ୍ତ କରିବାକୁ ସ୍ୱଛ ସାଥୀମାନଙ୍କୁ ନିୟୋଜିତ କରି ପ୍ରତ୍ୟେକ ଘରୁ ଅଳିଆ ଉଠାଇବାର ବ୍ୟବସ୍ଥା କରିଛନ୍ତି। ବ୍ୟାଟେରୀ ଚାଳିତ ଅଳିଆ ବୁହା ଗାଡି ମାଧ୍ୟମରେ ପ୍ରତି ଗଳିରୁ ଘରର ଆବର୍ଜନା ସଂଗ୍ରହ କରିବାକୁ କର୍ମଚାରୀମାନଙ୍କୁ ନିୟୋଜିତ କରାଯାଇଛି। ମାତ୍ର ଜଗତସିଂହପୁର ସଦର ମହକୁମାରେ ସ୍ୱଛତାକୁ ନେଇ ବଡ଼ ବ୍ୟତିକ୍ରମ ରହିଛି । ସହରକୁ ସ୍ୱଚ୍ଛ ସୁନ୍ଦର କରି ଗଢି ତୋଳିବାରେ ପୌରପରିଷଦର କାର୍ଯ୍ୟକାରିତା ଉପରେ ଲୋକଙ୍କ ପ୍ରଶ୍ନବାଚୀ ସୃଷ୍ଟି ହେଉଛି । ଯୁଆଡେ ଦେଖିବ ଖାଲି କୁଢ଼ କୁଢ଼ ଅଳିଆ। ଜଗତସିଂହପୁର ପୌରପରିଷଦର ଅଳ୍ପଦୂରତାରେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ପରିସର ପଛପଟରେ ପଡିରହିଛି କୁଢ଼କୁଢ଼ ଅଳିଆ ଆବର୍ଜନା। ତା ସାଙ୍ଗକୁ ରାସ୍ତାର ସ୍ଥିତି ଅଣାୟତ ହେଉଛି । ବର୍ଷାରେ ଅଧା ୱାର୍ଡରେ ଡ୍ରେନ ସଫା ହେଉନଥିବା ବଡ଼ ଚିନ୍ତା ବିଷୟ ପାଲଟିଛି । ଏଭଳି ଅବ୍ୟବସ୍ଥା ସତ୍ତ୍ୱେ ବି ପ୍ରଶାସନ କିଛି ପଦକ୍ଷେପ ନେଉନଥିବା ବଡ଼ ଚିନ୍ତାର ବିଷୟ ପାଲଟିଛି।



ଜଗତସିଂହପୁର ପୌରପରିଷଦ ପକ୍ଷରୁ ସହରରେ ସ୍ୱଚ୍ଛତାକୁ ଅଣଦେଖା କରୁଛି ବୋଲି ଜନମାନସରେ ଚର୍ଚ୍ଚା ଚାଲିଛି । ପୌରପରିଷଦ କର୍ତ୍ତୃପକ୍ଷ ସହରର ସ୍ୱଚ୍ଛତା ଆଗ୍ରଧିକରଣ ଦେଉନାହାନ୍ତି ଯାହା ଫଳରେ ୱାର୍ଡ ଗୁଡ଼ିକ ବିଭିନ୍ନ ସମସ୍ୟା ମଧ୍ୟରେ ଘାଣ୍ଟି ହେଉଛି । ଜିଲ୍ଲାମୁଖ୍ୟ ଚିକିତ୍ସାଳୟ ପରିସରରେ କୁଢ଼କୁଢ଼ ଆବର୍ଜନା ଜମା ହୋଇ ରହିଥିଲେ ମଧ୍ୟ ଉଠାଯାଉନାହିଁ । ଖୋଲା ଜାଗାରେ ସମସ୍ତେ ଅଳିଆ ପକାଇବାକୁ ବାଧ୍ୟ ହେଉଛନ୍ତି। ଅପରପକ୍ଷରେ କେତେକ ଅଞ୍ଚଳରେ ଡ୍ରଷ୍ଟବିନ ରଖାଯାଇଛି ହେଲେ ସେଗୁଡ଼ିକ ଭଙ୍ଗାଦଦରା ହୋଇପଡିଛି । ସେଗୁଡିକ ଭାଙ୍ଗି ଯାଇଥିବାରୁ ଅଳିଆ ସବୁ ରାସ୍ତାରେ ପଡ଼ିରହୁଛି। ଏପରିକି ଅଧିକ ଦିନ ରହିଲେ ସେଥିରୁ ପଚାପାଣି ବାହାରି ଗନ୍ଧ ଛାଡୁଛି। ବର୍ଷା ଦିନର କଥା ତ ନକହିବା ଭଲ। ଏନେଇ ବାରମ୍ବାର ଅଭିଯୋଗ ହେଉଥିଲେ ବି କେହି ଶୁଣୁନଥିବା ଅଭିଯୋଗ ହୋଇଛି ।

ସେହିପରି ମେଡ଼ିକାଲ କେନାଲ ରୋଡ଼ରେ ପରିବାର ଓ ଜଳଖିଆ ଦୋକାନ ବ୍ୟବସାୟୀ ମାନଙ୍କ ଅବସ୍ଥା ସବୁଠୁ ବଳି ପଡିଛି । ମେଡ଼ିକାଲ କଡ଼ରେ ଅଳିଆ ଆବର୍ଜନା ଗଦା ହୋଇ ରହୁଛି ଯେ ଉଠିବାର ନାଁ ଧରୁନି। ଆବର୍ଜନାମୟ ପରିବେଶରେ ବ୍ୟବସାୟୀମାନେ ପରିବାପତ୍ର ବିକ୍ରି କରୁଛନ୍ତି । ଲୋକମାନଙ୍କ ପାଖରେ ଅନ୍ୟତ୍ର ବିକଳ୍ପ ନଥିବାରୁ ଅନିଚ୍ଛାସତ୍ତ୍ୱେ ଆସିବାକୁ ବାଧ୍ୟ ହୋଇଛନ୍ତି । ଏମିତି ପରିବେଶ ଯଦି ଆଗକୁ ଜାରି ରହେ ତେବେ ଡେଙ୍ଗୁ ସଂକ୍ରମଣ ସାଙ୍ଗକୁ ଅନ୍ୟ ରୋଗର ସଂକ୍ରମଣ ବ୍ୟାପିବା କିଛି ଅସମ୍ଭବ ନୁହେଁ। ସହରର ପରିବେଶକୁ ଦେଖିଲେ ମନେ ହୁଏ ସତେ ଯେମିତି ମଶାମାଛି ଓ ସଂକ୍ରମଣ ରୋଗର ଏହା ହେଉଛି ଉତ୍ପତ୍ତିସ୍ଥଳ ।

ଅଳିଆ ସାଙ୍ଗକୁ ଦୀର୍ଘଦିନ ହେଲା ଚାତ୍ରାରା ୱାର୍ଡରେ ଥିବା କେନାଲରୁ ପଙ୍କ କଢ଼ା ଯାଇ ଗୋଟିଏ ପାର୍ଶ୍ୱରେ ଗଦା ଯାଇଛି । ଏହି ବାଟଦେଇ ହାଟବଜାର ଏବଂ ତହସିଲ, ବ୍ଲକ କାର୍ଯ୍ୟାଳୟକୁ ଦୈନିକ ଲୋକଙ୍କ ଯାତାୟାତ ଲାଗି ରହିଥାଏ । ବର୍ତ୍ତମାନ ସହରରେ ଯେଉଁଭଳି ଡେଙ୍ଗୁ ଆତଙ୍କ ବୃଦ୍ଧି ପାଉଛି ଏହାକୁ ଦେଖିଲେ ଉକ୍ତ ରାସ୍ତା ଦେଇ ଯିବା ଆସିବା କରିବାକୁ ସାଧାରଣ ଲୋକଙ୍କ ମନରେ ଭୟ ସୃଷ୍ଟି ହେଉଛି। ମାତ୍ର ପୌରପରିଷଦ କିମ୍ବା ସଫେଇ କାର୍ଯ୍ୟକରୁଥିବା ଠିକାସଂସ୍ଥାର ନିଦ ଭାଙ୍ଗୁନାହିଁ। ଅନ୍ୟପକ୍ଷରେ ଠିକାସଂସ୍ଥାକୁ ଦାୟିତ୍ୱ ଦେବା ପରେ ପୌରପରିଷଦ ଚୁପ ହୋଇବସି ଯାଉଛି । ତଦାରଖ କରିବାକୁ କେହି ବି ନାହାନ୍ତି। ତେଣୁ ଠିକାସଂସ୍ଥା ମନମୁଖୀ କାର୍ଯ୍ୟ କରିଚାଲିଛି। ଯାହାର ପରିଣାମ ସାଧାରଣ ଲୋକ ଭୋଗିବା ସହ ପରିବେଶ ଉପରେ ଏହାର କୁପ୍ରଭାବ ପଡୁଛି ବୋଲି ସାଧାରଣରେ ମତପ୍ରକାଶ ପାଉଛି ।

# ମଣ୍ଡପରୁ ବାହାରି ପାରୁନାହାନ୍ତି ମା' ଦୁର୍ଗା

### ମାମଲା କୋର୍ଟରେ, ଥାନା ଅଧିକାରୀ ନିରୁପାୟ

**ଯାଜପୁର, ୧୮।୧୦ (ସଂଚାର ବ୍ୟୁରୋ):** ମା ଦୂର୍ଗାଙ୍କ ବିସର୍ଜନକୁ ନେଇ ଦେଖାଦେଇଛି ବିବାଦ । ପୂଜା ସରିବାର ୫ ଦିନ ବିତିଯାଇଥିଲେ ମଧ୍ୟ ଏଯାଏଁ ମା ଦୁର୍ଗାଙ୍କର ମୂର୍ତ୍ତି ମଣ୍ଡପ ଭିତରେ ତାଲା ପଡ଼ି ରହିଛି । ଏଭଳି ଅଭାବନୀୟ ଦୃଶ୍ୟ ଦେଖିବାକୁ ମିଳିଛି ଯାଜପୁର ରାମବଗ ଛକ ଠାରେ ଥିବା ମା ଦୂର୍ଗା ମଣ୍ଡପରେ ।

ସୂଚନା ଅନୁଯାୟୀ ଯାଜପୁର ଥାନା ଅଧୀନ ରାମବଗ ଅଞ୍ଚଳରେ ଅନୁଷ୍ଠିତ ହେଉଥିବା ମା ଦୁର୍ଗାଙ୍କ ପୂଜା ପରେ ଜମିବାଡି ବିବାଦ ଯୋଗୁଁ ମାଆଙ୍କର ଭସାଣି ହୋଇପାରୁନାହିଁ। ରାମବାଗ ବଜାରରେ ହୋଇଥିବା ଦୁର୍ଗା ପୂଜା କମିଟି ସ୍ଥାନୀୟ ଅଞ୍ଚଳର ଜମି ମାଲିକଙ୍କ ମଧ୍ୟରେ ପୂର୍ବରୁ ଲାଗିଥିବା ବିବାଦ ଯୋଗୁଁ ଏଭଳି ସମସ୍ୟା ଦେଖିବାକୁ ମିଳିଛି। ଜମି ମାଲିକଙ୍କ ଦ୍ୱାରା ସେଠାରେ ଘର କାମ ଚାଲୁଥିବା ବେଳେ ପୂଜା କମିଟି ପକ୍ଷରୁ ଏହାକୁ ରୋକିବାକୁ ୧୬୩ ଧାରା ଲାଗୁ କରାଯାଇଥିଲା। ଫଳରେ ପୂଜା ମଣ୍ଡପ ଆଗରେ ଘର ମାଲିକ ପୂର୍ବରୁ ବାଲି ଗଦା କରିଥିଲେ ହେଁ ଏ ପର୍ଯ୍ୟନ୍ତ ସଫା ହୋଇ ପାରି ନାହିଁ। ଫଳରେ ମାଆଙ୍କ ମୂର୍ତ୍ତି ବାହାରକୁ ଆସି ପାରୁନାହିଁ କିମ୍ବା ଭସାଣି ହୋଇ ପାରୁ ନାହିଁ। ଏହି ବିବାଦ ଯୋଗୁଁ କମିଟି ସଦସ୍ୟମାନେ ବିଭିନ୍ନ ଅଫିସ, ଥାନାର ଦ୍ୱାରସ୍ଥ ହୋଇଥିଲେ ମଧ୍ୟ ମାମଲା କୋର୍ଟରେ ଥିବା କାରଣରୁ ପ୍ରଶାସନ କିମ୍ବା ପୋଲିସ ହସ୍ତକ୍ଷେପ କରିବାରେ ଅସମର୍ଥ ପ୍ରକାଶ କରୁଛନ୍ତି । ତେବେ ଜମି ମାଲିକଙ୍କ କହିବା ଅନୁଯାୟୀ ଉକ୍ତ ଜମି ଉପରେ ପୂଜା ପୂର୍ବରୁ ଘର କାମ ପାଇଁ ବାଲି ପକାଯାଇଥିଲା ଯେହେତୁ କୋର୍ଟ ତରଫରୁ ଉକ୍ତ ଜମି ଉପରକୁ ଯିବାକୁ ବାରଣ କରାଯାଇଛି ସେ କୌଣସି ହସ୍ତକ୍ଷେପ କରିପାରିବେ ନାହିଁ । ତେବେ ମା'ଙ୍କର ଭସାଣି ନହୋଇପାରିବା ଯୋଗୁଁ ଭକ୍ତ ଶ୍ରଦ୍ଧାଳୁଙ୍କ ମନରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି ।



ଜୀବନ ଅମୃତ ଅନୁଚିନ୍ତା

ଭକ୍ତିର ଶ୍ରେଷ୍ଠତା-ଭକ୍ତ ଯେତେବେଳେ ଈଶ୍ୱରଙ୍କ ଶ୍ରୀପଦରେ ନିଜକୁ ପୂର୍ଣ୍ଣ ସମର୍ପିତ କରିଦିଏ, ସେତେବେଳେ ସାରା ଜଗତ ତା' ପଦରେ ସମର୍ପିତ ହୋଇଯାଏ।

SANCHAR
ସଂଚାର

୪ ଶନିବାର ୧୯ ଅକ୍ଟୋବର ୨୦୨୪, ଭୁବନେଶ୍ୱର
Saturday 19 October 2024 Bhubaneswar

# ଖଲିସ୍ତାନ ଆତଙ୍କବାଦୀଙ୍କ ଧମକ

ଗତ କିଛି ଦିନ ହେବ କ୍ରମାଗତ ଭାବେ ବୋମା ବିସ୍ଫୋରଣରେ ବିମାନ ଉଡ଼ାଇ ଦେବାକୁ ମିଛ ଧମକ ଆସୁଛି। ଏହା ମିଛ ହେଲେ ମଧ୍ୟ ରିସ୍କ ନେଇ ହେବ ନାହିଁ। ବହୁ ଲୋକଙ୍କ ଜୀବନ ମରଣର ପ୍ରଶ୍ନ। ତେଣୁ ବୋମା ଧମକ ମିଳିବା ପରେ ସମ୍ପୃକ୍ତ ବିମାନର ଜରୁରୀ ଅବତରଣ କରାଯାଉଛି। ଯାଞ୍ଚ ପରେ ଏହା ମିଛ ବୋଲି ଜଣାପଡ଼ିବା ପରେ ପୁଣି ବିମାନ ଯଥାରୀତି ଉଡ଼ାଣ କରୁଛି। ଏହା ଏକ ନିୟମିତ ପ୍ରକ୍ରିୟାରେ ପରିଣତ ହୋଇଗଲାଣି। ବହୁ ବର୍ଷ ତଳେ କାନାଡ଼ାରୁ ଭାରତ ଆସୁଥିବା ଏୟାର ଇଣ୍ଡିଆର ଏକ ବିମାନ ଆତଙ୍କବାଦୀଙ୍କ ବିସ୍ଫୋରଣରେ ଆଟଲାଣ୍ଟିକ ମହାସାଗର ଉପରେ ଖଣ୍ଡ ଖଣ୍ଡ ହୋଇ ଖସିପଡ଼ିଥିଲା। ୩ଶହରୁ ଅଧିକ ନିରୀହ ବ୍ୟକ୍ତି ଏଥିରେ ପ୍ରାଣ ହରାଇଥିଲେ। ବିଶ୍ୱ ଇତିହାସରେ ଆତଙ୍କବାଦୀ କାର୍ଯ୍ୟକଳାପର ଏହା ସବୁଠାରୁ ବଡ଼ ଦୁଃଖଦ ଏବଂ ମର୍ମନ୍ତୁଦ ଘଟଣା ଥିଲା। ଏହାକୁ ଆଜି ପର୍ଯ୍ୟନ୍ତ ଭାରତ ଭୁଲିପାରିନି। ତେଣୁ ଏବେ ବିମାନ ଉଡ଼ାଇ ଦେବାକୁ ଆସୁଥିବା ଧମକକୁ ଅଣଦେଖା କରାଯାଇପାରିବ ନାହିଁ। ଏହା ପଛରେ ଖଲିସ୍ତାନୀ ଆତଙ୍କବାଦୀଙ୍କ ହାତ ରହିଛି। ଭାରତରେ ଆତଙ୍କ, ଅସ୍ଥିରତା ଏବଂ ଭୟର ବାତାବରଣ ସୃଷ୍ଟି କରିବା ହେଉଛି ଏହାର ମୁଖ୍ୟ ଉଦ୍ଦେଶ୍ୟ। ଭାରତ ଓ କାନାଡ଼ା ମଧ୍ୟରେ ଖଲିସ୍ତାନୀ ଆତଙ୍କବାଦକୁ ନେଇ ଏବେ କୂଟନୈତିକ ସ୍ତରରେ ତିକ୍ତତା ଚରମ ସୀମାରେ ପହଞ୍ଚିଛି। ଏହାରେ ପ୍ରତିଫଳନ ମିଛ ବୋମା ଆତଙ୍କରେ ଦେଖିବାକୁ ମିଳୁଛି। କାନାଡ଼ା, ଆମେରିକା ଓ ପାକିସ୍ତାନରେ ଥିବା ଖଲିସ୍ତାନୀ ଆତଙ୍କବାଦୀଙ୍କୁ ଅଜଣା ଆତତାୟୀ ହତ୍ୟା କରିବା ଏବେ ସାରା ବିଶ୍ୱରେ ଚର୍ଚ୍ଚାର ବିଷୟ ହୋଇଛି। ଏହା ପଛରେ ଭାରତର ହାତ ରହିଛି ବୋଲି ଅଭିଯୋଗ ହୋଇଛି। ଏହା ଏ ଯାବତ ପ୍ରମାଣିତ ହୋଇନାହିଁ। କିନ୍ତୁ ଏହାର ପ୍ରତିଶୋଧ ନେବାକୁ କଲିସ୍ତାନୀ ମାନେ ଭାରତର ସଂସଦ ଭବନ ଉପରେ ଆକ୍ରମଣ ଲାଗି ଧମକ ଦେଇଛନ୍ତି। ଏହାକୁ ହାଲୁକାଭାବେ ଗ୍ରହଣ କରାଯାଇପାରିବ ନାହିଁ। ଭାରତ ସରକାରଙ୍କ ଗୁଇନ୍ଦା ବାହିନୀ ଏଥିପ୍ରତି ନଜର ରଖିବା ଉଚିତ। ସତୁରୀ ଦଶକର ଶେଷ ଭାଗରେ ଯେତେବେଳେ କଂଗ୍ରେସ କ୍ଷମତା ବାହାରେ ଥିଲା ସେତେବେଳେ ଇନ୍ଦିରା ଗାନ୍ଧୀଙ୍କ ପ୍ରରୋଚନାରେ ଭିନ୍ଦ୍ରେନୱାଲା ନାମକ ଜଣେ ବ୍ୟକ୍ତି ପଞ୍ଜାବରେ ଉତ୍ପାତ ଆରମ୍ଭ କରିଥିଲେ। ପରେ ସେ ଖଲିସ୍ତାନ ଆନ୍ଦୋଳନର କର୍ଣ୍ଣଧାର ସାଜିଥିଲେ। ପଞ୍ଜାବକୁ ଭାରତରୁ ଅଲଗା କରି ଖଲିସ୍ତାନ ନାମରେ ଏକ ସ୍ୱତନ୍ତ୍ର ରାଷ୍ଟ୍ର ଗଠନ ଥିଲା ତାଙ୍କର ଲକ୍ଷ୍ୟ ଏବଂ ଦାବି। କିନ୍ତୁ ଏହି ଦାବି ପ୍ରତି ପଞ୍ଜାବବାସୀ କେବେ ସମର୍ଥନ ପ୍ରକାଶ କରିନଥିଲେ କିମ୍ବା ଆଜି ବି ସେମାନଙ୍କର ଏଥିପ୍ରତି ସମର୍ଥନ ନାହିଁ। ତେଣୁ ଭିନ୍ଦ୍ରେନୱାଲା ଜନ ଆନ୍ଦୋଳନ ପରିବର୍ତ୍ତେ ହିଂସାତ୍ମକ ପନ୍ଥା ବା ଆତଙ୍କବାଦକୁ ଆପଣାଇଲେ। ପାକିସ୍ତାନ ଏହାକୁ ସ୍ୱାଭାବିକ ଭାବେ ସମର୍ଥନ କରିଥିଲା ଏବଂ ଖଲିସ୍ତାନୀ ଆତଙ୍କବାଦୀଙ୍କୁ ଅର୍ଥ ଏବଂ ଅସ୍ତ୍ରଶସ୍ତ୍ର ଯୋଗାଇଥିଲା। କାନାଡ଼ାରେ ଥିବା ଧନୀ ଶିଖ ଧର୍ମାବଲମ୍ବୀମାନେ ମଧ୍ୟ ଏଥିଲାଗି ପ୍ରଚୁର ଆର୍ଥିକ ସହାୟତା ପ୍ରଦାନ କରିଥିଲେ। ଅଶୀ ଦଶକ ଆରମ୍ଭରେ ପଞ୍ଜାବରେ ଖଲିସ୍ତାନୀ ଆତଙ୍କବାଦୀଙ୍କ ଉତ୍ପାତ ଦେଖିବାକୁ ମିଳିଥିଲା। ପ୍ରତିଦିନ ନିରୀହ ଲୋକଙ୍କ ଜୀବନ ଯାଉଥିଲା। ଶେଷରେ ତତ୍କାଳୀନ ପ୍ରଧାନମନ୍ତ୍ରୀ ଇନ୍ଦିରା ଗାନ୍ଧୀ ଅମୃତସରର ସ୍ୱର୍ଣ୍ଣ ମନ୍ଦିରରେ ସେନା ପ୍ରବେଶ କରି ଆତଙ୍କବାଦୀଙ୍କୁ ନିପାତ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଆରମ୍ଭ ହୋଇଥିଲା ଅପରେସନ ବ୍ଲୁଷ୍ଟାର। ଅନେକ ଖଲିସ୍ତାନୀ ଆତଙ୍କବାଦୀ ଏଥିରେ ନିପାତ ହୋଇଥିଲେ। ଏଥିପାଇଁ ଇନ୍ଦିରାଙ୍କୁ ପ୍ରାଣବଳୀ ଦେବାକୁ ପଡ଼ିଥିଲା। ତାଙ୍କ ବ୍ୟକ୍ତିଗତ ଅଙ୍ଗରକ୍ଷୀ ଅପରେସନ ବ୍ଲୁ-ଷ୍ଟାରର ପ୍ରତିଶୋଧ ନେବାକୁ ଇନ୍ଦିରାଙ୍କୁ ଗୁଳି କରିଥିଲା। ଏହା ପରେ ସାରା ଦେଶରେ ଶିଖ ଧର୍ମାବଲମ୍ବୀଙ୍କ ଉପରେ ଆରମ୍ଭ ହୋଇଥିଲା ଆକ୍ରମଣ। ହଜାର ହଜାର ନିରୀହ ଶିକ ଧର୍ମାବଲମ୍ବୀ ଏଥିରେ ନିହତ ହୋଇଥିଲେ। ଏହା ଏକ ଅତ୍ୟନ୍ତ ନିନ୍ଦନୀୟ ଘଟଣା ଥିଲା। କିନ୍ତୁ ଏହା ପରେ ଖଲିସ୍ତାନୀ ଆତଙ୍କବାଦର ଏକରକମ ପରିସମାପ୍ତି ଦେଖିବାକୁ ମିଳିଥିଲା। କାରଣ ପଞ୍ଜାବବାସୀଙ୍କ ସମର୍ଥନ ଆତଙ୍କବାଦୀଙ୍କ ପଛରେ ନଥିଲା। କେବଳ କିଛି ମୁଷ୍ଟିମେୟ ପଥଭ୍ରଷ୍ଟ ବ୍ୟକ୍ତି ଶତ୍ରୁ ପକ୍ଷର ପ୍ରରୋଚନାରେ ପ୍ରଭାବିତ ହୋଇ ଏଭଳି ଆତଙ୍କବାଦ ଚଳାଇଥିଲେ। ପ୍ରାୟ ଚାଳିଶ ବର୍ଷ ପରେ ଏବେ ପୁନର୍ବାର ଭାରତରେ ଖଲିସ୍ତାନ ଆତଙ୍କବାଦ ମୁଣ୍ଡ ଟେକିଛି। କ୍ୟାପଟେନ ଅମରିନ୍ଦର ସିଂହ ମୁଖ୍ୟମନ୍ତ୍ରୀ ଥିବା ବେଳେ ଏଥିନେଇ ସତର୍କ କରାଇଥିଲେ। ଗତ ବର୍ଷ ପଞ୍ଜାବରେ କୃଷକ ଆନ୍ଦୋଳନ ଯୋଗୁଁ ସୃଷ୍ଟି ହୋଇଥିବା ଅରାଜକତାର ସୁଯୋଗ ନେଇ ଖଲିସ୍ତାନୀ ସମର୍ଥକମାନେ ପୁନର୍ବାର ସକ୍ରିୟ ହୋଇଛନ୍ତି। ଭାରତରେ କୃଷକ ଆନ୍ଦୋଳନ ପ୍ରତି କାନାଡ଼ା ଏବଂ ଅନ୍ୟ କେତେକ ଦେଶରେ ସମର୍ଥନର ସ୍ୱର ଉଠିବା ପଛରେ ଥିଲା ଏହି ଉଦ୍ଦେଶ୍ୟ। ନଚେତ ଗ୍ରେଟା ଥନବର୍ଗ ଏବଂ ଜଷ୍ଟିନ ଟ୍ରୁଡୋ କାହିଁକି ଭାରତର ଏକ କୋଣରେ ସୃଷ୍ଟି ହୋଇଥିବା କୃଷକ ଆନ୍ଦୋଳନ ପ୍ରତି ସମର୍ଥନ ପ୍ରକାଶ କରିଥାନ୍ତେ? କେବଳ କାନାଡ଼ା ନୁହେଁ, ବ୍ରିଟେନ, ଆମେରିକାରେ ଥିବା କେତେକ ଶିଖ ଯୁବକ ଏବେ ଖଲିସ୍ତାନ ଆନ୍ଦୋଳନ ସମର୍ଥନରେ ବାହାରିଛନ୍ତି। ଭାରତୀୟ ଦୂତାବାସ ଉପରେ ଆକ୍ରମଣ ଏବଂ ବିକ୍ଷୋଭ ପ୍ରଦର୍ଶନ ଏହାର ଉଦାହରଣ। ସ୍କଟଲାଣ୍ଡରେ ଭାରତୀୟ କୂଟନୀତିଜ୍ଞଙ୍କୁ କେତେକ ଶିଖ ଯୁବକ ଗୁରୁଦ୍ୱାରା ଭିତରକୁ ନଛାଡ଼ିବା ଏହାର ସଦ୍ୟତମ ଉଦାହରଣ। ଭାରତର ଆର୍ଥିକ ବିକାଶ ଏବଂ ବିଶ୍ୱ ଦରବାରରେ ଭାରତର ସମ୍ମାନ ବୃଦ୍ଧିକୁ ଅନେକ ସହ୍ୟ କରିପାରୁନାହାଁନ୍ତି। ତେଣୁ ସେମାନେ ଭାରତରେ ଅସ୍ଥିରତା ସୃଷ୍ଟି ଏବଂ ଭାରତକୁ ବଦନାମ କରିବା ଲାଗି ଏଭଳି ଷଡ଼ଯନ୍ତ୍ର କରୁଛନ୍ତି। କିନ୍ତୁ ଏହା ଦ୍ୱାରା ସେମାନେ ଲକ୍ଷ୍ୟ ହାସଲରେ ସଫଳ ହେବେ ନାହିଁ। ତେବେ ଭାରତ ସରକାର ଏହା ବିରୋଧରେ କଠୋର ପଦକ୍ଷେପ ନେବା ଉଚିତ। କାନାଡ଼ାର ଭାରତ ବିରୋଧୀ ଆଭିମୁଖ୍ୟକୁ ବିଶ୍ୱ ଦରବାରରେ ପଦାରେ ପକାଯିବା ଆବଶ୍ୟକ। ଅନ୍ୟ ପକ୍ଷରେ ପଞ୍ଜାବର ଯୁବକମାନେ ଯେପରି ପଥଭ୍ରଷ୍ଟ ନହୁଅନ୍ତି ସେଥିପ୍ରତି ସରକାର ସତର୍କ ରହିବା ଉଚିତ। ସୀମା ଆରପଟୁ ପଞ୍ଜାବକୁ ଆସୁଥିବା ନିଶା ସାମଗ୍ରୀକୁ ବନ୍ଦ କରିବା ନିହାତି ଆବଶ୍ୟକ। ଅଶୀ ଦଶକରେ ଏହା ହିଁ ପଞ୍ଜାବରେ ଆତଙ୍କବାଦର ମୂଳ ମଞ୍ଜି ଥିଲା। ଏଥିଲାଗି ସବୁ ରାଜନୈତିକ ଦଳ ଏକାଠି ହେବା ଉଚିତ ଏବଂ ରାଷ୍ଟ୍ରର ସ୍ୱାର୍ଥ ରକ୍ଷା ଲାଗି ବୈଦେଶିକ ଷଡ଼ଯନ୍ତ୍ରକୁ ପଣ୍ଡ କରିବା ଉଚିତ। କାନାଡ଼ା, ଆମେରିକା, ବ୍ରିଟେନ ଭଳି ଦେଶରେ ଖଲିସ୍ତାନୀ ସମର୍ଥକମାନେ ଭାରତ ବିରୋଧୀ ଷଡ଼ଯନ୍ତ୍ରରେ ସାମିଲ ହୋଇଛନ୍ତି। ସେମାନଙ୍କୁ ଦମନ କରିବା ଲାଗି ଭାରତ କୂଟନୈତିକ ସ୍ତରରେ ଉଦ୍ୟମ କରିବା ଉଚିତ।

## ସମ୍ପାଦକଙ୍କୁ ପତ୍ର

### ସାଇବର ଅପରାଧୀଙ୍କୁ କଠୋର ଦଣ୍ଡ ମିଳୁ

*ମହାଶୟ,*

ଏବେ ସାରା ବିଶ୍ୱରେ ସାଇବର ଅପରାଧୀମାନେ କାୟା ବିସ୍ତାର କରିଛନ୍ତି। ନିଜ ଦୁଷ୍ଟ ବୁଦ୍ଧି ବଳରେ ସେମାନେ କଳେ ବଳେ କୌଶଳେ ଲୋକଙ୍କୁ ଲୁଟୁଛନ୍ତି। ସରଳ ବିଶ୍ୱାସୀ ଲୋକଟିଏ ସହଜରେ ସେମାନଙ୍କ ମାୟା ଜାଲରେ ପଡ଼ିଯାଉଛନ୍ତି। ଅନେକ ସମୟରେ ଶିକ୍ଷିତ ଏବଂ ସଚେତନ ବ୍ୟକ୍ତି ମଧ୍ୟ ସେମାନଙ୍କ ଜାଲରେ ପଡ଼ିଯାଉଛନ୍ତି। କାରଣ ସେମାନେ ଯେତେ ସତର୍କ ହେଲେ ମଧ୍ୟ ଅପରାଧୀ ମାନେ ସେମାନଙ୍କୁ ଠକିବାର ନୂଆ କୌଶଳ ଅବଲମ୍ବନ କରୁଛନ୍ତି। ମିଠା କଥାରେ ସେମାନେ ସାଧାରଣ ଲୋକଙ୍କ ମନରେ ବିଶ୍ୱାସ ସୃଷ୍ଟି କରିବାରେ ସଫଳ ହେଉଛନ୍ତି। ଜୀବନ ସାରା କଠିନ ପରିଶ୍ରମ କରି ନିଜ ଝାଳବୁହା ଧନକୁ ବ୍ୟାଙ୍କରେ ସଞ୍ଚୟ କରି ରଖୁଛନ୍ତି। ସାଇବର ଅପରାଧୀମାନେ ଏହାକୁ ନିମଷକ ମଧ୍ରେ ଲୁଟ କରି ନେଉଛନ୍ତି। ଭଦ୍ର ବେଶରେ ଏହି ଚୋରମାନେ ଅତି ଚତୁରତାର ସହ ସେମାନଙ୍କ କାର୍ଯ୍ୟ କରୁଛନ୍ତି। ଏଥିରେ ଅନେକ ସର୍ବସ୍ୱାନ୍ତ ହୋଇଯାଉଛନ୍ତି। ପରିସ୍ଥିତି ଏଭଳି ହେଲାଣି ଯେ, ଲୋକେ ଆଉ କାହାକୁ ବିଶ୍ୱାସ କରିପାରୁ ନାହାଁନ୍ତି। ବେଳେ ବେଳେ କିଛି ଅପରାଧୀ ଧରାପଡ଼ୁଛନ୍ତି। କିନ୍ତୁ ୯୦ ପ୍ରତିଶତ ଠକେଇ ମାମଲାରେ ଅପରାଧୀ ଧରାପଡ଼ୁ ନାହାଁନ୍ତି। ଏଥିପାଇଁ ସଚେତନତା କାର୍ଯ୍ୟକ୍ରମ ଚାଲିଛି। ପୋଲିସ ବିଭାଗରେ ସ୍ୱତନ୍ତ୍ର ସାଇବର ସେଲ ଖୋଲିଛି। କିନ୍ତୁ ସାଇବର ଅପରାଧୀଙ୍କ ପ୍ରତି କଠୋର ଦଣ୍ଡ ବିଧାନର ଆବଶ୍ୟକତା ରହିଛି। ନଚେତ ଏଥିରେ ଅନେକ ନିରୀହ ବ୍ୟକ୍ତି ଠକାମୀର ଶିକାର ହେବେ।

ଅନଶୂୟା ଲାଲ, ନୂଆପଲ୍ଲୀ

# ଗଣତନ୍ତ୍ରର ଗୌରବୋଜ୍ଜ୍ୱଳ ଅଧ୍ୟାୟ



ମନୋରଞ୍ଜନ ମହାନ୍ତି

ପୃଥିବୀରେ ଯେତେଗୁଡ଼ିଏ ଶବ୍ଦ ଉଚ୍ଚାରଣ କଲାମାତ୍ରେ ପବିତ୍ରତା ଝରିଆସେ ତନ୍ମଧ୍ୟରେ 'ଗଣତନ୍ତ୍ର' ଗୋଟିଏ। ଗଣ ଅର୍ଥାତ୍ ଜନସାଧାରଣଙ୍କର ଶାସନ ଆମ ସମସ୍ତଙ୍କ ଅନ୍ତଃକରଣରେ ଯେଉଁ ଆବେଗ ସୃଷ୍ଟିକରେ ତାହା ଅନନ୍ୟ, ଅସାଧାରଣ, ତେଣୁ ସ୍ୱାଭାବିକ ଭାବରେ ଅନିର୍ବଚନୀୟ। ଦିନମଜୁରିଆଠାରୁ ଆରମ୍ଭ କରି ଦୃଢ଼ଳ ପ୍ରାସାଦର ଧନାଢ୍ୟ ପର୍ଯ୍ୟନ୍ତ, ଅଖ୍ୟାତ ପଲ୍ଲୀର ଅବଳାଠାରୁ ସୁଖ୍ୟାତ ସଚିବାଳୟର ଅମଲାତନ୍ତ୍ରୀ ପର୍ଯ୍ୟନ୍ତ ସମସ୍ତ ନାଗରିକ ସେମାନଙ୍କ ପ୍ରତିନିଧି ବାଛନ୍ତି, ଯିଏ ରାଜ୍ୟ ଓ ରାଷ୍ଟ୍ରର ଶାସନ ପ୍ରକ୍ରିୟାକୁ ଶକ୍ତିମନ୍ତ କରିବା ସହିତ ଜନସାଧାରଣଙ୍କ ଅର୍ଥନୈତିକ ମାନଦଣ୍ଡକୁ ସୁଦୃଢ଼ କରିପାରିବ। ପ୍ରତିନିଧି ବାଛିବା ପାଇଁ ନାଗରିକମାନଙ୍କ ଭୋଟ୍ ଦାନ ମହତ୍ତମ ପ୍ରକ୍ରିୟା ଭାବରେ ଗଣତନ୍ତ୍ର-ଧାରାରେ ବିବେଚିତ ହୋଇଆସିଛି।

ଗଣତାନ୍ତ୍ରିକ ରାଷ୍ଟ୍ରରେ ଲୋକପ୍ରତିନିଧିମାନଙ୍କର ଦାୟିତ୍ୱ ସର୍ବାଧିକ। ରାଜନୈତିକ ସ୍ଥିରତା, କୃଷି ଜଳସେଚନ ଗମନାଗମନ ବାଣିଜ୍ୟ ବ୍ୟବସାୟ ଅବଲମ୍ବନରେ ଅର୍ଥନୈତିକ ସମୃଦ୍ଧି, ସାମାଜିକ ସମତା, ବ୍ୟକ୍ତି ସ୍ୱାଧୀନତା, ବ୍ୟକ୍ତି-ବ୍ୟକ୍ତି ମଧ୍ୟରେ ପାରସ୍ପରିକ ସୁସମ୍ପର୍କ, ସମନ୍ୱୟ, ଶୈକ୍ଷିକ ଓ ସାଂସ୍କୃତିକ ସମୁନ୍ନତି, ସ୍ୱାସ୍ଥ୍ୟରକ୍ଷାର ସୁବ୍ୟବସ୍ଥା ଓ ଆହୁରି ଅନେକ ଲୋକକଲ୍ୟାଣ କ୍ଷେତ୍ରରେ ଉତ୍କର୍ଷ ସାଧନ ନିମିତ୍ତ ଲୋକପ୍ରତିନିଧିମାନେ ବିପୁଳ ସମୟ ଓ ଶକ୍ତି ବିନିଯୋଗ କରିବାର ଦକ୍ଷତା ଗଣତନ୍ତ୍ରର ଦିଗନ୍ତକୁ ନିଶ୍ଚିତ ଭାବରେ ଦୀପ୍ତିମନ୍ତ କରିବ। ନାଗରିକମାନଙ୍କ ଭୋଟ୍ ହେଉଛି ଗଣତନ୍ତ୍ରର ଅମୂଲ୍ୟ ସମ୍ପଦ, ତେଣୁ କୁହାଯାଏ, ଭୋଟ୍ ଜରିଆରେ ନିର୍ବାଚିତ ଲୋକପ୍ରତିନିଧିମାନେ ହେଉଛନ୍ତି ଗଣତାନ୍ତ୍ରିକ ବ୍ୟବସ୍ଥାର ଠିକ୍ ସେହିଭଳି ମହାର୍ଘ ବିଭବ। ଲୋକ ଓ ଲୋକଙ୍କ ପ୍ରତିନିଧି ହେଉଛନ୍ତି ଲୋକତନ୍ତ୍ରର ପ୍ରତୀକ। ଲୋକଙ୍କ ଭୋଟ୍ ହେଉଛି ଭିତ୍ତି, ଯାହା ଗଣତନ୍ତ୍ରର ଭୂତିକୁ ସୁପ୍ରତିଷ୍ଠିତ କରିବାରେ ସହାୟକ ହୋଇଥାଏ।

ଗୋଟେ ରାଜ୍ୟର ଓ ରାଷ୍ଟ୍ରର ରାଜନୀତି ଓ ଶାସନ ବ୍ୟବସ୍ଥା ପ୍ରସଙ୍ଗ ଆଲୋଚନା କଲାବେଳେ ସହସା ଆମ ମନକୁ ଆସନ୍ତି ନବକୃଷ୍ଣ ଚୌଧୁରୀ, ବିଧାନଚନ୍ଦ୍ର ରାୟ, ଗଣେଶ ବାସୁଦେବ ମାଭଲଙ୍କର୍, ଅନନ୍ତଶୟନମ୍ ଆୟେଙ୍ଗର୍, ଲାଲ୍‌ବାହାଦୁର ଶାସ୍ତ୍ରୀ, ଗୁଲ୍‌ଜାରୀଲାଲ୍ ନନ୍ଦା ଓ ଆହୁରି ଅନେକ। ଖୁବ୍ ବିବେକୀ ଓ ବିଚାରବନ୍ତ ହୋଇ ସେମାନେ ରାଜନୀତି ଓ ଶାସନ କ୍ଷେତ୍ରକୁ ପ୍ରବେଶ କରିଥିଲେ ଓ ଫଳସ୍ୱରୂପ ଜନ-ସମୁଦାୟର ଶ୍ରଦ୍ଧା ସମ୍ମାନ ଭାଜନ ହୋଇପାରିଥିଲେ। ସେମାନେ ଦୂରନ୍ତ ବିଶ୍ୱବନ୍ଦ୍ୟ ଅନେକ ଦାର୍ଶନିକଙ୍କୁ ଜାଣିଥିଲେ, ପଢ଼ିଥିଲେ, ବୁଝିଥିଲେ, କିନ୍ତୁ 'ବିବେକ' ଓ 'ବିଚାରବୋଧ' ଭଳି ଦୁଇ ଅନ୍ତରଙ୍ଗ ଦାର୍ଶନିକଙ୍କୁ ଏକାନ୍ତ ଆପଣାର କରିପାରିଥିଲେ। ସେମାନେ ଓ ସାଧାରଣ ଜନତା ପରସ୍ପରକୁ ଭେଟିଲାବେଳେ ସମସ୍ତଙ୍କ ଅନ୍ତରରେ ମମତା ଓ ମର୍ଯ୍ୟାଦାର ତରଙ୍ଗ ସୃଷ୍ଟି ହେଉଥିଲା।

ଯେଉଁମାନେ ରାଜନୀତି ଓ ଶାସନ କ୍ଷେତ୍ରର ଦାୟିତ୍ୱ ନେବାକୁ ଆସୁଛନ୍ତି, ଲୋକପ୍ରତିନିଧି ହେବାର ଗୌରବ ଅର୍ଜନ କରୁଛନ୍ତି, ସେମାନେ ମୂଳତଃ ସାଧୁତା, ସଚ୍ଚୋଟତାର ସହିତ ବ୍ୟକ୍ତିଗତ ଜୀବନଯାପନ କରିବା ଓ ସାମୂହିକ କଲ୍ୟାଣ ନିମିତ୍ତ କର୍ତ୍ତବ୍ୟ ନିର୍ବାହ କରିବାର କଥା। ଲୋକପ୍ରତିନିଧିଙ୍କର ସାଧୁତା, ଚରିତ୍ରବତ୍ତା, କର୍ମକୁଶଳତା ଗଣତନ୍ତ୍ରର ଦିଗ୍‌ବଳୟକୁ ମଧୁମଞ୍ଜୁଳ କରିବ ନିଶ୍ଚିତ।



ଜଣେ ଯଥାର୍ଥ ରାଜନେତା କେବେହେଲେ ରାଜନୀତିକୁ ଜଣନୀତି, ବଣନୀତି, ରଣନୀତି ଭାବରେ ଗ୍ରହଣ କରିବ ନାହିଁ, ରାଜନୀତି-କ୍ଷେତ୍ରରେ ବାପା, ମା', ପୁଅ, ଝିଅ, ପୁତୁରା, ଝିଆରୀ, ବୋହୂ, ଜୋଇଁ, ଭଉଣୀ, ଭିଣୋଇଙ୍କ ବଂଶାନୁକ୍ରମିକ କଉତୁକିଆ କ୍ରୀଡ଼ାକୁ ପ୍ରୋତ୍ସାହନ ଦେବ ନାହିଁ, ଅଲାଜୁକ ଭଳି ଦଳ ବଦଳ କରି ନିର୍ବାଚନରେ ବିଜୟର ଅମ୍ବୁଦକୁ ଦେଖି ମୟୂର ଭଳି ପୁଚ୍ଛ ଟେକି ନାଚିବ ନାହିଁ, ଭୋଟ୍ ପୂର୍ବରୁ ଭୋଟ୍‌ଦାତାଙ୍କୁ ମିଠା, ମାଛ, ମଟନ୍, ମଦ, ମନିର ମାୟାଜାଲରେ ଛନ୍ଦିବ ନାହିଁ, ରାଜନୀତିକୁ ଚଳଚ୍ଚିତ୍ରର ଅଭିନୟ କି କ୍ରିକେଟ୍ ପଡ଼ିଆର ବୋଲିଂ ବ୍ୟାଟିଂ ଭଳି ଭାବିବ ନାହିଁ, ଗାଁ ସହର ରାସ୍ତାରେ ମୁଷ୍ଟିମେୟ ଗୋଡ଼ଚଟା କର୍ମୀଙ୍କ ସାଥିରେ ଉଦ୍ଦଣ୍ଡ ଉତ୍ପାତ କରିବ ନାହିଁ କି ଦିନ ଦି'ପହରରେ ଆକାଶମାର୍ଗକୁ ଅର୍ଥ-ଅହଂକାର, କ୍ଷମତା-ଆସକ୍ତିର ଆତସବାଜି ମାରିବ ନାହିଁ, ଗୁଣ୍ଡାମାନଙ୍କୁ ଗରୁଡ଼, ବୃଷଭ କି ନିଜକୁ ବିଷ୍ଣୁ, ମହେଶ୍ୱର ବିଚାର କରିବ ନାହିଁ। ରାସ୍ତାକଡ଼ରେ ଧ୍ୟାନ କରି, ନଈ ମଝିସ୍ଥିତ ଡଙ୍ଗାରେ ପ୍ରାର୍ଥନା କରି ପ୍ରାୟୋଜିତ ଫଟୋ ଉଠାଇ ଗଣମାଧ୍ୟମ, ଇଲେକ୍‌ଟ୍ରୋନିକ୍ ମିଡିଆରେ ପ୍ରସାର କରିବ ନାହିଁ।

କେବଳ ସେହିଭଳି ରାଜନେତାମାନେ, ଯେଉଁମାନେ ରାଜନୀତିକୁ ଦେଶସେବାର ଅବଲମ୍ବନ କରିଥିବେ, ନିଜକୁ ସେବକ ବିଚାରୁଥିବେ, ସାଧାରଣ ଲୋକଙ୍କୁ ସାଥିରେ ନେଇ ବାଟ ଚାଲୁଥିବେ, ସାଧାରଣ ଲୋକଙ୍କ ସୁଖଦୁଃଖୀ, ହାନିଲାଭ, ଭଲମନ୍ଦର ସର୍ବକାଳୀନ ସାଥି ହୋଇ ରହିଥିବେ, ଘରେ ବସି ସର୍ବଜନ ମଙ୍ଗଳ ନିମିତ୍ତ ଏକାନ୍ତରେ ପ୍ରାର୍ଥନା କରୁଥିବେ, ଧ୍ୟାନ କରୁଥିବେ ଓ ତଦନୁଯାୟୀ ନିଜ କର୍ମ ପରିସରକୁ ବ୍ୟାପକ କରୁଥିବେ, କେବଳ ସେହିମାନେ ହିଁ ଗଣତନ୍ତ୍ରର ସମ୍ମାନ ଓ ସମ୍ଭ୍ରମକୁ ସୁରକ୍ଷିତ କରିପାରିବେ।

ସେମାନଙ୍କ କାର୍ଯ୍ୟଶୈଳୀର ଅନିବାର୍ଯ୍ୟ ପ୍ରଭାବରେ ଉଭୟ ରାଜ୍ୟ ଓ ରାଷ୍ଟ୍ର ଶାସନରେ ସଂସ୍କାର ନିଶ୍ଚିତ ସଂଘଟିତ ହେବ। ଫଳସ୍ୱରୂପ ସକଳ କ୍ଷେତ୍ରରେ ପଦାଧିକାରୀମାନେ ଓ ସାଧାରଣ ଜନତା ସଚେତନ ଓ ସଂଯତ ହେବେ। ପ୍ରଶାସକ ପ୍ରହସନର ପେଡ଼ି ଭିତରୁ ପ୍ରତାରଣାର ପନ୍ନଗଗୁଡ଼ାକୁ କାଢ଼ି ଖେଳାଇବେ ନାହିଁ କି ଲୋକଙ୍କୁ ଭୁଲାଇବେ ନାହିଁ। ଚିକିତ୍ସକ ଓ ହସ୍ପିଟାଲ୍ ମାଲିକ ରୋଗୀ-ଶବକୁ ଇଣ୍ଟେନ୍‌ସିଭ୍ କେୟାର୍ ୟୁନିଟ୍ ଭେଣ୍ଟିଲେଟର୍‌ରେ ଦୀର୍ଘ ଦିନ ରଖି ରୋଗୀର ସମ୍ପର୍କୀୟଙ୍କଠାରୁ ମନଇଚ୍ଛା ଲକ୍ଷ ଲକ୍ଷ ଟଙ୍କା ଆଦାୟ କରିବେ ନାହିଁ। ଯନ୍ତ୍ରୀ ସରକାରୀ କୋଷାଗାରକୁ ଲୁଟି ନେବାର ଲାଳସାରେ ସଂକ୍ରମିତ ହେବେ ନାହିଁ। ପ୍ରାଥମିକ ବିଦ୍ୟାଳୟରୁ ବିଶ୍ୱବିଦ୍ୟାଳୟ ପର୍ଯ୍ୟନ୍ତ ଶିକ୍ଷକ ବିଶାଳ ଛାତ୍ରବାହିନୀକୁ ଶିକ୍ଷାଦାନରେ ଠକିବେ ନାହିଁ କି ଶିକ୍ଷାୟତନରେ ଠିକାଦାରୀ କରିବେ ନାହିଁ। ବ୍ୟବସାୟୀ, ଶିଳ୍ପପତି ଅସଦୁପାୟରେ ଅର୍ଥାର୍ଜନ କରି ନିଜ ନିଜର ବୃହଦାକାୟ ଅମାର ଭରିବେ ନାହିଁ କି ଅର୍ଥ ପ୍ରାଚୁର୍ଯ୍ୟ ହେତୁ ପୁଅଝିଅଙ୍କ ରିଂ ସେରିମୋନି, ପ୍ରିୱେଡିଂ, ୱେଡିଂରେ କୋଟି କୋଟି ଟଙ୍କା ବ୍ୟୟ କରି ଗୋଟେ ବିଶାଳ ଉପମହାଦେଶ, ବିକାଶଶୀଳ ରାଷ୍ଟ୍ରର ଗରିବମାନଙ୍କୁ ଉପହାସ କରିବେ ନାହିଁ। ସଂସ୍କୃତିଛଡ଼ାଙ୍କ ଉପରେ ସଂସ୍କୃତିସଦନର ଦାୟିତ୍ୱ ଆଦୌ ନ୍ୟସ୍ତ ହେବ ନାହିଁ। ସାହିତ୍ୟିକ ପୁରସ୍କାର ପାଇବା ଆଶାରେ ଦାତାଙ୍କ ଘରଦ୍ୱାରରେ ତୋଷାମୋଦର ତୂରୀ ଫୁଙ୍କିବେ ନାହିଁ କି ଦାତା ଘରର ଦ୍ୱାର ଖୋଲି ବାହାରକୁ ଆସିଲେ ତାଙ୍କ ଚରଣରେ ଶରଣ ପଶିବେ ନାହିଁ। କଳାକାର ଅଶ୍ଳୀଳ ସଙ୍ଗୀତ ଗାଇବେ ନାହିଁ କି ଅର୍ଦ୍ଧନଗ୍ନ ହୋଇ ନୃତ୍ୟ କରିବେ ନାହିଁ, ଦୁଷ୍ଟଚରିତ୍ରତାର ଦନୁଜ କବଳିତ ହେବେ ନାହିଁ।

ସେହିଦିନ ସକଳ ସ୍ତରରେ ସଂସ୍କାର ହେବ, ଯେଉଁଦିନ ରାଜନେତା, ଲୋକପ୍ରତିନିଧି ସ୍ୱାର୍ଥପରତାର ପଥ ପରିହାର କରି ପରାର୍ଥପରତା-ପଥର ପଥିକ ହେବେ। ଅଧିକାଧିକ, ଅସୀମିତ ଅର୍ଥ କ୍ଷମତା ମୋହରୁ ମଣିଷର ମୁକ୍ତି ହେଉଛି ସଂସାରର ସର୍ବଶ୍ରେଷ୍ଠ ମୁକ୍ତି, ଯେଉଁ ମୁକ୍ତି ଆମ ଗଣତନ୍ତ୍ରକୁ ସୁଦୃଢ଼ କରିବା ସହିତ ସମାଜ-ବ୍ୟବସ୍ଥାକୁ ସଂହତ, ସଂଯତ ଓ ସୁବିନ୍ୟସ୍ତ କରିବ। ସେହି ମୁକ୍ତି ହିଁ ଆମ ଗଣତନ୍ତ୍ର -ଇତିହାସର ସର୍ବାଧିକ ଗୌରବୋଜ୍ଜ୍ୱଳ ଅଧ୍ୟାୟ ହେବ।

ଅବସରପ୍ରାପ୍ତ ଇଂରାଜୀ ପ୍ରାଧ୍ୟାପକ
ଧର୍ମଶାଳା, ଯାଜପୁର
ମୋବାଇଲ୍: ୯୮୫୩୨୮୨୯୭୨

# କାର୍ତ୍ତିକ ମାସର ମାହାତ୍ମ୍ୟ ବ୍ରତଧାରୀ ପାଳିବେ ବ୍ରତ



ମାନସ କୁମାର ଜାନା



ଆମ ସଂସ୍କୃତିରେ ଶାସ୍ତ୍ର ଓ ପୁରାଣ ଅନୁସାରେ ବର୍ଷ ମଧ୍ୟରେ କାର୍ତ୍ତିକ ମାସ ହେଉଛି ଶ୍ରେଷ୍ଠ ମାସ। ଧର୍ମ କାର୍ଯ୍ୟ ପାଇଁ ଉତ୍କୃଷ୍ଟ ହୋଇଥିବାରୁ ଏଇ ମାସଟିକୁ ନିଷ୍ଠାର ସହକାରେ ପାଳନ କରାଯାଏ। ସନାତନ ଧର୍ମରେ କାର୍ତ୍ତିର୍କ ମାସକୁ ସମ୍ପୂର୍ଣ୍ଣ ଭାବେ ଶୁଭ ବୋଲି ଗ୍ରହଣ କରାଯାଇଛି। ଏହି ମାସଟି ଶରତ ପୂର୍ଣ୍ଣିମାଠାରୁ ଆରମ୍ଭ କରି କୃତ୍ତିକା ନକ୍ଷତ୍ରଯୁକ୍ତ କାର୍ତ୍ତିକ ପୂର୍ଣ୍ଣିମା ପର୍ଯ୍ୟନ୍ତ ଚାଲିଥାଏ। ସାଧାରଣତଃ ଇଂରାଜୀ ଅକ୍ଟୋବରରୁ ନଭେମ୍ବର ଭିତରେ କାର୍ତ୍ତିକ ମାସ ପଡ଼ିଥାଏ। ଜ୍ୟୋତିଷ ଶାସ୍ତ୍ର ଅନୁସାରେ ସୂର୍ଯ୍ୟ ଯେତେବେଳେ ତାଙ୍କର ଦକ୍ଷିଣାୟନ ଆରମ୍ଭ କରନ୍ତି ଓ ତୁଳାରାଶିକୁ ପ୍ରବେଶ କରନ୍ତି, କାର୍ତ୍ତିକ ମାସ ଆରମ୍ଭ ହୁଏ। ଏହି ମହା କାର୍ତ୍ତିକ ମାସରେ ଅନେକମହତ୍ତ୍ୱପୂର୍ଣ୍ଣ ପର୍ବପର୍ବାଣୀ ପଡ଼ିବା ସହିତ ମାସର ଯେକୌଣସି ଦିନ ବିଭିନ୍ନ ଧର୍ମାନୁଷ୍ଠାନ କରାଯାଇଥାଏ। ପୁରାଣ ଅନୁସାରେ ଚତୁର୍ମାସ୍ୟା ଅବଧିରେ ଆଷାଢ଼ ଶୁକ୍ଳ ଦେବଶୟନ ଏକାଦଶୀରେ ଭଗବାନ ବିଷ୍ଣୁ ଯୋଗ ନିଦ୍ରାରେ ଗମନ କରି କାର୍ତ୍ତିକ ଶୁକ୍ଳ ଦେବପ୍ରବୋଧିନୀ ବା ଦେବଉତ୍ଥାପନ ଏକାଦଶୀରେଯୋଗନିଦ୍ରାରୁ ଉଠିଥାଆନ୍ତି ଏବଂ ପବିତ୍ର ସମୟର ଆଗମନ ହୋଇଥାଏ। କାର୍ତ୍ତିକ ମାସର ଆରମ୍ଭରୁ ସମସ୍ତ ବ୍ରତଧାରୀ ଏକ ମାସ ଧରି ବ୍ରତ ପାଳନ କରିଥାନ୍ତି ଏବଂ ରୀତିନୀତି ଅନୁସାରେ ପୂଜାପାଠ କରିଥାନ୍ତି। ବ୍ରତଧାରୀ ମାନେ ଗୁଆ ଟେକି ବ୍ରାହ୍ମଣଙ୍କୁ ଛଞ୍ଚା ଦେଇ ଏହି ବ୍ରତ ଆରମ୍ଭ କରିନ୍ତି।

ଓଡ଼ିଆ ମାନଙ୍କର ଆରାଧ୍ୟ ଦେବତା ହେଉଛନ୍ତି କାଳିଆ ସାଆନ୍ତ। ତାଙ୍କୁ ଏହି ବ୍ରତର ସେନାପତି ବୋଲି କୁହାଯାଏ। ବ୍ରତଧାରୀ ମାନେ ପୁରୀ ଶ୍ରୀ ମନ୍ଦିର ଯାଇ ଜଗତର ନାଥ ଜଗନ୍ନାଥଙ୍କ ନିକଟରେ ନିଜର କାୟା ମନ ବାକ୍ୟରେ ଏହି ବ୍ରତ ପାଳନ କରିଥାନ୍ତି। ଏହି ମାସରେ ବ୍ରତଧାରି ମାନେ ସକାଳ ଉଠି ନିତ୍ୟକର୍ମ ସାରି ସଫା ଲୁଗା ପରିଧାନ କରି ତୁଳସୀ ଗଛ ମୂଳରେ ମୁରୁଜ ଆଙ୍କି ପୂଜା ଆରମ୍ଭ ସହ ସୂର୍ଯ୍ୟ ଦେବତାଙ୍କୁ ଜଳ ଅର୍ପଣ କରିଥାଆନ୍ତି। ଏହି ମାସରେ ବ୍ରତଧାରିମାନେ ହବିଷ ଭଜନ ଗ୍ରହନ କରିଥାଆନ୍ତି। ତେଣୁ ଏହାକୁ ହବିଶ୍ୟାଳି ବ୍ରତ ମଧ୍ଯ କୁହାଯାଏ।ହବିଷ ଭୋଜନ କାର୍ତ୍ତିକ ବ୍ରତର ମୁଖ୍ୟ ଅଂଶ। ଏହି ମାସରେ ସାତ୍ତ୍ୱିକ ଆହାର ଗ୍ରହଣ କରାଯାଇଥାଏ। ଗ୍ରାମାଞ୍ଚଳରେ ରହୁଥିବା ବ୍ରତଧାରୀମାନେ ହବିଷରେ ଘୃତାନ୍ନ, ମୁଗଡାଲିରେ କେବଳ କଦଳୀ, ଖମ୍ବଆଳୁ, ସାରୁ, ଓଉ, ଅଦା ଓ ନଡ଼ିଆ ସହିତ କେବଳ ଅଗସ୍ତି ଶାଗ ଅନ୍ତର୍ଭୁକ୍ତ। ଶ୍ରୀକ୍ଷେତ୍ରରେ ରହୁଥିବା ହବିଷ୍ୟାଳୀମାନେ ମହାପ୍ରଭୁଙ୍କ ଦର୍ଶନ ସହିତ ମହାପ୍ରସାଦ ଗ୍ରହଣ କରି ମହା ଆନନ୍ଦରେ ବ୍ରତ ପାଳନ କରିଥାଆନ୍ତି। ଏହି ମାସରେ ସାଧାରଣ ବର୍ଗଙ୍କ ପାଇଁ ମଧ୍ୟ ଆମିଷ ଭୋଜନ ସମ୍ପୂର୍ଣ୍ଣ ବର୍ଜନୀୟ। ଏହାର ବିଜ୍ଞାନ ସମ୍ମତ କାରଣ ହେଉଛି ଏହି କାଳରେ ସୂର୍ଯ୍ୟଙ୍କ ସ୍ଥିତି ଓ ଶିଶିର ଋତୁର ପ୍ରଚଳନ ସକାଶେ ଜଳଜ ପ୍ରାଣୀମାନଙ୍କ ଦେହରେ ଏକ ପ୍ରକାର ଜୀବାଣୁ ଉତ୍ପନ୍ନ ହୁଅନ୍ତି ଯାହା ମଣିଷ ପାଇଁ କ୍ଷତିକାରକ। ବ୍ରତଧାରୀମାନେ ପ୍ରତ୍ୟହ ସନ୍ଧ୍ୟାରେ ଜପତପ ଇତ୍ୟାଦି କରି ତୁଳସୀ ଗଛ ମୂଳେ ଦୀପ ଦାନ କରିଥାଆନ୍ତି। ଏହା ସହିତ 'ଆକାଶ ଦୀପ' ପ୍ରଦାନ କରିଥାଆନ୍ତି। ଏକ ଶିକାରେ ମାଟିହାଣ୍ଡି ରଖି ସେଥିରେ ଚତୁଃପାର୍ଶ୍ୱର୍ରେ କେତେଗୋଟି ଛିଦ୍ର କରି ତା ଭିତରେ ଜ୍ୱଳନ୍ତ ଦୀପ ସ୍ଥାପନ କରି ହାଣ୍ଡିକୁ ଅନ୍ୟ ଏକ ପାତ୍ରରେ ଘୋଡ଼ାଇ ଦିଆଯାଏ। ଏକ ବାଉଁଶର ଉପର ମୁଣ୍ଡରେ ଏକ ଶଗଡ଼ି ସାହାଯ୍ୟରେ ଏହି ଶିକାକୁ ରଶି ବାନ୍ଧି ଉପରକୁ ଉଠାଇ ଦିଆଯାଏ। ଅନ୍ତରୀକ୍ଷରେ ରହିଥିବା ଦେବୀଦେବତା ତଥା ନିଜର ପୂର୍ବପୁରୁଷଙ୍କ ଉଦ୍ଦେଶ୍ୟରେ ଆକାଶ ଦୀପ ମାଧ୍ୟମରେ ଦୀପଦାନ ପରମ୍ପରା କାର୍ତ୍ତିକ ବ୍ରତର ଏକ ଅନନ୍ୟ ବିଭବ। ଆମ ସଂସ୍କୃତିରେ ଆଷାଢ଼, କାର୍ତ୍ତିକ, ମାଘ ଓ ବୈଶାଖ (ଆ, କା, ମା, ବୈ), ଏହି ଚାରି ମାସ ଅତ୍ୟନ୍ତ ପବିତ୍ର ବୋଲି କୁହାଯାଇଛି। ଏହି ଚାରି ମାସ ଧର୍ମ ଦୃଷ୍ଟିରୁ ଶୁଭପ୍ରଦ ଏବଂ ଦେବଦେବୀଙ୍କ ଉପାସନା ସକାଶେ ଅତ୍ୟନ୍ତ ଅନୁକୂଳ। ବୈଷ୍ଣବ ତତ୍ତ୍ୱ ଅନୁସାରେ ଭଗବାନ ବିଷ୍ଣୁ, ବର୍ଷର ବାର ମାସରେ ବିଭିନ୍ନ ରୂପରେ ଯଥା ମାର୍ଗଶୀର ମାସରେ କେଶବ, ପୌଷରେ ନାରାୟଣ, ମାଘରେ ମାଧବ, ଫାଲଗୁନରେ ଗୋବିନ୍ଦ, ଚୈତ୍ରରେ ବିଷ୍ଣୁ, ବୈଶାଖରେ ମଧୁସୂଦନ, ଜ୍ୟେଷ୍ଠରେ ତ୍ରିବିକ୍ରମ, ଆଷାଢ଼ରେ ବାମନ, ଶ୍ରାବଣରେ ଶ୍ରୀଧର, ଭାଦ୍ରବରେ ହୃଷିକେଶ, ଆଶ୍ୱିନରେ ପଦ୍ମନାଭ, ଉର୍ଜ ବା କାର୍ତ୍ତିକ ମାସରେ ଦାମୋଦର, ଏହି ଭଳି ସମ୍ପୃକ୍ତ ମାସର ଅଧିପତି ଭାବରେ ପୂଜିତ ହୋଇଥାଆନ୍ତି। ଶ୍ରୀକ୍ଷେତ୍ରରେ ଶ୍ରୀମନ୍ଦିରରେ ମହାପ୍ରଭୁ ଶ୍ରୀଜଗନ୍ନାଥ ଏହି ମାସରେ ଦାମୋଦର ରୂପରେ ଉପାସିତ ହେଇଥିବା ଅବସରରେ ତାଙ୍କ ସହିତ ଶ୍ରୀରାଧାଙ୍କୁ ସଂଯୁକ୍ତ କରି ପ୍ରତ୍ୟହ ରାଧାଦାମୋଦର ବେଶ କରାଯାଇଥାଏ। ଏହି ମାସର ଶେଷ ପାଞ୍ଚଦିନ ଦିନକୁ ପଂଚୁକ ପୂର୍ଣ୍ଣିମା, ରସପୂର୍ଣୀମା ବା କାର୍ତ୍ତିକ ପୂର୍ଣ୍ଣିମା ମଧ୍ୟ କୁହାଯାଏ। ଏହି ଦିନରେ କାର୍ତ୍ତିକ ବ୍ରତଧାରୀମାନେ "ଆ କା ମା ବୈ ପାନ ଗୁଆ ଥଇ ପାନ ଗୁଆ ତୋର ମାସକ ଧର୍ମ ମୋର" କହି ଡଙ୍ଗା ଭସେଇ ବ୍ରତ ଭାଙ୍ଗି ଥାଏ।

ଛାତ୍ର, ସାମ୍ବାଦିକତା ଓ ଗଣଯୋଗାଯୋଗ ବିଭାଗ
ଫକୀର ମୋହନ ବିଶ୍ୱବିଦ୍ୟାଳୟ, ବାଲେଶ୍ୱର

# ଶାଳପତ୍ର ସ୍ୱାଦ



ଇଂ ସତ୍ୟନାରାୟଣ ମାଝୀ

ସେଦିନ ଆସିବାରେ ବିଳମ୍ବ ହେବାରୁ ରାତିରେ ଧନୁ ଭାଇଙ୍କର ଢାବାରେ ଅଟକି ଗଲି।ସାଙ୍ଗରେ ସାନ ଭାଇ ବ୍ରଜେଶ୍ୱର ପାଖରେ ଥାଏ। ରାତି ପ୍ରାୟ ୧୦ଟା କିନ୍ତୁ ଏତେ ଭିଡ ନ ଥାଏ ଢାବା।ଆମେ ପହଞ୍ଚିଗଲା ପରେ ପଚାରିକି ଧନୁଭାଇ ନିଜେ ଖାଦ୍ୟ ପ୍ରସ୍ତୁତ କରିବା ଲାଗି ରୋଷେଇଙ୍କୁ କହିଲେ। ଖାଦ୍ୟ ଆସିଗଲା, ଡାଲି ଚଉଡିଏ ଓ ରୁଟି ୪ପଟ କଂଚା ଶାଳପତ୍ର ପ୍ଲେଟ୍‌ରେ ପରଷା ଯାଇଥାଏ।ଗରମ ଖାଦ୍ୟରୁ ଏମିତି ଏକ ବାସ୍ନା ଆସୁଥାଏ ଯେମିତିକି ଖାଦ୍ୟରେ ଭିତରେ ସନ୍ତୁଷ୍ଟତା ଲୁଚି ରହିଛି।ଖାଇ ସାରିଲା ପରେ ଗୋଟେ ପ୍ରାକୃତିକ ଖୁସି ଆସିଲା ମନେ ହେଉଥାଏ।ଶାଳବୃକ୍ଷ ଆଚ୍ଛାଦିତ ମୟୂରଭଞ୍ଜ ମାଟି ସତରେ କେତେ ଧନ୍ୟ।

କିନ୍ତୁ ସମୟର ବିଦ୍ରୂପ ପ୍ରଭାବରେ ଧଳା ଫରଫର ଥୋର୍ମକୋଲ ପ୍ଲେଟ୍ ବ୍ୟବହାର ଆମକୁ ଅତିଷ୍ଟ କରିଦେଲାଣି।ଯୁଆଡେ ଯିବେ ଥୋର୍ମକୋଲ ପ୍ଲେଟ୍‌ର ବ୍ୟବହାର ଏତେ ସହଜ ସହଜ କରିଦେଇଛି ଯେ ବିବାହ, ଶୁଦ୍ଧିକ୍ରିୟା, ବ୍ରତଘର ଓ ବିଭିନ୍ନ ଭୋଜିରେ ଦେଖିବାକୁ ମିଳୁଛି।କିନ୍ତୁ ରାସାୟନିକ ପଦ୍ଧତିରେ ନିର୍ମିତ ଏହି ସବୁ ଜିନିଷ ଆମ ଶରୀର ପ୍ରତି କେତେ ଅସ୍ୱାସ୍ଥ୍ୟକର ତାହା ଆମେ କେବେ ବିଚାର କରୁନାହୁଁ।ଏହା ଆମେ ନିଶ୍ଚିତ ହେବା ଦରକାର ଯେ ଥୋର୍ମକୋଲ ପ୍ଲେଟ୍ ବ୍ୟବହାର ଦ୍ୱାରା ଶରୀର କୌଣସି ନା କୌଣସି ରୋଗକୁ ପରୋକ୍ଷ ଭାବରେ ଆମନ୍ତ୍ରଣ କରୁଛି। ଯାହା ବି ହେଉ ଶାଳପତ୍ର ପ୍ଲେଟ୍‌ରେ ଗରମ ଖାଦ୍ୟ ପରଷିଦେଲେ ଖାଇବାକୁ ଯେଉଁ ଆନନ୍ଦ ଲାଗେ ତାହା ଅନୁଭବରୁ ହିଁ ବାରି ହେବ।ଶାଳପତ୍ରରେ ଖାଦ୍ୟ ଖାଇବା ମୟୂରଭଞ୍ଜ ରାଜ ପରିବାରର ବହୁ ପ୍ରିୟ ଭାବେ ପରିଚିତ।କଂସାରେ ଖାଇବାର ଆନନ୍ଦଠୁଁ ଶାଳପତ୍ରରେ ତିଆରି ପ୍ଲେଟ୍‌ରେ ଖାଇବାର ଆନନ୍ଦ ନିଆରା।ଶାଳପତ୍ର ପ୍ରଚୁର ମିଳୁଥିବା ଅଞ୍ଚଳରେ ବହୁ ପରିମାଣରେ ପତ୍ର ସଂଗ୍ରହ କରିଥାନ୍ତି ଲୋକେ।ଏହା ଲଘୁ ବନଜାତ ଦ୍ରବ୍ୟରେ ସାମିଲ ଥିବାରୁ ଲୋକେ ସଂଗ୍ରହ କରି ବିକ୍ରି ମଧ୍ୟ କରିଥାନ୍ତି।କିନ୍ତୁ ଶାଳପତ୍ର ମୂଲ୍ୟ ସରକାରଙ୍କର ଧାର୍ଯ୍ୟ ମୂଲ୍ୟ ଅନୁସାରେ ଲୋକେ ପାଆନ୍ତି ନାହିଁ।କାରଣ ଶାଳପତ୍ରରେ ଗରମ ଖାଦ୍ୟ ପରଷି ଖାଇଲେ ହଜମ ପ୍ରକ୍ରିୟାକୁ ତରାନ୍ୱିତ କରିଥାଏ ବୋଲି କେତେ ଲୋକେ କୁହନ୍ତି।

କେତେକଙ୍କ ଅନୁଯାୟୀ ଶାଳପତ୍ରରେ ଖାଦ୍ୟ ଖାଇବା ଦ୍ୱାରା ହଜମ ପ୍ରକ୍ରିୟାରେ ଉନ୍ନତି ଆସି ବିଭିନ୍ନ ଦୋଷ ଦୂର ହୋଇଥାଏ। ଶାଳପତ୍ରରେ ପ୍ରାକୃତିକ ଆଣ୍ଟିମାଇକ୍ରୋବାୟଲ୍ ଗୁଣ ରହିଛି ଯାହା ଖାଦ୍ୟରେ କ୍ଷତିକାରକ ବ୍ୟାକ୍ଟେରିଆକୁ ରୋକିବାରେ ସାହାଯ୍ୟ କରିଥାଏ ଏବଂ ସେମାନେ ଖାଦ୍ୟରେ ଏକ ସୂକ୍ଷ୍ମ ସ୍ୱାଦ ମଧ୍ୟ ଯୋଗ କରିପାରନ୍ତି।

ଶାଳପତ୍ର ପ୍ଲେଟଗୁଡିକ ପ୍ଲାଷ୍ଟିକ ପ୍ଲେଟଗୁଡିକ ପାଇଁ ଏକ ସ୍ଥାୟୀ ବିକଳ୍ପ ହୋଇପାରିବ ଏବଂ ଏହାର ଅନେକ ଲାଭ ମଧ୍ୟ ଅଛି।ପତିତ ଶୁଖିଲା ପତ୍ରରୁ ତିଆରି, ଶାଳପତ୍ର ପ୍ଲେଟଗୁଡିକ ଏକ ଅକ୍ଷୟ ଉତ୍ସ।ପତ୍ରର ପ୍ଲେଟଗୁଡିକ ଭାଙ୍ଗି ମାଟିରେ ପକାଯିବା ପରେ ସାର ଭାବରେ କାର୍ଯ୍ୟ କରିପାରେ।ଶାଳପତ୍ର ପ୍ଲେଟଗୁଡିକ କ୍ଷତିକାରକ ରାସାୟନିକ ପଦାର୍ଥ ଏବଂ ବିଷାକ୍ତ ପଦାର୍ଥରୁ ମୁକ୍ତ ଅଟେ।ଯାହା ପ୍ଲାଷ୍ଟିକ କିମ୍ବା ଅନ୍ୟ ରାସାୟନିକ ପ୍ଲେଟ ଅପେକ୍ଷା ଏକ ସୁସ୍ଥ ବିକଳ୍ପ ଅଟେ।ଶାଳପତ୍ର ପ୍ଲେଟ୍ ଗରମ ଏବଂ ଥଣ୍ଡା ପାତ୍ର ସହିତ ବିଭିନ୍ନ ଖାଦ୍ୟ ଧାରଣ କରିପାରେ।ବିଭିନ୍ନ ପ୍ରକାରର ଖାଦ୍ୟ ରଖିବା ପାଇଁ ଶାଳ ପତ୍ରର ପ୍ଲେଟ୍ ଯଥେଷ୍ଟ ଦୃଢ ଅଟେ।ଶାଳପତ୍ରର ପ୍ଲେଟଗୁଡିକ ବିଭିନ୍ନ ଉଦ୍ଦେଶ୍ୟରେ ବ୍ୟବହୃତ ହୁଏ, ଯେପରିକି ମନ୍ଦିର ପର୍ବ, ବିବାହ ତଥା ବିଭିନ୍ନ ଭୋଜି ଏବଂ ରେଷ୍ଟୁରାଣ୍ଟ ଆଦିରେ ବ୍ୟବହାର ହୋଇଥାଏ।ସବୁଠାରୁ ବଡକଥା ହେଉଛି ପ୍ରକୃତିର ଦାନକୁ ସଦୁପୋଯୋଗ କରିବା ହେଉଛି ପରିବେଶ ସୁରକ୍ଷାର ଆଉ ଏକ ପରିଚୟ। ଏବେ ତ ଶାଳପତ୍ର ଗଛରୁ ତଳେ ପଡ଼ି ନଷ୍ଟ ହୋଇ ଯାଉଛି।ତାର ସଦ ବିନିଯୋଗ ହେଉଛି କିଛି ଲୋକଙ୍କର ପେଟପାଟଣା ଲାଗି। କିନ୍ତୁ ନଷ୍ଟ ହେଉଥିବା ପତ୍ର ଗୁଡିକ ପ୍ଲେଟ୍ ତିଆରି କରିବା ଏବଂ ଅନ୍ୟାନ୍ୟ ଉପକରଣ ପ୍ରସ୍ତୁତ କରିବା, ଯାହାକି କୃତ୍ରିମ ପ୍ଲେଟ୍ ଆଦିର ବିକଳ୍ପ ସାଜି ପରିବେଶକୁ ସୁରକ୍ଷା ଦେଇପାରିବ। ପୃଥିବୀକୁ ସବୁଜମୟ କରିବା ଆମ ସମସ୍ତଙ୍କର ସୁରକ୍ଷା।

ଏକତାଳୀ, ଯଶିପୁର, ମୟୂରଭଞ୍ଜ
ମୋବାଇଲ୍: ୯୪୩୮୫୩୭୦୧୩



# ସିନୱାରର ମୃତ୍ୟୁ ପରେ ଯୁଦ୍ଧ ବନ୍ଦ ସମ୍ଭାବନା ବୃଦ୍ଧି

**ତେଲଆଭିଭ, ୧୮।୧୦:** ଏୟାର ଷ୍ଟ୍ରାଇକରେ ହମାସ ମୁଖ୍ୟ ୟାହ୍ୟା ସିନୱାରର ମୃତ୍ୟୁ ପରେ ଯୁଦ୍ଧ ସାଙ୍ଗ ନେଇ ଘୋଷଣା କରିଛନ୍ତି ଇସ୍ରାଏଲ ପ୍ରଧାନମନ୍ତ୍ରୀ ବେଞ୍ଜାମିନ ନେତାନ୍ୟାହୁ। ଯଦି ହମାସ ବନ୍ଧକମାନଙ୍କୁ ମୁକ୍ତ କରିବା ସହ ଅସ୍ତ୍ରବିରତି କରେ ତେବେ ଆସନ୍ତାକାଲି ସୁଦ୍ଧା ଯୁଦ୍ଧ ଶେଷ ହୋଇଯିବ। ସୋଶାଲ ମିଡିଆ ଏକ୍ସରେ ଏକ ଭିଡିଓ ଶେୟାର କରି ନେତାନ୍ୟାହୁ କହିଛନ୍ତି, "ୟାହ୍ୟା ସିନୱାର ମୃତ। ଇସ୍ରାଏଲର ସାହସୀ ସେନା ରାଫାରେ ୟାହ୍ୟାକୁ ନିପାତ କରିଦେଇଛନ୍ତି। ଗାଜାରେ ଯୁଦ୍ଧ ସମାପ୍ତ ହୋଇନଥିଲେ ମଧ୍ୟ ଏହା ଯୁଦ୍ଧ ଶେଷର ଆରମ୍ଭ।"

ସେ ଆହୁରି କହିଛନ୍ତି, "ଗାଜାର ଲୋକଙ୍କୁ ମୁଁ ସରଳ ଭାଷାରେ କହୁଛି ଯେ, ଏହି ଯୁଦ୍ଧ ଆସନ୍ତାକାଲି





ଶେଷ ହୋଇପାରେ। ଯଦି ହମାସ ଅସ୍ତ୍ର ଛାଡ଼ିଦିଏ ଏବଂ ଆମ ବନ୍ଧକମାନଙ୍କୁ ଫେରାଇ ଦିଏ ତେବେ ଯୁଦ୍ଧ ଆସନ୍ତାକାଲି ସୁଦ୍ଧା ଶେଷ ହୋଇଯିବ।" ପ୍ରକାଶ ଥାଉକି, ଗତକାଲି ଇସ୍ରାଏଲ ସେନା ୟାହ୍ୟାର ନିପାତ ହୋଇଥିବା ଘୋଷଣା କରିଥିଲା। ଇସ୍ରାଏଲ ଏୟାର ଷ୍ଟ୍ରାଇକରେ ୟାହ୍ୟାର ମୃତ୍ୟୁ ଘଟିଥିବା ସେନା ସ୍ପଷ୍ଟ କରିଥିଲା। ଏହାପରେ ମୃତ୍ୟୁ ପୂର୍ବରୁ ୟାହ୍ୟାର ଏକ ଭିଡିଓ ମଧ୍ୟ ଜାରି କରିଥିଲା।

ଗତ ବର୍ଷ ଅକ୍ଟୋବର ୭ରେ ହମାସ ଇସ୍ରାଏଲ ଉପରେ କରିଥିବା ଏୟାର ଷ୍ଟ୍ରାଇକର ମାଷ୍ଟର ମାଇଣ୍ଡ ଥିଲା ୟାହ୍ୟା। ୟାହ୍ୟାର ନେତୃତ୍ୱରେ ହିଁ ହମାସ ଚାଲିଥିଲା। ସେ ଏକ ପ୍ରକାର ହମାସର ମୁଖ୍ୟ ଥିବା କହିଲେ କିଛି ଭୁଲ୍ ହେବନି।

## ଆସନ ବୁଝାମଣା ନେଇ କଂଗ୍ରେସ ସହ ଉଦ୍ଧବଙ୍କ ମତଭେଦ

**ମୁମ୍ବାଇ, ୧୮।୧୦:** ମହାରାଷ୍ଟ୍ର ବିଧାନସଭା ନିର୍ବାଚନ ପାଇଁ ବିରୋଧୀ ମହାଘାଡ଼ିରେ ମତଭେଦ ପଦାକୁ ଫିଟିଛି। ରାଜ୍ୟର ୨୮୮ ବିଧାନସଭା ଆସନ ମଧ୍ୟରୁ ୨୬୩ ଆସନରେ ତିନି ଅଂଶୀଦାର ଦଳ ମଧ୍ୟରେ ବୁଝାମଣା ଚୂଡ଼ାନ୍ତ ହୋଇଛି ବୋଲି କୁହାଯାଉଥିଲେ ମଧ୍ୟ ବାସ୍ତବରେ ଏବେ ବି ଅନେକ ଆସନ ନେଇ ତିନି ଅଂଶୀଦାର ଦଳ ମଧ୍ୟରେ ମତପାର୍ଥକ୍ୟ ଜାରି ରହିଛି। ଯେଉଁ ୨୫ଟି ଆସନରେ ବିବାଦ ରହିଛି ତାହାକୁ ତୁଟାଇବା ନିମନ୍ତେ ତିନିଦଳ ମଧ୍ୟରେ ଆଲୋଚନା ଜାରି ରହିଛି। କିନ୍ତୁ ଉଦ୍ଧବ ଠାକରେଙ୍କ ନେତୃତ୍ୱାଧିନ ଶିବସେନା ଆସନ ବୁଝାମଣା ନେଇ ରାଜ୍ୟ କଂଗ୍ରେସ ସଭାପତି ନାନା ପାଟୋଲେଙ୍କ ସହ କୌଣସି ଆଲୋଚନା କରିବ ନାହିଁ ବୋଲି ସ୍ପଷ୍ଟ କରିଛି। ଏଥିଲାଗି କଂଗ୍ରେସ ସଭାପତି ମଲ୍ଲିକାର୍ଜୁନ ଖାର୍ଗେଙ୍କ ସହ ଦଳ ଆଲୋଚନା କରିବାକୁ ପ୍ରସ୍ତୁତ ବୋଲି ଶିବସେନା ନେତା ସଞ୍ଜୟ ରାଉତ କହିଛନ୍ତି। ଗତକାଲି ତିନିଦଳର ପ୍ରମୁଖ ନେତାମାନେ ଏକ ବୈଠକରେ ଏକତ୍ର ହୋଇ ଆସନ ବୁଝାମଣା ନେଇ ଆଲୋଚନା କରିଥିଲେ। ବୈଠକରେ ଉଦ୍ଧବ ଓ ସଞ୍ଜୟ ରାଉତଙ୍କ ସହିତ କଂଗ୍ରେସ ପକ୍ଷରୁ ନାନା ପାଟୋଲ ଏବଂ ଏନସିପି ପକ୍ଷରୁ ଜୟନ୍ତ ପାଟିଲ, ଅନିଲ ଦେଶମୁଖ ପ୍ରମୁଖ ସାମିଲ ହୋଇଥିଲେ।

## ପ୍ରବାସୀ ଶ୍ରମିକଙ୍କୁ ଗୁଳିକରି ହତ୍ୟା

**ଶ୍ରୀନଗର, ୧୮।୧୦:** ପୁଣି ଜମ୍ମୁ-କଶ୍ମୀରରେ ଟାର୍ଗେଟ୍ କିଲିଂ। ଏଥର ଜଣେ ଅଣ-କଶ୍ମୀର ଯୁବକଙ୍କୁ ଟାର୍ଗେଟ୍ କରିଛନ୍ତି ଆତଙ୍କବାଦୀ। ଗୁଳିମାଡ଼ କରି ଯୁବକଙ୍କୁ ଆତଙ୍କବାଦୀମାନେ ହତ୍ୟା କରିଛନ୍ତି। ଜମ୍ମ-କଶ୍ମୀରର ସୋପିଆନ୍‌ରେ ଘଟିଛି ଏଭଳି କିଛି ଘଟଣା। ସୂଚନା ମିଳିବା ପରେ ସୁରକ୍ଷାକର୍ମୀ ଘଟଣାସ୍ଥଳରେ ପହଞ୍ଚି ଯୁବକଙ୍କ ମୃତଦେହକୁ ଉଦ୍ଧାର କରି ହସ୍ପିଟାଲ ପଠାଇଛି। ପୂରା ଅଞ୍ଚଳକୁ ସୁରକ୍ଷାକର୍ମୀଙ୍କ ପକ୍ଷରୁ ଘେରା ବନ୍ଦି କରାଯାଇଛି ସର୍ଚ୍ଚ ଅପରେସନ୍ ଜାରି ରହିଛି। ମୃତ ଯୁବକ ଜଣକ ହେଲେ ଜଣେ ପ୍ରବାସୀ ଶ୍ରମିକ। ସେ ବିହାରର ବାସିନ୍ଦା ବୋଲି ଜଣାପଡିଛି। ଶୁକ୍ରବାର ସକାଳେ ସ୍ଥାନୀୟ ଲୋକେ ଉକ୍ତ ଯୁବକଙ୍କ ମୃତଦେହକୁ ରାସ୍ତାକଡରୁ ଉଦ୍ଧାର କରିଥିଲେ। ଏହାପରେ ପୁଲିସକୁ ଖବର ଦେଖିଥିଲେ। ନ୍ୟାସନାଲ କନଫରେନ୍ସ (ଏନସି) ନେତା ଓମାର ଅବଦୁଲ୍ଲା ଜମ୍ମୁ କଶ୍ମୀରର ମୁଖ୍ୟମନ୍ତ୍ରୀ ଭାବରେ ଶପଥ ଗ୍ରହଣ କରିବାର ଦୁଇ ଦିନ ପରେ ଏହି ଘଟଣା ଘଟିଛି। ଜମ୍ମୁ କଶ୍ମୀରରେ ସଂଗଠିତ ଆତଙ୍କବାଦ ହ୍ରାସ ପାଇବା ପରେ ଟାର୍ଗେଟରେ କିଲିଂ ଘଟଣା କ୍ରମାଗତ ଭାବେ ସାମ୍ନାକୁ ଆସୁଛି। ଗତ ବର୍ଷ ମଧ୍ୟ ଆତଙ୍କବାଦୀମାନେ ବିଭିନ୍ନ ଅଞ୍ଚଳରେ ହିନ୍ଦୁ ଏବଂ ଅଣ-କଶ୍ମୀରବାସୀଙ୍କୁ ଟାର୍ଗେଟ୍ କରି ହତ୍ୟା କରିଥିଲେ। ଅନନ୍ତନାଗ, ପୁଲଓ୍ୱାମା ଏବଂ ପୁଞ୍ଚ ଅଞ୍ଚଳରୁ ଅନେକ ଟାର୍ଗେଟ କିଲିଂ ଘଟଣା ସାମ୍ନାକୁ ଆସିଥିଲା।

# ବାଲ୍ୟ ବିବାହ ନେଇ ସୁପ୍ରିମକୋର୍ଟ ଜାରି କଲେ ମାର୍ଗଦର୍ଶିକା

**ନୂଆଦିଲ୍ଲୀ, ୧୮।୧୦:** ଦେଶରେ ହେଉଥିବା ବାଲ୍ୟ ବିବାହକୁ ନେଇ ସୁପ୍ରିମକୋର୍ଟ କ୍ଷୁବ୍ଧ। ଏହି ପ୍ରସଙ୍ଗକୁ ନେଇ ସର୍ବୋଚ୍ଚ ଅଦାଲତ ଅସନ୍ତୋଷ ବ୍ୟକ୍ତ କରିବା ସହ ଗାଇଡଲାଇନ୍ ଜାରି କରିଛନ୍ତି। ଶୁକ୍ରବାର ଦିନ ସୁପ୍ରିମକୋର୍ଟ ବାଲ୍ୟ ବିବାହକୁ ନେଇ ଦୃଢ଼ ମନ୍ତବ୍ୟ ଦେଇ କହିଛନ୍ତି ଯେ ବ୍ୟକ୍ତିଗତ ବିବାହ ଆଇନ ଜରିଆରେ ଶିଶୁ ବିବାହ ନିଷେଧ ଆଇନକୁ ଏଡ଼ାଇ ଦିଆଯାଇପାରିବ ନାହିଁ। କୋର୍ଟ ଏହା ମଧ୍ୟ କହିଛନ୍ତି ଯେ ପିଲାମାନଙ୍କ ସହ ଜଡ଼ିତ ବିବାହ ହେଉଛି ନିଜ ପସନ୍ଦର ଜୀବନ ସାଥୀ ବାଛିବା ପାଇଁ ସ୍ୱତନ୍ତ୍ର ଇଚ୍ଛାଶକ୍ତିର ଉଲ୍ଲଂଘନ। ଏହାଦ୍ୱାରା ସେମାନଙ୍କ ପସନ୍ଦର ଜୀବନ ସାଥୀ ବାଛିବା ବିକଳ୍ପ ଶେଷ ହୋଇଯାଏ।

ଏକ ଏନଜିଓ ଦ୍ୱାରା ଦାଖଲ କରାଯାଇଥିବା ପିଟିସନରେ ଅଭିଯୋଗ ହୋଇଥିଲା ଯେ ରାଜ୍ୟ ସ୍ତରରେ ଶିଶୁ ବିବାହ ନିଷେଧ ଆଇନ ଠିକ୍ ଭାବେ କାର୍ଯ୍ୟକାରୀ ହେଉନାହିଁ, ଯେଉଁଥିପାଇଁ ବାଲ୍ୟ ବିବାହ ମାମଲା ବଢ଼ିବାରେ ଲାଗିଛି। ଏହାର ଶୁଣାଣି କରି ସୁପ୍ରିମକୋର୍ଟ ଏହି ରାୟ ଦେଇଛନ୍ତି। ଭାରତରେ ବାଲ୍ୟ ବିବାହ ନିବାରଣ ଆଇନକୁ କାର୍ଯ୍ୟକାରୀ କରିବା ପାଇଁ ପ୍ରଧାନ ବିଚାରପତି ଜଷ୍ଟିସ ଡି.ଓ୍ୱାଇ ଚନ୍ଦ୍ରଚୁଡ୍, ଜଷ୍ଟିସ ଜେ.ବି ପରଦୀୱାଲା ଏବଂ ଜଷ୍ଟିସ ମନୋଜ ମିଶ୍ରଙ୍କ ବେଞ୍ଚ ଗାଇଡ୍‌ଲାଇନ୍ ଜାରି କରିଛନ୍ତି।

ବାଲ୍ୟ ବିବାହ ଉପରେ ଗାଇଡଲାଇନ୍ ଜାରି କରି ସୁପ୍ରିମକୋର୍ଟ କହିଛନ୍ତି ଯେ, ବାପା-ମା'ଙ୍କ ଦ୍ୱାରା ନିଜର ନାବାଳକ ପୁଅ-ଝିଅଙ୍କର ବିବାହ କରାଇବା ପାଇଁ ନିର୍ବନ୍ଧ କରିଦିଆ ଯାଏ। ଏଭଳି କରିବା ସେମାନଙ୍କ ଜୀବନ ସାଥୀ ବାଛିବା ପାଇଁ ଥିବା ସ୍ୱାଧୀନ ଇଚ୍ଛାଶକ୍ତିର ଉଲ୍ଲଂଘନ ଅଟେ।' ଶୁଣାଣି ସମୟରେ କୋର୍ଟ କେନ୍ଦ୍ର ସରକାରଙ୍କୁ ରାଜ୍ୟ ସହ କଥାବାର୍ତ୍ତା କରିବାକୁ କହିଛନ୍ତି ଏବଂ ବାଲ୍ୟ ବିବାହ ଉପରେ ନିଷେଧାଦେଶ ଲାଗୁ କରିବା ପାଇଁ



କ'ଣ ପଦକ୍ଷେପ ନିଆଯାଇଛି ତାହା ମଧ୍ୟ ଜଣାଇବାକୁ କହିଛନ୍ତି। ବାଲ୍ୟ ବିବାହକୁ ରୋକିବା ଏବଂ ସମାଜରୁ ଏହାକୁ ମୂଳପୋଛ ସୁନିଶ୍ଚିତ କରିବା ପାଇଁ ବାଲ୍ୟ ବିବାହ ଆଇନ ୨୦୦୬ ପ୍ରଣୟନ କରାଯାଇଥିଲା।କର୍ତ୍ତୃପକ୍ଷ ଶିଶୁ ବିବାହ ରୋକିବା ଏବଂ ନାବାଳିକାଙ୍କ ସୁରକ୍ଷା ଉପରେ ଧ୍ୟାନ ଦେବା ଉଚିତ। ଏହା ଏକ ସାମାଜିକ ବ୍ୟାଧି। ଏହିପରି ଘୃଣ୍ୟ କାମରେ ସମ୍ପୃକ୍ତ ଅପରାଧୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯିବା ଉଚିତ।

କୋର୍ଟ ଆହୁରି କହିଛନ୍ତି, ଦଣ୍ଡ ଏବଂ ଦୋଷୀ ସାବ୍ୟସ୍ତ ହେବା ପରିବର୍ତ୍ତେ ନିଷେଧ ତଥା ପ୍ରତିରୋଧ ଉପରେ ଗୁରୁତ୍ୱ ଦିଆଯିବା ଉଚିତ୍। ଆମେ ଆଇନ ଏବଂ ସମାଜବିଜ୍ଞାନର ସମ୍ପୂର୍ଣ୍ଣ ପରିସରକୁ ଦେଖିଛୁ। ବାଲ୍ୟ ବିବାହ ନିଷେଧ ଆଇନର ସଠିକ୍ କାର୍ଯ୍ୟକାରିତା ପାଇଁ ଆମେ ବିଭିନ୍ନ ନିର୍ଦ୍ଦେଶ ଦେଇଛୁ। ବାଲ୍ୟ ବିବାହ ରୋକିବା ପାଇଁ ସବୁଠାରୁ ଭଲ ଉପାୟ ହେଲା ପଛୁଆ ବର୍ଗ, ଶିକ୍ଷାର ଅଭାବ ଓ ଗରିବ ଶ୍ରେଣୀର ଝିଅମାନଙ୍କର କାଉନସଲିଂ କରିବା। ଏକ ବୃହତ ସାମାଜିକ ଢ଼ାଞ୍ଚାରୁ ଏହି ସମସ୍ୟାର ସମାଧାନ କରନ୍ତୁ ବୋଲି ସିଜେଆଇ କହିଛନ୍ତି।

## ଓଲଟିଲା ଟମାଟୋ ବୋଝେଇ ଟ୍ରକ୍

**ଲକ୍ଷ୍ନୌ, ୧୮।୧୦:** ଟମାଟୋର ଦରବୃଦ୍ଧି ମଧ୍ୟରେ ଏକ ଟ୍ରକ୍ ଓଲଟି ପଡ଼ିଛି। ୧୮ ଟନ୍ ଟମାଟୋ ନେଇ ଯାଉଥିବା ଟ୍ରକଟି ଭାରସାମ୍ୟ ହରାଇ ଓଲଟି ପଡ଼ିଥିଲା। ଖବର ପାଇବା ମାତ୍ରେ କାଳେ ସ୍ଥାନୀୟ ଲୋକେ ଟମାଟୋ ବୋହି ନେବେ, ସେଥିପାଇଁ ପୁଲିସ ରାତିସାରା ଟମାଟୋକୁ ଜଗି ରହିଥିଲା। ଏହି ଦୁର୍ଘଟଣା ଉତ୍ତରପ୍ରଦେଶରେ ଘଟିଛି। ଟମାଟୋ ନେଇ ବେଙ୍ଗାଲୁରୁରୁ ଦିଲ୍ଲୀ ଯାଉ ଥିବାବେଳେ ଉତ୍ତରପ୍ରଦେଶର ଏକ ଜାତୀୟ ରାଜପଥ ନିକଟରେ ଦୁର୍ଘଟଣାଗ୍ରସ୍ତ ହୋଇଥିଲା। ଟ୍ରକ୍ ଡ୍ରାଇଭର ଅର୍ଜୁନ କହିଛନ୍ତି ଯେ, ରାତି ୧୦ଟା ସମୟରେ ସାମ୍ନାକୁ ଏକ ଗାଈ ଚାଲିଆସିବାରୁ ଦୁର୍ଘଟଣା ହୋଇଥିଲା। ଏହି ସମୟରେ ସ୍କୁଟି ଚଲାଇ ଯାଉଥିବା ଜଣେ ମହିଳା ଟ୍ରକରେ ବାଡ଼େଇ ହୋଇ ଯାଇଥିଲେ। ତାଙ୍କୁ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ଟ୍ରକ୍ ହେଲ୍ପର ମଧ୍ୟ ଆହତ ହୋଇଛନ୍ତି। ସୌଭାଗ୍ୟବଶତଃ କେହି ଗୁରୁତର ଭାବେ ଆହତ ହୋଇନାହାନ୍ତି। ସେପଟେ ଦୁର୍ଘଟଣା ଖବର ପାଇ ପୁଲିସ ଘଟଣାସ୍ଥଳରେ ପହଞ୍ଚିଥିଲା। ବର୍ତ୍ତମାନ ଟମାଟୋ କିଲୋ ପିଛା ୧୦୦ ଟଙ୍କା ହୋଇଥିବାରୁ କାଳେ ସ୍ଥାନୀୟ ଲୋକେ ବୋହିନେବେ ସେଥିପାଇଁ ପୁଲିସ ରାତି ତମାମ ଟମାଟୋକୁ ସୁରକ୍ଷା ଯୋଗାଇଛି। କିଛି ପୁଲିସ କର୍ମଚାରୀ ଟମାଟୋକୁ ଜଗି ରହିଥିବାର ଫଟୋ ଓ ଭିଡିଓ ସୋଶାଲ ମିଡିଆରେ ଭାଇରାଲ୍ ହେଉଛି।

**ହରିୟାଣା ସରକାରଙ୍କ ବଡ଼ ଘୋଷଣା**

# କିଡ଼ନୀ ରୋଗୀଙ୍କୁ ମିଳିବ ମାଗଣା ଚିକିତ୍ସା

**ଚଣ୍ଡିଗଡ,୧୮।୧୦:** ହରିୟାଣାର ମୁଖ୍ୟମନ୍ତ୍ରୀ ଭାବେ ନାୟବ ସିଂ ସାଇନି ଦାୟିତ୍ୱ ଗ୍ରହଣ କରିଛନ୍ତି। ସେ ପୁଣି ମୁଖ୍ୟମନ୍ତ୍ରୀ ହେବା ପରେ ଏକ ବଡ ନିଷ୍ପତ୍ତି ନେଇଛନ୍ତି। ସେ ରାଜ୍ୟବାସୀଙ୍କୁ ବହୁତ ଉପହାର ଦେଇଛନ୍ତି। ସାଇନି ରାଜ୍ୟର ସମସ୍ତ ସରକାରୀ ଡାକ୍ତରଖାନାରେ କିଡନୀ ରୋଗୀଙ୍କ ପାଇଁ ମାଗଣା ଡାଏଲିସିସ ଘୋଷଣା କରିଛନ୍ତି। ଭବିଷ୍ୟତରେ ସମସ୍ତ ମେଡିକାଲ କଲେଜରେ ମାଗଣା ଡାଏଲିସିସ ସୁବିଧା ମଧ୍ୟ ଯୋଗାଇ ଦିଆଯିବ ବୋଲି ସେ କହିଛନ୍ତି।



ସାଇନି କହିଛନ୍ତି, ଆଜି ପ୍ରଥମ କ୍ରମରେ ସେ କିଡନୀ ରୋଗୀଙ୍କ ପାଇଁ ମାଗଣା ଡାଏଲିସିସ ଫାଇଲରେ ଦସ୍ତଖତ କରିଛନ୍ତି। ଆମ ମାନିଫେଷ୍ଟୋରେ ଜନସାଧାରଣଙ୍କୁ ଏହା ପ୍ରତିଶ୍ରୁତି ଦିଆଯାଇଥିଲା। ଏହା ହେଉଛି ଭାଜପାର ତୃତୀୟ କାର୍ଯ୍ୟକାଳ। ମୋଦି ଜିଙ୍କ ନୀତିକୁ ଜନସାଧାରଣ ଅନୁମୋଦନ କରିଛନ୍ତି। କଂଗ୍ରେସକୁ ହରିୟାଣାର ଲୋକମାନେ ପ୍ରତ୍ୟାଖାନ କରିଛନ୍ତି। ଜନସାଧାରଣଙ୍କ ମଧ୍ୟରେ ଦ୍ୱନ୍ଦ୍ୱ ସୃଷ୍ଟି କରିବାକୁ ବିରୋଧୀ କାର୍ଯ୍ୟ କରିଥିଲେ।

## ସତ୍ୟେନ୍ଦ୍ର ଜୈନଙ୍କୁ ମିଳିଲା ଜାମିନ



**ନୂଆଦିଲ୍ଲୀ, ୧୮।୧୦:** ଦୀର୍ଘ ୨୮ ମାସ ହେଲା ଜେଲରେ ଥିବା ଆପ୍‌ର ବରିଷ୍ଠ ତଥା ଦିଲ୍ଲୀର ପୂର୍ବତନ ସ୍ୱାସ୍ଥ୍ୟମନ୍ତ୍ରୀ ସତ୍ୟେନ୍ଦ୍ର ଜୈନଙ୍କୁ ମିଳିଛି ଜାମିନ। ତାଙ୍କୁ ଦିଲ୍ଲୀର ରାଉଜ ଆଭିନ୍ୟୁ କୋର୍ଟ ଜାମିନ ପ୍ରଦାନ କରିଛନ୍ତି। ଇଡି ଗୋଟିଏ ମନି ଲଣ୍ଡରିଂ ମାମଲାରେ ତାଙ୍କୁ ଗିରଫ କରି ଜେଲ ପଠାଇଥିଲା। ଜାମିନ ପ୍ରଦାନ କରିବା ବେଳେ କୋର୍ଟ ଜୈନଙ୍କୁ ଦୀର୍ଘ ଦିନ ହେଲା ଜେଲରେ ଅଟକ ରଖାଯିବା କଥା ଉଠାଇଥିଲେ। ଏଥିସହ ଅନ୍ୟତମ ଆପ୍ ନେତା ମନୀଷ ସିସୋଦିଆଙ୍କୁ ଜାମିନ ଦେବା ବେଳେ ସୁପ୍ରିମକୋର୍ଟ କହିଥିବା କଥାକୁ ମଧ୍ୟ ତଳ କୋର୍ଟ ଦୋହରାଇଛନ୍ତି। ମାମଲାର ଦ୍ରୁତ ଶୁଣାଣି ମୌଳିକ ଅଧିକାର ମଧ୍ୟରେ ଆସୁଛି ବୋଲି କୋର୍ଟ କହିଛନ୍ତି।

ଜୈନଙ୍କୁ ୨୦୨୨ ମସିହା ମେ' ୩୦ ତାରିଖରେ ଇଡି ଜୈନଙ୍କୁ ଗିରଫ କରିଥିଲା। ତାଙ୍କ ସହ ଜଡ଼ିତ ୪ କମ୍ପାନୀ ଜରିଆରେ ସେ ବେଆଇନ ଭାବେ ଟଙ୍କା ହେରଫେର କରିଥିବା ଅଭିଯୋଗରେ ଇଡି ଏପରି ପଦକ୍ଷେପ ନେଇଥିଲା। ଗିରଫ ପରଠାରୁ ସତ୍ୟେନ୍ଦ୍ର ଜୈନ ବାରମ୍ବାର ଜାମିନ ଆବେନ କରୁଥିଲେ ହେଁ ତାଙ୍କୁ ନିରାଶ ହେବାକୁ ପଡ଼ିଥିଲା। କୋର୍ଟ ଆଜି ରାୟ ଦେବା ବେଳେ ବ୍ୟକ୍ତିଗତ ସ୍ୱତନ୍ତ୍ରତା ଉପରେ ଗୁରୁତ୍ୱ ଦେଇଛନ୍ତି। ବିଶେଷ କରି ପିଏମଏଲଏ ଭଳି କଠୋର ଆଇନ ସହ ଜଡ଼ିତ ମାମଲାରେ ଏହାକୁ ବେଶୀ ଗୁରୁତ୍ୱ ଦେବାର ଆବଶ୍ୟକତା ରହିଛି ବୋଲି କହିଛନ୍ତି। ଜାମିନ ଆବେଦନକୁ ସବୁଥର ଭଳି ଏଥର ମଧ୍ୟ ଇଡି ଜୋରଦାର ବିରୋଧ କରିଥିଲା। ଜୈନ ଯେହେତୁ ଦୀର୍ଘ ମାସ ହେଲା ଜେଲରେ ରହି ସାରିଲେଣି ଓ ନିକଟ ଭବିଷ୍ୟତରେ ମାମଲାର ଟ୍ରାଏଲ ମଧ୍ୟ ହେବା ଭଳି ଲାଗୁ ନାହିଁ ବୋଲି କୋର୍ଟ ମତ ରଖିଥିଲେ। ଏହାପରେ ଜୈନଙ୍କୁ ଜାମିନ ଦେଇଥିଲେ। କୋର୍ଟ ୫୦ ହଜାର ଟଙ୍କାର ବ୍ୟକ୍ତିଗତ ବଣ୍ଡ ବଳରେ ଜୈନଙ୍କୁ ଜାମିନ ଦେଇଛନ୍ତି। ଜାମିନରେ ଥିବା ବେଳେ ସେ ମାମଲା ସହ ଜଡ଼ିତ କୌଣସି ସାକ୍ଷୀ କିମ୍ବା ବ୍ୟକ୍ତିଙ୍କ ସହ ଯୋଗାଯୋଗ କରିବେ ନାହିଁ। ସେ କୌଣସି ବି ଉପାୟରେ ଟ୍ରାଏଲକୁ ପ୍ରଭାବିତ କରିବାକୁ ଚେଷ୍ଟା କରିବେ ନାହିଁ। କୋର୍ଟଙ୍କ ବିନା ଅନୁମତିରେ ଜୈନ ବିଦେଶ ଯାତ୍ରା କରିପାରିବେ ନାହିଁ ମଧ୍ୟ କୋର୍ଟ ସର୍ତ୍ତ ରଖିଛନ୍ତି।

## ମୋଦି ପୁଣି ରୁଷିଆ ଯିବେ



**ନୂଆଦିଲ୍ଲୀ,୧୮।୧୦:** ଚଳିତ ବର୍ଷ ଦ୍ୱିତୀୟ ଥର ପାଇଁ ରୁଷିଆ ଗସ୍ତରେ ଯିବେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି। ୟୁକ୍ରେନ ଯୁଦ୍ଧ ଆରମ୍ଭ ହେବା ପରେ ଗତ ଜୁଲାଇ ମାସରେ ଦୁଇ ନେତା ପ୍ରଥମଥର ପାଇଁ ସାକ୍ଷାତ କରିଥିଲେ। ଯେଉଁଥିରେ ଦୁଇ ଜଣଙ୍କ ମଧ୍ୟରେ ଅନେକ ଗୁରୁତ୍ୱପୂର୍ଣ୍ଣ ଆଲୋଚନା ହୋଇଥିଲା। ଏବେ ପୁଣିଥରେ ମୋଦି ଚଳିତ ମାସ ୨୨-୨୩ ତାରିଖରେ ରୁଷିଆ ଗସ୍ତ କରିବାର କାର୍ଯ୍ୟକ୍ରମ ରହିଛି। ଏହି ଗସ୍ତରେ ସେ ବ୍ରିକ୍ସ ସମ୍ମିଳନୀରେ ଯୋଗ ଦେବେ। ମୋଦି ତାଙ୍କ ଗସ୍ତ ସମୟରେ ପ୍ରଧାନମନ୍ତ୍ରୀ ମୋଦି ବ୍ରିକ୍ସ ସଦସ୍ୟ ଦେଶ ତଥା ତାଙ୍କ ସହ କାଜାନରେ ଆମନ୍ତ୍ରିତ ନେତାଙ୍କ ସହ ଦ୍ୱିପାକ୍ଷିକ ବୈଠକ କରିବେ ବୋଲି ଆଶା କରାଯାଉଛି। ରୁଷିଆରେ ହେବାକୁଥିବା ଏହି ବୈଠକର ଥିମ୍ ରହିଛି 'ଜଷ୍ଟ ଗ୍ଲୋବାଲ୍ ଡେଭଲପମେଣ୍ଟ ଆଣ୍ଡ ସିକ୍ୟୁରିଟି ପାଇଁ ବହୁପକ୍ଷୀୟତାକୁ ମଜବୁତ କରିବା'। ଯାହା ୧୬ ତମ ବ୍ରିକ୍ସ ସମ୍ମିଳନୀ ନେତାଙ୍କ ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ପ୍ଲାଟଫର୍ମ ଯୋଗାଇବ ଯାହା ବିଶ୍ୱର ପ୍ରମୁଖ ପ୍ରସଙ୍ଗ ଉପରେ ଆଲୋଚନା କରିବ। ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟ କହିଛି ଯେ ବ୍ରିକ୍ସ ଦ୍ୱାରା ଆରମ୍ଭ ହୋଇଥିବା ପଦକ୍ଷେପଗୁଡ଼ିକର ଅଗ୍ରଗତିର ଆକଳନ ଏବଂ ଭବିଷ୍ୟତରେ ସହଯୋଗ ପାଇଁ ସମ୍ଭାବ୍ୟ କ୍ଷେତ୍ର ଚିହ୍ନଟ କରିବାକୁ ଏହି ସମ୍ମିଳନୀ ଏକ ମୂଲ୍ୟବାନ ସୁଯୋଗ ପ୍ରଦାନ କରିବ। ୨୦୦୬ ରେ ବ୍ରାଜିଲ, ରୁଷିଆ, ଭାରତ ଏବଂ ଚୀନ୍ (ବ୍ରିକ୍ସ) ବ୍ରିକ୍ସ ଗୋଷ୍ଠୀ ସୃଷ୍ଟି କରିଥିଲେ। ୨୦୧୦ରେ ଦକ୍ଷିଣ ଆଫ୍ରିକା ଯୋଗଦେବା ପରେ ଏହାକୁ ବ୍ରିକ୍ସ (ବ୍ରିକ୍ସ)ରେ ପରିବର୍ତ୍ତନ କରାଯାଇଥିଲା।

# ନିୟମ ଭାଙ୍ଗିଲେ ସିନ୍ଦେଙ୍କ ପୁଅ

## ଅନୁମତି ନଥାଇ ଗର୍ଭଗୃହରେ ପଶିଲେ

**ମୁମ୍ବାଇ, ୧୮।୧୦:** ନିୟମ ଭାଙ୍ଗିଲେ ମୁଖ୍ୟମନ୍ତ୍ରୀଙ୍କ ପୁଅ। ଅନୁମତି ନଥାଇ ଗର୍ଭଗୃହରେ ପଶିଲେ। ଏଭଳି କିଛି ଅଭିଯୋଗ ଆସିଛି ମହାରାଷ୍ଟ୍ର ମୁଖ୍ୟମନ୍ତ୍ରୀ ଏକନାଥ ସିନ୍ଦେଙ୍କ ସାଂସଦ ପୁଅଙ୍କ ବିରୋଧରେ। ମୁଖ୍ୟମନ୍ତ୍ରୀ ଏକନାଥ ସିନ୍ଦେଙ୍କ ପୁଅ ଶ୍ରୀକାନ୍ତ ସିନ୍ଦେ ମଧ୍ୟପ୍ରଦେଶର ଉଜ୍ଜୟିନୀରେ ଥିବା ମହାକଳ ମନ୍ଦିରର ନିୟମ ଭାଙ୍ଗିଥିବା ଅଭିଯୋଗ ହୋଇଛି। ନିଷେଧାଦେଶ ସତ୍ତ୍ୱେ ଶ୍ରୀକାନ୍ତ ସିନ୍ଦେ ତାଙ୍କ ପତ୍ନୀ ଏବଂ ଦୁଇ ସାଥୀଙ୍କ ସହ ଗର୍ଭଗୃହ ଭିତରକୁ ପଶି ପୂଜା କରିଥିବା କୁହାଯାଉଛି। ସୂଚନା ଅନୁସାରେ ମହାକାଳଙ୍କ ଦର୍ଶନ ପାଇଁ ଆସିଥିବା ଶ୍ରୀକାନ୍ତ ସିନ୍ଦେ ଓ ତାଙ୍କ ପତ୍ନୀ ଓ ଦୁଇ ସାଥୀ ମନ୍ଦିରର ଗର୍ଭଗୃହରେ ପଶି ପୂଜା କରୁଥିବାର ଫଟୋ ଆଉ ଭିଡିଓ ମଧ୍ୟ ସାମ୍ନାକୁ ଆସିଛି। ଏମାନେ ସମସ୍ତେ ବୁଧବାର ସନ୍ଧ୍ୟା ୫ଟା ୩୮ ମିନିଟ୍‌ରେ ଗର୍ଭଗୃହରେ ପ୍ରବେଶ କରୁଥିବା ଭିଡିଓରେ ଦେଖିବାକୁ ମିଳିଛି। ମହାକାଳଙ୍କ ଶୃଙ୍ଗାର ବେଳେ ଏହି ଚାରି ଜଣ ଶିବଲିଙ୍ଗ ନିକଟରେ ବସି ପୂଜା କରିଛନ୍ତି। ଏହି ଭିଡିଓ ସୋସିଆଲ ମିଡିଆରେ ମଧ୍ୟ ଭାଇରାଲ ହେଉଛି। ଏହାକୁ ନେଇ ଉତ୍ତେଜନା ବଢ଼ିବାରେ ଲାଗିଛି। ଅନୁମତି ନଥାଇ ସେ କିଭଳି ଗର୍ଭଗୃହକୁ ପ୍ରବେଶ କଲେ ତାକୁ ନେଇ ପ୍ରଶ୍ନ ଉଠିଛି। ଏହି ପ୍ରସଙ୍ଗକୁ ଉତ୍ତେଜନା ବଢ଼ିବା ପରେ, ପ୍ରଶାସନ କହିଛି ଯେ ସେମାନେ ଏହି ମାମଲାରେ ଉପଯୁକ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବେ। ଯଦି କେହି ଦୋଷୀ ସାବ୍ୟସ୍ତ ହୁଅନ୍ତି, ତେବେ ତାଙ୍କୁ ରକ୍ଷା କରାଯିବ ନାହିଁ। ନିୟମ ଅନୁଯାୟୀ, ଗତ ଏକ ବର୍ଷ ଧରି ମହାକଳ ମନ୍ଦିରର ଗର୍ଭଗୃହକୁ ସମସ୍ତ ଭକ୍ତଙ୍କ ପ୍ରବେଶ ଉପରେ ପ୍ରତିବନ୍ଧକ ଲଗାଯାଇଛି। କେବଳ ପୁରୋହିତମାନଙ୍କୁ ଏଠାରେ ପ୍ରବେଶ କରିବାକୁ ଅନୁମତି ରହିଛି। ଭକ୍ତ ଏବଂ ଶ୍ରଦ୍ଧାଳୁ ପାଇଁ ନିୟମ ଅଛି ଯେ ସେମାନେ ମହାକଳେଶ୍ୱର ଶିବଲିଙ୍ଗ ଠାରୁ ୫୦ ଫୁଟ ଦୂରରୁ ଦର୍ଶନ ପାଇପାରିବେ। ଏଭଳି ଜଣେ ଭିଆଇପି ମନ୍ଦିରର ନିୟମ ଭାଙ୍ଗିବା ୪ ମାସ ମଧ୍ୟରେ ଚତୁର୍ଥ ଘଟଣା ବୋଲି କୁହାଯାଉଛି।

## ବୃଦ୍ଧଙ୍କୁ ପିଟି ପିଟି ମାରିଦେଲେ ଯୁବକ

**ହାଇଦ୍ରାବାଦ, ୧୮।୧୦:** ସାମାନ୍ୟ କଥା କଟାକଟି ନେଲା ସାଂଘାତିକ ରୂପ । ଚାଲିଗଲା ଜଣେ ବୟସ୍କ ବ୍ୟକ୍ତିଙ୍କ ଜୀବନ। ଏପରି ଏକ ଅଭାବନୀୟ ଘଟଣା ହାଇଦ୍ରାବାଦରେ ଅଲଓ୍ୱାଲରେ ଘଟିଛି। ଏହାର ଭିଡିଓ ସିସିଟିଭିରେ କଏଦ ହୋଇଛି। ଜଣେ ବୟସ୍କ ବ୍ୟକ୍ତି ଅଲଓ୍ୱାଲର ଏକ ବ୍ୟସ୍ତବହୁଳ ରାସ୍ତା ଅତିକ୍ରମ କରୁଥିବା ବେଳେ ଏହି ଘଟଣା ଘଟିଛି। ବ୍ୟକ୍ତିଜଣକ ରାସ୍ତା ପାର୍ ହେଉଥିବା ବେଳେ ଜଣେ ବାଇକ୍ ଚାଳକ ଦ୍ରୁତ ଗତିରେ ଆସି ତାଙ୍କ ସମ୍ମୁଖରେ ଅତିକ୍ରମ ଗଲେ। ବାଇକ୍ ଚାଳକଜଣକଙ୍କୁ ଧୀର ଗତିରେ ଯିବାକୁ ବୃଦ୍ଧ ବ୍ୟକ୍ତିଜଣକ କହିଥିଲେ। ଏହାଶୁଣି ବାଇକ୍ ଚାଳକଜଣକ ଉତ୍ତ୍ୟକ୍ତ ହୋଇ ବୃଦ୍ଧଙ୍କୁ ତଳେ ପକାଇ ପ୍ରବଳ ପିଟିଥିଲେ। ଫଳରେ ସେ ଗୁରୁତର ହୋଇ ପଡ଼ିଥିଲେ। ଖବର ପାଇ ପରିବାର ଲୋକେ ପହଞ୍ଚି ତାଙ୍କୁ ତୁରନ୍ତ ହସ୍ପିଟାଲରେ ଭର୍ତ୍ତି କରିଥିଲେ। ସେଠାରେ ତାଙ୍କ ମୃତ୍ୟୁ ଘଟିଥିଲା।

# ଲରେନ୍ସଙ୍କ ସହ କଥା ହେବାକୁ ଆଗ୍ରହି ସଲମାନଙ୍କ ପୂର୍ବତନ ପ୍ରେମିକା

**ମୁମ୍ବାଇ, ୧୮।୧୦:** ଅଭିନେତା ସଲମାନ ଖାନ୍‌ଙ୍କ ପୂର୍ବତନ ପ୍ରେମିକା ତଥା ଅଭିନେତ୍ରୀ ଓ ଆମେରିକୀୟ ମହିଳା ଅଧିକାର କର୍ମୀ ସୋମି ଅଲ୍ଲୀ ଗୁରୁବାର ସୋସିଆଲ ମିଡିଆ ପ୍ଲାଟ୍‌ଫର୍ମ ଇନ୍‌ଷ୍ଟାଗ୍ରାମରେ ଏକ ପୋଷ୍ଟ ମାଧ୍ୟମରେ ଗ୍ୟାଙ୍ଗଷ୍ଟର ଲରେନ୍ସ ବିଷ୍ଣୋଇଙ୍କୁ ଭିଡିଓ କଲ୍ ମାଧ୍ୟମରେ ଆଲୋଚନା ପାଇଁ ନିମନ୍ତ୍ରଣ ଦେଇଛନ୍ତି। ଏହି ପୋଷ୍ଟରେ ସୋମି ଗୁଜରାଟର ସାବରମତି ଜେଲରେ ବନ୍ଦୀ ଥିବା ଲରେନ୍ସଙ୍କର ଏକ ଫଟୋକୁ ଶେୟାର କରି ଲେଖିଛନ୍ତି, "ଲରେନ୍ସ ଭାଇ, ଶୁଣିବାକୁ ପାଇଛି ଜେଲରୁ ଆପଣ ଜୁମ୍ କଲ୍ କରିପାରୁଛନ୍ତି। ଆପଣଙ୍କ ସହ କିଛି ଆଲୋଚନା କରିବାର ଅଛି। ଦୟାକରି ଏହା କିପରି ସମ୍ଭବ ହେବ ସେନେଇ ଜଣାନ୍ତୁ। ରାଜସ୍ଥାନ ମୋର ସବୁଠାରୁ ପସନ୍ଦଯୋଗ୍ୟ ସ୍ଥାନ। ସେଠାରେ ଥିବା ଆପଣଙ୍କ ମନ୍ଦିରକୁ ଯାଇ ପୂଜା କରିବାକୁ ଚାହୁଁଛି। ଏ ସମ୍ବନ୍ଧରେ ଆପଣଙ୍କ ସହ ଜୁମ୍ କଲ୍‌ରେ କିଛି ଆଲୋଚନା କରିବାକୁ ଚାହୁଁଛି। ବିଶ୍ୱାସ କରନ୍ତୁ ଏହି ଆଲୋଚନା



ଆପଣଙ୍କ ପାଇଁ ଲାଭଦାୟକ ହେବ। ଦୟାକରି ଆପଣଙ୍କ ମୋବାଇଲ ନମ୍ବର ଦିଅନ୍ତୁ, ଧନ୍ୟବାଦ।" ମହାରାଷ୍ଟ୍ରର ପୂର୍ବତନ ମନ୍ତ୍ରୀ ତଥା ବରିଷ୍ଠ ରାଷ୍ଟ୍ରବାଦୀ କଂଗ୍ରେସ ପାର୍ଟି(ଏନ୍‌ସିପି) ନେତା ଓ ସଲମାନଙ୍କ ଘନିଷ୍ଠ ସହଯୋଗୀ ବାବା ସିଦ୍ଦିକୀଙ୍କ ହତ୍ୟାକାଣ୍ଡ ପାଇଁ ଲରେନ୍ସ ବିଷ୍ଣୋଇ ଗ୍ୟାଙ୍ଗ୍ ନିଜକୁ ଦାୟୀ କରିଥିବାବେଳେ ସୋମିଙ୍କ ଏହି ପୋଷ୍ଟ ସାମ୍‌ନାକୁ ଆସିଛି। ସଲମାନଙ୍କ ସହ ଜଡ଼ିତ ଥିବା ସମସ୍ତ ବ୍ୟକ୍ତିଙ୍କର ବାବା ସିଦ୍ଦିକୀଙ୍କର ପରି ଅବସ୍ଥା ହେବ ବୋଲି ଲରେନ୍ସ ବିଷ୍ଣୋଇ ଗ୍ୟାଙ୍ଗ୍ ପକ୍ଷରୁ ଚେତାବନୀ ଦିଆଯାଇଛି। ଫଳରେ ସଲମାନଙ୍କ ସୁରକ୍ଷା ବ୍ୟବସ୍ଥାକୁ ମୁମ୍ବାଇ ପୋଲିସ ବୃଦ୍ଧି କରିଛି।

୯୦ ଦଶକରେ ସୋମି ଓ ସଲମାନଙ୍କ ପ୍ରେମ ସମ୍ପର୍କକୁ ନେଇ ବହୁ ମିଡିଆ ରିପୋର୍ଟ ପ୍ରକାଶ ପାଇଥିଲା। ସେ ଅନେକ ବଲିଉଡ୍ ଫିଲ୍ମରେ ମଧ୍ୟ କାର୍ଯ୍ୟ କରିଥିଲେ। ତେବେ ୧୯୯୯ରେ ଉଭୟଙ୍କ ମଧ୍ୟରେ ବ୍ରେକ୍‌ଅପ୍ ହୋଇଥିଲା। ସେବେଠାରୁ ସୋମି ମୁମ୍ବାଇ ଛାଡ଼ି ଆମେରିକାରେ ରହି ଆସୁଛନ୍ତି। ଯଦିଓ ସୋମି ଓ ସଲମାନଙ୍କ ସମ୍ପର୍କରେ ଫାଟ ସୃଷ୍ଟି ହୋଇଛି ତେବେ ମଧ୍ୟ ଅନେକବାର ସୋମି ବିଭିନ୍ନ ପ୍ରସଙ୍ଗରେ ସଲମାନଙ୍କୁ ସମର୍ଥନ କରିବା ସହ ତାଙ୍କୁ ସୁରକ୍ଷା ଯୋଗାଉଥିବାର ଦେଖିବାକୁ ମିଳିଛି। ଗତ ମେ'ରେ ସୋମି ଏକ ଜାତୀୟ ଗଣମାଧ୍ୟମକୁ ସାକ୍ଷାତ୍‌କାର ଦେଇ କହିଥିଲେ, କୃଷ୍ଣସାର ମୃଗ ଶିକାର କରିବା ମାମଲାକୁ ନେଇ ସଲମାନଙ୍କୁ ହତ୍ୟା ଧମକ ଦେବା ଓ ତାଙ୍କ ଗତିବିଧି ଉପରେ ନଜର ରଖିବା ଠିକ୍ ନୁହେଁ। ଏବେ ଉକ୍ତ ଘଟଣାକୁ ବହୁତ ବର୍ଷ ବିତିଗଲାଣି। ତେଣୁ ଘଟଣାକୁ ଭୁଲି ଯିବାକୁ ଓ ସଲମାନଙ୍କୁ କ୍ଷମା ଦେବାକୁ ସେ ବିଷ୍ଣୋଇ ସମାଜର ମୁଖ୍ୟଙ୍କୁ ଅନୁରୋଧ କରିଥିଲେ। ସଲମାନ ହୁଅନ୍ତୁ କିମ୍ବା କୌଣସି ସାଧାରଣ ବ୍ୟକ୍ତି କାହାରିକୁ ଜୀବନରୁ ମାରିଦେବା ପାଇଁ ଧମକ ଦେବା ଗ୍ରହଣୀୟ ନୁହେଁ। ଯଦି ସେମାନେ ନ୍ୟାୟ ଚାହୁଁଛନ୍ତି, ତେବେ କୋର୍ଟକୁ ଯାଆନ୍ତୁ ବୋଲି ସୋମି କହିଥିଲେ। ସଲମାନଙ୍କୁ କ୍ଷତି ପହଞ୍ଚାଇବା ଦ୍ୱାରା ମୃତ କୃଷ୍ଣସାର ମୃଗ ଫେରି ଆସି ପାରିବ ନାହିଁ। ଯାହା ହୋଇଯାଇଛି, ତାହା ବଦଳାଯାଇପାରିବ ନାହିଁ ବୋଲି ସେ କହିଥିଲେ। ପ୍ରକାଶ ଯେ, ରାଜସ୍ଥାନରେ ୧୯୯୮ ମସିହାରେ 'ହମ୍ ସାଥ୍ ସାଥ୍ ହେ'ଫିଲ୍ମର ଶୁଟିଂ କରୁଥିବା ସମୟରେ ସଲମାନ ଓ କେତେଜଣ ସାଥୀ ତାରକା କୃଷ୍ଣସାର ମୃଗକୁ ଶିକାର କରିଥିଲେ। କୃଷ୍ଣସାର ପ୍ରଜାତିର ହରିଣ ପବିତ୍ର ହୋଇଥିବା ଦାବି କରି ଏହାର ପ୍ରତିଶୋଧ ନେବା ଉଦ୍ଦେଶ୍ୟରେ ଲରେନ୍ସ ବିଷ୍ଣୋଇ ଗ୍ୟାଙ୍ଗ୍ ପକ୍ଷରୁ ୨୦୧୮ରେ ପ୍ରଥମ ଥର ପାଇଁ ସଲମାନଙ୍କୁ ଧମକ ଦିଆଯାଇଥିଲା।

# ୩୦ ବର୍ଷ ଜେଲରେ ରହିବା ପରେ ମୁକ୍ତି ଆବେଦନ

**ନୂଆଦିଲ୍ଲୀ,୧୮।୧୦:** ନିଜ ସ୍ତ୍ରୀଙ୍କୁ ହତ୍ୟା ଅଭିଯୋଗରେ ୩୦ବର୍ଷ ଜେଲରେ ଥିବା ଜଣେ ୮୪ ବର୍ଷ ବୟସ୍କ ବ୍ୟକ୍ତି ଆଜୀବନ କାରାଦଣ୍ଡକୁ ମୃତ୍ୟୁଦଣ୍ଡଠାରୁ ଖରାପ ବୋଲି ବର୍ଣ୍ଣନା କରିଛନ୍ତି। ତାଙ୍କ ଓକିଲ ବୁଧବାର ସୁପ୍ରିମକୋର୍ଟଙ୍କୁ କହିଛନ୍ତି ଯେ ଫାଶୀ ଦେବା ଏହାଠାରୁ ଭଲ ଦଣ୍ଡ ହୋଇପାରେ। କଏଦୀଙ୍କ ଓକିଲ କହିଛନ୍ତି କି ତାଙ୍କ ଦଣ୍ଡକୁ ମୃତ୍ୟୁଦଣ୍ଡରେ ପରିବର୍ତ୍ତନ କରି ଦିଆଯାଉ। ଏହି ଆବେଦନ ସ୍ୱାମୀ ଶ୍ରଦ୍ଧାନନ୍ଦ ଓରଫ ମୁରଲୀ ମନୋହର ମିଶ୍ରଙ୍କ ଦ୍ୱାରା ଦାଖଲ କରାଯାଇଥିଲା। ସେ କହିଛନ୍ତି ଯେ ସେ କ୍ରମାଗତ ୩୦ବର୍ଷ ଜେଲରେ ଅଛନ୍ତି ଏବଂ ଏହି ସମୟ ମଧ୍ୟରେ ତାଙ୍କ ବିରୋଧରେ କୌଣସି ପ୍ରତିକୂଳ ମାମଲା ରୁଜୁ କରାଯାଇ ନାହିଁ। ଜଷ୍ଟିସ ଭୂଷଣ ରାମକୃଷ୍ଣ ଗଭଇ, ଜଷ୍ଟିସ ପି.କେ ମିଶ୍ର ଏବଂ ଜଷ୍ଟିସ କେ.ଭି ବିଶ୍ୱନାଥନଙ୍କ ଏକ ବେଞ୍ଚ ଜେଲରୁ ମୁକ୍ତ ହେବା ପାଇଁ ଅନୁରୋଧ କରାଯାଇଥିବା ରିଟ ପିଟିସନକୁ ଖାରଜ କରିଥିଲେ।

> "ରାଜୀବ ଗାନ୍ଧୀଙ୍କ ଦୋଷୀଙ୍କୁ ମିଳୁଛି ମୁକ୍ତି ମୋତେ କାହିଁକି ନୁହେଁ"

ତେବେ ସୁପ୍ରିମକୋର୍ଟଙ୍କ ଜୁଲାଇ ୨୦୦୮ର ପୁନଃ ସମୀକ୍ଷା ପାଇଁ ତାଙ୍କ ପୃଥକ ଆବେଦନ ଶୁଣାଣି କରିବାକୁ ବେଞ୍ଚ ରାଜି ହୋଇଥିଲା, ଯାହା ତାଙ୍କୁ ସାରା ଜୀବନ ଜେଲରୁ ମୁକ୍ତ ନକରିବାକୁ ନିର୍ଦ୍ଦେଶ ଦେଇଥିଲା। ବେଞ୍ଚ କହିଲା, ଆପଣ ଏହାକୁ ଫାଶୀରେ ପରିଣତ କରିବାକୁ ଚାହୁଁଛନ୍ତି କି? ଦୋଷୀଙ୍କର ଓକିଲ କହିଛନ୍ତି ଯେ ଯଦି ସମ୍ଭବ, ଆଜିର ତାରିଖରେ ଫାଶୀ ଏକ ଭଲ ପରିସ୍ଥିତି ହେବ।

ବେଞ୍ଚ ପଚାରିଲା, 'ତୁମେ ତୁମର ମୁଦାଲାଙ୍କ ସହ କଥା ହୋଇଛ କି?' ଶ୍ରଦ୍ଧାନନ୍ଦଙ୍କ ଓକିଲ ବରୁଣ ଠାକୁର ଉତ୍ତର ଦେଇଛନ୍ତି, ମୁଁ ତାଙ୍କ ସହ କଥା ହୋଇ ନାହିଁ। ସେ ଯୁକ୍ତି ଦର୍ଶାଇଥିଲେ ଯେ ଶ୍ରଦ୍ଧାନନ୍ଦଙ୍କୁ ଦିଆଯାଇଥିବା ଏପରି ଦଣ୍ଡ ସେତେବେଳେ ତତ୍କାଳୀନ ଭାରତୀୟ ଦଣ୍ଡ ସଂହିତା ଅନୁଯାୟୀ ପ୍ରଦାନ କରାଯାଇ ନାହିଁ। ସେ କହିଛନ୍ତି ଯେ ଏହି ମାମଲାରେ ଦୋଷୀ ନ୍ୟାୟିକ ସ୍ୱୀକାରୋକ୍ତି ଉପରେ ଆଧାରିତ। ବେଞ୍ଚ ପ୍ରଶ୍ନ କରିଛି, 'ବର୍ତ୍ତମାନ ଆମେ ମାମଲା ପୁନଃ ଖୋଲିବା ଉଚିତ କି?' ବେଞ୍ଚ କହିଛନ୍ତି ଯେ କର୍ଣ୍ଣାଟକ ହାଇକୋର୍ଟଙ୍କ ସହ ସୁପ୍ରିମକୋର୍ଟ ମଧ୍ୟ ତାଙ୍କ ଦୋଷକୁ ସମର୍ଥନ କରିଛନ୍ତି।

କୋର୍ଟ କହିଛନ୍ତି, ଦୋଷୀ ସାବ୍ୟସ୍ତ ଆଧାରରେ କୌଣସି ଅଭିଯୁକ୍ତର ମୃତ୍ୟୁଦଣ୍ଡ ପାଇବା ଅଧିକାର ନାହିଁ। ତୁମେ ତୁମର ଜୀବନ ନେଇପାରିବ ନାହିଁ । ଆତ୍ମହତ୍ୟା ଉଦ୍ୟମ ମଧ୍ୟ ଏକ ଅପରାଧ ତେଣୁ ଆପଣ କହିପାରିବେ ନାହିଁ ଯେ କୋର୍ଟକୁ ମୃତ୍ୟୁଦଣ୍ଡ ଦେବାକୁ ପଡିବ। କୋର୍ଟ ଉପଯୁକ୍ତ ଦଣ୍ଡ ଦେବେ। ଦୋଷୀଙ୍କର ଓକିଲ କହିଛନ୍ତି ଯେ ସୁପ୍ରିମକୋର୍ଟ ଦେଇଥିବା ଦଣ୍ଡ କ୍ରାଇମବ୍ରାଞ୍ଚର ଧାରା ୪୩୨ ଅନୁଯାୟୀ ଅକାଳ ମୁକ୍ତି ପାଇଁ ଆବେଦନ କରିବାର ଅଧିକାର ଶ୍ରଦ୍ଧାନନ୍ଦଙ୍କ ଅଧିକାରକୁ ଅବରୋଧ କରିଛି। ବେଞ୍ଚ କହିଛି, ତୁମକୁ ଦଣ୍ଡରୁ ରକ୍ଷା କରିବା ପାଇଁ ଏହି ଦଣ୍ଡ (ଆଜୀବନ କାରାଦଣ୍ଡ) ଦିଆଯାଇଛି।

## ଈଶା ଫାଉଣ୍ଡେସନ୍ ବିରୋଧରେ ଅଭିଯୋଗ



## ମାଡ୍ରାସ ହାଇକୋର୍ଟଙ୍କ ତଦନ୍ତ ନିର୍ଦ୍ଦେଶ ଖାରଜ

**ନୂଆଦିଲ୍ଲୀ, ୧୮।୧୦:** ସଦଗୁରୁ ଜାଗି ବାସୁଦେବଙ୍କୁ ସୁପ୍ରିମକୋର୍ଟରୁ ମିଳିଛି ବଡ଼ ଆଶ୍ୱସ୍ତି। ଈଶା ଫାଉଣ୍ଡେସନରେ ପୁଲିସ ତଦନ୍ତ ସହ ତାଙ୍କ ବିରୁଦ୍ଧରେ ଲାଗିଥିବା ସମସ୍ତ ଅଭିଯୋଗକୁ ଖାରଜ କରି ଦେଇଛନ୍ତି ସୁପ୍ରିମକୋର୍ଟ।

କୋର୍ଟ କହିଛନ୍ତି ଯେ, ମାଡ୍ରାସ ହାଇକୋର୍ଟଙ୍କ ନିର୍ଦ୍ଦେଶ କ୍ରମେ ପୁଲିସ ଆଶ୍ରମରେ ତଦନ୍ତ କରିବା ସମ୍ପୂର୍ଣ୍ଣ ରୂପେ ଅନୁପଯୁକ୍ତ। ଆଶ୍ରମରେ ରହୁଥିବା ଝିଅମାନେ ସାବାଳକ। ସେମାନେ ନିଜ ଇଚ୍ଛା ଅନୁସାରେ ସେଠାରେ ରହୁଛନ୍ତୁ। ତେଣୁ ସଦଗୁରୁଙ୍କ ବିରୁଦ୍ଧରେ ହୋଇଥିବା ଅଭିଯୋଗର ପରବର୍ତ୍ତୀ ନ୍ୟାୟିକ ପ୍ରକ୍ରିୟା ହୋଇପାରିବ ନାହିଁ, କିମ୍ବା ତାଙ୍କ ଫାଉଣ୍ଡେସନରେ ତଦନ୍ତ କରାଯିବ ନାହିଁ।

ପ୍ରକାଶ ଥାଉକି, ଜଣେ ଅବସରପ୍ରାପ୍ତ ପ୍ରଫେସର ଏସ କାମରାଜ ମାଡ୍ରାସ ହାଇକୋର୍ଟରେ ଈଶା ଫାଉଣ୍ଡେସନ ବିରୋଧରେ ଅଭିଯୋଗ ଦାଖଲ କରିଥିଲେ। ତାଙ୍କ ଝିଅ ଲତା ଏବଂ ଗୀତାଙ୍କୁ ବିଭିନ୍ନ ପ୍ରକାର କଥାରେ ଭୁଲାଇ ସେମାନଙ୍କୁ ସଦଗୁରୁ ଜାଗି ବାସୁଦେବଙ୍କ କୋଏମ୍ବାଟୁର ଆଶ୍ରମରେ ବନ୍ଧକ ରଖାଯାଇଥିବା ସେ ଅଭିଯୋଗ କରିଥିଲେ। ଏନେଇ ସେପ୍ଟେମ୍ବର ୩୦ରେ ମାଡ୍ରାସ ହାଇକୋର୍ଟ ଶୁଣାଣି କରି ତାମିଲନାଡୁ ପୁଲିସକୁ ତଦନ୍ତ ପାଇଁ ନିର୍ଦ୍ଦେଶ ଦେଇଥିଲେ। ଏହା ପରଦିନ ଅକ୍ଟୋବର ୧ରେ ୧୫୦ରୁ ଅଧିକ ପୁଲିସ ଆଶ୍ରମ ନିକଟରେ ପହଞ୍ଚି ଖାନତଲାସୀ ଆରମ୍ଭ କରିଥିଲେ। ଏହାକୁ ନେଇ ସଦଗୁରୁ ସୁପ୍ରିମକୋର୍ଟରେ ଚ୍ୟାଲେଞ୍ଜ କରି ଆବେଦନ କରିଥିଲେ।

ସୁପ୍ରିକୋର୍ଟର ପ୍ରଧାନ ବିଚାରପତି ଜଷ୍ଟିସ ଡିଓ୍ୱାଇ ଚନ୍ଦ୍ରଚୂଡ ଅକ୍ଟୋବର ୩ରେ ଶୁଣାଣି କରି ମାଡ୍ରାସ ହାଇକୋର୍ଟଙ୍କ ନିର୍ଦ୍ଦେଶ ଉପରେ ରୋକ୍ ଲଗାଇଥିଲେ। ପରବର୍ତ୍ତୀ ଶୁଣାଣି ନ ହେବା ପର୍ଯ୍ୟନ୍ତ ପୁଲିସ ଆଶ୍ରମରେ କୌଣସି ଯାଞ୍ଚ କରିପାରିବ ନାହିଁ ବୋଲି କହିଥିଲେ। ଆଜି ପ୍ରଧାନ ବିଚାରପତି ଶୁଣାଣି କରି ସମସ୍ତ ଅଭିଯୋଗକୁ ଖାରଜ କରି ଦେଇଛନ୍ତି।




# ଆସିଲା ଆଇପିଏଲ୍ ୨୦୨୫ ମେଗା ନିଲାମ ତାରିଖ

**ନୂଆଦିଲ୍ଲୀ,୧୮।୧୦:** ଆଇପିଏଲ୍ ୨୦୨୫ର ମେଗା ନିଲାମକୁ ନେଇ ସମସ୍ତେ ବହୁତ ଉତ୍ସାହିତ ଅଛନ୍ତି। ଏବେ ଏହାର ତାରିଖ ପ୍ରକାଶ ପାଇଛି। ଏହା କୁହାଯାଉଛି ଯେ ମେଗା ନିଲାମ ୨୪ ଏବଂ ୨୫ ନଭେମ୍ବରରେ ଅନୁଷ୍ଠିତ ହୋଇପାରେ। ତଥାପି, ସ୍ଥାନ ବିଷୟରେ ଏପର୍ଯ୍ୟନ୍ତ କୌଣସି ଅପଡେଟ ନାହିଁ । କିନ୍ତୁ, ମେଗା ନିଲାମ ଭାରତରେ ନୁହେଁ ବିଦେଶରେ ହେବ ବୋଲି ଆଶା କରାଯାଉଛି। ବର୍ତ୍ତମାନ, ପ୍ରଶଂସକମାନେ ବିସିସିଆଇର ତାରିଖ ଘୋଷଣାକୁ ଉତ୍ସାହର ସହିତ ଅପେକ୍ଷା କରିଛନ୍ତି। ଆଇପିଏଲ ୨୦୨୫ର ମେଗା ନିଲାମକୁ ନେଇ ଏକ ଅପଡେଟ ଆସିଛି, ହେଲେ ଏବେବି ଭେନ୍ୟୁକୁ ନେଇ ସସପେନ୍ସ ରହିଛି। ଯଦି ରିପୋର୍ଟକୁ ବିଶ୍ୱାସ କରାଯାଏ, ତେବେ ଏଥର ଏହି ମେଗା ନିଲାମ ସୌଦି ଆରବର ରାଜଧାନୀ ରିୟାଦରେ ଆୟୋଜନ କରାଯାଇପାରେ।

ସୂଚନାଯୋଗ୍ୟ, ଦୁବାଇରେ ଆଇପିଏଲ ୨୦୨୪ ନିଲାମର ଆୟୋଜନ କରାଯାଇଥିଲା। କିନ୍ତୁ ଏଥର ରିୟାଦ ଚୟନ କରାଯାଇପାରେ। କେବଳ ଏତିକି ନୁହେଁ, ଆଇପିଏଲ ୨୦୨୫ର ମେଗା ନିଲାମ ପାଇଁ ଅନ୍ୟ ସହରଗୁଡ଼ିକ ମଧ୍ୟ ତାଲିକାରେ ଥିଲେ। ଲଣ୍ଡନ ଏବଂ ସିଙ୍ଗାପୁର ନାମରେ ମଧ୍ୟ ବିଚାର ଚାଲିଛି। ଯଦି ରିପୋର୍ଟଗୁଡ଼ିକ ବିଶ୍ୱାସ କରାଯାଏ, ଏହି କାର୍ଯ୍ୟକ୍ରମ ଆୟୋଜନ କରିବାକୁ ରିୟାଦକୁ ଚୟନ କରାଯାଇଛି। ଭାରତ ଅନୁଯାୟୀ ରିୟାଦର ଟାଇମ ଜୋନ ସଠିକ ଭାବରେ ବିବେଚନା କରାଯାଏ, ଯାହା ପ୍ରସାରଣକାରୀଙ୍କ ପାଇଁ ମଧ୍ୟ ସହଜ କରିବ।


# ଭାରତର ଅଲଆଉଟ ପରେ ଭୁଲ ସ୍ୱୀକାର କଲେ ରୋହିତ



**ବେଙ୍ଗାଲୁରୁ, ୧୮।୧୦:** ବେଙ୍ଗାଲୁରୁର ଏମ ଚିନ୍ନାସ୍ୱାମୀ ଷ୍ଟାଡିୟମରେ ଭାରତ ଏବଂ ନ୍ୟୁଜିଲ୍ୟାଣ୍ଡ ମଧ୍ୟରେ ପ୍ରଥମ ଟେଷ୍ଟ ମ୍ୟାଚ୍ ଖେଳାଯାଉଛି। ଏହି ଟେଷ୍ଟରେ ଟସ୍ ଜିତିବା ଏବଂ ପ୍ରଥମେ ବ୍ୟାଟିଂ କରିବାକୁ ଚୟନ କରିବା ପରେ ଟିମ୍ ଇଣ୍ଡିଆ ମାତ୍ର ୪୬ ରନ୍ ସ୍କୋର କରିପାରିଥିଲା । ଅଧିନାୟକ ରୋହିତ ଶର୍ମା ମାତ୍ର ୨ ରନ୍ ସ୍କୋର କରିବା ପରେ ଆଉଟ୍ ହୋଇଥିଲେ। ଏହା ପରେ ଖାତା ନ ଖୋଲି ବିରାଟ କୋହଲି ଆଉଟ୍ ହୋଇଥିଲେ।। ତାଙ୍କୁ ୱିଲିୟମ୍ ଓ'ରୁରକେ ପାଭିଲିୟନ ଫେରାଇ ଦେଇଥିଲେ। ସରଫରାଜ ଖାନ୍,କେଏଲ ରାହୁଲ, ରବିନ୍ଦ୍ର ଜାଡେଜା, ରବିଚନ୍ଦ୍ରନ ଅଶ୍ୱିନୀ ଖାତା ନ ଖୋଲି ପାଭିଲିୟନ ଫେରିଥିଲେ। ୬ ଜଣ ବ୍ୟାଟ୍ସମ୍ୟାନ ରନ୍ ସ୍କୋର୍ କରିଥିବାବେଳେ ସେମାନଙ୍କ ମଧ୍ୟରୁ କେବଳ ଯଶସ୍ୱୀ ଜୟସ୍ୱାଲ ଏବଂ ଋଷଭ ପନ୍ତ ଦୁଇ ଅଙ୍କ ଛୁଇଁ ପାରିଥିଲେ। ଉଭୟ ଯଥାକ୍ରମେ ୧୩ ଏବଂ ୨୦ ରନ୍ କରିଥିଲେ। ଅନ୍ୟ ୪ ବ୍ୟାଟ୍ସମ୍ୟାନ ଗୋଟିଏ ଅଙ୍କରେ ରହି ଯାଇଥିଲେ। ସେମାନଙ୍କ ମଧ୍ୟରେ ରୋହିତ ଶର୍ମା ୨, କୁଳଦୀପ ଯାଦବ ୨, ଯଶପ୍ରୀତ ବୁମରା ୧ ଏବଂ ମହମ୍ମଦ ସିରାଜ ଅପରାଜିତ ୪ ରନ୍ କରିଥିଲେ। ତେବେ ଭାରତର ଏଭଳି ଲଜ୍ୟାଜନକ ସ୍କୋର ପରେ ଭାରତୀୟ ଅଧିନାୟକ ରୋହିତ ଶର୍ମା ତାଙ୍କ ଭୁଲକୁ ସ୍ୱୀକାର କରିଛନ୍ତି। ବେଙ୍ଗାଲୁରୁ ଟେଷ୍ଟର ଦ୍ୱିତୀୟ ଦିନର ଖେଳ ଶେଷ ହେବା ପରେ ରୋହିତ ଶର୍ମା ନିଜେ ସାମ୍ବାଦିକ ସମ୍ମିଳନୀକୁ ଆସିଥିଲେ।

ଏହି ସମୟରେ ସେ ନିଜ ଭୁଲକୁ ସ୍ୱୀକାର କରି କହିଥିଲେ ଯେ ସେ ପିଚ୍ ପଢ଼ିବାରେ ଭୁଲ୍ କରିଛନ୍ତି। ରୋହିତ ଶର୍ମା କହିଛନ୍ତି, "ଆମେ ଭାବିଥିଲୁ ଯେ ପ୍ରଥମ ସେସନ ପରେ ଏହି ପିଚ୍ ଦ୍ରୁତ ବୋଲରମାନଙ୍କୁ ଅଧିକ ସାହାଯ୍ୟ କରିବ ନାହିଁ କାରଣ ସେଠାରେ ଅଧିକ ଘାସ ନଥିଲା।ଏହା ଏକ ଭୁଲ ନିଷ୍ପତ୍ତି ଥିଲା ଏବଂ ମୁଁ ପିଚ୍ ଭଲ ଭାବେ ବୁଝିପାରିନଥିଲି।

# ଚାମ୍ପିୟନ୍ସ ଟ୍ରଫି ପାଇଁ ଭାରତ ଯାଉ ପାକ୍ ଟିମ୍ : ନୱାଜ



**ନୂଆଦିଲ୍ଲୀ, ୧୮।୧୦:** ଆଇସିସି ଚାମ୍ପିଅନ୍ସ ଟ୍ରଫି ପାଇଁ ଭାରତୀୟ ଦଳ ପାକିସ୍ତାନ ଗସ୍ତ କରିବ କି? ଏ ବିଷୟରେ ଅନେକ କଳ୍ପନାଜଳ୍ପନା ଚାଲିଛି। ସେପଟେ ପାକିସ୍ତାନର ପୂର୍ବତନ ପ୍ରଧାନମନ୍ତ୍ରୀ ନୱାଜ ସରିଫ ଏକ ବଡ଼ ବିବୃତ୍ତି ଦେଇଛନ୍ତି। ନୱାଜ ସରିଫ କହିଛନ୍ତି ଯେ ଆଇସିସି ଚାମ୍ପିଅନ୍ସ ଟ୍ରଫି ପାଇଁ ଭାରତ ପାକିସ୍ତାନ ଆସିବା ଉଚିତ। ସେ କହିଛନ୍ତି ଯେ ପରସ୍ପରର ଦଳକୁ ଅନ୍ୟ ଦେଶକୁ ନ ପଠାଇ ଆମେ କ'ଣ ପାଇବୁ ... ଯଦି ପାକିସ୍ତାନ ଦଳ ଭାରତ ଯିବାକୁ ପଡିବ ତେବେ ମୁଁ କହିବି ତୁମେ ନିଶ୍ଚିତ ଯାଅ ଏବଂ ପରବର୍ତ୍ତୀ ଟୁର୍ନାମେଣ୍ଟରେ ପାକିସ୍ତାନ ଦଳ ଭାରତ ଭ୍ରମଣ କରିବ ଆଉ କୌଣସି ଫାଇନାଲ୍ ଖେଳିବ ତେବେ ମୁଁ ନିଜେ ଭାରତ ଆସିବି। ଆଇସିସି ଚାମ୍ପିଅନ୍ସ ଟ୍ରଫି ୨୦୨୫ ପାକିସ୍ତାନରେ ଅନୁଷ୍ଠିତ ହେବାକୁ ଯାଉଛି, କିନ୍ତୁ ଭାରତୀୟ କ୍ରିକେଟ୍ ଦଳ ଏହି ଟୁର୍ନାମେଣ୍ଟ ଖେଳିବାକୁ ପାକିସ୍ତାନ ଯିବେ କି? ବର୍ତ୍ତମାନ ଏହି ପ୍ରଶ୍ନ ଉପରେ ସନ୍ଦେହ ଅଛି, କିନ୍ତୁ ଏହି ସମୟରେ ପାକିସ୍ତାନର ପୂର୍ବତନ ପ୍ରଧାନମନ୍ତ୍ରୀ ନୱାଜ ସରିଫଙ୍କ ବିବୃତ୍ତି ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ବୋଲି ବିବେଚନା କରାଯାଉଛି। ଏହି ପରିପ୍ରେକ୍ଷୀରେ ବିସିସିଆଇର କହିବା କଥା ଯେ ଭାରତୀୟ କ୍ରିକେଟ୍ ଦଳ ପାକିସ୍ତାନ ଗସ୍ତ କରିବ କି ନାହିଁ ଭାରତ ସରକାର ଏହି ବିଷୟରେ ନିଷ୍ପତ୍ତି ନେବେ। ଭାରତୀୟ କ୍ରିକେଟ୍ ଦଳ ଶେଷ ଥର ପାଇଁ ଏସିଆ କପ୍ ୨୦୦୮ ଖେଳିବାକୁ ପାକିସ୍ତାନ ଯାଇଥିଲା। ଏହା ପରେ ଭାରତୀୟ କ୍ରିକେଟ୍ ଦଳ ପାକିସ୍ତାନ ଗସ୍ତ କରିନାହିଁ। ଯଦିଓ ଆଇସିସି ଟୁର୍ନାମେଣ୍ଟ ଏବଂ ଏସିଆ କପରେ ଉଭୟ ଦଳ ମୁହାଁମୁହିଁ ହୋଇଥିଲେ ମଧ୍ୟ ଦ୍ୱିପାକ୍ଷିକ ସିରିଜ୍ ବନ୍ଦ ରହିଛି। ନିକଟରେ ବାବର ଆଜାମଙ୍କ ନେତୃତ୍ୱରେ ପାକିସ୍ତାନୀ ଦଳ ଏକଦିବସୀୟ ବିଶ୍ୱକପ ପାଇଁ ଭାରତ ଗସ୍ତ କରିଥିଲା। ଯେତେବେଳେ କି, ଯଦି ଆମେ ପାକିସ୍ତାନ କ୍ରିକେଟ୍ ଦଳ ବିଷୟରେ କଥା ହେବା, ଏହା ପ୍ରାୟ ୧୨ ବର୍ଷ ପୂର୍ବେ ଭାରତ ଗସ୍ତରେ ଆସିଥିଲା। ସେହି ଭ୍ରମଣରେ ଦୁଇ ଦଳ ମଧ୍ୟରେ ଦିନିକିଆ ଏବଂ ଟି୨୦ ମ୍ୟାଚ୍ ଖେଳାଯାଇଥିଲା।

# ଜାତୀୟ-ଅନ୍ତର୍ଜାତୀୟ ପ୍ରତିଯୋଗିତା ଲାଗି ଯୁବପିଢ଼ିଙ୍କ ପ୍ରସ୍ତୁତି





**ଭୁବନେଶ୍ୱର, ୧୮।୧୦:** ଆଦିବାସୀ ବହୁଳ ତଥା ଖଣି ପ୍ରଭାବିତ କେନ୍ଦୁଝର ଜିଲ୍ଲାର ବିଭିନ୍ନ ଗାଁ ଓ ସହରରେ ଅନେକ ଯୁବ କ୍ରୀଡ଼ା ପ୍ରତିଭା ଅଛନ୍ତି। ଯୁବପିଢ଼ିଙ୍କ ପ୍ରତିଭାକୁ ବିକଶିତ କରିବା ସହିତ ସେମାନଙ୍କୁ ଜାତୀୟ ଓ ଅନ୍ତର୍ଜାତୀୟସ୍ତରର କ୍ରୀଡ଼ା ପ୍ରତିଯୋଗିତା ଲାଗି ପ୍ରସ୍ତୁତ କରିବା ପାଇଁ ଜିଲ୍ଲାର ବିଭିନ୍ନ ସ୍ଥାନରେ ବହୁମୁଖୀ ଇନ୍ଡୋର ଷ୍ଟାଡିୟମ ନିର୍ମାଣ କରାଯାଇଛି। ରାଜ୍ୟ ସରକାରଙ୍କ କ୍ରୀଡ଼ା ଓ ଯୁବ ସେବା ବିଭାଗ ପକ୍ଷରୁ କେନ୍ଦୁଝର ଜିଲ୍ଲାର ବଡ଼ବିଲ, ଯୋଡା, ଆନନ୍ଦପୁର ଓ ଚମ୍ପୁଆ ଭଳି ୪ଟି ସହରରେ ବହୁମୁଖୀ ଇନ୍ଡୋର ଷ୍ଟାଡିୟମ କରାଯାଇଛି। ଏଥିପାଇଁ ଓଡ଼ିଶା ଖଣିଜ ପଦାର୍ଥ ଧାରକ ଅଞ୍ଚଳ ଉନ୍ନୟନ ନିଗମ (ଓମ୍ବାଡ୍ସି) ଆର୍ଥିକ ସହାୟତା ଯୋଗାଇ ଦେଇଛି। ଶାରୀରିକ ଫିଟନେସ୍ ସହିତ ନିଜ ପାଇଁ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିବାର ଏକ ମାଧ୍ୟମ ହେଉଛି କ୍ରୀଡ଼ା। ବିଶେଷକରି ଇନ୍ଡୋର ଗେମ୍ ଜରିଆରେ ନିଜର କ୍ରୀଡ଼ା ଭବିଷ୍ୟତ ଗଢ଼ିବା ଲାଗି ଯୁବପିଢ଼ିଙ୍କ ପାଇଁ ରହିଛି ଅନେକ ସୁଯୋଗ। ଏଥିପାଇଁ ବହୁମୁଖୀ ଇନ୍ଡୋର ଷ୍ଟାଡିୟମ ପରିସରରେ ବ୍ୟାଡମିଣ୍ଟନ, ଟେବୁଲ ଟେନିସ୍ ଓ ଭାରୋତ୍ତୋଳନ କୋର୍ଟ ସ୍ଥାପନ କରାଯାଇଛି। ଷ୍ଟାଡିୟମ ଭିତରେ ଥିବା ବ୍ୟାଡମିଣ୍ଟନ୍ କୋର୍ଟରେ ବିଛାଯାଇଛି ଅତ୍ୟାଧୁନିକ ଟର୍ଫ। ତା'ସହ ଏଠାରେ ଆଧୁନିକ କ୍ରୀଡ଼ା ଉପକରଣ ମଧ୍ୟ ରହିଛି। ଫଳରେ ଜାତୀୟ ଓ ଅନ୍ତର୍ଜାତୀୟ ସ୍ତରର ପ୍ରତିଯୋଗିତା ଲାଗି ଏଠାରେ ଅଭ୍ୟାସ କରିପାରୁଛନ୍ତି ଯୁବପିଢ଼ି।

"ମୁଁ ଯେବେ ବ୍ୟାଡମିଣ୍ଟନ ଖେଳିବା ଆରମ୍ଭ କରିଥିଲି ସେତେବେଳେ ଆମ ଅଞ୍ଚଳରେ କୌଣସି ଷ୍ଟାଡିୟମ ନଥିଲା। ଏବେ ଓମ୍ବାଡ୍ସି ସହାୟତାରେ ହୋଇଥିବା ଇନ୍ଡୋର ଷ୍ଟାଡିୟମରେ ବ୍ୟାଡ ମିଣ୍ଟନ କୋର୍ଟ ରହିଛି । ଏଠାରେ ମୁଁ ନିୟମିତ ଅଭ୍ୟାସ କରିବା ସହ ଅନ୍ୟ ଖେଳାଳିଙ୍କୁ ପ୍ରଶିକ୍ଷଣ ଦେଉଛି । ଏହି ଭିତ୍ତିଭୂମି ହେବା ଫଳରେ ପିଲାମାନେ ଜାତୀୟ ସ୍ତରର ପ୍ରତିଯୋଗିତାରେ ଭାଗ ନେବା ପାଇଁ ପ୍ରସ୍ତୁତ ହେଉଛନ୍ତି," କହିଛନ୍ତି ଯୋଡ଼ାର ଅନୁଲ ହାସନ ।

ଯୋଡ଼ାର ଅନୁଲ ହାସନ ଜଣେ ଜାତୀୟ ସ୍ତରୀୟ ବ୍ୟାଡମିଣ୍ଟନ ଖେଳାଳି। ବିଗତ ଦିନରେ ସେ ପୂର୍ବାଞ୍ଚଳ ଜୋନସ୍ତରୀୟ ପ୍ରତିଯୋଗିତାରେ ଓଡ଼ିଶାକୁ ପ୍ରତିନିଧିତ୍ୱ କରିଥିଲେ। ଏବେ ସେ ଯୋଡ଼ାଠାରେ ସ୍ଥାପିତ ବହୁମୁଖୀ ଇନ୍ଡୋର ଷ୍ଟାଡିୟମରେ ବ୍ୟାଡମିଣ୍ଟନ ପ୍ରଶିକ୍ଷକ ଭାବେ କାମ କରୁଛନ୍ତି। ଆଗାମୀ ଦିନରେ ହେବାକୁ ଥିବା ଜାତୀୟ ଓ ଅନ୍ତର୍ଜାତୀୟ ସ୍ତରର ପ୍ରତିଯୋଗିତା ଲାଗି ସେ ନିଜେ ଅଭ୍ୟାସ କରିବା ସହ ଅନ୍ୟମାନଙ୍କୁ ମଧ୍ୟ ପ୍ରଶିକ୍ଷଣ ଦେଉଛନ୍ତି। ବର୍ତ୍ତମାନ ସମୟରେ ଶାରୀରିକ ଭାବେ ଫିଟ୍ ରହିବା ପାଇଁ ସମସ୍ତେ ଚାହୁଁଛନ୍ତି। ଏହାକୁ ଦୃଷ୍ଟିରେ ରଖି ବହୁମୁଖୀ ଇନ୍ଡୋର ଷ୍ଟାଡିୟମଠାରେ ଆଧୁନିକ ବ୍ୟାୟାମ ଓ ଯୋଗାଭ୍ୟାସ କେନ୍ଦ୍ର ସ୍ଥାପନ କରାଯାଇଛି। ଛାତ୍ରଛାତ୍ରୀ, ଯୁବପିଢ଼ି ଏବଂ ସ୍ଥାନୀୟ ଅଞ୍ଚଳର ଖେଳାଳିଙ୍କ ସହିତ ବିଭିନ୍ନ ବର୍ଗର ଲୋକ ଏହି କେନ୍ଦ୍ରକୁ ଆସି ବ୍ୟାୟାମ ଓ ଯୋଗାଭ୍ୟାସ କରୁଛନ୍ତି।

"ନିଜକୁ ଫିଟ୍ ରଖିବା ପାଇଁ ମୁଁ ଜିମ୍ ଯିବାକୁ ଚାହୁଁଥିଲି। ହେଲେ ଏଥିପାଇଁ ଆମ ଅଞ୍ଚଳରେ ବିଶେଷ ସୁବିଧା ନଥିଲା। ଏବେ ଇନ୍ଡୋର ଷ୍ଟାଡିୟମ ପରିସରରେ ବ୍ୟାୟାମ କେନ୍ଦ୍ର କରାଯାଇଛି। ଏଠାରେ ଆଧୁନିକ ଉପକରଣ ମଧ୍ୟ ରହିଛି। ମୁଁ ନିୟମିତ ଏହି କେନ୍ଦ୍ରକୁ ଆସି ସୁବିଧାରେ ବ୍ୟାୟାମ କରିପାରୁଛି," କହିଛନ୍ତି ଚମ୍ପୁଆର ଜଣେ ବାସିନ୍ଦା ସୁନିତା ମହାନ୍ତ। ଇନ୍ଡୋର ଷ୍ଟାଡିୟମ ସପ୍ତାହରେ ୬ ଦିନ - ସକାଳେ ଓ ସନ୍ଧ୍ୟା ସମୟରେ ଖୋଲାରହୁଛି। ଫଳରେ ସ୍ଥାନୀୟ ଯୁବପିଢ଼ି ଓ ଖେଳାଳିମାନେ ଏଠାକୁ ନିୟମିତ ଆସି ବିଭିନ୍ନ କ୍ରୀଡ଼ା ଅଭ୍ୟାସ କରିପାରୁଛନ୍ତି। ସେମାନଙ୍କ ସୁବିଧା ପାଇଁ ଏଠାରେ ଚେଞ୍ଜିଂ ରୁମ୍ ସହିତ ପାନୀୟ ଜଳ ଓ ସ୍ୱଚ୍ଛ ଶୌଚାଳୟ ବ୍ୟବସ୍ଥା କରାଯାଇଛି।

ଓମ୍ବାଡ୍ସିର ଆର୍ଥିକ ସହାୟତାରେ ଜିଲ୍ଲାରେ ଅତ୍ୟାଧୁନିକ କ୍ରୀଡ଼ା ଭିତ୍ତିଭୂମି ନିର୍ମାଣ କରାଯିବା ଫଳରେ ହାତପାଆନ୍ତାରେ ଉନ୍ନତ କ୍ରୀଡ଼ା ଅଭ୍ୟାସ କରିବାର ସୁଯୋଗ ପାଇପାରୁଛନ୍ତି ଗ୍ରାମାଞ୍ଚଳର ଯୁବପିଢ଼ି। ଆଗାମୀ ଦିନରେ ଏହି ଅତ୍ୟାଧୁନିକ ଭିତ୍ତିଭୂମି କେନ୍ଦୁଝର ଜିଲ୍ଲା ପାଇଁ ବିଶେଷ ପରିଚୟ ଆଣିବାକୁ ଯାଉଛି। କେବଳ କ୍ରୀଡ଼ା ନୁହେଁ, ଏହି ବହୁମୁଖୀ ଇନ୍ଡୋର ଷ୍ଟାଡ଼ିୟମକୁ ଆବଶ୍ୟକ ସ୍ଥଳେ ବନ୍ୟା, ବାତ୍ୟା ଭଳି ପ୍ରାକୃତିକ ଦୁର୍ବିପାକ ସମୟରେ ଆଶ୍ରୟସ୍ଥଳୀ ଭାବେ ମଧ୍ୟ ବ୍ୟବହାର କରାଯିବ।

# କେଏଲ୍ ରାହୁଲ ଏଲ୍ଏସ୍ଜି ମାଲିକଙ୍କୁ ଦେଇପାରନ୍ତି ଧୋକ୍କା




**ନୂଆଦିଲ୍ଲୀ,୧୮।୧୦:** ଆଇପିଏଲ୍ ୨୦୨୫ର ମେଗା ଅକ୍ସନ ପୂର୍ବରୁ ସବୁ ଟିମ୍ ପକ୍ଷରୁ ପ୍ରସ୍ତୁତି ଆରମ୍ଭ ହୋଇଛି। କେଉଁ ଦଳ ପ୍ରଥମେ କାହାକୁ ରିଟେନ୍ କରିବେ ତାହାର ତାଲିକା କରିବା ଆରମ୍ଭ କରିଛନ୍ତି। ଏଥିଲାଗି ଅକ୍ଟୋବର ୩୧ ଯାଏ ସମୟ ଦିଆଯାଇଛି, ଯେଉଁଥିରୁ ଏବେ ମାତ୍ର ୧୩ ଦିନ ବାକି ରହିଛି। ଏସବୁ ମଧ୍ୟରେ ଲକ୍ଷ୍ନୌ ସୁପର ଜିଆଣ୍ଟସ୍‌ର ଅଧିନାୟକ କେ ଏଲ୍ ରାହୁଲ ବଡ଼ ଗେମ୍ ଖେଳିପାରନ୍ତି। ମେଗା ଅକ୍ସନ ପୂର୍ବରୁ ସେ ମାଲିକ ସଞ୍ଜିବ ଗୋଏଙ୍କାଙ୍କୁ ବଡ଼ ଝଟ୍କା ଦେଇ ମେଗା ଅକ୍ସନରେ ସାମିଲ ହୋଇପାରନ୍ତି।

ଚଳିତ ଥର ଆଇପିଏଲ୍‌ର ଫ୍ରାଞ୍ଚାଇଜମାନେ ଅଧିକରୁ ଅଧିକ ୬ ଖେଳାଳିଙ୍କୁ ରିଟେନ କରିପାରିବାର ଅନୁମତି ରହିଛି। ସମସ୍ତ ଟିମ୍ ନିଜର ରଣନୀତି ମୁତାବକ ଖେଳାଳିଙ୍କୁ ରିଟେନ୍ କରିବାକୁ ନେଇ ଆଲୋଚନା କରୁଛନ୍ତି। ଏମିତିରେ କେ ଏଲ୍ ରାହୁଲ ରିଟେନ ହେବାକୁ ଚାହୁଁ ନାହାନ୍ତି। ଅପରପକ୍ଷେ ଫ୍ରାଞ୍ଚାଇଜ ମଧ୍ୟ ତାଙ୍କୁ ରିଟେନ କରିବାକୁ ଚାହୁଁନାହିଁ। ଉଭୟଙ୍କ ମଧ୍ୟରେ ମାମଲାକୁ ନେଇ ସହମତି ହୋଇପାରୁନାହିଁ। ଏଣୁ ସେ ଫ୍ରାଞ୍ଚାଇଜ୍ ଛାଡ଼ି ମେଗା ଅକ୍ସନକୁ ଯାଇ ପାରନ୍ତି।

୨୦୨୨ ସିଜନରେ କେ ଏଲ୍ ରାହୁଲ ଲକ୍ଷ୍ନୌ ସହ ଜଡ଼ିତ ହୋଇଥିଲେ। ସେ ଟିମ୍ ଲାଗି ୩୮ ମୁକାବିଲା ଖେଳିଛନ୍ତି। ତାଙ୍କ ଅଧିନାୟକତ୍ୱରେ ଦଳ ୨୦୨୨ ଏବଂ ୨୦୨୩ରେ ପ୍ଲେଅଫ୍ ଲାଗି କ୍ୱାଲିଫାଏ କରିଥିଲା। ହେଲେ ଆଇପିଏଲ୍ ୨୦୨୪ରେ ଲକ୍ଷ୍ନୌର ପ୍ରଦର୍ଶନ ଭଲ ନ ଥିଲା। ଦଳ ୧୪ରୁ ୭ ମ୍ୟାଚ୍ ଜିତି ପଏଣ୍ଟ ଟେବୁଲର ୭ମ ସ୍ଥାନରେ ଥିଲା। ବିଶେଷକରି ମାଲିକ ସଞ୍ଜିବ ଗୋଏଙ୍କା ତାଙ୍କୁ ଗାଳି କରୁଥିବାର ଭିଡିଓ ବେଶ ବିବାଦରେ ରହିଥିଲା।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ବିଜେପିକୁ...

ବୋଲି କୁହାଯାଉଛି । ସରକାର ଗଠନର ଅଳ୍ପଦିନ ମଧ୍ୟରେ ଠିକାଦାରୀ ଘଟଣାକୁ ନେଇ ଲିକୁଙ୍କୁ ଦିଲ୍ଲୀରୁ ତାଗିଦା କରାଯାଇଥିଲା । ସେଇଥିରୁ ଲିକୁ ସାହୁ ବିଜେପି ନେତାଙ୍କ ମନୋଭାବକୁ ଠଉରେଇ ନେବାକଥା। ହେଲେ ଏହାପରେ ତାଙ୍କର ସମର୍ଥକମାନେ ଯେଭଳି ଅଣ୍ଡାମାଡ କରିଛନ୍ତି ତାହା ପୁଣିଥରେ ତାଙ୍କୁ କାଠଗଡାରେ ଛିଡା କରାଇଛି। ଯଦି କ୍ଷମତାରେ ଥିବା ବିଜେପିର ସହଯୋଗୀମାନେ ଏଭଳି ଭାବେ ବିରୋଧିଙ୍କ ଉପରେ ଅଣ୍ଡାମାଡ କରିବେ ତାହା କେବଳ ବିଜେପିକୁ ବୁଡାଇବ ନାହିଁ ବିଜେଡି ସପକ୍ଷରେ ସହାନୁଭୂତି ସୃଷ୍ଟି କରିବ । ଉଲ୍ଲେଖନୀୟ ଯେ ରାଜ୍ୟରେ ପ୍ରଥମଥର ପାଇଁ ବିଜେପି ସରକାର ଗଠନ ପରେ ଏବେ ବିକାଶକୁ ଗୁରୁତ୍ୱ ଦେଉଛି ଏବଂ ଲୋକଙ୍କ ନିକଟକୁ ଯାଉଛି । କାରଣ ବିଜେପି ଭଲଭାବେ ଜାଣିଛି ଯେ ସେମାନେ କ୍ଷମତାକୁ ଆସିଥିଲେ ମଧ୍ୟ ବିଜେଡି ସେମାନଙ୍କ ଠାରୁ ୨ଲକ୍ଷରୁ ଅଧିକ ଭୋଟ ପାଇଛି ଏବଂ ଏବେ ବି ନବୀନଙ୍କ ସପକ୍ଷରେ ଓଡ଼ିଶାବାସୀ ରହିଛନ୍ତି । ତେଣୁ ଏଭଳି ପରିସ୍ଥିତିରେ ନିର୍ବାଚନ ହାରି ଯାଇଥିବା ଜଣେ ବିଧାୟକଙ୍କ ଅଣ୍ଡାମାରୀ ବାହାଦୂରୀ ନେବା ଅର୍ଥ ନିଜେ ବିପଦକୁ ଡାକିବା ସହିତ ସରକାରଙ୍କ ଖାଲରେ ପକାଇବା ଏକ ପ୍ରକାର ନିଶ୍ଚିତ ।

### ବେଦାନ୍ତ ନିବେଶ...

ହାସଲ କରିବା ଲକ୍ଷ୍ୟ ନେଇ ଓଡ଼ିଶା ଅନ୍ୟତମ ବିକଶିତ ରାଜ୍ୟରେ ପରିଣତ ହେବା ଦିଗରେ ଅଗ୍ରସର ହେଉଥିବା ବେଳେ ବେଦାନ୍ତ ଝାରସୁଗୁଡ଼ା ଭଳି ରାୟଗଡ଼ାକୁ ଏକ ଉଚ୍ଚ ବିକଶିତ ଅଞ୍ଚଳ ଭାବେ ଉଭା ହେବାକୁ ଲକ୍ଷ୍ୟ ରଖିଛି। ଓଡ଼ିଶା ସରକାରଙ୍କ ସହଯୋଗରେ ବେଦାନ୍ତ ଶିକ୍ଷାନୁଷ୍ଠାନ, ଡାକ୍ତରଖାନା, ଦକ୍ଷତା ବିକାଶ କେନ୍ଦ୍ର ଓ ନନ୍ଦଘର ପ୍ରତିଷ୍ଠା କରି ରାଜ୍ୟବାସୀଙ୍କୁ ଉପକୃତ କରିବ । ଓଡ଼ିଶାରେ ଏହା ହେଉଛି ସର୍ବବୃହତ୍ ପୁଞ୍ଜିନିବେଶ ଯାହା ୧୦୦୦ ଏମ୍ଏସ୍ଏମ୍ଇ ପାଇଁ ସୁଯୋଗ ସୃଷ୍ଟି ସହିତ ୨ ଲକ୍ଷ ନିଯୁକ୍ତି ସୃଷ୍ଟି କରିବ। ଆଲୁମିନିୟମ ଭବିଷ୍ୟତର ଭିତ୍ତିଭୂମି ହୋଇଥିବାରୁ ୨୦୩୦ ସୁଦ୍ଧା ଆଲୁମିନିୟମ୍ ର ଚାହିଦା ସମାନ ଭାବରେ ବୃଦ୍ଧି ପାଇବ ।

ଓଡ଼ିଶାର ମାନ୍ୟବର ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀ କହିଲେ, ୨୦୪୭ ସୁଦ୍ଧା ମାନ୍ୟବର ପ୍ରଧାନମନ୍ତ୍ରୀଙ୍କ ବିକଶିତ ଭାରତ ପରିକଳ୍ପନା ପ୍ରତି ଓଡ଼ିଶାର ନୂତନ ଡବଲ ଇଞ୍ଜିନ ସରକାର ପ୍ରତିଶ୍ରୁତିବଦ୍ଧ। ୨୦୩୦ ସୁଦ୍ଧା ଓଡ଼ିଶାକୁ ଅଧା ଟ୍ରିଲିୟନ ଡଲାର ଅର୍ଥନୀତିରେ ପରିଣତ କରିବାକୁ ଲକ୍ଷ୍ୟ ରଖାଯାଇଥିବାରୁ ଆମେ ନୂଆ ଓଡ଼ିଶାରେ ପୁଞ୍ଜିନିବେଶ କରିବାକୁ ବିଶ୍ୱକୁ ଆମନ୍ତ୍ରଣ କରୁଛୁ । ଆମେ ଜାନୁଆରୀ ୨୦୨୫ରେ ମେକ୍ ଇନ୍ ଓଡ଼ିଶା କାର୍ଯ୍ୟକ୍ରମ ଉତ୍କର୍ଷ ଓଡ଼ିଶା ଆୟୋଜନ କରୁଛୁ ଏବଂ ଆଜି ପ୍ରି-ଇଭେଣ୍ଟ ରୋଡ୍ ସୋ' ସମୟରେ ଆମେ ବେଦାନ୍ତ ଅଧ୍ୟକ୍ଷ ଶ୍ରୀ ଅନୀଲ ଅଗ୍ରୱାଲଙ୍କ ସହ ଫଳପ୍ରଦ ଆଲୋଚନା କରିଛୁ ଯିଏ କି ଆମର ନୂତନ ସୁଦୃଢ଼ ନୀତି ଢାଞ୍ଚାରେ ପ୍ରଭାବିତ ହୋଇଛନ୍ତି । ସେ ଆମ ସରକାରଙ୍କ ସହ ହାତ ମିଳାଇ ଓଡ଼ିଶାରେ ପୁଞ୍ଜିନିବେଶକୁ ଦ୍ୱିଗୁଣିତ କରିଛନ୍ତି । ନୂଆ ଆଲୁମିନା ପ୍ରକଳ୍ପରେ ୧ ଲକ୍ଷ କୋଟି ଟଙ୍କାର ବିନିଯୋଗ ସୁଯୋଗ ରହିଛି ଯାହା ରାଜ୍ୟବାସୀଙ୍କ ପାଇଁ ଅଧିକ ନିଯୁକ୍ତି ସୃଷ୍ଟି କରିବ । ଏହି ନୂତନ ବିନିଯୋଗ ପାଇଁ ଶ୍ରୀ ଅଗ୍ରୱାଲଙ୍କୁ ଧନ୍ୟବାଦ ଜଣାଉଛି ଏବଂ ଏହି ପ୍ରକଳ୍ପଗୁଡିକର ବିକାଶ ଦିଗରେ ରାଜ୍ୟ ସରକାର ପୂର୍ଣ୍ଣ ସହଯୋଗ କରିବେ ବୋଲି ମୁଖ୍ୟମନ୍ତ୍ରୀ ସୁନିଶ୍ଚିତ କରିଛନ୍ତି ।

ବେଦାନ୍ତ ଅଧ୍ୟକ୍ଷ ଅନୀଲ ଅଗ୍ରୱାଲ କହିଛନ୍ତି ଯେ ବେଦାନ୍ତର ଅଭିବୃଦ୍ଧିରେ ଓଡ଼ିଶା ସବୁବେଳେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛି । ଆମର ପୁଞ୍ଜିନିବେଶ ରାଜ୍ୟର ସାମଗ୍ରିକ ଅଭିବୃଦ୍ଧି ଏବଂ ବୃହତ ଶିଳ୍ପାୟନ ପ୍ରତି ଆମର ପ୍ରତିବଦ୍ଧତାକୁ ପ୍ରତିଫଳିତ କରେ । ମାନ୍ୟବର ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀଙ୍କ ନେତୃତ୍ୱରେ ଆମେ ରାଜ୍ୟର ଅର୍ଥନୈତିକ ପ୍ରଗତିରେ ଯୋଗଦାନ ଜାରି ରଖିବୁ, ସମୁଦାୟକୁ ସଶକ୍ତ କରିବୁ ଏବଂ ଓଡ଼ିଶାର କୋଟି କୋଟି ଲୋକଙ୍କ ଜୀବନର ଗୁଣବତ୍ତା ବୃଦ୍ଧି କରିବୁ । ଏହି ଘୋଷଣା କେବଳ ଓଡ଼ିଶାର ବିକାଶରେ ବେଦାନ୍ତର ଏକ ପ୍ରମୁଖ ଅଂଶୀଦାର ଭାବରେ ସ୍ଥିତିକୁ ଦୋହରାଇନାହିଁ ବରଂ ଆଲୁମିନିୟମ ଏବଂ ଶିଳ୍ପ ଉଦ୍ଭାବନ ପାଇଁ ଏକ ବିଶ୍ୱ ସ୍ତରୀୟ କେନ୍ଦ୍ରରେ ପରିଣତ ହେବାର ରାଜ୍ୟର ସମ୍ଭାବନାକୁ ସୁଦୃଢ଼ କରିଛି ।

### ଖୁବ୍‌ଶୀଘ୍ର ...

ଅଧିକାରୀଙ୍କ ବୟାନ ରେକର୍ଡ ହୋଇନାହିଁ । ଅନ୍ୟପଟେ ଆହ୍ୱାନ ପରେ କମିଶନଙ୍କ ନିକଟରେ ଅନେକ ସତ୍ୟପାଠ ଦାଖଲ ହୋଇଛି। ଆଜିର ବୈଠକରେ ଗୃହ ସଚିବ ସତ୍ୟବ୍ରତ ସାହୁ, ସ୍ୱତନ୍ତ୍ର ଗୃହ ସଚିବ ରାଧାକୃଷ୍ଣ ଶର୍ମା,ଏଡିଜି କ୍ରାଇମବ୍ରାଞ୍ଚ ବିନୟ ତୋଷ ମିଶ୍ର ଉପସ୍ଥିତ ଥିଲେ । ଏହା ସହ ଦୁଇ ତଦନ୍ତକାରୀ ଅଧିକାରୀ ଡିଏସ୍‌ପି ନୀଳିମା ପଣ୍ଡା ଓ ଡିଏସ୍‌ପି ନରେନ୍ଦ୍ର ବେହେରା ମଧ୍ୟ ଉପସ୍ଥିତ ଥିଲେ । ନିକଟରେ ପୂରା ଟିମ୍ ଗୁଜରାଟ ଗାନ୍ଧୀନଗର ଯାଇ ପୂର୍ବତନ ନିଲମ୍ବିତ ଆଇଆଇସି ଦୀନକୃଷ୍ଣ ମିଶ୍ରଙ୍କ ସମେତ ପାଞ୍ଚ ଅଧିକାରୀଙ୍କ ପଲିଗ୍ରାଫ ଟେଷ୍ଟ କରି ଫେରିଛି । ଦୀନକୃଷ୍ଣଙ୍କ ବ୍ରେନ୍ ମ୍ୟାପିଂ ଓ ନାର୍କୋ ଟେଷ୍ଟ ମଧ୍ୟ କରାଯାଇଥିଲା। ଆଜି କ୍ରାଇମବ୍ରାଞ୍ଚ ତଦନ୍ତର ଅଗ୍ରଗତି ନେଇ କମିଶନ ଦ୍ୱିତୀୟ ବୈଠକ ଡକାଇଥିଲେ । ଗତ ସେପ୍ଟେମ୍ବର ୧୪ ତାରିଖ ରାତିରେ କ୍ୟାପଟେନ ଓ ତାଙ୍କ ବାନ୍ଧବୀ ଘରକୁ ଫେରୁଥିବା ବେଳେ ପଥରଗାଡ଼ିଆ ଓ ଭରତପୁର ରାସ୍ତାରେ କିଛି ଯୁବକ ଏକ କାରରେ ଆସି ତାଙ୍କୁ ଦୁର୍ବ୍ୟବହାର ପ୍ରଦର୍ଶନ କରିଥିଲେ । ନିଶାସକ୍ତ ଅବସ୍ଥାରେ ଅଶ୍ଳୀଳ ଇଙ୍ଗିତ କରିବା ସହ ମାଡ଼ ମାରିବାକୁ ମଧ୍ୟ ଧମକ ଦେଇଥିଲେ । ଏ ନେଇ କ୍ୟାପଟେନ ଓ ତାଙ୍କ ବାନ୍ଧବୀ ଭରତପୁର ଥାନାକୁ ଅଭିଯୋଗ ପାଇଁ ଯିବାପରେ ପୋଲିସ ତାଙ୍କୁ ଦୁର୍ବ୍ୟବହାର ସହ ମାଡ଼ ମାରିବା ଭଳି ଆସିଥିଲା ସାଙ୍ଘାତିକ ଅଭିଯୋଗ।

### ମହଙ୍ଗା ପଡ଼ିଲା...

ଅଟକାଇବା ସହ ଡ଼ିଆଇଜି ଓ ତାଙ୍କ ପତ୍ନୀଙ୍କୁ ଦୁର୍ବ୍ୟବହାର ଓ ଅଶ୍ଳୀଳ ଇଙ୍ଗିତ ପ୍ରଦର୍ଶନ କରି ଫେରାର ହୋଇଯାଇଥିଲେ।

ଏ ନେଇ ନୟାପଲ୍ଲୀ ଥାନାରେ ଡ଼ିଆଇଜି ଅଭିଯୋଗ ପରେ ପୋଲିସ ଛାନଭିନ ଆରମ୍ଭ କରିରହିଲା । ସେପଟେ ପୋଲିସ କମିଶନର ଏହି ଖବର ପାଇ ବିଳମ୍ବିତ ରାତିରେ ଥାନାକୁ ଗସ୍ତ କରିବା ସହ ପୁରା ଘଟଣା ସମ୍ପର୍କରେ ପଚାରି ବୁଝିଥିଲେ । ସିସିଟିଭି ଆଧାରରେ ୨ ଅଭିଯୁକ୍ତଙ୍କୁ ଗିରଫ ପରେ କୋର୍ଟଚାଲାଣ କରାଯାଇଛି । ଜଣେ ଇଞ୍ଜିନିୟରିଂ ଛାତ୍ର ହୋଇଥିବା ବେଳେ ଅନ୍ୟଜଣେ ପ୍ରାଇଭେଟ ଚାକିରୀ କରିଥିବା ଜାଣିବାକୁ ପାଇଛି ପୋଲିସ। ଅତ୍ୟଧିକ ମଦ୍ୟପାନ କରି ନିଶାସକ୍ତ ଅବସ୍ଥାରେ ସେମାନେ କାଣ୍ଡ ଭିଆଇଥିବା ପୋଲିସ ଆଗରେ ସ୍ୱୀକାର କରିଛନ୍ତି।

### ଧାନ ଟ୍ରକ୍‌ରେ...

କରିଛନ୍ତି। ନଭେମ୍ବର ଶେଷ ଭାଗରେ ଧାନ କିଣା ପ୍ରକ୍ରିୟା ଆରମ୍ଭ ହେବାକୁ ଯାଉଥିବାବେଳେ ଟ୍ରକ ମାଲିକ ଠିକଦାରମାନେ ଯେପରି ସୁରୁଖୁରୁରେ ଧାନ ପରିବହନ କରିପାରିବେ ସେ ଦିଗରେ ରାଜ୍ୟ ପରିବହନ ଆୟୁକ୍ତ ଅମିତାଭ ଠାକୁର କିଛି ପ୍ରସ୍ତାବ ଦେଇଛନ୍ତି। ଧାନ ପରିବହନ ପାଇଁଓଡ଼ିଶା ରାଜ୍ୟ ଖାଦ୍ୟ ଯୋଗାଣ ନିଗମ ଟେଣ୍ଡର ଜାରି କରିବ। ଏହି ପ୍ରକ୍ରିୟାରେ ଯେପରି ଅଧିକରୁ ଅଧିକ ଟ୍ରକ ମାଲିକ ସାମିଲ ହୋଇପାରିବେ ସେ ଦିଗରେ ଆଗୁଆ ପଦକ୍ଷେପ ନେବାକୁ ଏହି ବୈଠକ ଅନୁଷ୍ଠିତ ହୋଇଯାଇଛି। ଧାନ ପରିବହନରେ ଟ୍ରକ ମାଲିକମାନେ ସମ୍ମୁଖୀନ ହେଉଥିବା ବିଭିନ୍ନ ସମସ୍ୟାର ସମାଧାନ ନିମନ୍ତେ ବୈଠକରେ ଆଲୋଚନା ହୋଇଥିଲା। ରାଜ୍ୟ ଖାଦ୍ୟ ଯୋଗାଣ ନିଗମର ମୁଖ୍ୟ ପରିଚାଳକ ସୁଧାକର ସାହୁ ଟେଣ୍ଡରର ବିଭିନ୍ନ ଦିଗ ଉପରେ ଆଲୋଚନା କରିଥିଲେ।

ଧାନ କିଣାରେ କଟନୀ ଛଟନୀ ବାଦ ଦେବାକୁ ମିଲରଙ୍କ ପ୍ରତିନିଧି ମଣ୍ଡିରେ ରହିବେ ଓ ଧାନ ଲୋଡିଂକରାଇବେ, ଟ୍ରକ ଡ଼ାଲାରେ ଯେପରି ପାଲ ପଡିବ ତଥା ଲୋଡିଂ ପରେ ସିଲ ହେବ ତାହା ସୁନିଶ୍ଚିତ କରିବେ ବୋଲି ପରିବହନ ଆୟୁକ୍ତ ଶ୍ରୀ ଠାକୁର ପ୍ରସ୍ତାବ ଦେଇଛନ୍ତି।

ଟ୍ରକରେ ଭେହିକଲ ଲୋକେସନ ଟ୍ରାକିଂ ଡିଭାଇସ ଲଗାଇଲେ ଅନଲୋଡିଂରେ ହେଉଥିବା ବିଳମ୍ବର ସମାଧାନ ହୋଇପାରିବ।ଇଏମଡି ଅନୁପାତ ତିନି ପ୍ରତିଶତ କରିବା, ଯୋଗ୍ୟତା ପାଇଁ ପରିବହନ ଅଭିଜ୍ଞତା କମ ରଖିବା ଆଦି ଟେଣ୍ଡରର ଧାରାକୁ କୋହଳ କିମ୍ବା ସଂଶୋଧନ କରିବାକୁ ରାଜ୍ୟ ଖାଦ୍ୟ ଯୋଗାଣ ନିଗମକୁ ଶ୍ରୀ ଠାକୁର ପ୍ରସ୍ତାବ ଦେଇଛନ୍ତି। ବୈଠକରେ ସମସ୍ତ ବରିଷ୍ଠ ଅଧିକାରୀ ତଥା ଓଡ଼ିଶା ଟ୍ରକ ମାଲିକ ଫେଡେରେଶନରୁ ସାଧାରଣ ସମ୍ପାଦକ ରବି ଶତପଥୀ, ଓଡ଼ିଶା ଟ୍ରକ ମାଲିକ ସଂଘରୁ ସଭାପତି ଶରତ ଚନ୍ଦ୍ର ପ୍ରଧାନ ତଥା ବହୁ ପରିବହନ ଠିକାଦାରବୈଠକରେ ସାମିଲ ହୋଇଥିଲେ।

### ୪ ପୋଲିସଙ୍କୁ ...

ସୁରକ୍ଷା ପ୍ରଦାନ ପାଇଁ ଆବେଦନକାରୀଙ୍କ ତରଫରୁ ନିବେଦନ କରାଯାଇଥିଲା। ହାଇକୋର୍ଟ ଅକ୍ଟୋବର ୨୮ରେ ପରବର୍ତ୍ତୀ ଶୁଣାଣି ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ପରବର୍ତ୍ତୀ ଶୁଣାଣି ସମୟରେ କେସ୍ ଡାଏରି ସହିତ ତଦନ୍ତର ସାନି ସ୍ଥିତି ନେଇ ତଥ୍ୟ ଦେବାକୁ ସରକାରଙ୍କୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ଅନ୍ୟପକ୍ଷରେଏଠାରେ ଉଲ୍ଲେଖ ଯୋଗ୍ୟ ଯେ ସେପ୍ଟେମ୍ବର ୧୫ରେ ଭରତପୁର ଥାନାକୁ ଅଭିଯୋଗ କରିବାକୁ ଯାଇଥିବା ଦୁଇ ବ୍ୟକ୍ତିଙ୍କୁ ନିର୍ଯାତନା ଘଟଣାକୁ ନେଇ କ୍ରାଇମବ୍ରାଞ୍ଚ ମାମଲା ରୁଜୁ କରିଥିଲା। ସରକାର ଭରତପୁର ଥାନାର ପୂର୍ବତନ ଆଇଆଇସି ଦୀନକୃଷ୍ଣ ମିଶ୍ର, ଏସଆଇ ବୈଶାଳିନୀ ପଣ୍ଡା, ଏଏସଆଇ ସାଗରିକା ରଥ, ସଲିଳାମୟୀ ସାହୁ, କନଷ୍ଟେବଳ ବଳରାମ ହାଁସଦାଙ୍କୁ ନିଲମ୍ବିତ କରିଥିଲେ। କ୍ରାଇମବ୍ରାଞ୍ଚ ମାମଲାରେ ସମ୍ଭାବ୍ୟ ଗିରଫଦାରୀ ଏଡ଼ାଇବା ପାଇଁ ଏହି ପାଞ୍ଚ ଜଣ ପୁଲିସ କର୍ମଚାରୀ ସେପ୍ଟେମ୍ବର ୩୦ରେ ହାଇକୋର୍ଟରେ ଆଗୁଆ ଜାମିନ ଆବେଦନ ଦାୟର କରିଥିଲେ। ଆଜି ଅବକାଶକାଳୀନ ଖଣ୍ଡପୀଠରେ ଚାରିଜଣଙ୍କ ଆଗୁଆ ଜାମିନ ଆବେଦନର ପ୍ରାରମ୍ଭିକ ଶୁଣାଣି ହୋଇଥିଲା। ପୂର୍ବତନ ଆଇଅଇସି ଦୀନକୃଷ୍ଣ ମିଶ୍ରଙ୍କ ଆଗୁଆ ଜାମିନ ଆବେଦନର ଆସନ୍ତା ସପ୍ତାହରେ ଶୁଣାଣି ହେବ।

### ବିଜେଡିକୁ ଅସ୍ଥିର...

ସମାଲୋଚନା କରିଛି ବିଜେଡି । ଦିବାସ୍ୱପ୍ନ ଦେଖିବାକୁ କାହାକୁ ମନା ନାହିଁ, କିଏ ଦେଖିବାକୁ ଚାହୁଁଥିଲେ ଦେଖନ୍ତୁ ବୋଲି ବିଜେଡି କହିଛନ୍ତି ମୁଖପାତ୍ର ଲେନିନ ମହାନ୍ତି । କିଛି ଜାତୀୟ ଦଳ ନିଜ ଘର କଥା ଚିନ୍ତା ନ କରି, ଖାଲି ଶୂନ୍ୟରେ ହାବେଳି ମାରିବା ପାଇଁ ବ୍ୟଗ୍ର ହେଉଛନ୍ତି।

### ପଣବନ୍ଦୀଙ୍କୁ ...

ସୂଚନା ଦେଇଛନ୍ତି। ଯଦି ହମାସ ସମସ୍ତ ପଣବନ୍ଦୀଙ୍କୁ ଖଲାସ କରିଦେବ, ତା'ହେଲେ ଯୁଦ୍ଧ ଆସନ୍ତାକାଲି ହିଁ ବନ୍ଦ ହୋଇଯିବ ବୋଲି ସେ କହିଥିବା ବେଳେ ହମାସର ଜିଦ୍ ଯୁଦ୍ଧକୁ ଆହୁରି ଭୟଙ୍କର କରିବା ଆଶଙ୍କା ସୃଷ୍ଟି କରିଛି।



## ମହମ୍ମଦଜମାପୁରରେ ଗଜଲକ୍ଷ୍ମୀ ପୂଜା

**ଯାଜପୁର, ୧୮।୧୦ (ସଂଚାର ବ୍ୟୁରୋ) :** ଯାଜପୁର ବ୍ଲକ ଛତିଶିଦେବିଲି ପଞ୍ଚାୟତ ମହମ୍ମଦଜମାପୁର(ଘାଟକୂଳ) ବ୍ୟବସାୟିକ ସଂଘ ପକ୍ଷରୁ ଗଜଲକ୍ଷ୍ମୀ ପୂଜା ଧୁମଧାମରେ ପାଳନ କରାଯାଉଛି। ବ୍ୟବସାୟୀ ସଂଘ ଦୀର୍ଘ ବର୍ଷ ହେଲା ଏହି ପୂଜା ଆୟୋଜନ କରି ଆସୁଥିବା ବେଳେ ଚଳିତ ବର୍ଷ ଭଳିକି ଭଳି ସାଂସ୍କୃତିକ କାର୍ଯ୍ୟକ୍ରମ, ସୁନ୍ଦର ଆଲୋକମାଳାରେ ପୂଜା ପରିବେଶକୁ ଆକର୍ଷଣୀୟ କରିଛନ୍ତି। ଏହି ପୂଜା କାର୍ଯ୍ୟକ୍ରମକୁ ଭରତ ମହାନ୍ତି, ଖମ୍ଭୁନାଥ ପରମାଣିକ, ଉମାକାନ୍ତ ପରମାଣିକ,ନିରଂଜନ ରାଉତ, ମଙ୍ଗୁଳି ରାଉତ, ଯଶୋବନ୍ତ ପରମାଣିକ ପ୍ରମୁଖଙ୍କ ସହ ସମସ୍ତ ବ୍ୟବସାୟୀ ଓ ଅଞ୍ଚଳବାସୀଙ୍କ ସହଯୋଗରେ ପୂଜା ଅନୁଷ୍ଠିତ ହେଉଛି।

## ଗଜଲକ୍ଷ୍ମୀ ପୂଜା ପାଇଁ ସଇନ୍ଧା-ନଛିପୁର ଚଳଞ୍ଚଳ

**ଫୁଲନଖରା, ୧୮।୧୦ (ସଂଚାର ବ୍ୟୁରୋ) :** କଟକ ସଦର ଥାନା ଅନ୍ତର୍ଗତ ସଇନ୍ଧା ନଚ୍ଛିପୁର ଅଞ୍ଚଳରେ ମା' ଅନ୍ନଦାତ୍ରୀଙ୍କ ପୂଜାରେ ଚଳ ଚଞ୍ଚଳ ହୋଇଉଠିଛି । ରଙ୍ଗ ବେରଙ୍ଗର ଆଲୋକ ସାଙ୍ଗକୁ ବଡ଼ ବଡ଼ ତୋରଣ ସହପୂଜା ମଣ୍ଡପ ଗୁଡିକରେ ଆକର୍ଷଣୀୟ ସାଜସଜ୍ଜା ହୋଇ ମା'ଙ୍କ ପୂଜାର୍ଚ୍ଚନା କରାଯାଉଛି। ମା ଜାଗେଶ୍ୱରୀ ଗଜଲକ୍ଷ୍ମୀ ପୂଜା କମିଟି,ବାପୁଜୀ ସ୍ମାରକୀ ଗଜଲକ୍ଷ୍ମୀ ପୂଜା କମିଟି, ମା ଜୟନ୍ତୀ ଗଜଲକ୍ଷ୍ମୀ ପୂଜା କମିଟି ସଇନ୍ଧା, ମା ଗୁପ୍ତେଶ୍ୱର ଗଜଲକ୍ଷ୍ମୀ ପୂଜା କମିଟି, ମା ଦୁଲାଦେଇ ଗଜଲକ୍ଷ୍ମୀ ପୂଜା କମିଟି, ମା ବିମଳା ଗଜଲକ୍ଷ୍ମୀ ପୂଜା କମିଟି କାଜିପୁର, ମା ମଙ୍ଗଳା ଗଜଲକ୍ଷ୍ମୀ ପୂଜା କମିଟି, ବଳରାମ ବାବା ଗଜଲକ୍ଷ୍ମୀ ପୂଜା କମିଟି, ବାଳୁତ କୁମାର ଗଜଲକ୍ଷ୍ମୀ ପୂଜା କମିଟି, ମା ଜାଗୁଳାଇ ଗଜଲକ୍ଷ୍ମୀ ପୂଜା କମିଟି, ବିବେକାନନ୍ଦ ଗଜଲକ୍ଷ୍ମୀ ପୂଜା କମିଟିରେ ମା' ଗଜଲକ୍ଷ୍ମୀଙ୍କ ପୂଜାକୁ ସରସ ସୁନ୍ଦର କରିବା ପାଇଁ ସମସ୍ତ ପ୍ରକାର ପଦକ୍ଷେପ ନିଆଯାଇଛି ।

ଏହି ଉପଲକ୍ଷେ ବିବେକାନନ୍ଦ ଗଜଲକ୍ଷ୍ମୀ ପୂଜା କମିଟି ଓ ଦୁଲାଦେଇ ପୂଜା କମିଟି ପକ୍ଷରୁ ୨ ରାତି ଲେଖାଏଁ ଡ୍ରାମା ସହ ଅନ୍ୟ ସମସ୍ତ ପୂଜା କମିଟି ପକ୍ଷରୁ ମା'ଙ୍କ ପୂଜା ଠାରୁ ଭଷାଣୀ ପର୍ଯ୍ୟନ୍ତ ବିଭିନ୍ନ ସନ୍ଧ୍ୟାରେ ବିଭିନ୍ନ ପ୍ରକାର ସାଂସ୍କୃତିକ



କାର୍ଯ୍ୟକ୍ରମ ସହ ମିନା ବଜାରରେ ହଜାର ହଜାର ଲୋକଙ୍କ ସମାଗମ ଦେଖିବାକୁ ମିଳିଛି। କଟକ ସଦର ଥାନା ପକ୍ଷରୁ କଡା ସୁରକ୍ଷା ବ୍ୟବସ୍ଥା କରାଯାଇଛି।

## ମା' ବିରଜାଙ୍କୁ ଦର୍ଶନ କଲେ ଖାଦ୍ୟ ଯୋଗାଣ ମନ୍ତ୍ରୀ

**ଯାଜପୁର,୧୮।୧୦ (ସଂଚାର ବ୍ୟୁରୋ):** ଆଜି ଦିନିକିଆ ଯାଜପୁର ଗସ୍ତରେ ଆସି ଓଡିଶା ସରକାରଙ୍କ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ଯାଜପୁରର ଅଧିଷ୍ଠାତ୍ରୀ ଦେବୀ ମା ବିରଜାଙ୍କୁ ଦର୍ଶନ କରିଛନ୍ତି। ସେ ମନ୍ଦିର ପାଖରେ ପହଞ୍ଚିବା ପରେ ମନ୍ଦିର ପ୍ରଶାସନ ପକ୍ଷରୁ ମନ୍ଦିର ଟ୍ରଷ୍ଟି ତଥା ଉପ ଜିଲ୍ଲାପାଳ ଅଂଶୁମାନ ଶତପଥୀ ତାଙ୍କୁ ସ୍ୱାଗତ କରିଥିଲେ। ପରେ ସେ ମାଙ୍କ ଦର୍ଶନ କରିବା ସହ ପୂଜାର୍ଚ୍ଚନା କରିଥିଲେ। ଏହି ଅବସରରେ ବହୁ ଦଳୀୟ କର୍ମକର୍ତା ପହଞ୍ଚି ଶ୍ରୀ ପାତ୍ରଙ୍କୁ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ କରିଥିଲେ।



ଅନ୍ୟ ପକ୍ଷେ ଶ୍ରୀ ପାତ୍ର ମନ୍ଦିରରୁ ଯାଜପୁର ସର୍କିଟ ହାଉସକୁ ଯାଇଥିଲେ। ସେଠାରେ ଶହଶହ ଦଳୀୟ କର୍ମୀ ଉତ୍ସାହର ସହ ଅପେକ୍ଷା କରିଥିବା ବେଳେ ବିଜେପି ଜିଲ୍ଲା ସଭାପତି ଗୌତମ ରାୟ ମା ବିରଜାଙ୍କ ଫଟୋଚିତ୍ର ଓ ପୁଷ୍ପଗୁଚ୍ଛ ଦେଇ ମନ୍ତ୍ରୀଙ୍କ ପ୍ରଥମ ଯାଜପୁର ଗସ୍ତ ଅବସରରେ ସ୍ୱାଗତ କରିଥିଲେ।

### କଳାକୃତି ସାଜିଛି ବୃତ୍ତି

## ପିତ୍ତଳରେ ଜୀବନ ଭରିଦିଏ ପ୍ରକାଶଙ୍କ ହାତ

**ବ୍ରହ୍ମପୁର, ୧୮।୧୦ (ସଂଚାର ବ୍ୟୁରୋ) :** ନିଜ ହାତ ତିଆରି କଳାକୃତି ଜଣେ କାରିଗରଙ୍କୁ ଦେଇଥାଏ ସ୍ୱତନ୍ତ୍ର ପରିଚୟ। ଗଞ୍ଜାମ ଜିଲ୍ଲାରେ ମଧ୍ୟ ଏଭଳି ଅନେକ କାରିଗର ରହିଛନ୍ତି, ଯେଉଁମାନଙ୍କ ହାତର ଯାଦୁ ସେମାନଙ୍କୁ ଖୁବ୍ ପରିଚିତ କରାଇଛି ଏବଂ ନିଜର ଭିତରେ ଥିବା କଳା ପାଇଁ ସେମାନେ ସାଧାରଣରେ ବେଶ ପ୍ରଶଂସିତ ହୋଇଛନ୍ତି। କେବଳ ପ୍ରଶଂସା ନୁହେଁ ବରଂ ଏହାକୁ ବୃତ୍ତି ଭାବେ ମଧ୍ୟ ଅପଣାଇଛନ୍ତି ଅନେକ କାରିଗର। ନିଜ ହାତର ସ୍ପର୍ଶରେ ଗଢୁଥିବା କଳାକୃତି କୁ ବିକ୍ରି କରି ଭଲ ଦୁଇ ପଇସା ରୋଜଗାର ବି କରିପାରୁଛନ୍ତି। ଆଉ ଏଭଳି ଜଣେ କାରିଗର ହେଉଛନ୍ତି ଗଞ୍ଜାମ ଜିଲ୍ଲା ବେଲାଗୁଣ୍ଠା ଅଞ୍ଚଳର ପ୍ରକାଶ ମହାରଣା।

ବେଲଗୁଣ୍ଠା ଅଂଚଳର ପିତ୍ତଳ ମାଛ ବେଶ ପ୍ରସିଦ୍ଧି ଲାଭ କରିଛି। କେବଳ ମାଛ ନୁହେଁ ଚିଙ୍ଗୁଡ଼ି ,ଶେଉଳ ରୋହି, ଦେବଦେବୀଙ୍କ ମୂର୍ତ୍ତି ଓ ଘରକରଣା ସମଗ୍ରୀ ପିତ୍ତଳରେ ପ୍ରସ୍ତୁତ କରି ଏଠାରେ ବିକ୍ରୀ କରାଯାଏ। ପିତ୍ତଳକୁ ହାତୁଡ଼ିରେ ପିଟି ପିଟି ଜୀବନ୍ତ ରୂପ ଦେବାରେ ବ୍ୟସ୍ତ ରୁହନ୍ତି କାରିଗର । ତେବେ ଏସବୁକୁ ତିଆରି କରୁଛନ୍ତି ବେଲାଗୁଣ୍ଠା ଅଞ୍ଚଳର କାରିଗର ପ୍ରକାଶ ମହାରଣା। ବେଲଗୁଣ୍ଠ ସହରର ପିତ୍ତଳ କାରିଗର ଭାବେ ସେ ବେଶ ଜଣା ଶୁଣା। କାହିଁ କେତେ ବର୍ଷରୁ ଚାଲି ଆସୁଥବା ଏହି କୌଳିକ ବୃତ୍ତିକୁ ଆଜିବି ବଞ୍ଚାଇ ରଖିଛନ୍ତି ପ୍ରକାଶ। ପ୍ରଥମେ ପିତ୍ତଳ ସିଟ୍ କୁ କାଟିବା ପରେ ତାକୁ ହାତୁଡ଼ିରେ ପିଟି ମାଛ କାତି ତିଆରି କରନ୍ତି। ପରେ ମାଛର ମୁଣ୍ଡ ଓ ଲାଞ୍ଜ ତିଆରି କରନ୍ତି । ଆଉ ଏ ସବୁକୁ ଯୋଡ଼ି ଅବିକଳ ମାଛର ରୂପ ଦିଅନ୍ତି । ଏହି ମାଛର ଆକାର ଅନୁଯାୟୀ ୨୦୦ ଟଙ୍କା ରୁ ୨୦ ହଜାର ଟଙ୍କା ପର୍ଯ୍ୟନ୍ତ ବିକ୍ରୀ କରିଥାନ୍ତି।





ବଜାରରେ ପିତ୍ତଳ ମାଛର ଚାହିଦା ରହିଥିବାରୁ ଏହି କୌଳିକ ବୃତ୍ତିକୁ ବଞ୍ଚାଇ ରଖିବାକୁ ସେ ଉଦ୍ୟମ କରି ଆସୁଥିବା କହିଛନ୍ତି। ତା ସହ ଜିଲ୍ଲା ଶିଳ୍ପକେନ୍ଦ୍ରର ସହଯୋଗରେ ପ୍ରକାଶ ବହୁ ଜଣଙ୍କୁ ଟ୍ରେନିଂ ମଧ୍ୟ ଦେଇଛନ୍ତି। ପିତ୍ତଳ ମାଛର କାରିଗରୀ ଭିନ୍ନ ଥିବାରୁ ଏହାକୁ ଉପହାର ସ୍ୱରୂପ ପ୍ରଦାନ କରାଯାଉଛି । ଦେଶ ତଥା ଦେଶ ବାହାରେ ମଧ୍ୟ ଏହି ପିତ୍ତଳ କାରିଗରୀର ବେଶ ଚାହିଦା ରହିଛି। ଏହି ପିତ୍ତଳ ମାଛକୁ ଜି ଆଇ ଟ୍ୟାଗ ମାନ୍ୟତା ପାଇଁ ପ୍ରଚେଷ୍ଟା କରାଯାଇଛି । ଯଦି ମାନ୍ୟତା ମିଳେ ତାହେଲେ ଆନ୍ତର୍ଜାତୀୟ ସ୍ତରରେ ଏହା ପ୍ରସିଦ୍ଧି ଲାଭ କରିପାରିବ ବୋଲି ଆଶା ରଖିଛନ୍ତି କାରିଗର।

## ସୂଚନା ଓ ଲୋକ ସଂପର୍କ କାର୍ଯ୍ୟାଳୟ ତିନିମୁହାଣିକୁ ସ୍ଥାନାନ୍ତର

**କେନ୍ଦ୍ରାପଡ଼ା, ୧୮।୧୦ (ସଂଚାର ବ୍ୟୁରୋ):** କେନ୍ଦ୍ରାପଡ଼ା ଜିଲ୍ଲା ସୂଚନା ଓ ଲୋକ ସଂପର୍କ ବିଭାଗ କାର୍ଯ୍ୟାଳୟ ତିନିମୁହାଣୀକୁ ସ୍ଥାନାନ୍ତର ହୋଇଛି। ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଭିତରେ ଥିବା ସମ୍ମିଳନୀ କକ୍ଷ ଓ ଓସୁଆନ୍ ହଲ୍‌ର ସଂପ୍ରସାରଣ ପାଇଁ ଏହି ଅଫିସ୍‌କୁ ସ୍ଥାନାନ୍ତର କରାଯାଇଛି। ଏଣିକି ତିନିମୁହାଣୀ ଏନ୍‌ଏଚ୍ କଲୋନିରେ ସୂଚନା ଓ ଲୋକ ସଂପର୍କ ବିଭାଗ ପରିଚାଳିତ ହେବ ବୋଲି ସୂଚନା ମଧ୍ୟ ମିଳିଛି । କେବଳ ସେତିକି ନୁହେଁ, କ୍ରୀଡ଼ା ବିଭାଗ, ସ୍ୱଳ୍ପ ସଂଚୟ ଓ ଆର୍‌ଟିଆଇ ବିଭାଗକୁ ମଧ୍ୟ ସ୍ଥାନାନ୍ତର କରି ଦିଆଯାଇଛି । ଜିଲ୍ଲାପାଳଙ୍କ କାର୍ଯ୍ୟାଳୟଠୁ ପାଖାପାଖି ଦୁଇ କିଲୋମିଟର୍‌ରୁ ଅଧିକ ଦୂରକୁ ସୂଚନା ଓ ଲୋକ ସଂପର୍କ ବିଭାଗ ଅଫିସ୍‌କୁ ସ୍ଥାନାନ୍ତର କରାଯାଇଥିବାରୁ ସାମ୍ବାଦିକଙ୍କ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି। ଅନେକ ସାମ୍ବାଦିକ ଜିଲ୍ଲାପାଳ ଅଫିସ୍ ଭିତରେ କୌଣସି କୋଠରୀରେ ସୂଚନା ଓ ଲୋକ ସଂପର୍କ ବିଭାଗ ଚଳାଇବା ବ୍ୟବସ୍ଥା କରିବାକୁ ଦାବି ହୋଇଛି ।

### ବିଦ୍ୟାଳୟ ଫାଟକରେ ତାଲା

## ଶିକ୍ଷକ ନିଯୁକ୍ତି ପାଇଁ ଧାରଣାରେ ଛାତ୍ରଛାତ୍ରୀ ଓ ଅଭିଭାବକ

**ଉଦଳା, ୧୮।୧୦ (ସଂଚାର ବ୍ୟୁରୋ):** କପ୍ତିପଦା ଶିକ୍ଷା ବ୍ଲକ ଅଧିନ ଦୁମୁହାଣୀ ସରକାରୀ ପ୍ରାଥମିକ ବିଦ୍ୟାଳୟରେ ପ୍ରଥମରୁ ପଞ୍ଚମ ଶ୍ରେଣୀ ପର୍ଯ୍ୟନ୍ତ ୧୧୯ ଛାତ୍ରଛାତ୍ରୀ ପାଠ ପଢୁଥିବା ବେଳେ ପୂର୍ବରୁ ବିଦ୍ୟାଳୟରେ ୪ ଜଣ ଶିକ୍ଷକ ରହିଥିଲେ। ତେବେ ସେମାନଙ୍କ ମଧ୍ୟରୁ ଦୁଇ ଜଣ ଶିକ୍ଷକଙ୍କୁ ଡେପୁଟେସନରେ ପଠାଇ ଦିଆଯାଇଥିବା ବେଳେ ଅନ୍ୟ ଦୁଇ ଜଣ ଶିକ୍ଷକଙ୍କ ମଧ୍ୟରୁ ଜଣଙ୍କର ବଦଳି ହୋଇଯାଇଛି । ଯାହାକି ବିଦ୍ୟାଳୟରେ ଜଣେ ଶିକ୍ଷକ ରହିଥିବା ବେଳେ ଆଜି ଅନ୍ୟ ଜଣେ ଶିକ୍ଷୟିତ୍ରୀ ବିଦ୍ୟାଳୟକୁ ଆସିଛନ୍ତି । ଏଭଳି ସ୍ଥଳେ ଜଣେ ଶିକ୍ଷକରେ ଦୀର୍ଘଦିନ ହେବ ଶିକ୍ଷାଦାନ ଚାଲି ଆସିଥିବା ବେଳେ ବାରମ୍ବାର ଅଭିଯୋଗ ପରେ ମଧ୍ୟ ଶିକ୍ଷକ ପଦବୀ ପୂରଣ ନ ହେବାରୁ ଶେଷରେ ଆଜି ଅଭିଭାବକ, ଛାତ୍ରଛାତ୍ରୀ ଏବଂ ଗ୍ରାମବାସୀ ରାଜରାସ୍ତାରେ ଧାରଣାରେ ବସିବା ସହିତ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି ।




ତେବେ ଘଟଣା ବାବଦରେ ପୂର୍ବରୁ କପ୍ତିପଦା ବିଇଓ ଓ ମୟୂରଭଞ୍ଜ ଜିଲ୍ଲା ଶିକ୍ଷାଧିକାରୀଙ୍କୁ ବାରମ୍ବାର ଜଣାଇବା ପରେ ବି କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାନଯିବାରୁ ତାତିଛନ୍ତି ଅଭିଭାବକ ଛାତ୍ରଛାତ୍ରୀ ଏବଂ ଗ୍ରାମବାସୀ । ବିଦ୍ୟାଳୟ ମୁଖ୍ୟ ଫାଟକରେ ତାଲା ପକାଇବା ସହିତ ଡ଼ହ ଡ଼ହ ଖରାରେ ରାସ୍ତା ଉପରେ ନିଜର ଅସନ୍ତୋଷ ଜାହିର କରିଛନ୍ତି । ଆଗାମୀ ଦୁଇ ଦିନ ମଧ୍ୟରେ ଯଦି ବିଦ୍ୟାଳୟରେ ୪ ରୁ ୫ ଜଣ ଶିକ୍ଷକଙ୍କୁ ନିଯୁକ୍ତି ନ କରାଯାଏ ତେବେ ଅନିର୍ଦ୍ଦିଷ୍ଟ କାଳ ପଯ୍ୟନ୍ତ ସ୍କୁଲ ଗେଟ୍ ରେ ତାଲା ପଡି ରହିବ ବୋଲି ସିଧା ଚେତାବନୀ ଦେଇଛନ୍ତି ଅବିଭାବକ।

ଘଟଣା ବାବଦରେ କପ୍ତିପଦା ବିଇଓ ଦିପକ କୁମାର ମିଶ୍ରଙ୍କୁ ପଚାରିବାରୁ ଆଗାମୀ ୭ ଦିନ ମଧ୍ୟରେ ଜିଲ୍ଲାପାଳ ଙ୍କ ନିର୍ଦ୍ଦେଶନାରେ ଜଣେ ଶିକ୍ଷକ ଓ ଅସ୍ଥାୟୀ ଭାବେ ଆସନ୍ତାକାଲି ଠାରୁ ଜଣେ ଶିକ୍ଷକ ଙ୍କୁ ଦୁମୁହାଣୀ ବିଦ୍ୟାଳୟରେ ନିଯୁକ୍ତି ନେଇ ପ୍ରତିଶ୍ରୁତି ପରେ ଧାରଣା ପ୍ରତ୍ୟାହୃତ ହୋଇଥିବା ସୂଚନା ମିଳିଛି ।

### ଟ୍ରଲର ଧକ୍କାରେ ସ୍କୁଟି ଚାଳକ ମୃତ

## କ୍ଷତିପୂରଣ ଦାବିରେ ଜାତୀୟ ରାଜପଥ ଅବରୋଧ



**ଯୋଡା,୧୮।୧୦ (ସଂଚାର ବ୍ୟୁରୋ):** କେନ୍ଦୁଝର ଜିଲ୍ଲା ଯୋଡା ବ୍ଲକ ତଥା ଚମ୍ପୁଆ ଥାନା ଅନ୍ତର୍ଗତ ବାସୁଦେବପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ସମ୍ମୁଖ ଜାତୀୟ ରାଜପଥରେ ଶୁକ୍ରବାର ଏକ ଟେଲର ଧକ୍କାରେ ସ୍କୁଟି ଚାଳକର ମୃତ୍ୟ ଘଟିଛି। ଖବର ନେବାରୁ ଜଣାପଡିଛି ଯେ, ଶୁକ୍ରବାର ଅପରାହ୍ନ ପ୍ରାୟ ଦୁଇଟା ବେଳେ ବିଲେଇପଦା ଅଞ୍ଚଳର ସୋମନାଥ ମୁଣ୍ଡା ବାସୁଦେବପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରୁ ଚିକିତ୍ସିତ ହୋଇ ସ୍କୁଟି ନଂ ଓ ଡି ୦୯ ଭି ୩୫୪୨ ଯୋଗେ ଘରକୁ ଯିବା ବେଳେ ବିପରୀତ ଦିଗରୁ ଖଣିଜ ବୋଝେଇ କରି ଯାଉଥିବା ଟ୍ରଲର ନଂ ଜେ ଏଚ ୦୫ଡିଟି ସ୍କୁଟିକୁ ଧକ୍କା ଦେବା ସହିତ ଚାପି ଯାଇଥିଲା । ଫଳରେ ଘଟଣାସ୍ଥଳରେ ସ୍କୁଟି ଚାଳକ ସୋମନାଥଙ୍କ ମୃତ୍ୟୁ ଘଟିଥିଲା। ଏହି ଘଟଣା ପରେ ମୃତକଙ୍କ ପରିବାରକୁ କ୍ଷତିପୂରଣ ଦାବିରେ ସ୍ଥାନୀୟ ଲୋକେ ୫୨୦ ନଂ ଜାତୀୟ ରାଜପଥର ବାସୁଦେବପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ସମ୍ମୁଖରେ ରାସ୍ତା ଅବରୋଧ କରିଥିଲେ ।ଘଟଣାସ୍ଥଳରେ ବଡ଼ବିଲ ତହସିଲଦାର ଡିଏସ ଯୋଶୀ ଓ ଚମ୍ପୁଆ ଆଇଆଇସି ଅବିନାଶ ପରିଡ଼ା ପହଂଚି ଅବରୋଧକାରୀଙ୍କୁ ବୁଝାସୁଝା କରୁଥିଲେ ହେଁ ସନ୍ଧ୍ୟା ପର୍ଯ୍ୟନ୍ତ ଖବର ଲେଖା ହେଲାବେଳକୁ ରାସ୍ତା ଅବରୋଧ ଜାରି ରହିଥିଲା ।

### ମିଳୁନି ମୃତ୍ୟୁ ସହାୟତା ରାଶି

## ଜିଲ୍ଲାପାଳଙ୍କୁ ଅଭିଯୋଗ କଲେ ପରିବାର

**କେନ୍ଦ୍ରାପଡ଼ା,୧୮।୧୦ (ସଂଚାର ବ୍ୟୁରୋ):** ରାଜନଗର ଅଞ୍ଚଳରେ ଗ୍ୟାସ ଟାଙ୍କି ଫାଟି ଗତ ଅଗଷ୍ଟ ମାସ ୧୫ ତାରିଖରେ ୧୦ ବର୍ଷୀୟ ଝିଅ ଅନୁପମ ସାହାଣୀ ଓ ୬ ବର୍ଷୀୟ ପୁଅ ସତ୍ୟରଞ୍ଜନଙ୍କ ମୃତ୍ୟୁ ହୋଇଥିଲା । ଘର ପୋଡ଼ିଜଳି ମାଟିରେ ମିଶିଯାଇଥିଲା । ଏହିଭଳି ଏକ ଘଟଣା ରାଜନଗର ଥାନା ଅଧିନ କୁରୁଣ୍ଟି ପଞ୍ଚାୟତର ବଳରାମପୁର ଅଞ୍ଚଳରେ ଘଟିଥିଲା । ଏହି ଅସହାୟ ଶୋକାକୁଳ ପରିବାର ନିରାଶୟ ହୋଇଯାଇଥିଲେ । ଏହି ଦୁଃଖଦ ସମୟରେ ମୃତ ପିଲାଙ୍କ ବାପା ସୁକାନ୍ତ ସାହାଣୀ ଦିନ ମଜୁରୀ ଖଟିବା ନିମନ୍ତେ ସାଉଦି ଆରବ ଯାଇଥିଲେ। ଅଘଟଣ ପରେ ଘରକୁ ଫେରିଥିଲେ । ତାଙ୍କର ପତ୍ନୀ ଅନୀତା ମାନସିକ ଭାରସାମ୍ୟ ହରାଇ ଦେଇଛନ୍ତି । ଏହି କୁନି ପୁଅ ଓ ଝିଅଙ୍କର ମୃତ୍ୟୁ ଖବର ପାଇ ସରକାରୀ ଓ ବେସରକାରୀ ସଂସ୍ଥା ଏବଂ ବିଭିନ୍ନ ସମାଜସେବୀମାନେ



ଆର୍ଥିକ ଓ ଦ୍ରବ୍ୟ ସାହାଯ୍ୟ ପ୍ରଦାନ କରିଥିଲେ । ଉକ୍ତ ସାହାଯ୍ୟ ଅର୍ଥରାଶି ସେହି ଗ୍ରାମର କମିଟି ନିକଟରେ ଜମା ଥିଲା । ଘଟଣାର ୧୫ ଦିନ ପରେ ଗ୍ରାମ କମିଟି ସୁକାନ୍ତଙ୍କୁ ଡକାଇ କହିଲେ ଯେ ତୁମର ସାହାଯ୍ୟ ରାଶି ସାତ ଲକ୍ଷ ଏକାଅଶି ହଜାର ମିଳିଛି । ସମସ୍ତ ଟଙ୍କା ସରପଞ୍ଚ ପାଖରେ ଅଛି ସେ ଦେଇ ଦେବେ ବୋଲି କମିଟି କହିଥିଲା ।

ଦୁଃଖର ବିଷୟ ଉକ୍ତ ଘଟଣା ଆଜକୁ ୨ ମାସ ବିତି ଯାଇଥିଲେ ମଧ୍ୟ ସରପଞ୍ଚଙ୍କୁ ବାରମ୍ବାର ମାଗିବାରୁ ସେ ଆଜିକାଲି କହି ସମୟ ଟାଳଟୁଳ କରି ବିଭିନ୍ନ ଆଳ ଦେଖାଇ ଆଜି ପର୍ଯ୍ୟନ୍ତ ଦେଇନାହାନ୍ତି । ପିଲାଙ୍କ ମୃତ୍ୟୁ ପରେ ସେ ଭାଙ୍ଗି ପଡିଛନ୍ତି । ଆଉ ରୋଗିଣା ସ୍ତ୍ରୀ ଓ ଗୋଟେ ଝିଅଙ୍କର ପ୍ରତିଦିନ ଚଳିବା ନିମନ୍ତେ ସମସ୍ୟା ହେଉଛି । ମୃତ୍ୟୁ ହୋଇଥିବା ପିଲାମାନଙ୍କର ସହାୟତା ରାଶି ସରପଞ୍ଚ ରଂଜନ କୁମାର ମହାନ୍ତିଙ୍କଠାରୁ ଆଣି ତାଙ୍କୁ ପ୍ରଦାନ କରାଯିବା ସହିତ ଝିଅ ସୁପ୍ରିୟାର ଭବିଷ୍ୟତ ଓ ପରିବାର ବସବାସ ନିମନ୍ତେ ସରକାରୀ ଜାଗା ପ୍ରଦାନ କରାଇବାକୁ ନେଇ ଜିଲ୍ଲାପାଳଙ୍କୁ ସେ ଲିଖିତ ଅଭିଯୋଗ କରିଛନ୍ତି ।

### ଭୁଲ୍ କାହାର ?

## ବ୍ଲକ୍ ଶିକ୍ଷଧିକାରୀ ନା ଗ୍ରାମବାସୀଙ୍କର

**ବାଲିଅନ୍ତା/ବାଲିପାଟଣା, ୧୮।୧୦ (ସଂଚାର ବ୍ୟୁରୋ):** ଆଳେଶି ଶାସନ ଗ୍ରାମପଞ୍ଚାୟତ ଓ ଉପ୍ରା ବିଦ୍ୟାଳୟ ମଧ୍ୟରେ ଲାଗିରହିଥିବା ବିବାଦ ବାଲିପାଟଣା ବ୍ଲକ୍ ଶିକ୍ଷାଧିକାରୀ ବିଜୟ କୁମାର ବେହେରା ଏକ ଲିଖିତ ପ୍ରତିଶ୍ରୁତି ଗ୍ରାମବାସୀଙ୍କୁ ଦେଇ ଏକ ମାସ ଭିତରେ ସମାଧାନ କରିବା ପାଇଁ କାହିଁ ଆଜି ପର୍ଯ୍ୟନ୍ତ ତାହା ସମାଧାନ ହୋଇ ପାରିଲା ନାହିଁ । ଏଣୁ ଗ୍ରାମବାସୀମାନେ ଉତ୍ତ୍ୟକ୍ତ ହୋଇ ଏକ ପ୍ରାଇଭେଟ୍ ଯାଗାରେ ଚାଲିଥିବା ଗୋପାଳ ଜିୟୁ ଉପ୍ରା ବିଦ୍ୟାଳୟକୁ ତାଲା ପକାଇଥିଲେ । ଯାହା ଫଳରେ ଛାତ୍ରଛାତ୍ରୀ ବାହାରେ ଛିଡା ହୋଇଥିଲେ। ଏହି ଖବର ବାଲିପାଟଣା ଥାନା ଅଧିକାରୀ ଦୁଇଟି ପିସିଆର୍ ଭ୍ୟାନ୍ ପହଞ୍ଚି ଗ୍ରାମବାସୀଙ୍କୁ ବୁଝା ସୁଝା କରିବା ପରେ ଉଭୟ ଗ୍ରାମବାସୀ ଓ ଶିକ୍ଷକଙ୍କୁ ଥାନାକୁ ଡ଼କାଇଥିଲେ। ଥାନାରେ ଘଣ୍ଟା ଘଣ୍ଟା ଧରି ଶିକ୍ଷା ଅଧିକାରୀଙ୍କୁ ଅପେକ୍ଷା କରିଥିଲେ ମଧ୍ୟ ସେ ନ ଆସି ତାଙ୍କ ସହଯୋଗୀଙ୍କ ପଠାଇଥିଲେ। ବାଲିପାଟଣା ଶିକ୍ଷା ଅଧିକାରୀଙ୍କ ପ୍ରତିଶ୍ରୁତି କାର୍ଯ୍ୟକାରୀ ନ ହେବା ପର୍ଯ୍ୟନ୍ତ ଗ୍ରାମବାସୀଙ୍କ ପକ୍ଷରୁ ଆନ୍ଦୋଳନ ଚାଲୁ ରହିବ ଏବଂ ଆବଶ୍ୟକ ପଡିଲେ ବାଲିପାଟଣା ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟଳୟ ଓ ଜିଲ୍ଲାପାଳ କାର୍ଯ୍ୟଳୟ ଧାରଣା ଦିଆଯିବା ନେଇ ଗ୍ରାମବାସୀଙ୍କ ପକ୍ଷରୁ ସୂଚନା ମିଳିଛି

## ଗ୍ଲୋବାଲ ଆଇକନ୍ ଆୱାର୍ଡ ୨୦୨୪ ପାଇଲେ କବି ଆର୍ତ୍ତତ୍ରାଣ

**ଖୋର୍ଦ୍ଧା,୧୮।୧୦ (ସଂଚାର ବ୍ୟୁରୋ):** ନିରାକାରପୁର ଅଞ୍ଚଳର ଜଣାଶୁଣା ଲଳିତ କବି ଡ ଆର୍ତ୍ତତ୍ରାଣ ସାହୁଙ୍କୁ ସମ୍ମାନଜନକ ଗ୍ଲୋବାଲ ଆଇକନ ଆୱାର୍ଡ଼ ୨୦୨୪ ସୁଦୂର ଥାଇଲାଣ୍ଡ ପଟ୍ଟାୟା ଠାରେ ମ୍ୟାଜିକ ବୁକ୍ ଅଫ ରେକର୍ଡ ତରଫରୁ ଅନୁଷ୍ଠିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ପ୍ରଦାନ କରାଯାଇଛି ।

ଅନୁଷ୍ଠିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମର ମୁଖ୍ୟ ଅତିଥି ଭାବେ ଇଣ୍ଟର ନ୍ୟାସନାଲ ୱେଲଫାର ହ୍ୟୁମାନ ରାଇଟ୍ସ ଫାଉଣ୍ଡେସନ ଅଧକ୍ଷ ଡ ରାମ ଅବତାର ଶର୍ମା, ସ୍ୱତନ୍ତ୍ର ଅତିଥି ଭାବେ ଗୁରୁମା କମଳ ରାଣୀ ଓ ସମାଜସେବୀ ଉଷାରାଣୀ ଗାନ୍ଧୀ ପ୍ରମୁଖ ଯୋଗଦେଇ ଲଳିତ କବି



ଆର୍ତ୍ତତ୍ରାଣ ସାହୁଙ୍କୁ ଚଳିତ ବର୍ଷ ସାହିତ୍ୟ କ୍ଷେତ୍ରରେ ଗ୍ଲୋବାଲ ଆଇକନ ଆୱାର୍ଡ଼ ୨୦୨୪ ପ୍ରଦାନ କରାଯାଇଛି। ଏହି ସମୟରେ କବି ଶ୍ରୀ ସାହୁଙ୍କ ପତ୍ନୀ ମିନତୀ ସାହୁ ମଧ୍ୟ ଉପସ୍ଥିତ ରହି ଥିଲେ। ତାଙ୍କର ୨୦୧୮ ରୁ ୨୦୨୩ ମସିହା ମଧ୍ୟରେ ସତ୍ୟାନୁସରଣ, ସତ୍ୟାନୁସନ୍ଧାନ, ସତୀ ଉପାଖ୍ୟାନ, ସତ୍ୟ ଧର୍ମ, ଶିବ ସ୍ୱରୂପ, ସଙ୍କଟ ମୋଚନ, ସକଳ ତୀର୍ଥ ସରିତ, ଶାଶ୍ୱତ, ଶ୍ରୀ ଗଣେଶ ଓ ଅଭୁଲା ସ୍ମୃତି ଭଳି ୧୦ ଖଣ୍ଡ ପ୍ରମୁଖ ପୁସ୍ତକ ଗୁଡ଼ିକ ପ୍ରକାଶିତ ହୋଇଯାଇଛି। ଏହି ଆୱାର୍ଡ଼ ପାଇଥିବାରୁ ଶ୍ରୀ ସାହୁଙ୍କୁ ବିଭିନ୍ନ ମହଲରୁ ଶୁଭେଚ୍ଛା ସୁଅ ଛୁଟିବାରେ ଲାଗିଛି।

### କାକଟପୁର ପଞ୍ଚାୟତ ସମିତି ବୈଠକ

## ଚିଠିରେ ବିଡିଓଙ୍କ ବିନା ଦସ୍ତଖତ ଘଟଣାକୁ ନେଇ ବାକ୍‌ଯୁଦ୍ଧ



**କାକଟପୁର/ଅସ୍ତରଙ୍ଗ, ୧୮।୧୦ (ସଂଚାର ବ୍ୟୁରୋ):** ପୁରୀ ଜିଲ୍ଲା କାକଟପୁର ପଂଚାୟତ ସମିତିର ଷଷ୍ଠ ବୈଠକ ଅଧିବେଶନ ଶୁକ୍ରବାର ଅନୁଷ୍ଠିତ ହୋଇଛି। ପଂଚାୟତ ସମିତି ଅଧକ୍ଷ ଶ୍ରୀଧର ନାୟକ ଏଥିରେ ସଭାପତିତ୍ୱ କରିଥିଲେ। ବୈଠକ ଆରମ୍ଭ ରୁ ଯୁକ୍ତି ତର୍କ ଓ ହୋହାଲ୍ଲା ଚାଲିଥିଲା। ମା ମଙ୍ଗଳା ନିକଟରେ ପ୍ରଦୀପ ପ୍ରଜ୍ୱଳନ କରି ସଭା କାର୍ଯ୍ୟ ଆରମ୍ଭ ହୋଇଥିଲା। ପୂର୍ବ ବୈଠକର ବିବରଣୀ ପଠନ ସମ୍ପର୍କିତ ଘଟଣା କୁ ନେଇ ଯୁକ୍ତିତର୍କ ଆରମ୍ଭ ହୋଇଥିବା ବେଳେ ପୁରୀ ଜିଲ୍ଲା ପରିଷଦ ଉପାଧକ୍ଷ ସ୍ୱାଧୀନ କୁମାର ନାୟକ ପୂର୍ବ ବୈଠକ ବିବରଣୀ ପଠନ କରିବାକୁ ଦାବୀ କରିଥିବା ବେଳେ ଏହାକୁ ପ୍ରତ୍ୟାଖାନ କରିଥିଲେ ବ୍ଲକ ଅଧକ୍ଷ ଶ୍ରୀଧର ନାୟକ। ଯାହାକୁ ନେଇ ବାକଯୁଦ୍ଧ ଆରମ୍ଭ ହୋଇଥିଲା। ଏହା ପରେ ଜିଲ୍ଲାପରିଷଦ ଉପାଧକ୍ଷ ସ୍ୱାଧୀନ କୁମାର ନାୟକ କହିବା ମୁତାବକ ପଂଚାୟତ ସମିତି ତରଫରୁ ଦିଆଯାଇଥିବା ଲୋକ ପ୍ରତିନିଧିମାନଙ୍କୁ ପତ୍ରରେ ଅଥବା ଚିଠିରେ ନମ୍ବରପଡି ବିଡ଼ିଓଙ୍କ ବିନା ଦସ୍ତଖତରେ କିପରି ଜିଲ୍ଲା ପ୍ରଶାସନ ପାଖକୁ ଗଲା। ଏ ପଂଚାୟତ ସମିତି ଉକ୍ତ ଚିଠି ବୈଧ କି ଅବୈଧ ବୋଲି ପ୍ରଶ୍ନ କରିଥିଲେ। ଏହି ଚିଠି ବୈଧ କି ଅବୈଧ ସମ୍ପର୍କିତ ଘଟଣା କୁ ନେଇ କାକଟପୁର ପଂଚାୟତ ସମିତି ସଭାଗୃହ ମଧ୍ୟରେ ପୁରୀ ଜିଲ୍ଲାପରିଷଦ ଉପାଧକ୍ଷ ସ୍ୱାଧୀନ କୁମାର ନାୟକ ଓ ବ୍ଲକ ଅଧକ୍ଷ ଶ୍ରୀଧର ନାୟକଙ୍କ ମଧ୍ୟରେ ବାକଯୁଦ୍ଧ ସହ ଯୁକ୍ତିତର୍କ ହୋଇଥିଲା। ଦୀର୍ଘ ସମୟ ଆରୋପ ପ୍ରତ୍ୟାରୋପ ପରେ ବିଡ଼ିଓ ବିଷ୍ଣୁ ଗୋବିନ୍ଦଙ୍କ ନିର୍ଦ୍ଦେଶ କ୍ରମେ ପଂଚାୟତ ସମିତି କାର୍ଯ୍ୟ ଆରମ୍ଭ ହୋଇଥିଲା। ବୈଠକ ରେ ଜଗତସିଂହପୁର ସାଂସଦ ବିଭୁପ୍ରସାଦ ତରାଇ, କାକଟପୁର ବିଧାୟକ ତୁଷାରକାନ୍ତି ବେହେରା, ପୁରୀ ଜିଲ୍ଲାପରିଷଦ ଉପାଧକ୍ଷ ସ୍ୱାଧୀନ କୁମାର ନାୟକ, କାକଟପୁର ବ୍ଲକ ଅଧକ୍ଷ ଶ୍ରୀଧର ନାୟକ, ଉପାଧକ୍ଷ ସନ୍ଧ୍ୟାରାଣୀ ସାହୁ, ବିଡ଼ିଓ ବିଷ୍ଣୁ ଗୋବିନ୍ଦ, ତହସିଲଦାର ଅଙ୍କିତା ଅନିନ୍ଦିତା, କାକଟପୁର ଥାନାଧିକାରୀ ବିଜୟ କେତନ ବେହେରା ପ୍ରମୁଖ ଙ୍କ ସହ ସମସ୍ତ ଲୋକ ପ୍ରତିନିଧି,ବ୍ଲକ ଓ ଜିଲ୍ଲାର ବିଭିନ୍ନ ବିଭାଗର ଅଧିକାରୀ, ଅଧିକାରିଣୀ ମାନେ ଉପସ୍ଥିତ ଥିଲେ।

## ବଜରଙ୍ଗ କନଷ୍ଟ୍ରକ୍‌ସନ୍‌ର ରାସ୍ତା ନିର୍ମାଣରେ କଲବଲ ପଥଚାରୀ

**ନୟାଗଡ଼,୧୮।୧୦ (ସଂଚାର ବ୍ୟୁରୋ):** ପୂର୍ତ୍ତ ବିଭାଗର ଅବହେଳା ପାଇଁ ନୟାନ୍ତ ହେଉଛନ୍ତି ନୟାଗଡ଼ବାସୀ । ନୟାଗଡ଼ ସହରର ଭିଆଇପି ରୋଡ଼ କୁହାଯାଉଥିବା ପିଟିଏସ୍‌ଠାରୁ ଜଗନ୍ନାଥମନ୍ଦିର ରାସ୍ତା ପ୍ରଶସ୍ତିକରଣ ଓ ଉନ୍ନତୀକରଣ ଆଳରେ ଠିକାଦାର ୮ ମାସରୁ ଉର୍ଦ୍ଧ୍ୱ ସମୟ ହେବ ଖୋଳି ପକାଇ ଦେଇଥିବା ବେଳେ ଯାତାୟତ ପାଇଁ ବ୍ୟାପକ ସମସ୍ୟା ସୃଷ୍ଟି ହେଉଛି । ପଥର ଗୁଣ୍ଡ ଉଡ଼ି ରାସ୍ତାରେ ଯାଉଥିବା ପଥଚାରୀ ଏବଂ ସ୍ଥାନୀୟ ବାସିନ୍ଦା ଦୁର୍ଦ୍ଦଶା ଭୋଗୁଥିବା ବେଳେ ରାସ୍ତାରେ ପାଣି ମଧ୍ୟ ପକାଯାଉନାହିଁ । ଖୋଦ୍ ପୂର୍ତ୍ତ ବିଭାଗ ଅଧିକ୍ଷଣ ଯନ୍ତ୍ରୀଙ୍କ କାର୍ଯ୍ୟାଳୟକୁ ଲାଗି ନିର୍ମାଣ ହେଉଥିବା ଏହି ରାସ୍ତାର ଅବସ୍ଥାକୁ ବିଭାଗ ଜଳଜଳ ଦେଖୁଥିବା ବେଳେ କାହିଁକି ଚୁପ ବସିଛି ବୋଲି ପ୍ରଶ୍ନବାଚୀ ସୃଷ୍ଟି ହୋଇଛି ।

ନବଘନପୁରଠାରୁ ଡିଆଁପଡ଼ା ମୁଥାଗାଡ଼ିଆ ରାସ୍ତା ସହିତ ପିଟିଏସ ଜଗନ୍ନାଥମନ୍ଦିର ରାସ୍ତା ଉନ୍ନତୀକରଣ କରାଯିବାକୁ ୧୯ କୋଟି ୩୮ ଲକ୍ଷ ଟଙ୍କା ବ୍ୟୟ ବରାଦ ହୋଇଛି । ବଜରଙ୍ଗ କନଷ୍ଟ୍ରକସନ୍ ଏହାର ନିର୍ମାଣ ଦାୟିତ୍ୱ ନେଇଥିବା ବେଳେ ୧୪ କୋଟି ୩୮ ଲକ୍ଷ ଟଙ୍କାରେ ଠିକାସଂସ୍ଥା ଟେଣ୍ଡର ହାତେଇଛି ।



### ପିଟିଏସ୍-ଜଗନ୍ନାଥ ମନ୍ଦିର ପୂର୍ତ୍ତ ବିଭାଗ ରାସ୍ତା

୨୦୨୪ ମସିହା ଅକ୍ଟୋମ୍ବର ୧୯ ତାରିଖରେ ଏହାର କାର୍ଯ୍ୟ ଶେଷ ହେବାକୁ ଚୁକ୍ତି ହୋଇଥିଲା । ନିର୍ମାଣ ଅବଧି ଶେଷ ହେବାକୁ ଶେଷ ହୋଇଥିବା ବେଳେ ଏଯାଏଁ ୫୦ ପ୍ରତିଶତ କାମ ଶେଷ ହୋଇନଥିବା ଦେଖାଯାଇଛି। ଉକ୍ତ ରାସ୍ତା ନିର୍ମାଣ ପାଇଁ ଗଛ କଟାକୁ ନେଇ ବିବାଦ ସୃଷ୍ଟି ହୋଇଥିବା ବେଳେ ଏବେ ରାସ୍ତା ନିର୍ମାଣରେ ମନ୍ଥରତା ପାଇଁ ବ୍ୟାପକ ସମସ୍ୟା ସୃଷ୍ଟି ହୋଇଛି । ପିଟିଏସ୍‌ଠାରୁ ଜଗନ୍ନାଥ ମନ୍ଦିର ମଧ୍ୟରେ ନୟାଗଡ଼ ଜିଲ୍ଲାର ପ୍ରମୁଖ କାର୍ଯ୍ୟାଳୟ ଓ ବିଦ୍ୟାଳୟ ରହିଛି । ଏହି ରାସ୍ତାରେ ପୋଲିସ ଟ୍ରେନିଂ ସ୍କୁଲ, ସର୍କିଟ ହାଉସ, ପର୍ଯ୍ୟଟନ କାର୍ଯ୍ୟାଳୟ କୋଠା, କ୍ରୀଡ଼ା ବିଭାଗ, ଷ୍ଟାଡିୟମ୍, ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର, ଆଞ୍ଚଳିକ ପରିବହନ କାର୍ଯ୍ୟାଳୟ, ଜିଲ୍ଲା ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ, କୋର୍ଟ କର୍ମଚାରୀଙ୍କ କ୍ୱାର୍ଟର, ନବୋଦୟ ବିଦ୍ୟାଳୟ, ପୁଲିସ ବାରାକ୍, ଆରକ୍ଷୀ ଅଧିକ୍ଷକଙ୍କ କାର୍ଯ୍ୟାଳୟ, ଜିଲ୍ଲା ପରିଷଦ କାର୍ଯ୍ୟାଳୟ, ବୃଦ୍ଧାଶ୍ରମ, ଜିଲ୍ଲା ଶିଳ୍ପ ବିଭାଗ କାର୍ଯ୍ୟାଳୟ, ସମଗ୍ର ଶିକ୍ଷା କାର୍ଯ୍ୟାଳୟ, ଜିଲ୍ଲାପାଳ ଓ ଆରକ୍ଷୀ ଅଧିକ୍ଷକଙ୍କ ବାସଭବନ, ମହର୍ଷି ବିଦ୍ୟା ମନ୍ଦିର, ଜାତୀୟ ରାଜପଥ ବିଭାଗ କାର୍ଯ୍ୟାଳୟ, ଜିଲ୍ଲା ମୁଖ୍ୟ ପ୍ରାଣୀ ଚିକିତ୍ସା ବିଭାଗ ପ୍ରମୁଖ ରହିଛି । ଏହା ସହିତ ଏହି ରାସ୍ତାରୁ ରାମକୃଷ୍ଣ ଆଦର୍ଶ ଶିକ୍ଷା କେନ୍ଦ୍ରକୁ ରାସ୍ତା, ଭାଟସାହି ପଞ୍ଚାୟତକୁ ରାସ୍ତା, ମୁଥାଗାଡ଼ିଆ ପଞ୍ଚାୟତ, ନବଘନପୁର ପଞ୍ଚାୟତକୁ ରାସ୍ତା ସଂଲଗ୍ନ ରହିଛି ।

ସବୁଠାରୁ ଆବଶ୍ୟକ ତଥା ଜରୁରୀ କାଳୀନ ରାସ୍ତାର ଅବସ୍ଥା ଦୀର୍ଘମାସ ଧରି ଅପାଙ୍କ୍ତେୟ ହୋଇପଡ଼ିରହିଥିବା ବେଳେ ପୂର୍ତ୍ତ ବିଭାଗ ଏଥିପ୍ରତି ଦୃଷ୍ଟି ଦେଉନଥିବା ଅଭିଯୋଗ ହେଉଛି । ରାସ୍ତା କାମ ଅତ୍ୟନ୍ତ ନିମ୍ନମାନର ହେଉଥିବା ଅନେକ ବ୍ୟକ୍ତି ଅଭିଯୋଗ କରିଛନ୍ତି । ଠିକାସଂସ୍ଥା ଯେଉଁ ଭଳି ରାସ୍ତା ନିର୍ମାଣ କରୁଛି, କମ ଦିନରେ ନଷ୍ଟ ହେବାର ଆଶଙ୍କା ସୃଷ୍ଟି ହେଉଛି । ୧୪ କୋଟି ଟଙ୍କା ପାଣିରେ ପଡ଼ିବାର ସମ୍ଭାବନା ଦେଖାଦେଇଛି ।

# ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶ ପରେ ଥଇଥାନ ହେଲେ ହବିଷ୍ୟାଳି

## ହବିଷ୍ୟାଳୀ ବ୍ରତର ଶୁଭାରମ୍ଭ



### ମା'ମାନଙ୍କ ସେବା, ସମର୍ପଣ ଓଡ଼ିଶାକୁ ସମୃଦ୍ଧ କରିବ

**ପୁରୀ ୧୮।୧୦ (ସଂଚାର ବ୍ୟୁରୋ):** ପୁରୀରେ ରହିବାକୁ ସ୍ଥାନ ନ ପାଇ ଅଣପଞ୍ଜୀକୃତ ହବିଷ୍ୟାଳିମାନେ ଅସୁବିଧା ଭୋଗୁଛନ୍ତି। କାର୍ତ୍ତିକ ବ୍ରତ କରିବା ପାଇଁ ଆବଶ୍ୟକ ସୁବିଧା ସୁଯୋଗ ଯୋଗାଇ ଦେବା ଦାବିରେ ହବିଷ୍ୟାଳି ମାଆମାନେ ପୁରୀର ବୃନ୍ଦାବତୀ ନିବାସ ଆଗରେ ଗୁରୁବାରଠାରୁ ଧାରଣା ଦେଇଛନ୍ତି। ବିଭିନ୍ନ ଗଣମାଧ୍ୟମରେ ହବିଷ୍ୟାଳିଙ୍କ ଅସୁବିଧା ବିଷୟରେ ଅବଗତ ହେବା ପରେ ମୁମ୍ବାଇ ମୋହନ ଚରଣ ମାଝୀ ହସ୍ତକ୍ଷେପ କରି ସମସ୍ତ ପ୍ରକାଶ ବନ୍ଦୋବସ୍ତ କରିବାକୁ ପ୍ରଶାସନକୁ ନିର୍ଦ୍ଦେଶ ଦେଇଛନ୍ତି।

ଏକ୍ସରେ ଏ ସମ୍ପର୍କରେ ସୂଚନା ଦେଇ ମୁଖ୍ୟମନ୍ତ୍ରୀ କହିଛନ୍ତି, ମୁମ୍ବାଇ ଗସ୍ତରେ ଥିବା ବ୍ୟକ୍ତିଗତ ଭାବେ ବିଭାଗୀୟ ଅଧିକାରୀ, ଶ୍ରୀମନ୍ଦିର ପ୍ରଶାସନ ଓ ଜିଲ୍ଲାପାଳଙ୍କୁ ସମସ୍ତ ପ୍ରକାର ବନ୍ଦୋବସ୍ତ କରିବା ପାଇଁ ନିର୍ଦ୍ଦେଶ ଦେଇଛି। ଶ୍ରୀଜଗନ୍ନାଥ ଧାମ ପୁରୀରେ ବାହାର ଜିଲ୍ଲାରୁ ଆସି ହବିଷ୍ୟବ୍ରତ ପାଳନ କରୁଥିବା ହବିଷ୍ୟାଳି ମା'ମାନଙ୍କୁ ସବୁ ପ୍ରକାର ସୁବିଧା ସୁଯୋଗ ଯୋଗାଇଦେବା ପାଇଁ ସରକାର ପ୍ରତିଶ୍ରୁତିବଦ୍ଧ। ପ୍ରଭୁ ଜଗନ୍ନାଥ ଆପଣ ସମସ୍ତଙ୍କ ବ୍ରତ ସଫଳ କରନ୍ତୁ ବୋଲି ମୁଖ୍ୟମନ୍ତ୍ରୀ ପ୍ରାର୍ଥନା କରିଛନ୍ତି। ଅନ୍ୟପକ୍ଷରେ ଜିଲ୍ଲାପାଳ ଆନ୍ଦୋଳନସ୍ଥଳରେ ପହଞ୍ଚି ହବିଷ୍ୟାଳିଙ୍କ ସହ ଆଲୋଚନା କରିବା ପରେ ସେମାନଙ୍କ ଥଇଥାନ ହୋଇଛି।

ହବିଷ୍ୟାଳୀ ମା'ମାନେ ଆମ ସଂସ୍କୃତି ଓ ପରମ୍ପରା ର ବାର୍ତ୍ତାବହ।ସେମାନଙ୍କ ମହାପ୍ରଭୁଙ୍କ ପ୍ରତି ସେବା ଓ ସମର୍ପଣ ମାଧ୍ୟମରେ ପ୍ରତି ଓଡ଼ିଆ ଙ୍କୁ ଆଶୀର୍ବାଦ ପ୍ରାପ୍ତ ହେଉଛି। ଯାହା ଆମ ଓଡ଼ିଶାକୁ ସମୃଦ୍ଧ କରିବ ବୋଲି କହିଛନ୍ତି ଉପ ମୁଖ୍ୟମନ୍ତ୍ରୀ ଶ୍ରୀମତୀ ପ୍ରଭାତୀ ପରିଡା। ଆଜି ଅପରାହ୍ନ ରେ ବୃନ୍ଦାବତୀ ନିବାସ ପରିସରରେ ଚଳିତ ବର୍ଷ ହବିଷ୍ୟାଳୀ ବ୍ରତ ବା ରାଇଦାମୋଦର ବ୍ରତର ମୁଖ୍ୟ ଅତିଥି ଭାବେ ଶୁଭାରମ୍ଭ କରି ଶ୍ରୀମତୀ ପରିଡା ଏକମାସ ଧରି ହବିଷ୍ୟାଳୀ ମା ମାନେ ଶ୍ରୀକ୍ଷେତ୍ର ରେ ରହି ମହାପ୍ରଭୁଙ୍କ ଦର୍ଶନ, ମହାପ୍ରସାଦ ସେବନ, ଭଜନ କୀର୍ତ୍ତନ ରେ ବ୍ରତୀ ହେବେ।ଏହା ସେମାନ ଙ୍କୁ ଯେତିକି ଆଧ୍ୟାତ୍ମିକ ଓ ଧାର୍ମିକ ଶାନ୍ତି ଦେବ ତାଙ୍କୁ ସେବା ଓ ସହଯୋଗ ଯୋଗାଉଥିବା ଅଧିକାରୀ, କର୍ମଚାରୀ ଓ ସ୍ୱେଚ୍ଛାସେବୀ ମାନେ ମଧ୍ୟ ଅନୁରୂପ ଆଶୀର୍ବାଦ ପ୍ରାପ୍ତ ହେବେ।ଓଡ଼ିଶା ର ବିଭିନ୍ନ ପ୍ରାନ୍ତ ରୁ ଆସିଥିବା ମା ମାନେ ଯେପରି ସ୍ୱଚ୍ଛନ୍ଦ,ସୁବିଧା ଓ ଶୃଙ୍ଖଳା ରେ ବ୍ରତ କରିବେ ତାହା ପ୍ରତି ସରକାର ଓ ପ୍ରଶାସନ ଯତ୍ନବାନ ଅଟନ୍ତି।ସେମାନ ଙ୍କୁ ସମସ୍ତ ସହଯୋଗ ଯୋଗାଇ ଦିଆଯିବ ବୋଲି ଶ୍ରୀମତୀ ପରିଡା ସୂଚନା ଦେଇଥିଲେ। ମୁଖ୍ୟ ବକ୍ତାଭାବେ ଓଡିଆ ଭାଷା,ସାହିତ୍ୟ ଓ ସଂସ୍କୃତି, କ୍ରୀଡ଼ା ଓ ଯୁବସେବା ଓ ଉଚ୍ଚ ଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଓଡ଼ିଆ ସଂସ୍କୃତି ରେ ବାର ମାସରେ ତେର ପର୍ବ ଆମ ପରମ୍ପରାକୁ ମହାନ କରିଛି। ହବିଷ୍ୟାଳୀ ବ୍ରତ ମଧ୍ୟ ସେହିପରି ଏକ ଅନନ୍ୟ ଧାର୍ମିକ ବ୍ରତ ଭାବେ ପ୍ରତିଷ୍ଠିତ।ଏକ ମାସ ବ୍ରତର କଠୋର ସାଧନା,ଈଶ୍ୱରଙ୍କ ପ୍ରତି ମା ମାନଙ୍କ ତ୍ୟାଗ, ସମର୍ପଣ ଆମ ସଂସ୍କୃତି ର ଅନନ୍ୟ ଉଦାହରଣ।ଚଳିତ ବର୍ଷ ସଂସ୍କୃତି ବିଭାଗ ମା'ମାନଙ୍କ ସୁଖଦ ବ୍ରତ ପାଇଁ ଅର୍ଥ ମଞ୍ଜୁର ସହ ସରକାର ସମସ୍ତ ସହଯୋଗ କରିଛନ୍ତି ବୋଲି ସେ ସୂଚନା ଦେଇଥିଲେ।ପୁରୀ ବିଧାୟକ ସୁନିଲ କୁମାର ମହାନ୍ତି ମା ମାନଙ୍କ ହବିଷ୍ୟାଳୀ ବ୍ରତ ପାଇଁ ସମସ୍ତ ଙ୍କ ସହଯୋଗ କାମନା କରିଥିଲେ।ପିପିଲି ବିଧାୟକ ଆଶ୍ରିତ ପଟ୍ଟନାୟକ ସମସ୍ତଙ୍କୁ ସ୍ୱାଗତ କରିବା ସହ ମା ମାନଙ୍କ ବ୍ରତ ଯେପରି ନିର୍ବିଘ୍ନରେ ସମାପନ ହେବ ସେଥିପାଇଁ ସମସ୍ତ ଙ୍କ ସହଯୋଗ କାମନା କରିଥିଲେ।ଜିଲ୍ଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ ମା ମାନଙ୍କ ଏକ ମାସର ହବିଷ ବ୍ରତ ପାଇଁ ସମସ୍ତ ବ୍ୟବସ୍ଥା କୁ ଶୃଙ୍ଖଳିତ କରିଯାଇଛି ବୋଲି କହିବା ସହ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମରେ ଆରକ୍ଷୀ ଅଧୀକ୍ଷକ ବିନୀତ ଅଗ୍ରୱାଲ ଉପସ୍ଥିତ ଥିଲେ। ସୂଚନା ଓ ଲୋକ ସମ୍ପର୍କ ଉପ ନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ ମଞ୍ଚ ପରିଚାଳନା କରିଥିଲେ।ଅନ୍ୟ ମାନଙ୍କ ମଧ୍ୟରେ ଅତିରିକ୍ତ ଜିଲ୍ଲାପାଳ ରାଜସ୍ୱ କୈଳାସ ଚନ୍ଦ୍ର ନାୟକ, ଅତିରିକ୍ତ ଜିଲ୍ଲାପାଳ ପ୍ରୋଟୋକଲ ନିଳମାଧବ ଭୋଇ, ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀ ପ୍ରିୟରଞ୍ଜନ ପୃଷ୍ଟି, ପୌର ନିର୍ବାହୀ ଅଧିକାରୀ ଅଭିମନ୍ୟୁ ବେହେରା,ଉପ ଜିଲ୍ଲାପାଳ ଗୋପୀନାଥ କୁଅଁର,ପୂର୍ତ୍ତ ବିଭାଗ ଅଧୀକ୍ଷଣ ଯନ୍ତ୍ରୀ ରଶ୍ମି ରଞ୍ଜନ ସାହୁ,ଡେପୁଟି କଲେକ୍ଟର ରାକେଶ କୁମାର ପଣ୍ଡା ପ୍ରମୁଖ ସହଯୋଗ କରିଥିଲେ।



## ହବିଷ୍ୟାଳିଙ୍କୁ ନେଇ ରାଜନୀତି ନ ହେଉ ପୃଥ୍ୱୀରାଜ

**ଭୁବନେଶ୍ୱର ୧୮।୧୦(ସଂଚାର ବ୍ୟୁରୋ):** ହବିଷ୍ୟାଳିଙ୍କ ପ୍ରସଙ୍ଗରେ ବିଜେଡିର ସାମ୍ବାଦିକ ସମ୍ମିଳନୀର ଜବାବ ରଖିଛନ୍ତି ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ । ହବିଷ୍ୟାଳିଙ୍କ ଲାଗି ଦୀର୍ଘ ଦିନ ପୂର୍ବରୁ ପଞ୍ଜିକରଣ ସରିଛି। ସେମାନଙ୍କର ରହିବା ଲାଗି ସମସ୍ତ ଆନୁଷଙ୍ଗୀକ ବ୍ୟବସ୍ଥା କରାଯାଇଛି । ଜିଲ୍ଲା ପ୍ରଶାସନ ସମସ୍ତ ବ୍ୟବସ୍ଥା କରିଛି । ହବିଷ୍ୟାଳିଙ୍କର କୌଣସି ଅସୁବିଧା ନହେଉ ବୋଲି ଆମେ ଚେଷ୍ଟା କରୁଛୁ। ରେଜିଷ୍ଟ୍ରେସନ କରିଥିବା ହବିଷ୍ୟାଳିଙ୍କ ଲାଗି ବ୍ୟବସ୍ଥା ହୋଇଛି। ପରବର୍ତ୍ତୀ ସମୟରେ ବିଭିନ୍ନ ଅଞ୍ଚଳରୁ ହବିଷ୍ୟାଳିଙ୍କୁ ରଖିବାକୁ ଆସିଥିବା ଅନୁରୋଧ ଅନୁସାରେ ବ୍ୟବସ୍ଥା ହୋଇଛି । ଅତିରିକ୍ତ ଭାବେ ଆସିଥିବା ହାବିଷ୍ୟାଳିଙ୍କ ଲାଗି ବ୍ୟବସ୍ଥା କରିବା କଷ୍ଟକର । ଏହାକୁ ରାଜନୈତିକ ପ୍ରସଙ୍ଗ କରିବା ଅନାବଶ୍ୟକ। ଗତ ବର୍ଷ ହାବିଷ୍ୟାଳିଙ୍କ ବ୍ୟବସ୍ଥା ଓ ଦୂରାବସ୍ଥା ବାବଦରେ ଲେଖାଶ୍ରୀ ସାମନ୍ତସିଂହାର ଜାଣି ନ ଥିଲେ। ଅତୀତରେ ହବିଷ୍ୟାଳିଙ୍କୁ ଜିଲ୍ଲା ପ୍ରଶାସନ ପଚାରୁ ନ ଥିଲା। ହବିଷ୍ୟାଳି ପ୍ରସଙ୍ଗରେ ବିରୋଧୀ ରାଜନୀତି କରିବା ବନ୍ଦ କରନ୍ତୁ। ଏହି ପ୍ରସଙ୍ଗରେ ନିଆଁରେ ଘିଅ ଢାଳିବା ବି ବନ୍ଦ ହେଉ । ଜିଲ୍ଲା ପ୍ରଶାସନ ଠିକ୍ ଢଙ୍ଗରେ ଦାୟିତ୍ୱ ତୁଲାଉଛନ୍ତି ବୋଲି ପୃଥ୍ୱୀରାଜ ହରିଚନ୍ଦନ କହିଛନ୍ତି।

## ଶ୍ରୀମନ୍ଦିରକୁ ୫ କୋଟି ଦାନ

**ପୁରୀ, ୧୮।୧୦ (ସଂଚାର ବ୍ୟୁରୋ):** ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ପ୍ରତି ଆସ୍ଥା ଓ ବିଶ୍ୱାସ ନେଇ ଜଣେ ଶ୍ରଦ୍ଧାଳୁ ଶ୍ରୀମନ୍ଦିରରେ ୫ କୋଟି ଟଙ୍କା ଦାନ କରିଛନ୍ତି। ଦାନ କରିଥିବା ବ୍ୟକ୍ତି ତାଙ୍କ ନାମ ଗୋପନ ରଖିଥିବା ଜଣାପଡ଼ିଛି। ଶ୍ରୀମନ୍ଦିରରେ ସ୍ଥାପିତ ବିଭିନ୍ନ ହୁଣ୍ଡିରୁ ଦୈନିକ ୪ରୁ ୧୦ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଶ୍ରଦ୍ଧାଳୁମାନେ ଦାନ କରିଥିବା ଅର୍ଥରାଶି ମିଳିଥାଏ । ହେଲେ ଆଜି ପ୍ରଥମ ଥର ପାଇଁ ଏକାଥରକେ ବିପୁଳ ଅର୍ଥ ମହାପ୍ରଭୁଙ୍କ ଉଦ୍ଦେଶ୍ୟରେ ପ୍ରଦାନ କରାଯାଇଛି।

## କଏଦୀଙ୍କ ସନ୍ଦେହଜନକ ମୃତ୍ୟୁ

**ଭୁବନେଶ୍ୱର,୧୮।୧୦ (ସଂଚାର ବ୍ୟୁରୋ):** ଝାରପଡ଼ା ଜେଲରେ ବିଚାରଧୀନ କଏଦୀ ବିଦ୍ୟାଧର ଗୁରୁଙ୍କ ମୃତ୍ୟୁକୁ ନେଇ ସନ୍ଦେହ ସୃଷ୍ଟି ହୋଇଛି। ଜେଲରେ ତାଙ୍କୁ ହତ୍ୟା କରାଯାଇଥିବା ଅଭିଯୋଗ କରିଛନ୍ତି ପରିବାର ଲୋକେ। ବିଦ୍ୟାଧର ଅକ୍ଟୋବର ୫ ତାରିଖରୁ ଜେଲରେ ଥିଲେ। ଶୁକ୍ରବାର ସକାଳେ ଅସୁସ୍ଥ ହୋଇପଡ଼ିବାରୁ କ୍ୟାପିଟାଲ ହସ୍ପିଟାଲକୁ ଚିକିତ୍ସା ପାଇଁ ନିଆଯାଇଥିବା ତାଙ୍କ ପତ୍ନୀଙ୍କୁ ଜେଲ ପକ୍ଷରୁ ସୂଚନା ଦିଆଯାଇଥିଲା। ହେଲେ ହସ୍ପିଟାଲରେ ଚିକିତ୍ସା ପୂର୍ବରୁ ବିଦ୍ୟାଧରଙ୍କ ମୃତ୍ୟୁ ହୋଇଥିବା ତାଙ୍କ ଓକିଲ ସୂଚନା ଦେଇଛନ୍ତି। ପରିବାର ପକ୍ଷରୁ ଜେଲରେ ହତ୍ୟା କରାଯାଇଥିବା ଅଭିଯୋଗ ସହ ନ୍ୟାୟ ଦାବି କରାଯାଇଛି। ବ୍ରାଉନ ସୁଗର ମାମଲାରେ ଏକ୍ସସାଇଜ ଥାନା ୫ ତାରିଖରେ ତାଙ୍କୁ ଗିରଫ କରିଥିଲା। ଆଜି ଛାତିରେ ଯନ୍ତ୍ରଣା ଅନୁଭବ କରିବାରୁ କ୍ୟାପିଟାଲ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ପରେ ତାଙ୍କର ମୃତ୍ୟୁ ହୋଇଥିଲା।

## ଜଳପଥରେ ଯୋଡ଼ିହେବ ତାଳଚେର, ଧାମରା ଓ ପାରାଦୀପ

**ଭୁବନେଶ୍ୱର,୧୮।୧୦ (ସଂଚାର ବ୍ୟୁରୋ):** ଜଳପଥରେ ଯୋଡ଼ିହେବ କୋଇଲା ନଗରୀ ତାଳଚେର ସହ ଧାମରା ଓ ପାରାଦୀପ ବନ୍ଦର। ବ୍ରାହ୍ମଣୀ ଅବବବାହିକାରେ ପ୍ରାୟ ୫୮୮ କିଲୋମିଟରର ନ୍ୟାସନାଲ ୱାଟର ୱେ-୫ ନିର୍ମାଣ ହେବ। ଏଥିପାଇଁ କେନ୍ଦ୍ର ସରକାରଙ୍କ ଇନଲ୍ୟାଣ୍ଡ ୱାଟର ଅଥରିଟି ଅଫ ଇଣ୍ଡିଆ ସହ ମିଶି କାମ କରୁଛନ୍ତି ରାଜ୍ୟ ସରକାର। ଏବେ ଏହା ପ୍ରାରମ୍ଭିକ ପର୍ଯ୍ୟାୟରେ ରହିଛି। ଏହାଦ୍ୱାରା ଜଳପଥରେ ଦକ୍ଷ ଉପାୟରେ ଏକକାଳୀନ ଅଧିକ ମାଲ ପରିବହନ କରିହେବ। ପ୍ରସ୍ତାବିତ ନ୍ୟାସନାଲ ୱାଟର ୱେ ପାଇଁ ଆଇଆଇଟି ମାଡ୍ରାସ ମାଷ୍ଟର ପ୍ଲାନ ପ୍ରସ୍ତୁତ କରୁଛି। ଏଥିପାଇଁ ୧୨ ହଜାର କୋଟି ଟଙ୍କାର ବ୍ୟୟ ଅଟକଳ ରହିଛି। ଉତ୍କଳ ଚାମ୍ବର ଅଫ କମର୍ସ ଆଣ୍ଡ ଇଣ୍ଡଷ୍ଟ୍ରି ପକ୍ଷରୁ ଆୟୋଜିତ କର୍ମଶାଳାରେ ସୂଚନା ଦେଇଛନ୍ତି ରାଜ୍ୟ ବାଣିଜ୍ୟ ଓ ପରିବହନ ସଚିବ ଉଷା ପାଢ଼ୀ।

## ରାବିଡ଼ି ପାଇଁ ସେବାୟତଙ୍କୁ ଆକ୍ରମଣ



**ପୁରୀ, ୧୮।୧୦ (ସଂଚାର ବ୍ୟୁରୋ):** ଦିନକୁଦିନ ଅସୁରକ୍ଷିତ ହୋଇପଡୁଛି ପୁରୀ। ପୁଣି ସହରରେ ବୁଲିଲା ଭୁଜାଲି । ଶୁକ୍ରବାର ସନ୍ଧ୍ୟାରେ ଶ୍ରୀମନ୍ଦିର ସେବାୟତ ତଥା ବରିଷ୍ଠ ସୁପରଭାଇଜର ବକ୍ସି ରାମଚନ୍ଦ୍ର ପ୍ରତିହାରୀଙ୍କୁ ମରଣାନ୍ତକ ଆକ୍ରମଣ ହୋଇଛି। ଶ୍ରୀ ପଢ଼ିଆରୀଙ୍କୁ ପଶ୍ଚିମଦ୍ୱାର ନିକଟରେ ଜଣେ ଦୁର୍ବୃତ୍ତ ଭୁଜାଲିରେ ହାଣି ଫେରାର ହୋଇଯାଇଛି। ଆକ୍ରମଣର ନିର୍ଦ୍ଦିଷ୍ଟ କାରଣ ଜଣାପଡ଼ିନାହିଁ। ସୂଚନା ଅନୁସାରେ ଶ୍ରୀମନ୍ଦିର ଅଧିକାରୀ ବକ୍ସି ପଢ଼ିଆରୀ ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପର ପରିସରରେ ଥିବା ପଶ୍ଚିମ ଦ୍ୱାର ଦେଇ ଯାଉଥିବା ବେଳେ ତାଙ୍କୁ ପୂର୍ବରୁ ଅନୁସରଣ କରୁଥିବା ଦୁର୍ବୃତ୍ତ ଅତର୍କିତ ଆକ୍ରମଣ କରିଥିଲା। ସେ ତଳେ ପଡ଼ି ଛଟପଟ ହେଉଥିବା ବେଳେ ଦୁର୍ବୃତ୍ତ ଫେରାର ମାରିଥିଲା। ସେଠାରେ ମୁତୟନ ଥିବା ଶ୍ରୀମନ୍ଦିର ପୁଲିସ ତାଙ୍କୁ ଉଦ୍ଧାର କରି ଜିଲ୍ଲା ମୁଖ୍ୟ ଡାକ୍ତରଖାନାକୁ ନେଇଥିଲେ। ଆକ୍ରମଣ ଯୋଗୁଁ ତାଙ୍କ ଶରୀରର ଏକାଧିକ ସ୍ଥାନ କ୍ଷତ ହୋଇଛି। ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ଶ୍ରୀ ପଢ଼ିଆରୀଙ୍କୁ ଆକ୍ରମଣ କରାଯାଇଥିବା ସନ୍ଦେହ କରାଯାଉଛି। ସିଂହଦ୍ୱାର ଥାନା ପୁଲିସ ଏକ ମାମଲା ରୁଜୁ କରି ଘଟଣାର ଅଧିକ ତଦନ୍ତ କରୁଛି। ଅଭିଯୁକ୍ତମାନେ ଖୁବ ଶୀଘ୍ର ଧରାପଡ଼ିବେ ବୋଲି ଏସ୍‌ଡିପିଓ କହିଛନ୍ତି। ତେବେ ଆନନ୍ଦବଜାରରେ ରାବିଡ଼ି ବିକ୍ରି କରୁଥିବା ଜଣେ ଅଣସେବାୟତ ଆକ୍ରମଣ କରିଥିବା ଅଭିଯୋଗ ହୋଇଛି।

## ହସ୍ପିଟାଲ ବିରୋଧରେ ଅଙ୍ଗ ତସ୍କରୀ ଅଭିଯୋଗ

# ମୁଣ୍ଡରେ ଆଘାତ, ତଳିପେଟରେ ଅପରେସନ

**କଟକ, ୧୮।୧୦ (ସଂଚାର ବ୍ୟୁରୋ):** ଦୁର୍ଘଟଣାରେ ମୁଣ୍ଡରେ ଲାଗିଥିଲା ଆଘାତ। ହେଲେ ରୋଗୀଙ୍କ ତଳି ପେଟ ଅପରେସନ୍ କରିଦେଲେ ଡାକ୍ତର। ଏପରି ସଙ୍ଗୀନ ଅଭିଯୋଗ କଟକ ସଦର ଅଞ୍ଚଳରେ ଥିବା ରୁଦ୍ର ହସ୍ପିଟାଲ ବିରୋଧରେ ଆସିଛି। ଅପରେସନ୍ ନାଁରେ ମେଡିକାଲ୍ କର୍ତ୍ତୃପକ୍ଷ ଅଙ୍ଗ ତସ୍କରୀ କରିଥିବା ଅଭିଯୋଗ ହେବା ପରେ ତନାଘନା ଆରମ୍ଭ କରିଛି ପୁଲିସ। ଶେଷକୃତ୍ୟ କରିବା ପରେ ଥାନାରେ ଏତଲା ଦେଇଥିଲେ ପରିବାର ଲୋକେ। ଶୁକ୍ରବାର ପୁଲିସ୍ ଓ ପ୍ରଶାସନିକ ଅଧିକାରୀ ପହଞ୍ଚି କବରରୁ ମୃତଦେହ ବାହାର କରି ପୋଷ୍ଟମର୍ଟମ ପାଇଁ କରାଇଛନ୍ତି। ଅନ୍ୟପକ୍ଷରେ ମେଡିକାଲ୍ କର୍ତ୍ତୃପକ୍ଷ ଅଭିଯୋଗକୁ ଖଣ୍ଡନ କରିଛନ୍ତି।

### ତଦନ୍ତ ନିର୍ଦ୍ଦେଶ ଦେଲେ ମନ୍ତ୍ରୀ






କନ୍ଧମାଳ ଜିଲ୍ଲା ବାଲିଗୁଡ଼ା ଥାନା ଟିକରବାଜୁ ଗାଁର ବାବୁଲା ଦିଗାଲ ଗତ ୧୩ ତାରିଖରେ ଏକ ଦୁର୍ଘଟଣାରେ ଆହତ ହୋଇଥିଲେ। ପରିବାର ଲୋକେ ତାଙ୍କୁ ବ୍ରହ୍ମପୁର ଏମ୍‌କେସିଜି ମେଡିକାଲରେ ଭର୍ତ୍ତି କରିଥିଲେ। ସେଠାରେ ସ୍ୱାସ୍ଥ୍ୟ ଅବସ୍ଥାରେ ଉନ୍ନତି ନ ହେବାରୁ ଅଧିକ ଚିକିତ୍ସା ପାଇଁ ଭୁବନେଶ୍ୱର ଏମ୍‌ସକୁ ସ୍ଥାନାନ୍ତରିତ କରାଯାଇଥିଲା। ତଥାପି ସ୍ୱାସ୍ଥ୍ୟାବସ୍ଥାରେ ସେମିତି କିଛି ଉନ୍ନତି ଘଟି ନ ଥିଲା ତେଣୁ ପରିବାର ଲୋକେ ବାବୁଲାଙ୍କୁ ରୁଦ୍ର ମେଡିକାଲ୍‌ରେ ଭର୍ତ୍ତି କରିଥିଲେ। ଆଡ୍‌ମିଟ ହେବାର ଗୋଟିଏ ଦିନ ପରେ ପରେ ତାଙ୍କର ମୃତ୍ୟୁ ଘଟିଥିଲା। ମେଡିକାଲ୍ କର୍ତ୍ତୃପକ୍ଷ ଏ ସମ୍ପର୍କରେ ପୁଲିସ୍‌କୁ ଜଣାଇଲେ ନାହିଁ। ଏପରିକି ପରିବାର ଲୋକଙ୍କୁ ମୃତଦେହ ଦେଖିବାକୁ ଦେଲେ ନାହିଁ। ଚିକିତ୍ସା ବାବଦକୁ ଲକ୍ଷେ ୧୦ ହଜାର ଟଙ୍କା ନେଇ ମୃତଦେହକୁ ତରବରିଆ ଭାବେ ପଲିଥିନ୍ ଘୋଡ଼ାଇ ଏକ ପ୍ରାଇଭେଟ୍ ଆମ୍ବୁଲାନ୍ସରେ ଘରକୁ ପଠାଇ ଦେଇଥିଲେ।

ମୃତଦେହ ଯାଉଥିବା ଆମ୍ବୁଲାନ୍ସରେ ବାବୁଲାଙ୍କ ପତ୍ନୀ ଥିଲେ। ଅଧା ବାଟରେ ସ୍ୱାମୀଙ୍କ ମୁହଁ ଦେଖିବା ପାଇଁ ଜିଦ୍ ଧରିଥିଲେ। ଆଉ ସେତେବେଳେ ସେ ଦେଖିବାକୁ ପାଇଥିଲେ ତଳି ପେଟରେ ବ୍ୟାଣ୍ଡେଜ୍ ପଡ଼ିଛି। ଯଦି ମୁଣ୍ଡରେ ଆଘାତ ଲାଗିଥିଲା, ତାହାହେଲେ ତଳି ପେଟରେ କ'ଣ ପାଇଁ ବ୍ୟାଣ୍ଡେଜ୍ ପଡ଼ିଲା ? ଯାହାକୁ ନେଇ ପତ୍ନୀଙ୍କ ମନରେ ସନ୍ଦେହ ହୋଇଥିଲା। ହେଲେ ପରିବାର ଲୋକ ତାହା ଉପରେ ବେଶୀ ଧ୍ୟାନ ନ ଦେଇ ରୀତିନୀତି ଅନୁସାରେ ମୃତଦେହକୁ ଗାତ ଖୋଳି ପୋତି ଦେଇଥିଲେ।

ଗୁରୁବାର ମୃତ ବାବୁଲାଙ୍କ ସ୍ତ୍ରୀ ଏନେଇ ପରିବାର ଲୋକଙ୍କୁ କହିଥିଲେ। ତା'ପରେ ପରିବାର ଲୋକେ ଅଙ୍ଗ ତସ୍କରୀ ହୋଇଥିବା ସନ୍ଦେହ କରି ବାଲିଗୁଡ଼ା ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗକୁ ଭିତ୍ତିକରି ପୁଲିସ୍ ଆଜି ମାଜିଷ୍ଟ୍ରେଟ୍‌ଙ୍କ ଉପସ୍ଥିତିରେ କବରରୁ ବାବୁଲାଙ୍କ ମୃତଦେହ ବାହାର କରି ବ୍ୟବଚ୍ଛେଦ ପାଇଁ ପଠାଇଥିଲା। ଶେଷ ଖବର ଅନୁସାରେ ମୃତଦେହ ବ୍ୟବଚ୍ଛେଦ ସରିଛି। କେବଳ ବ୍ୟବଚ୍ଛେଦ ରିପୋର୍ଟକୁ ଅପେକ୍ଷା ରହିଛି। ପୁଲିସ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଛି। ଉକ୍ତ ଘରୋଇ ମେଡ଼ିକାଲ୍‌ରେ ପହଞ୍ଚି ପୁଲିସ ତନାଘନା କରୁଛି।

ଅନ୍ୟପକ୍ଷରେ ଅଙ୍ଗ ତସ୍କରୀ ଅଭିଯୋଗକୁ ଖଣ୍ଡନ କରିଛନ୍ତି ମେଡିକାଲ୍ କର୍ତ୍ତୃପକ୍ଷ। ରୁଦ୍ର ମେଡ଼ିକାଲ୍‌ର ମ୍ୟାନେଜର ପ୍ରଶାନ୍ତ ବେହେରା କହିଛନ୍ତି, ରୋଗୀଙ୍କ ଅବସ୍ଥା ଅତି ଗୁରୁତର ଥିଲା ଓ ମେଡିକାଲ୍‌ରେ ପହଞ୍ଚିବା ପରେ ତାଙ୍କର ଅସ୍ତ୍ରୋପଚାର କରାଯାଇଥିଲା। ଡିକମ୍ପ୍ରେସିଭ୍ କ୍ରାନିଓଟୋନିକ ହୋଇଥିଲା। କ୍ରାନିଓଟୋନିକ୍‌ରୁ ସ୍କଲ କଢ଼ା ଯାଇ ପେଟରେ ରହିଥିଲା। ରୋଗୀ ସୁସ୍ଥ ହେବାର ୬ ମାସ ପରେ ସ୍କଲ୍‌କୁ ପେଟରୁ ବାହାର କରାଯାଇ ମୁଣ୍ଡରେ ଲଗାଯାଇଥାଏ। ଅପରେସନ୍ ପୂର୍ବରୁ ନ୍ୟୁରୋସର୍ଜନ ପରିବାର ଲୋକଙ୍କ ସହିତ କଥା ହୋଇଥିଲେ। ସବୁ ନିୟମ ପାଳନ କରାଯାଇ ଅପରେସନ୍ କରାଯାଇଥିଲା। ଅଙ୍ଗ ତସ୍କରୀ ଅଭିଯୋଗ ସଂପୂର୍ଣ୍ଣ ଭୁଲ। ସେପଟେ ଘଟଣାକୁ ଅତି ଗୁରୁତର ସହିତ ନେଇଛନ୍ତି ସ୍ୱାସ୍ଥ୍ୟ ମନ୍ତ୍ରୀ ମୁକେଶ ମହାଲିଙ୍ଗ। ମନ୍ତ୍ରୀ ଶ୍ରୀ ମହାଲିଙ୍ଗ ଅଭିଯୋଗର ତଦନ୍ତ ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ମନ୍ତ୍ରୀ କହିଛନ୍ତି, କମିଶନରେଟ୍ ପୋଲିସ, ବାଲିଗୁଡ଼ା ପୋଲିସ ଓ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ମିଳିତ ଭାବେ ତଦନ୍ତ କରି ରିପୋର୍ଟ ଦେବାକୁ ନିର୍ଦ୍ଦେଶ ଦିଆଯାଇଛି। ରିପୋର୍ଟ ମିଳିବା ପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

## ଟ୍ରେନରେ ବାଣ ନେବା ମନା




**କଟକ, ୧୮।୧୦ (ସଂଚାର ବ୍ୟୁରୋ):** ଦୀପାବଳି ପାଇଁ ପୂର୍ବତଟ ରେଳବାଇ ପକ୍ଷରୁ ଯାତ୍ରୀଙ୍କ ସୁରକ୍ଷା ନିମନ୍ତେ ଟ୍ରେନରେ ବାଣ ଏବଂ ଅନ୍ୟାନ୍ୟ ଦହନଶୀଳ ସାମଗ୍ରୀର ବେଆଇନ ପରିବହନ ବିରୁଦ୍ଧରେ ସ୍ୱତନ୍ତ୍ର ଅଭିଯାନ ଆରମ୍ଭ କରାଯାଇଛି। ଟ୍ରେନରେ ବାଣ, ଗ୍ୟାସ ସିଲିଣ୍ଡର, ଏସିଡ୍, ପେଟ୍ରୋଲ, କିରୋସିନ ଏବଂ ଦହନଶୀଳ ସାମଗ୍ରୀ ପରିବହନ ରେଳବାଇ ଅଧିନିୟମ, ୧୯୮୯ ଅନୁଯାୟୀ ଏକ ଦଣ୍ଡନୀୟ ଅପରାଧ। ଏଥିପାଇଁ ତିନି ବର୍ଷ ପର୍ଯ୍ୟନ୍ତ କାରାଦଣ୍ଡ ହୋଇପାରେ। ପାର୍ବଣ ଋତୁରେ ପୂର୍ବତଟ ରେଳପଥ ଯାତ୍ରୀମାନଙ୍କୁ ସତର୍କତା ଅବଲମ୍ବନ ଓ ଯାତ୍ରା ସମୟରେ କୌଣସି ଜ୍ୱଳନ୍ତ କିମ୍ବା ବିସ୍ଫୋରକ ସାମଗ୍ରୀ ନ ନେବାକୁ ନିବେଦନ କରାଯାଇଛି। ସହ-ଯାତ୍ରୀମାନେ ମଧ୍ୟ ଏଥିପ୍ରତି ସଜାଗ ରହିବାକୁ କୁହାଯାଇଛି। ଆର୍‌ପିଏଫ କର୍ମଚାରୀ, ଜିଆର୍‌ପି, ଟିଟିଇ, କୋଚ ସେବକ କିମ୍ବା ଷ୍ଟେସନ ପରିଚାଳକଙ୍କ ସମେତ ଅନବୋର୍ଡ କର୍ମଚାରୀଙ୍କୁ ଏହି ନିୟମ ଉଲଂଘନକାରୀଙ୍କ ସମ୍ବନ୍ଧରେ ସୂଚନା ଦେବାପାଇଁ କୁହାଯାଇଛି। ଅନୁପାଳନକୁ ସୁନିଶ୍ଚିତ କରିବା ପାଇଁ, ପୂର୍ବତଟ ରେଳପଥ ଅନ୍ତର୍ଗତ ଖୋର୍ଦ୍ଧା ରୋଡ୍, ସମ୍ବଲପୁର ଏବଂ ୱାଲଟିୟରକୁ ଏହି ସ୍ୱତନ୍ତ୍ର ନିରାପତ୍ତା/ସୁରକ୍ଷା ଅଭିଯାନ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ରେଳବାଇ ହେଲ୍ପ ଲାଇନ ନମ୍ବର ୧୩୯କୁ କଲ କରି ଜ୍ୱଳନ୍ତ ଜିନିଷ ବହନ କରୁଥିବା ବ୍ୟକ୍ତିବିଶେଷଙ୍କ ସମ୍ପର୍କରେ ତୁରନ୍ତ ରିପୋର୍ଟ କରିବାକୁ ଯାତ୍ରୀମାନଙ୍କୁ ଅନୁରୋଧ କରାଯାଇଛି। ଆରପିଏଫ୍, ଜିଆର୍‌ପି, ଷ୍ଟେସନ କର୍ମଚାରୀ ଓ ଅଧିକାରୀ ଏବଂ ସିଭିଲ୍ ଡିଫେନ୍ସ ସ୍ୱେଚ୍ଛାସେବୀମାନଙ୍କ ସମନ୍ୱୟରେ ଯାଞ୍ଚ କରାଯିବ। ଏହି ସୁରକ୍ଷା ବ୍ୟବସ୍ଥା ସହିତ, ପୂର୍ବତଟ ରେଳପଥ ରେଳ ଷ୍ଟେସନମାନଙ୍କରେ ସର୍ବସାଧାରଣ ଘୋଷଣା ମାଧ୍ୟମରେ ଏକ ବ୍ୟାପକ ସଚେତନତା ଅଭିଯାନ ଆରମ୍ଭ କରିଛି ଯାହାଦ୍ୱାରା ଯାତ୍ରୀମାନଙ୍କୁ ଅଗ୍ନି ନିର୍ବାପକ ବିପଦ ବିଷୟରେ ସଚେତନତା ମଧ୍ୟ କରାଯାଉଅଛି। ପାର୍ସଲ ଭ୍ୟାନରେ ଲୋଡ୍ ହୋଇଥିବା ପାର୍ସଲ ଏବଂ ଲଗେଜ୍ ଗୁଡିକର ନିରାପଦ ପରିଚାଳନାକୁ ସୁନିଶ୍ଚିତ କରିବା ଉପରେ ମଧ୍ୟ ସ୍ୱତନ୍ତ୍ର ଦଳ ଧ୍ୟାନ ଦେଉଛି।

## ଭୁଶୁଡ଼ିଲା ଦୁର୍ଗାପୂଜା ତୋରଣ

**କଟକ, ୧୮।୧୦ (ସଂଚାରବ୍ୟୁରୋ):** ଖାନ ନଗରରେ ଭୁଶୁଡ଼ି ପଡ଼ିଲା ଦୁର୍ଗା ପୂଜା ପାଇଁ ନିର୍ମିତ ତୋରଣ। ନେତାଜୀ ବସ୍ ଟର୍ମିନାଲ ନିକଟରେ ଏହି ସୁଉଚ୍ଚ ତୋରଣଟି ଭୁଶୁଡ଼ି ପଡ଼ିଛି। ତୋରଣ ତଳେ ଏକ କାର୍ ଓ ୩ ବାଇକ୍ ଚାପି ହୋଇ ଯାଇଥିଲେ। ସୌଭାଗ୍ୟବଶତଃ ଦୁର୍ଘଟଣାରେ କାହାର କିଛି କ୍ଷତି ଘଟି ନାହିଁ।

ତୋରଣ ଭୁଶୁଡ଼ିବା ଯୋଗୁ ଗାଡ଼ିଚଳାଚଳ ଦୀର୍ଘ ସମୟ ପ୍ରଭାବିତ ହୋଇଥିଲା। ରାସ୍ତାର ଉଭୟ ପାର୍ଶ୍ୱରେ ଗାଡ଼ି ମୋଟର ଅଟକିଥିଲା। ଜେସିବି ସାହାଯ୍ୟରେ ସୁଉଚ୍ଚ ତୋରଣ ଉଠାଇବା ପାଇଁ ଉଦ୍ୟମ କରାଯାଇଥିଲା। ତୋରଣ କିପରି ଭୁଶୁଡ଼ିଲା ତାର କାରଣ ଜଣାପଡ଼ିନାହିଁ। ନିର୍ମାଣ ବେଳେ କିଛି ତ୍ରୁଟି ଥିଲା କି ଅନ୍ୟ କିଛି କାରଣ ଅଛି ତାହା ଜଣାପଡ଼ିନାହିଁ।

ଏହି ଅଘଟଣ ଘଟିବା ପରେ କୌଣସି ପ୍ରଶାସନିକ ଅଧିକାରୀ ଘଟଣାସ୍ଥଳରେ ପହଞ୍ଚି ନ ଥିଲେ। କିଛି ପୁଲିସ ଅଧିକାରୀ ଉପସ୍ଥିତ ରହି ଉଦ୍ଧାରରେ ସହଯୋଗ କରିଥିଲେ।

## 'ସେ ନୋ ଟୁ ପଲିଥିନ'ର ଅସଲ ଚିତ୍ର




**କଟକ, ୧୮। ୧୦ (ସଂଚାର ବ୍ୟୁରୋ):** ସିଏମ୍‌ସି କାର୍ଯ୍ୟାଳୟ, ବିଜୁ ଭବନ ଓ ବିକାଶ ଭବନରେ ପଶିଲା ବେଳକୁ ଅତି ବଡ଼ବଡ଼ ଅକ୍ଷରରେ 'ସେ ନୋ ଟୁ ପଲିଥିନ' ଲେଖା ଯାଇଥିବା ହୋର୍ଡିଂ ଦେଖିବାକୁ ମିଳେ। ସିଏମ୍‌ସି କାର୍ଯ୍ୟାଳୟରେ ଏହି ସହରକୁ ପଲିଥିନମୁକ୍ତ କରିବାର ଏକ ପ୍ରୟାସ। ହେଲେ ସିଏମ୍‌ସିର ଏହି ପ୍ରୟାସ ସହରରେ ଏବେ ଉପହାସରେ ପରିଣତ ହେବା ଭଳି ମନେ ହେଉଛି। ଗୋଟିଏ ପଟେ ସହରକୁ ପ୍ରଦୂଷଣ ମୁକ୍ତ ରଖିବା ପାଇଁ ପଲିଥିନ ବ୍ୟବହାର ଉପରେ ଅଙ୍କୁଶ ଲଗା ଯାଇଥିବା ବେଳେ ଅନ୍ୟପଟେ ଯେଉଁଭଳି ଭାବରେ ପ୍ରତ୍ୟେକ କ୍ଷେତ୍ରରେ ପଲିଥିନ ବ୍ୟବହାର ହେଉଛି ସେଥିରୁ ସ୍ପଷ୍ଟ ବାରି ହେଉଛି, ପ୍ରଦୂଷଣକୁ ନେଇ କଟକ ମହାନଗର ନିଗମ କେତେ ଚିନ୍ତିତ ଏବଂ ପଲିଥିନ ବ୍ୟାନ ନିୟମ କେତେଦୂର କାର୍ଯ୍ୟକାରୀ ହେଉଛି। କେବଳ ନାମକୁମାତ୍ର ଚଢ଼ାଉ ସିଏମସି ଦାୟିତ୍ୱ ଶେଷ କରୁଥିବା ବେଳେ ସହରରେ ଖୋଲାଖୋଲି ଭାବେ ପଲିଥିନ ବ୍ୟବହାର ହେଉଛି।

ପଲିଥିନ କଟକଣାକୁ ଇତିମଧ୍ୟରେ ୬ବର୍ଷ ପୁରିଲା। ଗାନ୍ଧୀ ଜୟନ୍ତୀ ଉପଲକ୍ଷେ ୨ଅକ୍ଟୋବର ୨୦୧୮ରେ ପଲିଥିନ ଉପରେ ଅଙ୍କୁଶ ଲଗା ଯାଇଥିଲା। ପ୍ରଥମ ପର୍ଯ୍ୟାୟରେ ଏହି ନିୟମ ଭୁବନେଶ୍ୱର ସମେତ କଟକ ମହାନଗର ନିଗମ, ପୁରୀ, ବ୍ରହ୍ମପୁର, ସମ୍ବଲପୁର, ରାଉରକେଲା ଆଦି ୬ଟି ଅଞ୍ଚଳରେ ଲାଗୁ କରାଯାଇଥିଲା। ୨ଅକ୍ଟୋବର ୨୦୧୯ରୁ ଏହାକୁ ସାରା ରାଜ୍ୟରେ କଡାକଡି ଭାବେ ପାଳନ ପାଇଁ ନିଷ୍ପତ୍ତି ନିଆଯାଇଥିଲା। ଇତିମଧ୍ୟରେ ଏହି କଟକଣାକୁ ୬ ବର୍ଷ ପୁରିଛି। ହେଲେ ଏହାର ପ୍ରଭାବ ସହରରେ ଦେଖିବାକୁ ମିଳୁନାହିଁ। କେତେବେଳେ କେମିତି ଚଢ଼ାଉ କରିବା ସହ ଜରିମାନା ଆଦାୟ କରି ସିଏମସି ନିଜ ଦାୟିତ୍ୱ ଶେଷ କରୁଛି। ମାତ୍ର ସହରରେ ପଲିଥିନ ବ୍ୟବହାର ଉପରେ ସଂପୂର୍ଣ୍ଣ ଅଙ୍କୁଶ ଲଗାଇବାକୁ ଫେଲ ମାରିଛି।

ତେବେ ଏହି ସରକାରୀ ନିୟମ ତଥା ସିଏମସି କାର୍ଯ୍ୟାଳୟରେ ଲାଗିଥିବା 'ସେ ନୋ ଟୁ ପଲିଥିନ' ହୋର୍ଡିଂକୁ ସମ୍ପୃକ୍ତ କାର୍ଯ୍ୟାଳୟ ବା ସ୍ଥାନୀୟ ପ୍ରଶାସନ କେତେ ସମ୍ମାନ ଦେଉଛି ତାର ଅସଲ ଚିତ୍ର ବର୍ତ୍ତମାନ ପଦାରେ ପଡିଛି କଟକ ଚଣ୍ଡୀ ମନ୍ଦିରରେ। ମନ୍ଦିର ରୂପାନ୍ତରକରଣ ଜାରି ରହିଛି। ଏତେ ବଡ଼ ସରକାରୀ ପ୍ରକଳ୍ପ ଭିତରେ ଅନ୍ତର୍ଭୁକ୍ତ ହୋଇଥିବା ବେଳେ ଭୋଗରୁ ଆରମ୍ଭ କରି ଦୀପ ଏବଂ ଅନ୍ୟାନ୍ୟ ସାମଗ୍ରୀ ପାଇଁ ମନ୍ଦିର ପରିସରରେ ଖୋଲାଖୋଲି ପଲିଥିନ ବ୍ୟବହାର ହେଉଛି। ଯାହାର ଚିତ୍ର ବର୍ତ୍ତମାନ ସୋସିଆଲ ମିଡିଆରେ ଚର୍ଚ୍ଚାର ବିଷୟ ହୋଇଛି। ଏକଥା ସିଏମ୍‌ସି କିପରି ଜାଣି ପାରିନାହିଁ ବା ଜାଣିଶୁଣି ଅଜଣା? କେବଳ ଚଣ୍ଡୀ ମନ୍ଦିର ନୁହଁ, ପରିବାଦୋକାନରୁ ଆମିଷ ଓ ଖାଦ୍ୟ ସାମଗ୍ରୀ ଦୋକାନ ଯାଏଁ ସବୁଠି ଲଗାମଛଡା ପଲିଥିନ ବ୍ୟବହାର ହେଉଛି। ସିଏମ୍‌ସି ଅବହେଳା ପାଇଁ ସିଙ୍ଗଲ ୟୁଜ ପଲିଥିନ ବ୍ୟବହାର ନିୟମ ଏକପ୍ରକାର ପ୍ରହସନରେ ପରିଣତ ହୋଇଛି।

# ବାତ୍ୟା ଭୟ ନେଇ ବଢୁଛି ଉଦ୍‌ବେଗ

- ୨୩ରୁ ୩ ଦିନ ପ୍ରବଳ ବର୍ଷା ସମ୍ଭାବନା
- ସଜାଗ ରହିବାକୁ ଏସ୍‌ଆର୍‌ସିଙ୍କ ନିର୍ଦ୍ଦେଶ



**ଭୁବନେଶ୍ୱର, ୧୮।୧୦ (ତଥ୍ୟ):** ବାତ୍ୟା ଘେନି କିଛି ନିର୍ଦ୍ଦିଷ୍ଟ ସୂଚନା ନ ଥିଲେ ମଧ୍ୟ ବଙ୍ଗୋପସାଗରରେ ଘୂର୍ଣ୍ଣିବଳୟ ସୃଷ୍ଟି ହେବାର ଯେଉଁ ସମ୍ଭାବନା ସୃଷ୍ଟି ହୋଇଛି ତାହା ଏବେ ଲୋକଙ୍କ ଭିତରେ ଭୟ ସଞ୍ଚାର କରିଛି। ଅତୀତରେ ଅକ୍ଟୋବର ମାସରେ ଅନେକ ଭୟଙ୍କର ବାତ୍ୟା ହୋଇ ବିପୁଳ ଧନଜୀବନ କ୍ଷତି ଘଟିଥିବା ପୃଷ୍ଠଭୂମିରେ ଚଳିତମାସ ୨୪ତାରିଖରୁ ଲଘୁଚାପ ଗଭୀର ଅବପାତ କିମ୍ବା ଛୋଟ ବାତ୍ୟାର ରୂପ ନେଇପାରେ ବୋଲି ବିଶେଷଜ୍ଞମାନେ ଯେଉଁ ଆଶଙ୍କା ଓ ପୂର୍ବାନୁମାନ ବ୍ୟକ୍ତ କରୁଛନ୍ତି ସେଥିଘେନି ଉଦ୍‌ବେଗପ୍ରକାଶ ପାଇବା ସ୍ୱାଭାବିକ।

ସୂଚନାଯୋଗ୍ୟ, ଆସନ୍ତା ୨୩, ୨୪ ଓ ୨୫ ତାରିଖରେ ରାଜ୍ୟରେ ପ୍ରବଳ ବର୍ଷା ହେବ ବୋଲି ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ର ପକ୍ଷରୁ ଆକଳନ କରାଯାଇଛି। ଆସନ୍ତା ୨୦ ତାରିଖରେ ଆଣ୍ଡାମାନ ସାଗରରେ ଏକ ଘୂର୍ଣ୍ଣିବଳୟ ସୃଷ୍ଟି ହେବାର ସମ୍ଭାବନା ରହିଛି। ଏହାର ପ୍ରଭାବରେ କେନ୍ଦ୍ରୀୟ ବଙ୍ଗୋପସାଗରରେ ୨୨ ତାରିଖରେ ଲଘୁଚାପ କ୍ଷେତ୍ର ସୃଷ୍ଟି ହେବ। କ୍ରମେ ଏହା ଉତ୍ତର ପଶ୍ଚିମ ଦିଗରେ ଗତିକରି ଅଧିକ ଘନୀଭୂତ ହେବ। ଲଘୁଚାପ ସୃଷ୍ଟି ପରେ ଚିତ୍ର ଆହୁରି ସ୍ପଷ୍ଟ ହେବ ବୋଲି ସୂଚନା ମିଳିଛି। ଲଘୁଚାପ ଅଧିକ ଘନୀଭୂତ ହେବାର ସମ୍ଭାବନା ରହିଥିଲେ ବି ଏହା ଅବପାତ ହେବ ନା ଅଧିକ ଘନୀଭୂତ ହୋଇ ବାତ୍ୟାର ରୂପ ନେବ ସେନେଇ ଦେଖାଦେଇଛି ସସ୍‌ପେନ୍‌ସ। କିଛି ବିଦେଶୀ ମଡେଲ୍ ଘୂର୍ଣ୍ଣିବଳୟ ପରେ ବାତ୍ୟା ରୂପ ନେବ ବୋଲି ଆକଳନ କରୁଛନ୍ତି। ମାତ୍ର ଏପର୍ଯ୍ୟନ୍ତ ବାତ୍ୟା ଉପରେ କୌଣସି ଆକଳନ କରାଯାଇନାହିଁ ବୋଲି ଆଞ୍ଚଳିକ ପାଣିପାଗ କାର୍ଯ୍ୟାଳୟ ପକ୍ଷରୁ ସୂଚନା ଦିଆଯାଇଛି। ଅନ୍ୟପକ୍ଷରେ ବର୍ଷା ଓ ବାତ୍ୟା ପାଇଁ ପ୍ରସ୍ତୁତ ରହିବା ନିମନ୍ତେ ଜିଲ୍ଲାପାଳମାନଙ୍କୁ ଏସ୍‌ଆର୍‌ସି ନିର୍ଦ୍ଦେଶ ଦେଇଛନ୍ତି।

୧୯୯୯ ଅକ୍ଟୋବର ୨୯ ତାରିଖରେ ଓଡ଼ିଶା ଉପକୂଳରେ ଘଟିଥିବା ମହାବାତ୍ୟାର କରାଳ ଚିତ୍ର ଏବଯାତ୍ ଲୋକଙ୍କ ମନରୁ ଲିଭିନାହିଁ। ପ୍ରତିବର୍ଷ ଏହି ଦିନ ଟିର ସ୍ମୃତିଚାରଣ ମଧ୍ୟ ସରକାରୀ ଓ ବେସରକାରୀ ସ୍ତରରେ ହେଉଛି। ଏହାଛଡା ମହାବାତ୍ୟା ପରେ ହୋଇଥିବା ଫାଇଲିନ୍, ତିତ୍‌ଲି, ହୁଦ୍‌ହୁଦ୍ ଭଳି ପ୍ରାକୃତିକ ବିପତ୍ତି ମଧ୍ୟ ଓଡ଼ିଶାରେ ବେଶ୍ କ୍ଷତି ଘଟାଇଛି। ତେଣୁ ଅକ୍ଟୋବର ମାସରେ ଲଘୁଚାପ ସୃଷ୍ଟିହେବା କଥା ଶୁଣିଲାମାତ୍ରେ ସାଧାରଣ ଲୋକେ ଆଶଙ୍କାବ୍ୟକ୍ତ କରିବା ସ୍ୱାଭାବିକ।

ଏଠାରେ ଉଲ୍ଲେଖନୀୟ ଯେ ୧୯୯୯ ଅକ୍ଟୋବର ମାସରେ ଘଟିଥିବା ମହାବାତ୍ୟା ରାଜ୍ୟର ସାମଜ ଜୀବନ ସହିତ ଅର୍ଥନୀତିକୁ ଦୋହଲାଇ ଦେଇଥିଲା। ଏଥିରୁ ମୁକୁଳିବାପାଇଁ ସାଧାରଣ ଜନତା ଓ ସରକାରଙ୍କୁ ବେଶ୍ କଷ୍ଟସ୍ୱୀକାର କରିବାକୁ ପଡ଼ିଛି। ଅବଶ୍ୟ ମହାବାତ୍ୟା ପରେ ଓଡ଼ିଶା ସରକାର ଅନେକ ପରିମାଣରେ ଚେତିବା ଯୋଗୁଁ ଏବେ ବାତ୍ୟା ସମୟରେ ଜୀବନହାନି ସଂଖ୍ୟା ଢେର କମିଛି। ଫାଇଲିନ୍, ହୁଦ୍‌ହୁଦ୍, ତିତିଲ ଭଳି ଅକ୍ଟୋବର ମାସରେ ଅତୀତରେ ଯେଉଁସବୁ ବାତ୍ୟା ହୋଇଥିଲା ସେଥିରେ ଜୀବନହାନିର ପରିମାଣ ଢେର କମ୍ ଥିଲା।

ପୂର୍ବ ଅଭିଜ୍ଞତାରୁ ଶିକ୍ଷାଲାଭ କରି ଓଡ଼ିଶା ସରକାର 'ଜିରୋ କାଜୁଆଲିଟି' ନୀତି ଆପଣେଇବା ପରଠାରୁ ପ୍ରାକୃତିକ ଦୁର୍ବିପାକ ସମୟରେ ଓଡ଼ିଶାରେ ଜୀବନହାନି ସଂଖ୍ୟା କମିଛି। କେବଳ ସେତିକି ନୁହେଁ, କେନ୍ଦ୍ର ସରକାର ମଧ୍ୟ ଓଡ଼ିଶାର ଏହି ଆଭିମୁଖ୍ୟକୁ ପ୍ରଶଂସା କରିବା ସଂଗେ ସଂଗେ ଅନ୍ୟ ରାଜ୍ୟମାନେ ଏ ପ୍ରସଙ୍ଗରେ ଶିକ୍ଷାଲାଭ କରିବାପାଇଁ ଖୋଦ ପ୍ରଧାନମନ୍ତ୍ରୀ ଏକାଧିକବାର ମନ୍ତବ୍ୟ ରଖିଛନ୍ତି।

ବନ୍ୟା, ବାତ୍ୟା ଆଦି ପ୍ରାକୃତିକ ବିପର୍ଯ୍ୟୟ ସମୟରେ ୨୫ବର୍ଷ ତଳେ ଓଡ଼ିଶାକୁ ଅନ୍ୟ ରାଜ୍ୟମାନେ ସହାୟତାର ହାତ ବଢ଼ାଉଥିବାବେଳେ। ଏମିତିକି ଉଦ୍ଧାର ଓ ରିଲିଫ କାର୍ଯ୍ୟରେ ବି ଅନ୍ୟ ରାଜ୍ୟର ସରକାରୀ ଓ ବେସରକାରୀ ସଂସ୍ଥାମାନେ ଓଡ଼ିଶାରେ ଆସି ନିୟୋଜିତ ହେଉଥିଲେ। ଗୋଟିଏ ସମୟରେ ବାତ୍ୟାରେ ଉପୁଡି ଯାଉଥିବା ଗଛଗୁଡିକୁ ହଟାଇ ଗମନାଗମନ ବ୍ୟବସ୍ଥା ସ୍ୱାଭାବିକ କରିବାପାଇଁ ଆନ୍ଧ୍ର ଉପରେ ଓଡ଼ିଶା ବହୁ ପରିମାଣରେ ନିର୍ଭର କରୁଥିଲା। ଏବେ କିନ୍ତୁ ସ୍ଥିତି ବଦଳି ଯାଇଛି। ଅନ୍ୟ ରାଜ୍ୟରେ ଘଟୁଥିବା ପ୍ରାକୃତିକ ଦୁର୍ବିପାକ ସମୟରେ ଉଦ୍ଧାର କାର୍ଯ୍ୟରେ ଓଡ଼ିଶାର ଓଡ୍ରାଫ ଓ ଅନ୍ୟ ସରକାରୀ ସଂସ୍ଥାମାନେ ବେଶ୍ ପ୍ରଶଂସନୀୟ କାର୍ଯ୍ୟ କରୁଛନ୍ତି। ସମୁଦ୍ରରେ ସୃଷ୍ଟି ହେବାକୁ ଯାଉଥିବା ଲଘୁଚାପ ଅବପାତର ରୂପ ନେଇପାରେ ବୋଲି ପାଣିପାଗ ବିଜ୍ଞାନୀମାନେ ମତବ୍ୟକ୍ତ କରୁଥିବା ପରିପ୍ରେକ୍ଷୀରେ ଓଡ଼ିଶା ସରକାର ମଧ୍ୟ 'ଜିରୋ କାଜୁଆଲିଟି' ନୀତି ଆଧାରରେ କ୍ଷେତ୍ର ଅଧିକାରୀମାନଙ୍କୁ ସତର୍କ କରାଉଛନ୍ତି। ଅବପାତ ଯଦି ଘୂର୍ଣ୍ଣିବଳୟର ରୂପ ନିଏ ତେବେ ତାହା ସମୁଦ୍ରପଥରେ ବଙ୍ଗଳାଦେଶ ଆଡକୁ ମୁହାଁଇବା ସମ୍ଭାବନା ଅଧିକ ରହିଥିଲେ ବି ଓଡ଼ିଶା ପ୍ରତି ଚଳିତ ସପ୍ତାହରେ ବାତ୍ୟାର ଭୟ ନାହିଁ ବୋଲି ନିର୍ଦ୍ଦିଷ୍ଟ ଭାବେ କୁହାଯାଇ ପାରୁନାହିଁ।

Printed, Published and owned by Sri Saroj Kumar Nayak of Plot No.495, Nilakantha Nagar, Nayapalli, Bhubaneswar and Printed at Khetramani Printing Press, At - Darakhapatna, Po - Kalyani Nagar, Dist-Cuttack-753013 and Published at Plot No.312, Flat No.003, Greenhigh Appartment, Kharavela Nagar, Bhubaneswar-751001 (Odisha) Ph. No. 9437227777/ 8093008776

Editor: Subhransu Bhusan Kar
ସମ୍ପାଦକ: ଶୁଭ୍ରାଂଶୁ ଭୂଷଣ କର

## ଆରମ୍ଭ ହେବାକୁ ଯାଉଛି ଦୀପାବଳି ସେଲ୍

# ୮୦% ପର୍ଯ୍ୟନ୍ତ ରିହାତି

**ମୁମ୍ବାଇ, ୧୮।୧୦:** ଫ୍ଲିପ୍‌କାର୍ଟର ଦୀପାବଳି ସେଲ୍ ଖୁବ୍ ଶୀଘ୍ର ଆରମ୍ଭ ହେବାକୁ ଯାଉଛି। ଇ-କମର୍ସ ପ୍ଲାଟ୍‌ଫର୍ମରେ ଏହି ସେଲ୍‌ର ମାଇକ୍ରୋସାଇଟ୍ ଲାଇଭ୍ କରି ଦିଆଯାଇଛି। କମ୍ପାନି ସେଲର ତାରିଖ ବି ଘୋଷଣା କରିସାରିଛି।

ଏହି ସେଲ୍‌ରେ ସ୍ମାର୍ଟଫୋନ୍‌ରୁ ନେଇ ଅନ୍ୟ ସାମଗ୍ରୀ ଉପରେ ଆକର୍ଷଣୀୟ ରିହାତି ମିଳିବ। ଫ୍ଲିପ୍‌କାର୍ଟର ବିଗ୍ ଦିୱାଲୀ ସେଲ୍‌ର ଆରମ୍ଭ ଅକ୍ଟୋବର ୨୧ ତାରିଖରୁ ଆରମ୍ଭ ହେବାକୁ ଯାଉଛି।

ଏସ୍‌ବିଆଇ କାର୍ଡ ବ୍ୟବହାର କଲେ ଅଉ ୧୦ ପ୍ରତିଶତ ରିହାତି ମଳିବ। ସେଲ୍‌ରେ ଆଇଫୋନ୍, ସାମ୍‌ସଙ୍ଗ୍, ଭିଭୋ ଏବଂ ଭିନ୍ନ ବ୍ରାଣ୍ଡର ଫୋନ୍ ଉପରେ




ଆକର୍ଷଣୀୟ ଅଫର୍ ମିଳିଯିବ। ତେବେ କମ୍ପାନି ଏପର୍ଯ୍ୟନ୍ତ ଅଫର୍‌କୁ ନେଇ କୌଣସି ଖୁଲାସା କରିନାହିଁ।

ଫେସନ୍ ସାମଗ୍ରୀ ଉପରେ ୯୦ ପ୍ରତିଶତ ପର୍ଯ୍ୟନ୍ତ ରିହାତି ମିଳିବ। ସେହିପରି ଘର ଓ ରୋଷେଇଘରର ଆବଶ୍ୟକୀୟ ସାମଗ୍ରୀ ଉପରେ ୮୦ ପ୍ରତିଶତ ପର୍ଯ୍ୟନ୍ତ ରିହାତି ମଳିବ। ଯଦି ଆପଣ ସ୍ମାର୍ଟଫୋନ୍ ଓ ଗ୍ୟାଜେଟ୍ କିଣିବାକୁ ଚାହୁଁଛନ୍ତି ତ ୮୦ ପ୍ରତିଶତ ପର୍ଯ୍ୟନ୍ତ ରିହାତି ମିଳିବ। ଏହି ଶ୍ରେଣୀରେ ଆପଣ କ୍ୟାମେରା, ସ୍ମାର୍ଟୱାଚ୍, ଚାର୍ଜର ଆଦି କିଣାଯାଇପାରିବ। ଏହି ସେଲ୍‌ରେ ଆପଣ ସ୍ମାର୍ଟଟିଭି, ୱାସିଂ ମେସିନ୍, ଏସି ଏବଂ ରେଫ୍ରିଜ୍‌ରେଟର୍ ଆଦିକୁ ବି ଶସ୍ତାରେ କିଣାଯାଇପାରିବ। ସେଲରେ ଏହି ସବୁ ସାମଗ୍ରୀ ଉପରେ ବମ୍ପର ଡିସ୍କାଉଣ୍ଟ ମିଳିବ।

# ରତନ ଟାଟାଙ୍କ ଚିତାଭସ୍ମ ଆରବ ସାଗରରେ ବିସର୍ଜନ ହେବ

ମୁମ୍ବାଇ, ୧୮।୧୦: କିଂବଦନ୍ତି ଶିଳ୍ପପତି ତଥା ଟାଟା ଗ୍ରୁପ୍‌ର ପୂର୍ବତନ ମୁଖ୍ୟ ରତନ ଟାଟାଙ୍କ ଚିତାଭସ୍ମ ଆରବ ସାଗରରେ ବିସର୍ଜନ ହେବ। ବଞ୍ଚିଥିବା ସମୟରେ ସେ ପ୍ରକାଶ କରିଥିବା ଇଚ୍ଛା ଅନୁସାରେ ଏହା କରାଯିବ ବୋଲି ଏକ ସୂତ୍ରରୁ ଜଣାଯାଇଛି। ରତନ ଟାଟାଙ୍କ ନିକଟ ସଂପର୍କୀୟ ଏବଂ ବନ୍ଧୁମାନେ ଗେଟ୍‌ୱେ ଅଫ୍ ଇଣ୍ଡିଆରୁ ଏକ ଜାହାଜରେ ଉକ୍ତ ଚିତାଭସ୍ମ ନେଇ ସମୁଦ୍ର ମଧ୍ୟକୁ ଯାତ୍ରା କରିବେ। ଆରବ ସାଗରର ଶାନ୍ତ ଏବଂ ନିର୍ମଳ ଜଳ ହିଁ ରତନ ଟାଟାଙ୍କ ଶେଷ ରହଣି ସ୍ଥଳ ହେବ। ବିଶିଷ୍ଟ ଶିଳ୍ପପତି ରତନ ଟାଟା ମୁମ୍ବାଇକୁ ଅତ୍ୟନ୍ତ ଭଲ ପାଉଥିଲେ। ମୁମ୍ବାଇ ସହିତ ତାଙ୍କର ଗଭୀର ସଂପର୍କ ଥିଲା। ଏଠାରେ ସେ ତାଙ୍କ ଜୀବନର ଅଧିକାଂଶ ସମୟ ଅତିବାହିତ କରିବା ସହିତ ଟାଟା ଗ୍ରୁପ୍‌ର ବ୍ୟବସାୟ ସାମ୍ରାଜ୍ୟକୁ ବଢ଼ାଇଥିଲେ।



ତେଣୁ ମୁମ୍ବାଇ ନିକଟରେ ଆରବ ସାଗରରେ ତାଙ୍କର ଚିତାଭସ୍ମ ବିସର୍ଜନ ରତନ ଟାଟାଙ୍କ ଇଚ୍ଛା ଓ ଆଗ୍ରହ ପ୍ରତି ଏକ ଶ୍ରଦ୍ଧାଞ୍ଜଳି ବୋଲି କୁହାଯାଇପାରିବ। ରତନ ଟାଟାଙ୍କ ନେତୃତ୍ୱରେ ଟାଟା ଗ୍ରୁପ୍ ବିଶ୍ୱର ଏକ ବଡ଼ ବ୍ୟାବସାୟିକ ସାମ୍ରାଜ୍ୟରେ ପରିଣତ ହୋଇଛି। ଲୁଣ ଠାରୁ ଆରମ୍ଭ କରି ଇସ୍ପାତ, ସଫ୍ଟୱେର, ଅଟୋମୋବାଇଲ ଏବଂ ଆତିଥେୟତା ଆଦି କ୍ଷେତ୍ରକୁ ଟାଟା ଗ୍ରୁପ୍‌ର ବ୍ୟବସାୟ ପରିବ୍ୟାପ୍ତ ହୋଇଛି। ୮୬ ବର୍ଷୀୟ ରତନ ଟାଟା ଅସୁସ୍ଥ ହେବା ପରେ ମୁମ୍ବାଇର ବ୍ରିଚ୍ କ୍ୟାଣ୍ଡି ହସ୍ପିଟାଲରେ ଭର୍ତ୍ତି ହୋଇଥିଲେ। କିନ୍ତୁ ୯ ତାରିଖ ରାତିରେ ତାଙ୍କ ପ୍ରାଣବାୟୁ ଉଡ଼ି ଯାଇଥିଲା। ୧୦ ତାରିଖରେ ବିଶିଷ୍ଟ ରାଜନେତା, ଉଦ୍ୟୋଗୀ, ବଲିଉଡ୍ ଅଭିନେତାଙ୍କ ସମେତ ବହୁ ଖ୍ୟାତନାମା ବ୍ୟକ୍ତିବିଶେଷଙ୍କ ଉପସ୍ଥିତିରେ ୱର୍ଲିସ୍ଥିତ ଶ୍ମଶାନରେ ତାଙ୍କର ଶେଷକୃତ୍ୟ ସଂପୂର୍ଣ୍ଣ ରାଷ୍ଟ୍ରୀୟ ମର୍ଯ୍ୟାଦା ସହକାରେ ସଂପନ୍ନ ହୋଇଥିଲା।

# ୨୦୩୦ ସୁଦ୍ଧା ଭାରତ ତୃତୀୟ ବୃହତ୍ ଅର୍ଥନୀତି




**ନୂଆଦିଲ୍ଲୀ, ୧୮।୧୦:** ୨୦୩୦ ମସିହା ସୁଦ୍ଧା ଭାରତ ବିଶ୍ୱର ତୃତୀୟ ବୃହତ୍ ଅର୍ଥନୀତିରେ ପରିଣତ ହେବ। କିନ୍ତୁ ବର୍ଦ୍ଧିତ ଜନସଂଖ୍ୟା ବିଶିଷ୍ଟ ଦେଶବାସୀଙ୍କୁ ମୌଳିକ ସେବା ଯୋଗାଇଦେବା ଏବଂ ଉତ୍ପାଦକତା ବଜାୟ ରଖିବା ପାଇଁ ଆବଶ୍ୟକ ହେଉଥିବା ଅଧିକ ନିବେଶ ସଂଗ୍ରହ ନେଇ ସମସ୍ୟାର ସାମ୍ନା କରିବ। ଷ୍ଟାଣ୍ଡାର୍ଡ ଆଣ୍ଡ୍ ପୁଅର୍ସ୍ (ଏସ୍ ଆଣ୍ଡ୍ ପି) ଗ୍ଲୋବାଲ୍ ରେଟିଂସ ପକ୍ଷରୁ ଗୁରୁବାର ଏହା କୁହାଯାଇଛି। ଆସନ୍ତା ଦଶନ୍ଧି ଏବଂ ତା ପରବର୍ତ୍ତୀ ସମୟ ପାଇଁ ଉଦୀୟମାନ ଅର୍ଥନୀତିଗୁଡ଼ିକ ଉଚ୍ଚ ଆକାଂକ୍ଷା ରହିଛି। ୨୦୪୭ ମସିହା ସୁଦ୍ଧା ଭାରତ ୩୦ ଟ୍ରିଲିଅନ ଡଲାର ଅର୍ଥନୀତିରେ ପରିଣତ ହେବା ଆଶା ରଖିଛି। ବର୍ତ୍ତମାନ ଭାରତୀୟ ଅର୍ଥନୀତିର ଆକାର ୩.୬ ଟ୍ରିଲିଅନ ଡଲାର ରହିଛି। ଫଳରେ ଭାରତ ବିଶ୍ୱର ପଞ୍ଚମ ବୃହତ୍ ଅର୍ଥନୀତିର ଆଖ୍ୟା ପାଇଛି।

ଆସନ୍ତା ୩ ବର୍ଷ ପର୍ଯ୍ୟନ୍ତ ବିଶ୍ୱର ପ୍ରମୁଖ ଅର୍ଥନୀତିଗୁଡ଼ିକ ମଧ୍ୟରେ ଭାରତ ସବୁଠୁ ଅଧିକ ଦ୍ରୁତବେଗରେ ବଢ଼ୁଥିବା ଅର୍ଥନୀତି ହୋଇ ରହିବା ସହିତ ୨୦୩୦ ସୁଦ୍ଧା ତୃତୀୟ ବୃହତ୍ ଅର୍ଥନୀତିରେ ପରିଣତ ହେବ। ୨୦୩୫ ମସିହା ସୁଦ୍ଧା ବିଶ୍ୱର ମୋଟ ଅର୍ଥନୈତିକ ଅଭିବୃଦ୍ଧିରେ ଉଦୀୟମାନ ଅର୍ଥନୀତିର ଯୋଗଦାନ ୬୫ ପ୍ରତିଶତ ରହିବ। ଏହି ଅଭିବୃଦ୍ଧିରେ ଉଦୀୟମାନ ଅର୍ଥନୀତି, ବିଶେଷକରି ଚୀନ, ଭାରତ, ଭିଏତ୍‌ନାମ ଏବଂ ଫିଲିପାଇନ୍ସ ସମେତ ଏସୀୟ ପ୍ରଶାନ୍ତମହାସାଗରୀୟ ଅଞ୍ଚଳ ପ୍ରମୁଖ ଭୂମିକା ଗ୍ରହଣ କରିବେ। ଏଥିସହିତ ୨୦୩୫ ସୁଦ୍ଧା ଭାରତ ତୃତୀୟ ବୃହତ୍ ଅର୍ଥନୀତି ଭାବେ ଏହାର ସ୍ଥିତିକୁ ମଜଭୁତ କରିବ। ଇଣ୍ଡୋନେସିଆ ଏବଂ ବ୍ରାଜିଲ ଯଥାକ୍ରମେ ଅଷ୍ଟମ ଏବଂ ନବମ ବୃହତ୍ ଅର୍ଥନୀତିରେ ପରିଣତ ହେବେ ବୋଲି ଏସ୍ ଆଣ୍ଡ୍ ପି ପକ୍ଷରୁ କୁହାଯାଇଛି। ଅନ୍ୟପକ୍ଷରେ ଭାରତ ପାଇଁ ଏହା ବର୍ଦ୍ଧିତ ଜନସଂଖ୍ୟା ମୁଣ୍ଡବିନ୍ଧାର କାରଣ ପାଲଟିବ। ୨୦୩୫ ମସିହା ସୁଦ୍ଧା ବିଶ୍ୱରେ ଭାରତର ଜନସଂଖ୍ୟା ସବୁଠୁ ଅଧିକ ରହିବ ବୋଲି ଆଶା କରାଯାଉଛି ବୋଲି ଏସ୍ ଆଣ୍ଡ୍ ପି କହିଛି।




# ଭୁବନେଶ୍ୱରରେ ଏଲ୍‌ଆଇସିର ଟିସିଓଇ ଉଦ୍‌ଘାଟିତ

**ଭୁବନେଶ୍ୱର, ୧୮।୧୦:** ଭାରତୀୟ ଜୀବନ ବୀମା ନିଗମ (ଏଲ୍‌ଆଇସି)ର ଭୁବନେଶ୍ୱର ସୂର୍ଯ୍ୟନଗରସ୍ଥିତ କାର୍ଯ୍ୟାଳୟ ପରିସରରେ ସୂଚନା ଓ ପ୍ରଯୁକ୍ତି ସନ୍ନବେଶିତ ଏକ ଟେଷ୍ଟିଂ ସେଣ୍ଟର୍ ଅଫ୍ ଏକ୍ସଲେନ୍ସ (ଟିସିଓଇ) ପ୍ରତିଷ୍ଠା କରାଯାଇଛି। ଆଜି ଏଲ୍‌ଆଇସିର ସିଇଓ ତଥା ଏମ୍‌ଡି ସିଦ୍ଧାର୍ଥ ମହାନ୍ତି ଏହାକୁ ଉଦ୍‌ଘାଟନ କରିଛନ୍ତି। ଏହି ଉପଲକ୍ଷେ ଆୟୋଜିତ କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ପୂର୍ବ ମଧ୍ୟ ଜୋନ୍‌ର କ୍ଷେତ୍ରୀୟ ପ୍ରବନ୍ଧକ ଶ୍ରବଣ କୁମାର, ନିର୍ବାହୀ ନିର୍ଦ୍ଦେଶକ(ଆଇଟି) ସୁଧାଂଶୁ ଶେଖର, ନିର୍ବାହୀ ନିର୍ଦ୍ଦେଶକ (ଯାନ୍ତ୍ରିକ) ବି ବି ଯାଦବ, ପୂର୍ବ ମଧ୍ୟ କ୍ଷେତ୍ର ମୁଖ୍ୟଯନ୍ତ୍ରୀ ପିକେଜେ ଡୁଙ୍ଗ୍‌ଡୁଙ୍ଗ୍ ଏବଂ ଭୁବନେଶ୍ୱରର ବରିଷ୍ଠ ମଣ୍ଡଳ ପ୍ରବନ୍ଧକ ମନୋରଞ୍ଜନ ଦାସ ପ୍ରମୁଖ ଉପସ୍ଥିତ ଥିଲେ।

ଟିସିଓଇ ଅନେକ ପ୍ରକାର ଆଧୁନିକ କୌଶଳ ଓ ସ୍ୱୟଂକ୍ରିୟର ଉପଯୋଗ କରାଯିବାରେ ସହାୟତା ଯୋଗାଇବ ବୋଲି ଶ୍ରୀ ମହାନ୍ତି ସୂଚନା ଦେଇଥିଲେ। ଏଲ୍‌ଆଇସିର ପୂର୍ବ ମଧ୍ୟ ଜୋନ୍‌ର ପ୍ରଥମ ଟିସିଓଇ ଭୁବନେଶ୍ୱରରେ ସ୍ଥାପନ ହୋଇଛି। ପ୍ରାରମ୍ଭିକ ପର୍ଯ୍ୟାୟରେ ଏହି ପ୍ରଯୁକ୍ତି କେନ୍ଦ୍ର ଏଲଆଇସି ଓ ବହିରାଗତ ପ୍ରଯୁକ୍ତିବିଦ୍ୟା ନିପୁଣ ୧୦୦ରୁ ଅଧିକ କର୍ମଚାରୀଙ୍କ ଦ୍ୱାରା ପରିଚାଳିତ ହେବ। ଶ୍ରୀ ମହାନ୍ତି ଏକ ନୂଆ ଅଡିଟ୍ ସେଣ୍ଟର ମଧ୍ୟ କାର୍ଯ୍ୟାଳୟ ପରିସରରେ ଉଦ୍‌ଘାଟନ କରିଛନ୍ତି। ଏହି ଅଡିଟ୍ ସେଣ୍ଟର ଓଡ଼ିଶା ମଧ୍ୟରେ ଅବସ୍ଥିତ ସମସ୍ତ ମଣ୍ଡଳ କାର୍ଯ୍ୟାଳୟ ଓ ଶାଖା କାର୍ଯ୍ୟାଳୟଗୁଡ଼ିକୁ ପ୍ରଶାସନିକ ଦକ୍ଷତା ଓ ସ୍ୱଚ୍ଛତା ଆଣିବାରେ ସହାୟତା ଯୋଗାଇବ ବୋଲି ସେ କହିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ଏଲ୍‌ଆଇସିର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ (ଅଡିଟ୍) ଜି କୁମାରସେନ, ମୁଖ୍ୟ(ଅଡିଟ୍), ପିପି କେଲ୍‌କାର, ସଚିବ(ଅଡିଟ୍) ପ୍ରଶାନ୍ତ କୁମାର ମିଶ୍ର ପ୍ରମୁଖ ଯୋଗଦେଇଥିଲେ।

# ଶସ୍ତା ହେବ ଷ୍ଟେଟ ବ୍ୟାଙ୍କର ଗୃହ, ଗାଡ଼ି ଋଣ ସୁଧହାର

**ମୁମ୍ବାଇ, ୧୮।୧୦:** ଦେଶର ସର୍ବବୃହତ ସରକାରୀ ବ୍ୟାଙ୍କ ଷ୍ଟେଟ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ ନିଜର ଏମସିଏଲଆର (ସର୍ବନିମ୍ନ ଋଣ ସୁଧହାର) ହ୍ରାସ କରିଛି। ଅର୍ଥାତ୍ ଏସବିଆଇ ଏହାର ସୁଧ ହାର ହ୍ରାସ କରିଛି, ଯାହା ଗୃହ ଋଣ ଏବଂ ଅନ୍ୟ ଖୁଚୁରା ଋଣରେ ପ୍ରତିଫଳିତ ହେବ। ଏସବିଆଇ ଏକ ବର୍ଷର ଏମସିଏଲଆର ଅବଧି ପାଇଁ ସୁଧ ହାରକୁ ୨୫ ବେସିସ୍ ପଏଣ୍ଟ ବା ୦.୨୫% ହ୍ରାସ କରିଥିବା ବେଳେ ଅନ୍ୟ କାର୍ଯ୍ୟକାଳ ପାଇଁ ସୁଧ ହାରରେ କୌଣସି ପରିବର୍ତ୍ତନ ହୋଇନାହିଁ । ସଂଶୋଧିତ ଏମସିଏଲଆର ଅକ୍ଟୋବର ୧୫, ୨୦୨୪ରୁ କାର୍ଯ୍ୟକାରୀ ହୋଇଛି । ଏମସିଏଲଆର ଭିତ୍ତିକ ସୁଧ ହାରକୁ ୮.୨୦%ରୁ ୯.୧% ମଧ୍ୟରେ ଆଡଜଷ୍ଟ କରାଯାଇଛି। ଓଭରନାଇଟ୍ ଏମସିଏଲଆର ୮.୨୦% ଥିବା ବେଳେ ଏକ ମାସର



ହାର ୮.୪୫%ରୁ ୮.୨୦%କୁ ହ୍ରାସ କରାଯାଇଛି, ଯାହା କି ୨୫ ବେସିସ୍ ପଏଣ୍ଟ ହ୍ରାସ ପାଇଛି। ୬ ମାସର ଏମସିଏଲଆର ୮.୮୫% ଧାର୍ଯ୍ୟ କରାଯାଇଛି। ଗୋଟିଏ ବର୍ଷର ଏମସିଏଲଆରକୁ ୮.୯୫%, ଦୁଇ ବର୍ଷର ଏମସିଏଲଆର ୯.୦୫% ଏବଂ ତିନି ବର୍ଷର ଏମସିଏଲଆରକୁ ୯.୧%କୁ ସଂଶୋଧନ କରାଯାଇଛି। ସୂଚନାଯୋଗ୍ୟ ଯେ ଗତ ସପ୍ତାହରେ ରିଜର୍ଭ ବ୍ୟାଙ୍କ ପକ୍ଷରୁ ଜାରି ଋଣନୀତି ସମୀକ୍ଷାରେ ସୁଧହାର ଅପରିବର୍ତ୍ତିତ ରହିଥିଲା ।

# ସ୍ପାମ୍ କଲ୍, ଏସ୍‌ଏମ୍‌ଏସ୍‌କୁ ରୋକିବ ଏୟାରଟେଲ୍ ଏଆଇ




**ଭୁବନେଶ୍ୱର, ୧୮।୧୦:** ଭାରତୀ ଏୟାରଟେଲ୍‌ର ନୂତନ ଏଆଇ କ୍ଷମତାଯୁକ୍ତ ସ୍ପାମ ସନ୍ଧାନକାରୀ ବ୍ୟବସ୍ଥା ଓଡ଼ିଶାର ଗ୍ରାହକମାନଙ୍କୁ ଆଶ୍ୱସ୍ତି ପ୍ରଦାନ କରୁଛି। ଆରମ୍ଭର ୨୦ଦିନ ମଧ୍ୟରେ, ଏହି ଅଭିନବ ଟେଲିକମ୍ ସମାଧାନକାରୀ ବ୍ୟବସ୍ଥା ସମଗ୍ର ରାଜ୍ୟରେ ୫୪ ନିୟୁତ ସମ୍ଭାବ୍ୟ ସ୍ପାମ୍‌କଲ୍ ଏବଂ ୨ ନିୟୁତ ସ୍ପାମ୍ ଏସ୍‌ଏମ୍‌ଏସ୍ ମେସେଜକୁ ଚିହ୍ନଟ କରିବାରେ ସକ୍ଷମ ହୋଇପାରିଛି। ଏହି ମାଗଣା ସମାଧାନକୁ ଏୟାରଟେଲର ସମସ୍ତ ମୋବାଇଲ ଫୋନ ଗ୍ରାହକ ଆପେ ପାଇପାରିବେ। ସେମାନଙ୍କୁ ଏହି ସେବା ପାଇବା ପାଇଁ ଅନୁରୋଧ କିମ୍ବା କୌଣସି ଆପ୍ ଡାଉନଲୋଡ୍ କରିବାକୁ ପଡ଼ିବ ନାହିଁ। ଏ ସଂପର୍କରେ ଭାରତୀ ଏୟାରଟେଲ-ଓଡ଼ିଶାର ସିଓଓ ବାଲାଜୀ ସିଂ କହିଛନ୍ତି, "ଯୋଗାଯୋଗ ପ୍ରକ୍ରିୟା ଯେହେତୁ ଅଧିକ ମାତ୍ରାରେ ବିସ୍ତାରିତ ହେଉଅଛି, ଗ୍ରାହକମାନେ ପ୍ରତାରଣା, ପ୍ରବଞ୍ଚନା ତଥା ମନ୍ଦ ଉଦ୍ଦେଶ୍ୟ ନିହିତ ଯୋଗାଯୋଗ ବୃଦ୍ଧିର ସମ୍ମୁଖୀନ ହେଉଛନ୍ତି । ଏଭଳି ଡ଼ିଜିଟାଲ ଧମକ ଓ ସମସ୍ୟାର ସମାଧାନ ପାଇଁ ଏୟାରଟେଲ ଅତି ଗର୍ବର ସହିତ ଏଆଇ କ୍ଷମତାଯୁକ୍ତ ସମାଧାନ ଉପସ୍ଥାପନ କରିଛି। ଏହି ଆଧୁନିକ କୌଶଳକୁ କାର୍ଯ୍ୟକ୍ଷମ କରିବା ଦ୍ୱାରା ଏୟାରଟେଲ ଏହାର ୧.୯୨ କୋଟିରୁ ଅଧିକ ଗ୍ରାହକଙ୍କ ସୁରକ୍ଷା ସ୍ତରକୁ ବୃଦ୍ଧି କରିବା ସହିତ ସେମାନଙ୍କୁ ଏକ ନିରାପଦ ଯୋଗାଯୋଗ ସୁବିଧା ଯୋଗାଇ ଦେଇଛି। ଏୟାରଟେଲର ଡାଟା ବୈଜ୍ଞାନିକମାନଙ୍କ ଦ୍ୱାରା ଉକ୍ତ ପ୍ରଯୁକ୍ତିର ବିକାଶ କରାଯାଇଛି ବୋଲି ସେ ସୂଚନା ଦେଇଛନ୍ତି।

# କର୍ମଚାରୀଙ୍କୁ କାର୍ ଉପହାର ଦେଲା ଔଷଧ କମ୍ପାନି



**ଚଣ୍ଡୀଗଡ଼, ୧୮।୧୦:** ହରିୟାଣା ପଞ୍ଚକୁଲାସ୍ଥିତ ଏକ ଔଷଧ କମ୍ପାନି ଚଳିତବର୍ଷର ଦୀପାବଳି ଉପଲକ୍ଷେ ଏହାର କର୍ମଚାରୀଙ୍କୁ କାର୍ ଉପହାର ଦେଇଛି। ଉତ୍ତମ କାର୍ଯ୍ୟ ସଂପାଦନ କରିଥିବା ୧୫ କର୍ମଚାରୀଙ୍କୁ କମ୍ପାନି ଟାଟା ପଞ୍ଚ୍ ଏବଂ ଗ୍ରାଣ୍ଡ୍ ଭିଟାରା କାର୍ ପ୍ରଦାନ କରିଛି। ଗତବର୍ଷ ମଧ୍ୟ ଏହି କମ୍ପାନି ୧୨ ଜଣ କର୍ମଚାରୀଙ୍କୁ କାର୍ ପ୍ରଦାନ କରିଥିଲା। ପଞ୍ଚକୁଲାସ୍ଥିତ ମିଟ୍‌ସ ହେଲଥ୍‌କେୟାର ପ୍ରାଇଭେଟ ଲିମିଟେଡ ନାମକ ଉକ୍ତ ଔଷଧ କମ୍ପାନି ମାଲିକ ଏମ୍‌କେ ଭାଟିଆ କହିଛନ୍ତି ଯେ ବର୍ଷ ସାରା କଠିନ ପରିଶ୍ରମ କରିଥିବା କର୍ମଚାରୀମାନଙ୍କୁ କାର୍ ପାଇଁ ଚୟନ କରାଯାଇଛି। ୧୫ କର୍ମଚାରୀଙ୍କ ମଧ୍ୟରୁ ୧୩ ଜଣଙ୍କୁ ଟାଟା ପଞ୍ଚ୍ ଏବଂ ୨ ଜଣ ବରିଷ୍ଠ କର୍ମଚାରୀଙ୍କୁ ମାରୁତି ସୁଜୁକି ଗ୍ରାଣ୍ଡ୍ ଭିଟାରା ଦିଆଯାଇଛି। କମ୍ପାନିର ସଫଳତା ପାଇଁ କର୍ମଚାରୀଙ୍କ ସମର୍ପଣ ଓ ଯୋଗଦାନ ମହତ୍ତ୍ୱପୂର୍ଣ୍ଣ ବୋଲି ସେ କହିଛନ୍ତି। ଯେଉଁ କର୍ମଚାରୀମାନେ କାର୍ ପାଇଛନ୍ତି ସେମାନେ ଖୁସିରେ ଆତ୍ମହରା ହୋଇଛନ୍ତି। ୧୫ ଜଣଙ୍କ ମଧ୍ୟରୁ ଆଜି ୮ଜଣଙ୍କୁ କାର୍ ହସ୍ତାନ୍ତର କରାଯାଇଥିବାବେଳେ ଅନ୍ୟ ୭ ଜଣଙ୍କୁ ଦୀପାବଳି ପୂର୍ବରୁ କାର୍ ଦିଆଯିବ।

# ଧର୍ମଘଟ ପରେ ବହୁ ସଂଖ୍ୟାରେ କର୍ମଚାରୀଙ୍କୁ ଛଟେଇ କରିବ ବୋଇଙ୍ଗ

**ନୂଆଦିଲ୍ଲୀ, ୧୮।୧୦:** ବିମାନ ନିର୍ମାଣ କରୁଥିବା କମ୍ପାନୀ ବୋଇଙ୍ଗରେ ଏବେ ସବୁକିଛି ଠିକ ଚାଲିନାହିଁ। ବୋଇଙ୍ଗରେ କର୍ମଚାରୀମାନେ ଧର୍ମଘଟ କରୁଥିବାବେଳେ ଏହା ଦ୍ୱାରା କମ୍ପାନୀକୁ ବହୁତ କ୍ଷତି ସହିବାକୁ ପଡୁଛି । ଏହି ଧର୍ମଘଟ ଯୋଗୁଁ ଏହାର ଉତ୍ପାଦନ ପ୍ରଭାବିତ ହୋଇଛି। କମ୍ପାନୀର ତ୍ରୈମାସିକ ଫଳାଫଳ ମଧ୍ୟ ଭଲ ହୋଇନାହିଁ। ଏହି କାରଣରୁ କମ୍ପାନୀ ବର୍ତ୍ତମାନ ବଡ ଛଟେଇ ବାବଦରେ ଘୋଷଣା କରିଛି। ବୋଇଙ୍ଗ କହିଛି ଯେ ଏହା ଏହାର କର୍ମଚାରୀଙ୍କ ମଧ୍ୟରୁ ପ୍ରାୟ ୧୦ ପ୍ରତିଶତଙ୍କୁ ଛଟେଇ କରିବ। ଏହି ନିଷ୍ପତ୍ତି କାର୍ଯ୍ୟକାରୀ ହେଲେ ପ୍ରାୟ ୧୭ ହଜାର କର୍ମଚାରୀଙ୍କୁ ଛଟେଇ କରାଯିବ। ବଡ କଥା ଯେ ଏବେ କମ୍ପାନୀରେ କର୍ମଚାରୀମାନେ ଧର୍ମଘଟ କରୁଥିବାବେଳେ କମ୍ପାନୀ ପକ୍ଷରୁ ଘୋଷଣା କରାଯାଇଛି ଯେ କାହାକୁ ବର୍ତ୍ତମାନ ସ୍ଥିତିରେ ଛୁଟି ଦେଇହେବ ନାହିଁ। ବୋଇଙ୍ଗର ନୂତନ ସିଇଓ କେଲି ଅର୍ଟବର୍ଗ କହିଛନ୍ତି ଯେ ଏହି ଛଟେଇ ନିଷ୍ପତ୍ତି ନିର୍ବାହୀ ଅଧିକାରୀ ଏବଂ ପରିଚାଳକଙ୍କ ସମେତ ସମସ୍ତ କର୍ମଚାରୀଙ୍କୁ ପ୍ରଭାବିତ କରିବ। ଆସନ୍ତା ମାସରେ ବିଭିନ୍ନ ପର୍ଯ୍ୟାୟରେ ଅନେକ ଛଟେଇ କରାଯିବ। ଏହି ଧର୍ମଘଟ ଯୋଗୁଁ ଆମେ ବହୁତ ଯନ୍ତ୍ରଣା ଭୋଗୁଛୁ ବୋଲି କେଲି ଅର୍ଟବର୍ଗ କହିଛନ୍ତି। ଏହି କାରଣରୁ, ବୋଇଙ୍ଗର ନୂତନ ବିମାନ ୭୭୭ଏକ୍ସ ବର୍ତ୍ତମାନ ୨୦୨୫ ପରିବର୍ତ୍ତେ ୨୦୨୬ରେ ଲଞ୍ଚ ହେବ। ଆହୁରି ମଧ୍ୟ, ୭୬୭ ଜେଟର ପୁରୁଣା ଅର୍ଡର ବିତରଣ କରିବା ପରେ କମ୍ପାନୀ ୨୦୨୭ରେ ଏହାର କାର୍ଗୋ ସଂସ୍କରଣର ଉତ୍ପାଦନ ମଧ୍ୟ ବନ୍ଦ କରିବ


ପ୍ରାୟ ଏକ ମାସ ଧରି ବୋଇଙ୍ଗର ଉତ୍ପାଦନ ବନ୍ଦ ହୋଇଯାଇଛି। ସେପ୍ଟେମ୍ବର ୧୪ରୁ ଏହାର କର୍ମଚାରୀମାନେ ଧର୍ମଘଟ କରୁଛନ୍ତି। କମ୍ପାନୀର ପ୍ରାୟ ୩୩ ହଜାର କର୍ମଚାରୀ ଧର୍ମଘଟ କରୁଛନ୍ତି। କେଲି ଅର୍ଟବର୍ଗ କହିଛନ୍ତି ଯେ ୨୦୧୯ ମସିହାରୁ ଆମେ ପ୍ରାୟ ୨୫ ବିଲିୟନ ଡଲାରର କ୍ଷତି ସହିଛୁ। ଆମ ଆଗରେ ଅନେକ ଚ୍ୟାଲେଞ୍ଜ ସୃଷ୍ଟି ହୋଇଛି।




# ଲୋକଙ୍କ ଦୁଆର ମୁହଁରେ ଚକ୍ଷୁ ଚିକିତ୍ସା କରିବ ଏଲଭି ପ୍ରସାଦ ଚକ୍ଷୁ ପ୍ରତିଷ୍ଠାନ

**ନୂଆଦିଲ୍ଲୀ, ୧୮।୧୦:** ଏଲଭି ପ୍ରସାଦ ଚକ୍ଷୁ ପ୍ରତିଷ୍ଠାନ(LV-PEI) ଏବଂ ଷ୍ଟାଣ୍ଡାର୍ଡ ଚାର୍ଟାର୍ଡ ବ୍ୟାଙ୍କର ମିଳିତ ପ୍ରୟାସରେ ଦୁଆର ମୁହଁରେ ଚକ୍ଷୁ ଚିକିତ୍ସା ସେବା ଆରମ୍ଭ ହୋଇଛି। ଏହା ଘରେ ଆଖି ଯାଞ୍ଚ ସେବା ଯୋଗାଇବା ନିମନ୍ତେ ଏକ ଗୁରୁତ୍ୱପୂର୍ଣ୍ଣ ପ୍ରୟାସ। ଏହି ପ୍ରକଳ୍ପଟି ବୃଦ୍ଧ ଏବଂ ଚଳନଶକ୍ତିରେ ଅସମର୍ଥ ଲୋକଙ୍କ ପାଇଁ ଗୁଣାତ୍ମକ ଆଖି ଚିକିତ୍ସା ସେବା ସେମାନଙ୍କ ଘରେ ଯୋଗାଇ ଦେବା ଉଦ୍ଦେଶ୍ୟରେ ଷ୍ଟାଣ୍ଡାର୍ଡ ଚାର୍ଟାର୍ଡ ବ୍ୟାଙ୍କର ଏକ କାର୍ଯ୍ୟକ୍ରମର ଅଂଶ । ୟୁନାଇଟେଡ଼ ପୁପୁଲସନ ଫଣ୍ଡ ଇଣ୍ଡିଆ ଏଜିଙ୍ଗ ରିପୋର୍ଟ ୨୦୨୩ରେ କୁହାଯାଇଛି ଯେ ଭାରତରେ ୧୪୯ ମିଲିଅନ୍ ବୃଦ୍ଧ ଲୋକ ଅଛନ୍ତି, ଏହି ସଂଖ୍ୟା ୨୦୫୦ରେ ପ୍ରାୟ ୩୪୭ ମିଲିଅନକୁ ବୃଦ୍ଧି ପାଇବା ଆଶା ରହିଛି। ଏହି ଲୋକମାନଙ୍କ ଆବଶ୍ୟକତା ପୂରଣ କରିବାକୁ ଏପରି ନୂଆ ସ୍ୱାସ୍ଥ୍ୟ ସେବା ପ୍ରଣାଳୀର ମାଗଣା ଅଟେ, ଯାହା ପରମ୍ପରାଗତ ସ୍ୱାସ୍ଥ୍ୟ ସେବା ପ୍ରଣାଳୀରେ ଭାର ସ୍ୱାଭାବିକ ଭାବରେ କମାଇବାକୁ ସାହାଯ୍ୟ କରିବ।

ଏହି ସେବା ଏକ ଫୋନ୍ କଲ୍ ଦ୍ୱାରା ଧାର୍ଯ୍ୟ କରାଯାଇ ପାରିବ। ଏକ ପ୍ରଶିକ୍ଷିତ ଅପ୍ଟୋମେଟ୍ରିଷ୍ଟ ଦ୍ୱାରା ଆଖିର ଯାଞ୍ଚ ଘରେ କରାଯିବ, ଯେଉଁଥିରେ ତାଙ୍କର ଆଖିର ଅତୀତ ଆଖି ସ୍ୱାସ୍ଥ୍ୟ ସୂଚନା ନେବା, ଟର୍ଚ୍ଚ ଲାଇଟ ଯାଞ୍ଚ କରିବା, ଓ ରିଫ୍ରାକ୍ସନ୍ ଯାଞ୍ଚ କରାଯିବ। ଏହା ପରେ




ଆନ୍ଟିରିଅର୍ ସେଗମେଣ୍ଟ ଯାଞ୍ଚ ଏବଂ ଇଣ୍ଟ୍ରାଓକ୍ୟୁଲାର୍ ପ୍ରେସର୍ ଚେକ୍ ମଧ୍ୟ କରାଯାଇ ପାରିବ ।

ଏହା ସହିତ ଏକ ଏସିନ୍କ୍ରୋନସ୍ ଟେଲିକନ୍ସୁଲଟେସନ୍ ହେଉଛି, ଯାହା ଦ୍ୱାରା ଏକ ଡାକ୍ତରଙ୍କ ସହିତ ଆଲୋଚନା କରାଯାଇଥାଏ। ଚିକିତ୍ସାର ବିସ୍ତୃତ ଇ-ରିପୋର୍ଟ ରେ ଅବସ୍ଥା, ନିଦାନ, ପରିଚାର୍ଯ୍ୟ ଯୋଜନା, ପ୍ରେସକ୍ରିପ୍ସନ୍ (ଯଦି ଥାଏ), ଓ ପରବର୍ତ୍ତୀ ଯାଞ୍ଚର ବିବରଣୀ ରୋଗୀଙ୍କ ପଞ୍ଜିକୃତ ଫୋନ୍ ନମ୍ବରକୁ ପଠାଯିବ। ଏହା ଇଲେକ୍ଟ୍ରୋନିକ୍ ମେଡିକାଲ୍ ରେକର୍ଡ ସହିତ ଜଡିତ ହୋଇଥାଏ। ଯଦି ଆଖିର ଅଧିକ ଯାଞ୍ଚ କିମ୍ବା ସର୍ଜରିର ଆବଶ୍ୟକତା ଥାଏ, ସେହି ଯାଞ୍ଚ କିମ୍ବା ଚିକିତ୍ସା ନିକଟତମ୍ କେନ୍ଦ୍ରରେ କରାଯିବ। ଡାଇବେଟିକ୍ ରେଟିନୋପେଥି ଏବଂ ଗ୍ଲୁକୋମା ପାଇଁ ଏଆଇ କ୍ଷମତାଯୁକ୍ତ ସ୍କ୍ରିନିଂ ମଧ୍ୟ କରାଯିବ । ଏହି ସେବା ଏଲଭି ପ୍ରସାଦ ଚକ୍ଷୁ ପ୍ରତିଷ୍ଠାନର ହାଇଦ୍ରାବାଦ କ୍ୟାମ୍ପସରୁ ଆରମ୍ଭ ହୋଇ ଭୁବନେଶ୍ୱର ସମେତ ଅନ୍ୟ ସମସ୍ତ କେନ୍ଦ୍ରରେ ଉପଲବ୍ଧ ହେବ।

# ଏସିଆନ୍ ମହିଳା ହକି ଚାମ୍ପିୟନସିପ୍ ଟ୍ରଫି ଗୌରବ ଯାତ୍ରା




**ଭୁବନେଶ୍ୱର,୧୮।୧୦(ସଂଚାର ବ୍ୟୁରୋ):** ଆସନ୍ତା ନଭେମ୍ବର ମାସ ୧୧ ତାରିଖ ଠାରୁ ୨୦ ତାରିଖ ପର୍ଯ୍ୟନ୍ତ ବିହାରର ରାଜଗିର ଠାରେ ଏସିଆନ୍ ମହିଳା ହକି ଚାମ୍ପିୟନସିପ୍ ଅନୁଷ୍ଠିତ ହେବ। ଭାରତ ସମେତ ଚୀନ୍, ଜାପାନ, ଦକ୍ଷିଣ କୋରିଆ, ମାଲେସିଆ ଏବଂ ଥାଇଲାଣ୍ଡ ଦେଶର ମହିଳା ହକିଦଳ ପ୍ରତିଯୋଗିତାରେ ଅଂଶଗ୍ରହଣ କରିବେ। ଏସିଆନ୍ ମହିଳା ହକି ଚାମ୍ପିୟନସିପ୍ ରେ ବିଜୟୀ ଦଳକୁ ମିଳିବାକୁ ଥିବା ଟ୍ରଫିର ଏକ ଗୌରବମୟ ଯାତ୍ରା ଆରମ୍ଭ ହୋଇଛି ଏବଂ ଏହି ଟ୍ରଫି ଗୌରବ ଯାତ୍ରାର ଭବ୍ୟ ସ୍ୱାଗତ ଆଜି ଭୁବନେଶ୍ୱର ଠାରେ କରାଯାଇଛି।

ଆଜି ଭୁବନେଶ୍ୱର ସ୍ଥିତ ବିଜୁ ପଟ୍ଟନାୟକ ଅନ୍ତର୍ଜାତୀୟ ବିମାନ ବନ୍ଦର ଠାରେ ଟ୍ରଫି ପହଂଚିବା ପରେ, ଧଉଳିଗିରି ଠାରେ ଓଡ଼ିଶା କ୍ରୀଡା ଓ ଯୁବସେବା ବିଭାଗ ଏବଂ ଓଡ଼ିଶା ହକି ଆସୋସିଏସନ୍‌ର ବରିଷ୍ଠ ଅଧିକାରୀମାନଙ୍କ ଉପସ୍ଥିତିରେ ଏସିଆନ୍ ମହିଳା ହକି ଚାମ୍ପିୟନସିପ୍ ଟ୍ରଫି ଅନାବରଣ କରାଯିବା ସହିତ ଏକ ଭବ୍ୟ ଗୌରବ ଯାତ୍ରା ସହିତ ଟ୍ରଫିକୁ କଳିଙ୍ଗ ଷ୍ଟାଡିୟମ୍ କୁ ଅଣାଯାଇଥିଲା। ଟ୍ରଫି ଗୌରବ ଯାତ୍ରା କ୍ରୀଡାର ବିକାଶ ପାଇଁ ସରକାରଙ୍କ ପ୍ରତିବଦ୍ଧତାକୁ ପ୍ରଦର୍ଶିତ କରିବା ସହ କ୍ରୀଡାବିତ୍ ମାନଙ୍କର ସାମଗ୍ରିକ ବିକାଶ, ମହିଳା ମାନଙ୍କର କ୍ରୀଡାରେ ଅଂଶଗ୍ରହଣ କରିବା ଏବଂ ସମସ୍ତ ହକି କ୍ରୀଡାବିତ୍ ଏବଂ ହକି ପ୍ରଶଂସକ ମାନଙ୍କୁ ପ୍ରୋତ୍ସାହିତ କରିବାର ଏକ ମାଧ୍ୟମ। ଏଥିସହ ଏହି ଗୌରବ ଯାତ୍ରା ରାଜ୍ୟ ତଥା ଦେଶର ବହୁ ଯୁବ କ୍ରୀଡ଼ାବିତ୍ ଏବଂ ବିଶେଷ ଭାବରେ ମହିଳା କ୍ରୀଡ଼ାବିତ୍ ମାନଙ୍କୁ ପ୍ରେରଣା ଯୋଗାଇବା ସହ ସେମାନେ ଆଗକୁ ଯେପରି ବିଭିନ୍ନ ଅନ୍ତର୍ଜାତୀୟ କ୍ରୀଡା ପ୍ରତିଯୋଗିତା ମାନଙ୍କରେ ପଦକ ହାସଲ କରି ରାଜ୍ୟ ତଥା ଦେଶ ପାଇଁ ଗୌରବ ଅର୍ଜନ କରିବେ ତାହା ଆଶା ରଖାଯାଇଛି।

ଆଜିର ଟ୍ରଫି ଗୌରବ ଯାତ୍ରା ସଂମ୍ପର୍କରେ ହକି ପ୍ରୋମସନ କାଉନସିଲ ଅଫ୍ ଓଡ଼ିଶାର ସିଇଓ ଶ୍ରୀ ଦୀପଙ୍କର ମହାପାତ୍ର କହିଛନ୍ତି ଯେ, ଓଡ଼ିଶାରେ ଏସିଆନ୍ ମହିଳା ହକି ଚାମ୍ପିୟନସିପ୍ ଟ୍ରଫି ଗୌରବ ଯାତ୍ରା ଅନୁଷ୍ଠିତ ହେବା ଆମ ସମସ୍ତଙ୍କ ପାଇଁ ଗର୍ବ ଓ ଗୌରବର ବିଷୟ। ହକିର ବିକାଶ ଓ ହକି କ୍ରୀଡାବିତ୍ ମାନଙ୍କୁ ସମସ୍ତ ପ୍ରକାର ସାହାଯ୍ୟ ଓ ସୁବିଧା ଯୋଗାଇଦେବା ପାଇଁ ଆମେ ପ୍ରତିଶ୍ରୁତିବଦ୍ଧ। ଆଗାମୀ ଦିନରେ ବିହାରରେ ଅନୁଷ୍ଠିତ ହେବାକୁ ଥିବା ଏସିଆନ୍ ମହିଳା ହକି ଚାମ୍ପିୟନସିପ୍ ରେ ଭାରତୀୟ ମହିଳା ହକିଦଳ ନିଜର ଉତ୍କୃଷ୍ଟ ପ୍ରଦର୍ଶନ ମାଧ୍ୟମରେ ଆମ ଦେଶକୁ ଗୌରବାନିତ୍ୱ କରିବେ ବୋଲି ଆମର ଆଶା ରହିଛି।

ପ୍ରକାଶଯୋଗ୍ୟ ଯେ, ହକିରେ ଓଡ଼ିଶାର ଅନେକ ମହିଳା ହକି କ୍ରୀଡ଼ାବିତ୍‌ମାନେ ବିଭିନ୍ନ ଜାତୀୟ ଏବଂ ଅନ୍ତର୍ଜାତୀୟ ସ୍ତରରେ ଅନୁଷ୍ଠିତ ହେଉଥିବା ପ୍ରତିଯୋଗିତା ମାନଙ୍କରେ ନିଜର ଉତ୍କୃଷ୍ଟ ପ୍ରଦର୍ଶନ ମାଧ୍ୟମରେ ରାଜ୍ୟ ପାଇଁ ଗୌରବ ଅର୍ଜନ କରିଛନ୍ତି। ଓଡ଼ିଶାର ହକି କ୍ରୀଡାବିତ୍ ଦୀପ ଗ୍ରେସ୍ ଏକ୍କା, ଲିଲିମା ମିଂଜ୍, ସୁନିତା ଲାକ୍ରା, ନମିତା ଟପ୍ପୋ, ସୁନେଲିତା ଟପ୍ପୋ, ଜ୍ୟୋତି ଛତ୍ରୀ ହେଲେ ସମସ୍ତ ଯୁବ ମହିଳା ହକି କ୍ରୀଡ଼ାବିତ୍ ମାନଙ୍କ ପାଇଁ ପ୍ରେରଣାର ଉତ୍ସ। ଆଗକୁ ମଧ୍ୟ ହକିର ବିକାଶ ପାଇଁ ସମସ୍ତ ପ୍ରକାର ପ୍ରଚେଷ୍ଟା ଜାରି ରହିବ ବୋଲି ସୂଚନା ମିଳିଛି।

ଆଜିର କାର୍ଯ୍ୟକ୍ରମରେ ଓଡ଼ିଶା କ୍ରୀଡା ଓ ଯୁବସେବା ବିଭାଗର ନିର୍ଦ୍ଦେଶକ ସିଦ୍ଧାର୍ଥ ଦାସ, ଓଡ଼ିଶା ହକି ଆସୋସିଏସନ୍‌ର ପ୍ରେସିଡେଣ୍ଟ ଦିଲୀପ ତିର୍କୀ,ହକି ପ୍ରୋମସନ କାଉନସିଲ ଅଫ୍ ଓଡ଼ିଶାର ସିଇଓ ଦୀପଙ୍କର ମହାପାତ୍ର, କ୍ରୀଡ଼ା ଓ ଯୁବସେବା ବିଭାଗର ଅତିରିକ୍ତ ସଚିବ ବିଜୟ କୁମାର ସ୍ୱାଇଁ, ଅନ୍ୟାନ୍ୟ ବରିଷ୍ଠ ଅଧିକାରୀ, ଓଡ଼ିଶା ହକି ଆସୋସିଏସନ୍ ର ଅଧିକାରୀଗଣ ଏବଂ କ୍ରୀଡାବିତ୍ ମାନେ ଉପସ୍ଥିତ ଥିଲେ।

# ଚଳନ୍ତା ଟ୍ରେନ୍‌ରୁ ଖସି ପଡ଼ିଲେ ମା’ ଝିଅ

## କଟିଗଲା ହାତଗୋଡ଼



**ବଲାଙ୍ଗୀର,୧୮।୧୦(ସଂଚାର ବ୍ୟୁରୋ):** ଚଳନ୍ତା ଟ୍ରେନରେ ଚଢ଼ିବା ବେଳେ ଘଟିଲା ଅଘଟଣ । ଟ୍ରେନ୍‌ରୁ ଖସି ପଡ଼ି ମା’ ଓ ଶିଶୁ କନ୍ୟା ଗୁରୁତର ହୋଇଛନ୍ତି। ଉଭୟଙ୍କ ହାତ ଓ ଗୋଡ଼ କଟିଯାଇଛି। ଏପରି ଏକ ହୃଦୟ ବିଦାରକ ଘଟଣା ଆଜି ସକାଳେ ରାୟଗଡ଼ା ଜିଲ୍ଲା ସିଙ୍ଗାପୁରୁ ରୋଡ଼ ରେଳ ଷ୍ଟେସନରେ ଘଟିଛି। ଗୁରୁତର ମା’ ଝିଅ ଦ୍ୱୟ ହେଲେ ଚୈତନ୍ୟ ଚନ୍ଦନାଙ୍କ ପତ୍ନୀ ରତିକା ଚନ୍ଦନା ଓ ତାଙ୍କ ୪ ବର୍ଷର ଝିଅ ହସ୍ତିନା ଚନ୍ଦନା । ଉଭୟଙ୍କୁ ଗୁରୁତର ଅବସ୍ଥାରେ ବ୍ରହ୍ମପୁର ମେଡିକାଲରେ ଭର୍ତ୍ତି କରାଯାଇଛି।

ବଲାଙ୍ଗୀର ଜିଲ୍ଲା ଟିଟିଲାଗଡ଼ ବାସିନ୍ଦା ଚୈତନ୍ୟ ଚନ୍ଦନା ନିଜ ପତ୍ନୀ ଓ ପିଲାଙ୍କୁ ଧରି ଏକ ଦଶାହ କର୍ମରେ ଯୋଗ ଦେବାକୁ ରାୟଗଡା ଜିଲ୍ଲାର ଜିଞ୍ଜିଲିବାଡ଼ିକୁ ଯାଇଥିଲେ। ସେଠାରୁ ସେମାନେ ଆଜି ସକାଳେ ଫେରୁଥିବା ବେଳେ ସିଙ୍ଗାପୁରୁ ରୋଡ଼ ରେଳ ଷ୍ଟେସନରେ ଏହି ଦୁର୍ଘଟଣା ଘଟିଛି। ସିଙ୍ଗାପୁରୁ ରୋଡ଼ ରେଳ ଷ୍ଟେସନରୁ ଚୈତନ୍ୟ ଚନ୍ଦନା ନିଜ ପତ୍ନୀ ଓ ପିଲାଙ୍କୁ ଧରି ଟ୍ରେନ୍ ଚଢ଼ୁଥିଲେ। ମାତ୍ର ହଠାତ୍ ଚଳନ୍ତା ଟ୍ରେନ୍‌ରୁ ଉଭୟ ମା’ ଝିଅ ଖସି ପଡ଼ିଥିଲେ। ଦୁର୍ଘଟଣାରେ ରତିକା ଚନ୍ଦନାଙ୍କ ଦୁଇଟି ହାତ ଏବଂ ଗୋଟିଏ ଗୋଡ଼ କଟି ଯାଇଥିବା ବେଳେ ବାମ ଗୋଡ଼ ଭାଙ୍ଗି ଯାଇଛି। ତାଙ୍କର ୪ ବର୍ଷର ଶିଶୁ କନ୍ୟା ହସ୍ତିନା ଚନ୍ଦନାଙ୍କ ଡାହାଣ ହାତ ଓ ଗୋଡ଼ କଟି ଯାଇଛି। ମୁମୂର୍ଷ ଅବସ୍ଥାରେ ଉଭୟଙ୍କୁ ଉଦ୍ଧାର କରି ପ୍ରଥମେ ରାୟଗଡା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ସେଠାରେ ପ୍ରାଥମିକ ଚିକିତ୍ସା ପରେ ଉଭୟଙ୍କୁ ବ୍ରହ୍ମପୁରକୁ ସ୍ଥାନାନ୍ତରିତ କରାଯାଇଛି।

# ପାହାଡ଼ ଉପରୁ ମିଳିଲା ପୁଅର ମୃତଦେହ

## ବାପା ଆଣିଲେ ବଳି ଅଭିଯୋଗ



**ପାଟଣାଗଡ,୧୮।୧୦(ସଂଚାର ବ୍ୟୁରୋ):** ଗତକାଲି ସନ୍ଧ୍ୟା ବେଳୁ ନିଖୋଜ ଥିଲେ ନାବାଳକ। ଆଜି ସକାଳେ ପାହାଡ଼ ଉପରୁ ମିଳିଲା ମୃତଦେହ। ପିଲାଟିକୁ ବଳି ଦିଆଯାଇ ପାହାଡ଼ ଉପରେ ଫିଙ୍ଗି ଦିଆଯାଇଥିବା ପରି ସାଂଘାତିକ ଅଭିଯୋଗ ଆଣିଛନ୍ତି ପରିବାର ଲୋକେ।

ଏପରି ଏକ ଘଟଣା ବଲାଙ୍ଗୀର ଜିଲ୍ଲା ଲାଠୋର ଥାନା ଝଲିଆଲିଟି ଗାଁ ପାଖରେ ଘଟିଛି। ମୃତ ନାବାଳକଜଣକ ଜଳପାଙ୍କେଲ ଗାଁର ସୋମନାଥ ବେମାଲ। ତାଙ୍କ ବୟସ ୧୧ ବର୍ଷ ।

ଗତକାଲି ସନ୍ଧ୍ୟା ସମୟରେ ସୋମନାଥ ଖେଳିବାକୁ ଘରୁ ବାହାରି ଥିବା ବେଳେ ଆଉ ଘରକୁ ଫେରି ନ ଥିଲେ। ବହୁ ଖୋଜାଖୋଜି ପରେ ବି ପୁଅର ସନ୍ଧାନ ପାଇ ପାରି ନ ଥିଲେ ପରିବାର ଲୋକେ। ସବୁଆଡୁ ନିରାଶ ହେବା ପରେ ସେମାନେ ଥାନାରେ ଏତଲା ଦେଇଥିଲେ । ଗତ ରାତି ସାରା ଗାଁ ଲୋକଙ୍କ ସମେତ ପୁଲିସ୍ କର୍ମଚାରୀ ବି ବିଭିନ୍ନ ସ୍ଥାନରେ ଖୋଜାଖୋଜି କରିଥିଲେ। ମାତ୍ର ପିଲାଟିର କୌଣସି ସନ୍ଧାନ ମିଳି ନ ଥିଲା। ଆଜି ସକାଳ ସମୟରେ ପାହାଡ଼ ଉପରେ ପିଲାଟିର ମୃତଦେହ ପଡ଼ିଥିବା ସ୍ଥାନୀୟ ଲୋକ ଦେଖିଥିଲେ । ପିଲାଟିର କେମିତି ଏମିତି ମୃତ୍ୟୁ ହେଲା ତାକୁ ନେଇ ସନ୍ଦେହ ପ୍ରକାଶ କରିଛନ୍ତି ପରିବାର ଲୋକେ। ପିଲାଟିର ଶରୀରର ବିଭିନ୍ନ ସ୍ଥାନରେ କ୍ଷତ ଚିହ୍ନ ରହିଛି। ଏହାବାଦ ଗତକାଲି ସଂକ୍ରାନ୍ତି ଥିବାରୁ ପୁଅକୁ ବଳି ଦେଇଥିବା ତାଙ୍କ ବାପା ଅଭିଯୋଗ କରିଛନ୍ତି। ମୋର କାହା ସହ ଶତ୍ରୁତା ନ ଥିଲା। ତେଣୁ ମୋ’ ପୁଅକୁ କେହି ବଳି ଦେଇ ପାହାଡ଼ ଉପରେ ଫୋପାଡ଼ି ଦେଇଥିବା ସେ ଅଭିଯୋଗ କରିଛନ୍ତି। ଘଟଣାସ୍ଥଳରେ ଲାଠୋର ପୁଲିସ ପହଞ୍ଚି ତଦନ୍ତ ଆରମ୍ଭ କରିଥିବା ବେଳେ ଅଧିକ ତଦନ୍ତ ପାଇଁ ସାଇଣ୍ଟିଫିକ ଟିମକୁ ଡାକିଛି। ଘଟଣାକୁ ନେଇ ଅଞ୍ଚଳରେ ଚାଞ୍ଚଲ୍ୟ ଖେଳିଯାଇଛି ।

# ସିଡ଼ିରୁ ଖସି ଚାଲିଗଲା ଯୁବକଙ୍କ ଜୀବନ

**ସୁବର୍ଣ୍ଣପୁର,୧୮।୧୦(ସଂଚାର ବ୍ୟୁରୋ):** ସିଡ଼ିରୁ ଓହ୍ଲାଉ ଥିବାବେଳେ ଖସିଗଲା ଯୁବକଙ୍କ ଗୋଡ଼। ତଳେ ପଡୁ ପଡୁ ଚାଲିଗଲା ତାଙ୍କ ଜୀବନ। ଏପରି ଦୁଃଖଦ ଘଟଣା ଘଟିଛି ସୁବର୍ଣ୍ଣପୁର ଜିଲ୍ଲା ଓ୍ୱିନିକା ଥାନା ଶଙ୍କରା ଗାଁର। ମୃତ ଯୁବକ ଜଣଙ୍କ ହେଲେ ବିଦ୍ୟାପତି ଭୁଏ। ଆଜି ସକାଳେ ବିଦ୍ୟାପତି ନିଜ ଘରର ସିଡ଼ିରୁ ତଳକୁ ଓହ୍ଲାଉଥିଲେ। ହଠାତ୍ ତାଙ୍କ ଗୋଡ଼ ଖସିଯାଇଥିଲା। ଯୁବକ ଜଣଙ୍କ ତଳେ ପଡ଼ି ଯାଇଥିଲେ। ପରିବାର ଲୋକେ ତାଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ବିଦ୍ୟାପତିଙ୍କ ମୃତ୍ୟୁ ପରେ ପରିବାରରେ ଶୋକର ଛାୟା ଖେଳିଯାଇଛି।

# ଲକ୍ଷେ ଟଙ୍କା ପାଇଁ ବୋହୂକୁ ମାରିଦେଲେ

**ଭଦ୍ରକ,୧୮।୧୦(ସଂଚାର ବ୍ୟୁରୋ):** ସଂସାର ଉଜାଡ଼ି ଦେଲା ଯୌତୁକ ଲୋଭ। ଲକ୍ଷେ ଟଙ୍କା ପାଇଁ ବୋହୂକୁ ତକିଆ ପକାଇ ଶ୍ୱଶୁର ଘର ଲୋକେ ମାରି ଦେଇଥିବା ଅଭିଯୋଗ ହୋଇଛି। ପୁଲିସ ମୃତ ମହିଳାଙ୍କ ସ୍ୱାମୀ ଓ ଶାଶୁଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଭଦ୍ରକ ଜିଲ୍ଲାରେ ଏପରି ଘଟଣା ଘଟିଛି। ମୃତ ମହିଳା ଜଣଙ୍କ ହେଲେ ତନୟା ନାୟକ। ୨୦୨୧ ମସିହାରେ ତନୟା ଚାନ୍ଦବାଲି ଏନ୍‌ଏସି ୪ର କୁବେର ସାହିର ସୁରେଶ ସାହୁଙ୍କ ପୁଅ ରତିକାନ୍ତ ସାହୁଙ୍କୁ ବିବାହ କରିଥିଲେ। ବିବାହ ପରେ ଯୌତୁକ ପାଇଁ ସାବତ ମା’, ଶ୍ୱଶୁର,ଦିଅର ଓ ସ୍ୱାମୀ ତନୟାଙ୍କୁ ମାନସିକ ନିର୍ଯ୍ୟାତନା ଦେଉଥିଲେ। ବାପ ଘରୁ ଲକ୍ଷେ ଟଙ୍କା ଆଣିବା ପାଇଁ ବାରମ୍ବାର କହୁଥିଲେ।

# ମା’ ସୁନାଦେଈଙ୍କ ଛତର ଯାତ୍ରା



**ନୁଆପଡ଼ା,୧୮।୧୦(ସଂଚାର ବ୍ୟୁରୋ):** ଜିଲ୍ଲା କୋମନା ବ୍ଲକ ଅନ୍ତର୍ଗତ ସୁନାବେଢ଼ା ଠାରେ ପ୍ରସିଦ୍ଧ ମା’ ସୁନାଦେଈଙ୍କ ଛତର ଯାତ୍ରା ଆଜି ଅନୁଷ୍ଠିତ ହେବ । ପ୍ରତିବର୍ଷ ଭଳି ଏଥର ବି ବୋଦାବଳିରେ ରକ୍ତ ରଞ୍ଜିତ ହେବ ମା’ ସୁନାଦେଈଙ୍କ ପୀଠ। ରାଜ୍ୟ ତଥା ରାଜ୍ୟ ବାହାରର ହଜାର ହଜାର ଶ୍ରଦ୍ଧାଳୁ ମା’ଙ୍କ ପୀଠରେ ବଳି ପକାଇବା ସହ ଦେବୀଙ୍କୁ ଦର୍ଶନ କରିଛନ୍ତି। ଛତର ଯାତ୍ରାରେ ମା’ଙ୍କୁ ଦର୍ଶନ କଲେ ମାନସିକ ପୂରଣ ହୋଇଥାଏ ବୋଲି ଶ୍ରଦ୍ଧାଳୁଙ୍କ ବିଶ୍ୱାସ ରହିଛି। ସୁନାବେଡା ଅଭୟାରଣ୍ୟରେ ବାସ କରୁଥିବା ଆଦିମ ଜନଜାତି ଚକୋଟିଆ ଭୁଞ୍ଜିଆ ସମ୍ପ୍ରଦାୟର ଅଧିଷ୍ଠାତ୍ରୀ ଦେବୀ ହେଉଛନ୍ତି ମା’ ସୁନାଦେଈ । ସମୁଦ୍ର ପତ୍ତନ ଠାରୁ ସାଢେ ୩ ହଜାର ବର୍ଗଫୁଟ ଉଚ୍ଚ ପର୍ବତ ଶୀର୍ଷରେ ଅବସ୍ଥିତ ଏହି ପୀଠରେ ଛତର ଯାତ୍ରା ପାଇଁ ଲୋକାରଣ୍ୟ ଦେଖୁବାକୁ ମିଳିବ। ବର୍ଷକୁ ୨ ଥର ଚୈତ୍ର ମାସରେ ଚୈତ୍ର ପର୍ବ ଏବଂ ଆଶ୍ୱିନ ମାସରେ ବହୁ ପ୍ରସିଦ୍ଧ ଛତର ଯାତ୍ରା ଏଠାରେ ହୋଇଥାଏ।

# ବାଘଛାଲ ସହ ସମ୍ବରସିଙ୍ଘ ଜବତ



**ନୂଆପଡା, ୧୮।୧୦(ସଂଚାର ବ୍ୟୁରୋ):** ଜିଲ୍ଲା ଖଡ଼ିଆଳ ବନ ବିଭାଗ କୁ ଏକ ସଫଳତା ମିଳିଛି। ଖଡ଼ିଆଳ ବ୍ଲକ ଦାବ୍ରି ଗାଁରେ ବନ ବିଭାଗ ଚଡାଉ କରି ଏକ କାଳରପତରିଆ ବାଘ ଛାଲ, ସମ୍ବର ସିଙ୍ଘ, ହେଟାବାଘର ଦାନ୍ତ ସହ ଏକ ଦେଶୀ ବନ୍ଧୁକ, ଏବଂ ଦୁଇ ଗୋଟି ଧନୁତୀର ଜବତ କରିଛି ଏଥି ସହ ଉକ୍ତ ଘଟଣା ରେ ସମ୍ପୃକ୍ତ ୫ ଜଣଙ୍କୁ ଗିରଫ କରିଥିବା ବେଳେ ଅନ୍ୟ ଦୁଇ ଜଣ ଫେରାର ଥିବା ଜଣାପଡିଛି । ଗିରଫ ମାନେ ହେଲେ ଦାବ୍ରି ଗାଁ ର ଟିକଚନ ମାଝୀ ୨୬ବର୍ଷ, ଜୟରାମ ମାଝୀ ୪୪ ବର୍ଷ, ଗୋରେଖଲାଲ ମାଝୀ ୬୫ବର୍ଷ, ପୂର୍ଣ୍ଣ ମାଝୀ ୨୩ ବର୍ଷ ଏବଂ ସଚିନ୍ଦ୍ର ମାଝୀ ୧୯ ବର୍ଷ ବୋଲି ଜଣାପଡିଛି। ଡ଼ିଏଫଓ ସୂତ୍ର ରୁ ମିଳିଥିବା ସୂଚନା ଗିରଫ ଅଭିଯୁକ୍ତ ମାନେ ଗତ ଦୁଇ ବର୍ଷ ତଳେ ଏକ ଗାତ ଖୋଳି ଏକ କଲରା ପତରିଆ ବାଘ କୁ ଶିକାର କରିଥିବା ଅଭିଯୁକ୍ତ ମାନେ ସ୍ୱୀକାର କରିଥିବା ଜଣାପଡିଛି । ବନ୍ୟ ଜନ୍ତୁ ଅଧିନିୟମ ର ଧାରା ଅନୁସାରେ ୫ ଜଣ ଙ୍କୁ ଗିରଫ ପରେ କୋର୍ଟ ଚାଲାଣ କରାଯାଇ ତଦନ୍ତ ଜାରି ରହିଥିବା ଡ଼ିଏଫଓ ସୂଚନା ଦେଇଛନ୍ତି ।

# ପଏଁରୀ ତିହାର ଏଥର ହେବ ରୌପ୍ୟ ଜୟନ୍ତୀ ସମାରୋହ



**ସୁବର୍ଣ୍ଣପୁର, ୧୮।୧୦(ସଂଚାର ବ୍ୟୁରୋ):** ଏଥର ବ୍ଲକ ସ୍ତରରୁ ଆରମ୍ଭ ହେବ ପଏଁରୀ ତିହାର ସୁବର୍ଣ୍ଣପୁର ଜିଲ୍ଲାର ଅଗ୍ରଣୀ ସାଂସ୍କୃତିକ ଅନୁଷ୍ଠାନ ପଏଁରୀ ଚଳିତ ବର୍ଷ ରୌପ୍ୟ ଜୟନ୍ତୀ ସମାରୋହ ମହା ଆଡମ୍ବରେ ପାଳନ କରିବ । ସେଥିପାଇଁ ଅନୁଷ୍ଠାନର ସଂପାଦକ ଚୌଧୁରୀ ବିଭାରଙ୍କ ଆବାହକରେ ଏବଂ ସଭାପତି ଲଡୁକିଶୋର ମଲ୍ଲିକଙ୍କ ସଭାପତିତ୍ୱରେ ବିଭିନ୍ନ କାର୍ଯ୍ୟକ୍ରମ ପ୍ରସ୍ତୁତି ଉପରେ ଏହି ବୈଠକରେ ଆଲୋଚନା ହୋଇଥିଲା । ପ୍ରଥମେ ୬ ଟି ବ୍ଲକରୁ ଆସିଥିବା ବ୍ଲକ କଳା ସଂସ୍କୃତି ସଂଘର ଉପ-ସଭାପତି ମାନଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଥିଲା । ଜିଲ୍ଲାର ସମସ୍ତ ଲୋକକଳା ଓ କଳାକାର ମାନେ କିପରି ତାଙ୍କର ପାରମ୍ପରିକ ଲୋକକଳା ପ୍ରର୍ଦ୍ଦଶନ କରିପାରିବେ ସେ ବିଷୟରେ ବିଶେଷ ଭାବରେ ଆଲୋଚନା ହୋଇଥିଲା। ପ୍ରଥମେ ଜିଲ୍ଲାର ୬ ଟି ବ୍ଲକରେ ପଏଁରୀ ତିହାର ଆୟୋଜନ କରାଯାଉ ବୋଲି ବ୍ଲକ ସଭାପତି ମାନେ ପ୍ରସ୍ତାବ ରଖିଥିଲେ । ବ୍ଲକ କଳା ଓ ସଂସ୍କୃତି ସଂଘର ଉପ ସଭାପତି ମାନଙ୍କ ଅନୁରୋଧ କ୍ରମେ ନଭେମ୍ବର ୧୭ ରେ ତରଭା ବ୍ଲକ, ନଭେମ୍ବର ୨୪ରେ ଡୁଙ୍ଗୁରିପାଲି ବ୍ଲକ, ଡିସେମ୍ବର ୧ରେ ବିନିକା ବ୍ଲକ, ଡିସେମ୍ବର ୮ରେ ଉଲ୍ଲୁଣ୍ଡା ବ୍ଲକ, ଡିସେମ୍ବର ୧୫ ରେ ସୋନପୁର ବ୍ଲକ ଓ ଡିସେମ୍ବର ୨୨ରେ ବିଏମପୁର ବ୍ଲକ ମାନଙ୍କରେ ଆୟୋଜନ ହେବ ପଏଁରୀ ତିହାର । ଏବଂ ପ୍ରତି ବ୍ଲକରୁ ୩୦୦ ଲୋକକଳାକାର ଭାଗ ନେବେ ଜାନୁୟାରୀ ମାସ ୧ ରୁ ୩ ତାରିଖ ପର୍ଯ୍ୟନ୍ତ ହେବାକୁ ଥିବା ପଏଁରୀ ତିହାର-୨୦୨୫ । ଏହି ବୈଠକରେ ଉପଦେଷ୍ଟା ଶ୍ରୀବସ୍ତ ମଲ୍ଲିକ ଓ ଅଭିମନ୍ୟୁ କୁଶଳ ସହିତ ବ୍ଲକ କଳା ଏ ସଂସ୍କୃତି ସଂଘର ଉପ ସଭାପତି ମାନଭଂଜନ ମିଶ୍ର, ତରଭା ବ୍ଲକ, ରମେଶ ପ୍ରଧାନ, ଡୁଙ୍ଗୁରିପାଲି ବ୍ଲକ, ନନ୍ଦକାହ୍ନା ପୁଝାରୀ, ସୋନପୁର ବ୍ଲକ, ଶ୍ରୀ ନିରାକାର ଦେହେରୀ, ବିନିକା ବ୍ଲକ, ଶ୍ୟାମ ସୁନ୍ଦର ସୁନା, ଉଲ୍ଲୁଣ୍ଡା ବ୍ଲକ, ରାମକୃଷ୍ଣ ହୋତା, ବିଏମପୁର ବ୍ଲକ ସହିତ ଅନୁଷ୍ଠାନର ଉପ ସଭାପତି ପ୍ରଫୁଲ୍ଲ ନାଏକ, ସହ-ସଂପାଦକ ପୃଥିରାଜ ବାଗ, କୋଷାଧ୍ୟକ୍ଷ ସୁଶାନ୍ତ ସାହୁ, କାର୍ଯ୍ୟକାରୀ ସଦସ୍ୟ ଗୋପାଳ ମେହେର, ସନ୍ତୋଷ କୁମାର ପାଢୀ, ସୌମ୍ୟରଂଜନ ସେଠି, ଅମିତ ସାହୁ, ରୋହନ ସାହୁ, ମହାଦେବ ବେହେରା, ଗୋକୁଳ ମାଝି, ଭୁଷଣ ଦେହୁରୀ, ବୈରାଗି ବାଘ, ଶ୍ରୀଧର ପେରା, ଶିଦ୍ଧେଶ୍ୱର ରାଜହଂସ, ଲଳିତ ମେହେର, ପ୍ରମୁଖ ଉପସ୍ଥିତ ରହି ଆଲୋଚନାରେ ଭାଗ ନେଇଥିଲେ । ଶେଷରେ ଉପ ସଭାପତି ପ୍ରଫୁଲ୍ଲ କୁମାର ନାଏକ ଧନ୍ୟବାଦ୍ୟ ଅର୍ପଣ କରିଥିଲେ ।

# ଭିଜିଲାନ୍ସ ତଦନ୍ତ କଲେ ପ୍ରକୃତ ରହସ୍ୟ ପଦାକୁ ଆସିବ

**କଳାହାଣ୍ଡି,୧୮।୧୦(ସଂଚାର ବ୍ୟୁରୋ):** ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ବିଭିନ୍ନ ଜନମଙ୍ଗଳକାରୀ ଯୋଜନା କାର୍ଯ୍ୟକାରୀ କରୁଥିଲେ ମଧ୍ୟ ଧର୍ମଗଡ ଅଞ୍ଚଳର ଭାଗ୍ୟ ବଦଳି ପାରୁନାହିଁ । ପ୍ରତି ବର୍ଷ ଶହ ଶହ ସଂଖ୍ୟାରେ ଏହି ଅଞ୍ଚଳରୁ ନିଜର ଜୀବିକା ପାଇଁ ଅନ୍ୟ ରାଜ୍ୟ ତାମିଲନାଡୁ, ଆନ୍ଧ୍ରପ୍ରଦେଶ, ଛତିଶଗଡ଼, ଗୁଜୁରାଟ, ମୁମ୍ବାଇ, ମହାରାଷ୍ଟ୍ରକୁ ଦାଦନ ଖଟିବାକୁ ଯାଆନ୍ତି । ଏହି ସମୟରେ ତାଙ୍କ ଖାଉଟି ସାମଗ୍ରୀ ପିଡିଏସ୍, ଏମ୍. ଡି ଏମ୍. ପେନ୍‌ସନ୍ ସହିତ ବହୁତ ଯୋଜନାର ଅର୍ଥ ବାଟମାରଣା ହୁଏ । ପ୍ରଶାସନ, ଜନପ୍ରତିନିଧି , ସରକାର ସମସ୍ତେ ଏ ସମ୍ବନ୍ଧରେ ଅବଗତ । ହେଲେ କାର୍ଯ୍ୟାନୁଷ୍ଠାନ ଶୂନ୍। କାଗଜ ପତ୍ରରେ ଯେତେ ଦାଦନ ଶ୍ରମିକ ଚାଲାଣ ହେବ ରେକର୍ଡରେ ରହେ ତା’ର ୬୦୦ ଗୁଣ ଅଧିକ ଦାଦନ ଶ୍ରମିକ ଚାଲାଣ ହୁଅନ୍ତି । ଶ୍ରମ ବିଭାଗ, ସ୍ଥାନୀୟ ପୋଲିସ, ସ୍ଥାନୀୟ ବିଭାଗୀୟ, ରେଳ ପୋଲିସ ନିଆ ଦିଆରେ ଏହି କାରବାର ସୁରୁଖୁରୁରେ ଚାଲିଥିବା ସାଧାରଣରେ ଅଭିଯୋଗହୁଏ । ଅନ୍ୟ ପକ୍ଷରେ ଏହି ଦାଦନ ଶ୍ରମିକ ନିର୍ଯାତନା ଶିକାର ହେବା ନଜରକୁ ଆସିଛି । ବର୍ତ୍ତମାନ ଧର୍ମଗଡ ବ୍ଲକ୍‌ରେ ଦୁର୍ନୀତି ଚରମ ସୀମାରେ ପହଞ୍ଚିଛି । ଏମ୍‌ଜିଏନ୍‌ଆର୍ ଜିଏସ୍ ଏହି ବ୍ଲକ୍‌ର ବହୁ ପଞ୍ଚାୟତରେ ବ୍ୟାପକ ଦୁର୍ନୀତି ଅଭିଯୋଗ ହେଉଛି । ପିଡିଏସ୍ ଦୁର୍ନୀତି, ସ୍ୱଚ୍ଛ ଭାରତ ମିଶନ ଦ୍ୱାରା ଶୌଚାଳୟ ଦୁର୍ନୀତି, ବିଭିନ୍ନ ଅନୁଦାନର ନିମ୍ନମାନର ରାସ୍ତା ନିର୍ମାଣ,ପ୍ରଧାନମନ୍ତ୍ରୀ ଗ୍ରାମିଣ ଆବାସ ଯୋଜନା ଚୟନରେ ଅନିୟମିତତା ଏବଂ ଓଡ଼ିଶା ସରକାରଙ୍କ ବିଭିନ୍ନ ଯୋଜନାର ରୂପାୟନ ପାଇ ଆସିଥିବା ଅର୍ଥର ଠିକ୍ ଭାବେ କାର୍ଯ୍ୟକାରି ନ କରିବା ଓ ଠିକ ସମୟରେ ପ୍ରମାଣପତ୍ର ଦାଖଲ କରା ଯାଉନାହିଁ । ଆଜି ମଧ୍ୟ ପକ୍କା ରାସ୍ତା ଗୁଡିକ ଥରେ ନିର୍ମାଣ କଲା ପରେ ବାରମ୍ବାର ତା ଉପରେ ରାସ୍ତା ନିର୍ମାଣ କରିବା ଅଭିଯୋଗ ହେଉଛି । ଏହି ବ୍ଲକ୍‌ରେ ସୂଚନା ଅଧିକାର ଆଇନ ୨୦୦୫ ବ୍ଲକ୍ ପ୍ରଶାସନ ’ଫୁ କରୁଛନ୍ତି । ଏହି ବ୍ଲକ୍‌ରେ ଓଡ଼ିଶାର ନାଗରିକ ସେବା ୨୦୧୨ରେ ନିର୍ଦ୍ଧାରିତ ଠିକସମୟରେ କାମ କରେ ନାହିଁ । ଧର୍ମଗଡ ବ୍ଲକ୍‌ରେ ପିସି କାରବାର ଚରମ ସିମାରେ ପହଞ୍ଚିଥିବା ସାଧାରଣ ଲୋକେ ଅଭିଯୋଗ କରିଛନ୍ତି ।

# ଉଠା ଜଳସେଚନ ପ୍ରକଳ୍ପ ଫେଲ୍ ଅଭିଯୋଗ କଲେ ଚାଷୀ



**ସୁବର୍ଣ୍ଣପୁର,୧୮।୧୦(ସଂଚାର ବ୍ୟୁରୋ):** ଚାଷୀ ଙ୍କ ମାନ ଦଣ୍ଡ କୁ ସୁଦୃଢ଼ କରିବାକୁ ଚାଷୀ ଙ୍କ ଜମି କୁ ପାଣି ଯୋଗାଇବାକୁ ରାଜ୍ୟ ସରକାର ଉଠା ଜଳ ସେଚନ ପ୍ରକଳ୍ପ ମାଧ୍ୟମ ରେ ପ୍ରତି ଜିଲ୍ଲା ରେ କୋଟି କୋଟି ଟଙ୍କା ଖର୍ଚ୍ଚ କରୁଥିବା ବେଳେ ଚାଷୀ ଙ୍କ ଧାନ କିଆରୀ କୁ ପାଣି ର ଜରୁରୀ ସମୟରେ କିନ୍ତୁ ଏ ପ୍ରକଳ୍ପ ଗୁଡ଼ିକ ଫେଲ ମାରିଥିବା ଦେଖିବାକୁ ମିଳିଛି । ସୋନପୁର ବ୍ଲକ୍ ଅନ୍ତର୍ଗତ ପାର୍ବତୀ ଗିରି ଉଠା ଜଳସେଚନ ପ୍ରକଳ୍ପ ଏହାର ଉଦାହରଣ। ବିଶିମୁଣ୍ଡା, ମଲ୍ଲିକମୁଣ୍ଡା ଓ ହରଡ ଖୋଲ ପଂଚାୟତ ର ଶହ ଶହ ଚାଷୀ ଏହି ପ୍ରକଳ୍ପ ର ପାଣି ଉପରେ ନିର୍ଭର କରୁଥିବା ବେଳେ ବିଭାଗ କୁ ଚାଷୀ ଙ୍କ ବାରମ୍ବାର ଅଭିଯୋଗ ସତ୍ତ୍ୱେ ଏହା ର ସମାଧାନ ଦିଗରେ ପ୍ରଶାସନ ଧ୍ୟାନ ଦେଉ ନ ଥିବା ଜଣା ପଡିଛି । ପ୍ରବଳ ଖରା ଓ ବର୍ଷା ଅଭାବ ରୁ ଏବେ ଚାରି ଆଡେ଼ ଚାଷ ଜମି ଫାଟି ପଡୁ ଥିବା ବେଳେ ଏ ଅଞ୍ଚଳ ତଥା ସମଗ୍ର ଜିଲ୍ଲା ର ଧାନ ଓ କପା ଚାଷୀ କ୍ଷତି ଗ୍ରସ୍ତ ହୋଇଥିବା ଦେଖିବାକୁ ମିଳିଛି । ବାବୁଲୁ, ଚମରୁ, ଲୁକୁ, ଲଖିନ୍ଦ୍ର , ରଞ୍ଜନ, ଡାକ୍ତର , ଅନିରୁଦ୍ଧ ପ୍ରମୁଖ ଏ ଅଞ୍ଚଳ ର ବହୁ ଚାଷୀ ଉଠା ଜଳସେଚନ ଜିଲ୍ଲା ମୁଖ୍ୟ ପ୍ରକଳ୍ପ କାର୍ଯ୍ୟ ନିର୍ବାହୀ ଯନ୍ତ୍ରୀ ଙ୍କୁ ଲିଖିତ ଅଭିଯୋଗ କରିଥିବା ଜଣା ଯାଇଛି । ଏ ପ୍ରକଳ୍ପ ଅଧୀନ ରେ କାର୍ଯ୍ୟରତ ବିଭାଗୀୟ ଯନ୍ତ୍ରୀ ଙ୍କୁ ଫୋନ୍ ଯୋଗାଯୋଗ କରିବାରୁ ଫୋନ୍ ଉଠାଓନାହନ୍ତି ନ ଥିବା ପ୍ରକାଶ । ଆସନ୍ତା କାଲି ଏ ଅଞ୍ଚଳ ର ସାମୂହିକ ଚାଷୀ ମୁଖ୍ୟ ରାଜ ରାସ୍ତା କୁ ଅବରୋଧ କରିବାକୁ ସଜ ବାଜ ହେଉ ଥିବା ଖବର ମିଳିଛି ।

# ସାଂସଦଙ୍କ ମଙ୍ଗଳା ମନ୍ଦିର ପରିଦର୍ଶନ



**କାକଟପୁର,୧୮।୧୦(ସଂଚାର ବ୍ୟୁରୋ):** ଜଗସିଂହପୁର ସାଂସଦ ଡଃ ବିଭୁ ପ୍ରସାଦ ତରାଇ ଶୁକ୍ରବାର ସନ୍ଧ୍ୟାରେ କାକଟପୁର ଅଧିଷ୍ଠାତ୍ରୀ ଦେବୀ ମା ମଙ୍ଗଳାଙ୍କ ମନ୍ଦିର ପରିଦର୍ଶନ କରିଥିଲେ। ମା ମଙ୍ଗଳାଙ୍କ ଦର୍ଶନ କରିବା ସହ ଟ୍ରଷ୍ଟି ବୋର୍ଡ଼ ଓ ସେବାୟତଙ୍କ ସହ ବ୍ୟାପକ ଆଲୋଚନା କରିଥିଲେ। ମନ୍ଦିର ଉନ୍ନୟନ କାର୍ଯ୍ୟ ତଦାରଖ, ମନ୍ଦିର ଟ୍ରଷ୍ଟ ବୋର୍ଡ଼ ଓ ସେବାୟତ ମାନଙ୍କ ସମସ୍ୟା ଉପରେ ଉପସ୍ଥିତ ଟ୍ରଷ୍ଟ ବୋର୍ଡ଼ କର୍ମଚାରୀ ଓ ସେବାୟତ ମାନଙ୍କ ସହ ଆଲୋଚନା କରିଥିଲେ। ସ୍ଥାନୀୟ ତହସିଲଦାର ବୋର୍ଡ଼ ରେ ଅନ୍ତରୀଣ ଅଧକ୍ଷ ଥିବାରୁ ମନ୍ଦିର ପାଇଁ ଜଣେ ସ୍ଥାୟୀ ଅଧକ୍ଷ ଚୟନ କରିବାକୁ ସ୍ଥାନୀୟ କର୍ମୀମାନେ ସାଂସଦଙ୍କୁ ଦାବି ଜଣାଇଥିଲେ। ଏଥି ସହିତ କାକଟପୁରରେ ସ୍ୱାସ୍ଥ୍ୟ ସେବା ବିପର୍ଯ୍ୟସ୍ତ ଥିବାରୁ କିପରି ଏହାର ସମାଧାନ ହୋଇପାରିବ ରାଜ୍ୟ ସରକାରଙ୍କ ନିକଟରେ ଉପସ୍ଥାପନ କରିବେ ବୋଲି ସାଂସଦ ଶ୍ରୀଯୁକ୍ତ ତରାଇ ଆଶ୍ୱାସନା ଦେଇଥିଲେ। ଏହି ଅବସରରେ ନିମାପଡ଼ା ପୂର୍ବତନ ବିଧାୟକ ବାଇଧର ମଲ୍ଲିକ, କାକଟପୁର ବ୍ଲକ୍ ଅଧକ୍ଷ ଶ୍ରୀଧର ନାୟକ, ସାଂସଦଙ୍କ ପ୍ରତିନିଧି ସୁଦର୍ଶନ ସ୍ୱାଇଁ, ଅସ୍ତରଙ୍ଗ ସଂଗଠକ ଦିବାକର ଛାଟୋଇ, କୋଣାର୍କ ସଂଗଠକ ରଶ୍ମିରଞ୍ଜନ ବିଶ୍ୱାଳଙ୍କ ସମେତ ଅନେକ ବିଜେପି କର୍ମୀ ମାନେ ଉପସ୍ଥିତ ଥିଲେ।

# ଘରେ ପଶି ଆକ୍ରମଣ, ଯୁବକ ଗୁରୁତର

**ନୟାହାଟ,୧୮।୧୦(ସଂଚାର ବ୍ୟୁରୋ):** ଘରେ ପଶି ନବଘନ ନାୟକ ୫୦ ଙ୍କୁ ଆକ୍ରମଣ କରି ଲହୁ ଲୁହାଣ କରିବା ନୟାହାଟ ଫାଣ୍ଡିରେ ଅଭିଯୋଗ ହୋଇଛି ପ୍ରକାଶ ଯେ ସୋରଭା ପଞ୍ଚାୟତ ମୁରୁଡ଼ା ଗ୍ରାମର ନବଘନ ନାୟକ ଯୋଗେଶ୍ୱର ପୁର ଛକରେ ଏକ ଜଳଖିଆ ଦୋକାନ ରେ ମିସ୍ତ୍ରୀ ରୂପେ କାର୍ଯ୍ୟ କରନ୍ତି ଖାଣଜୀ ପୁର ଗ୍ରାମର ବାବୁନା ବେହେରା ନାମକ ଜଣେ ଯୁବକ ନବଘନ ନାୟକ ଙ୍କୁ ଦୋକାନ ରେ ସୋଇଥିବା ବେଳେ ତାଙ୍କୁ ମରଣା ତ୍ମକ୍ ଆକ୍ରମଣ ରେ ନାୟକ ଙ୍କ ମୁଣ୍ଡ,ମୁହଁ ଓ ହାତରେ ଗଭୀର ଆଘାତ ଲାଗିଥିବାରୁ ପ୍ରଥମେ ଚରିଚ୍ଛକ ଓ ପରେ ଗୋପ ସ୍ୱାସ୍ଥ୍ୟ କେନ୍ଦ୍ର ରେ ଚିକିତ୍ସା ପାଇଁ ଭର୍ତ୍ତି କରାଯାଇଛି ଏ ସଂପର୍କ ରେ ଆମ ପ୍ରତିନିଧି ଫାଣ୍ଡି ଅଧିକାରୀ ଅଶୋକ ବେହେରା ଙ୍କୁ ପଚାରିବାରୁ ସେ କହିଥିଲେ ଯେ ଏକ ମକଦ୍ଦମା ରୁଜୁ କରାଯାଇଛି ଅଭିଯୁକ୍ତ ଫେରାର ଅଛି ।

## ୧୯୯୯ ମହାବାତ୍ୟାକୁ ପୁରୁଲା ୨୫ ବର୍ଷ

# ଗଞ୍ଜାମବାସୀଙ୍କ ମନରୁ ଲିଭିନି ସେହି ରାତ୍ରୀର କରାଳ ରୂପ



**ବ୍ରହ୍ମପୁର,୧୮।୧୦(ସଂଚାର ବ୍ୟୁରୋ):** ସେ ଦିନ ଥିଲା ୧୯୯୯ ମସିହାର ଅକ୍ଟୋବର ମାସର ୧୮ ତାରିଖ ।ବାତ୍ୟାର ଆଶଙ୍କା ରହିଥିବା ନେଇ ମିଳିଥିଲା ସୂଚନା । ହେଲେ ସମୟ ବଢ଼ିବା ସହିତ ଧିରେ ଧିରେ ବୃଦ୍ଧି ପାଇଥିଲା ଗଞ୍ଜାମ ଉପକୂଳର ବାତ୍ୟାର ପ୍ରଭାବରେ ପବନ ର ବେଗ । ଆଉ ତା ସହିତ ତାଳ ଦେଇ ଦୁହାକୁ ଦୁହା ବର୍ଷା । ପବନର ମାତ୍ରା ଏତେ ବୃଦ୍ଧି ପାଇଥିଲା ଯାହାକୁ କେହି କଳ୍ପନା କରିନଥିଲେ। ଗଞ୍ଜାମ ଉପକୂଳର ଗୋପାଳପୁର ବେଳାଭୂମିରେ ସ୍ଥଳଭାଗକୁ ସ୍ପର୍ଶ କରିଥିବା ସେହି ଦିନର ବାତ୍ୟାର ପ୍ରଖରତା ଆଗରେ ଟଳିପଡିଥିଲା ଅନେକ ଧନଜୀବନ । ସେହି ଧ୍ୱଂସର ତାଣ୍ଡବଳୀଳା ଓଡିଶାର ମହାବାତ୍ୟାକୁ ଇତିମଧ୍ୟରେ ୨୫ ବିତିଯାଇଥିଲେ ମଧ୍ୟ ଏବେବି ସାରା ରାତ୍ର ରାତ୍ରୀର କରଳ ରୂପର ଘଟଣା ଏବେବି ମନରୁ ଲିଭିନି ଗଞ୍ଜାମ ଜିଲ୍ଲା ବାସିନ୍ଦାଙ୍କର ।୧୯୯୯ ମସିହାର ଅକ୍ଟୋବର ମାସର ୧୮ ତାରିଖ । ଗଞ୍ଜାମ ଉପକୂଳରେ ସେ ଦିନର ଅପରାହ୍ନରୁ ହିଁ ଆରମ୍ଭ ହୋଇଥିଲା ପବନ ସାଙ୍ଗକୁ ଦୁହାକୁ ଦୁହା ବର୍ଷା । ସମୟ ବଢ଼ିବା ସହିତ ବାତ୍ୟାର ପ୍ରଭାବ ବୃଦ୍ଧି ପାଇବ ବୋଲି ସେହି ସମୟର ସେଟଲାଇଟ୍ ଫୋନ୍ ରୁ ଖବର ମିଳିବା ପରେ ସମୁଦ୍ର କୂଳିଆ ଅଞ୍ଚଳରେ ରହୁଥିବା ଜନସାଧାରଣଙ୍କୁ ଖବର ଦିଆଯାଇଥିଲା ।ହେଲେ ଏହାର କିଛି ଘଣ୍ଟା ମଧ୍ୟରେ ବାତ୍ୟାର କରାଳ ରୂପ ଏତେ ଭୟଙ୍କର ହୋଇପଡିଥିଲା ଯେ ସେହି ଦିନର ରାତ୍ରରେ ବାତ୍ୟାକୁ ସମ୍ମୁଖିନ କରିଥିବା ବ୍ୟକ୍ତିବିଶେଷ ମାନେ ଆଜି ବି ଭୁଲିପାରୁନାହାନ୍ତି ।ଓଡିଶାର ସେହି ମହାବାତ୍ୟାକୁ ଇତିମଧ୍ୟରେ ୨୫ ବର୍ଷ ବିତିଯାଇଥିଲେ ମଧ୍ୟ ସେହି କଥା ମନେ ପଡିଲେ ଅନେକଙ୍କ ମନରେ ଜୀବନ ହୋଇପଡୁଛି ସେହି ରାତ୍ରୀର କରଳ ରୂପର ଘଟଣା। ଗୋଟିଏ ପଟେ ବାତ୍ୟା ଯେତେ ଭୟଙ୍କର ରହିଥିଲା ତାଠାରୁ ଅଧିକ ପ୍ରକୃତିର ଧ୍ୱଂସର ତାଣ୍ଡବ ଳୀଳା ଦେଖିବାକୁ ମିଳିଥିଲା ବାତ୍ୟା ପବନ ଶେଷ ପରେ । ସମୁଦ୍ର କୂଳବର୍ତ୍ତୀ ଅଞ୍ଚଳେ ରହିଥିବା ଅନେକ କଚା ଘର ବହୁ ମାତ୍ରରେ କ୍ଷତିଗ୍ରସ୍ତ ହୋଇଥିବା ବେଳେ ସମୁଦ୍ରରେ ମାଛ ଧରି ଜୀବିକା ନିର୍ବାହ କରି ଆସୁଥିବା ମତ୍ସଜୀବି ପରିବାର ଙ୍କ ଠାରୁ ଆରମ୍ଭ କରି ଗରୀବ ପରିବାରର ବ୍ୟକ୍ତିବିଶେଷ ମାନେ ଅନେକ ମାତ୍ରାରେ କ୍ଷତିଗ୍ରସ୍ତ ହୋଇଥିଲେ । ଆଉ ସେହି ବାତ୍ୟାକୁ ଓଡିଶାର ମହାବାତ୍ୟା ଭାବରେ ପରିଚିତ ରହିଥିବା ବେଳେ ଏବେବି ଉକ୍ତ ଘଟଣାକୁ ନେଇ ମନରେ ଉଜ୍ଜିବିତ ହୋଇ ରହିଥିବା ଅନେକ କୁହନ୍ତି।

# କାର୍ତିକ ଆରମ୍ଭରୁ ପନିପରିବା ଦର ଆକାଶଛୁଆଁ



**ବୈଶିଙ୍ଗା,୧୮।୧୦(ସଂଚାର ବ୍ୟୁରୋ):** କାର୍ତ୍ତିକ ମାସ ଆରମ୍ଭରୁ ବେତନଟୀ ବ୍ଲକ ଅଧୀନ ବେତନଟୀ ଏବଂ ବୈଶିଙ୍ଗା ବଜାର ତଥା ଏହାର ଆଖପାଖ କେତେକ ଅଞ୍ଚଳରେ ପନିପରିବା ଦର ଆକାଶଛୁଆଁ ହୋଇଛି । କାର୍ତ୍ତିକ ମାସ ଚାଲିଥିବାରୁ ହବିଷ ବ୍ରତଧାରୀ ପରିବା ଦରକୁ ନେଇ ଚିନ୍ତାରେ ପଡିଛନ୍ତି । ସାଧାରଣତଃ ଏହି ଧାର୍ମିକ ମାସ ଆସିଲେ ଅଧିକାଂଶ ଲୋକେ ଆମିଷ ବର୍ଜନ କରିଥାଆନ୍ତି । ଫଳରେ ପନିପରିବା ଦୋକାନ ଗୁଡିକରେ ଗ୍ରାହକଙ୍କ ଭିଡ଼ ଦେଖୁବାକୁ ମିଳୁଛି । ଭିଡ ଜମିଲେ ବା କଣ ହେବ ବର୍ତ୍ତମାନ ବଜାର ସମେତ ହାଟ ଗୁଡିକରେ ପନିପରିବା ଦର ଆଶାତୀତ ଭାବେ ବୃଦ୍ଧି ପାଇଛି। ଗରିବ ଓ ମଧ୍ୟବିତ୍ତ ଶ୍ରେଣୀର ଲୋକମାନେ ବଜାରରୁ ପରିବା କିଣିବା ପାଇଁ ନାନା ସମସ୍ୟାର ସମ୍ମୁଖୀନ ହେଉଛନ୍ତି । ବେତନଟୀ ବ୍ଲକ ଅଧୀନରେ ଥିବା ସମସ୍ତ ହାଟ ଏବଂ ବେତନଟୀ ଓ ବୈଶିଙ୍ଗା ଭଳି ମୂଖ୍ୟ ବଜାରରେ ତଥା ଏହାର ଆଖପାଖ କେତେକ ଅଞ୍ଚଳରେ ବିଭିନ୍ନ ପନିପରିବା ଯଥା ବାଇଗଣ, ଜହ୍ନି, କାକୁଡି , ବିଟ୍, ଗାଜର, ବିଲାତି, କାଙ୍କଡ, ଝୁଡୁଙ୍ଗ, ଭେଣ୍ଡି, କୋବି, ପୋଟଳ, କୁନ୍ଦୁରୀ,କଲରା କେଜି ପ୍ରତି ଦର ଅହେତୁକ ବୃଦ୍ଧି ପାଇଛି। ଦରକୁ ନେଇ ଖାଉଟି କଲବଲ ହେଉଥିବା ବେଳେ ପ୍ରଶାସନ ଚୁପ୍ ବସିଥିବାର ଦେଖିବାକୁ ମିଳୁଛି। କାର୍ତିକ ମାସ ଆରମ୍ଭରୁ ପରିବା ବଜାରରେ ଦର ଆକାଶଛୁଆଁ ହୋଇଛି। ପରିବା ବଜାର ଉପରେ ପ୍ରଶାସନର କୌଣସି ଅଙ୍କୁଶ ରହୁନଥିବାରୁ କେତେକ ବ୍ୟବସାୟୀ ଯାହା ଦର ଧାର୍ଯ୍ୟ କରନ୍ତି ତାହାକୁ ବହୁ ଗ୍ରାହକ ନେବାକୁ ବାଧ୍ୟ ହୋଇଥାନ୍ତି । ବେତନଟୀ ବ୍ଲକ ଅଧୀନରେ ବିଭିନ୍ନ ପଞ୍ଚାୟତର ଲୋକମାନେ ପନିପରିବା ଚାଷ କାର୍ଯ୍ୟ କରି ପରିବାର ପୋଷୁଥିବା ବେଳେ ଶୀତଳ ଭଣ୍ଡାର ନଥିବା ଯୋଗୁଁ ଯେଉଁ ସମୟରେ ପ୍ରଚୁର ପରିମାଣରେ ପନିପରିବା ଅମଳ ହୋଇଥାଏ ସେ ସବୁକୁ ସୁରକ୍ଷିତ ଭାବେ ରଖା ପାରୁନାହିଁ । ଫଳରେ ପନିପରିବା ପାଇଁ ବାହାର ରାଜ୍ୟ ପଶ୍ଚିମବଙ୍ଗ ଉପରେ ନିର୍ଭର କରୁଥିବା ର ଦେଖିବାକୁ ମିଳୁଛି ।